



▶ପୃଷ୍ଠା-୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


♦VOLUME- 44 ♦ISSUE-56 ♦THURSDAY ♦20 AUGUST 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୫୬ ♦ଗୁରୁବାର ♦୨୦ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## କୋଲକାତା ହୋଟେଲରେ ଏସି ବିସ୍ଫୋରଣ; ୯ ମୃତ



■ କୋଲକାତା, ୧୯।୮ (ଏଜେନ୍ସି): କୋଲକାତାର ଏକ ହୋଟେଲରେ ଭୟାବହ ଅଗ୍ନିକାଣ୍ଡ ଘଟି ଜଣେ ଶିଶୁ ଏବଂ କିଛି ବାଂଲାଦେଶୀ ନାଗରିକଙ୍କ ସମେତ ୯ ଜଣଙ୍କର ମୃତ୍ୟୁ ଘଟିଛି। ଏୟାର କଣ୍ଡିସନର୍ ବିସ୍ଫୋରଣ ଯୋଗୁଁ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି। ବୁଧବାର ଭୋର୍ ପ୍ରାୟ ୨ଟା ସମୟରେ ଫ୍ରି ସ୍କୁଲ୍ ଷ୍ଟ୍ରିଟ୍ ଅଞ୍ଚଳରେ ଥିବା ଏହି ହୋଟେଲରେ ହଠାତ୍ ନିଆଁ ଲାଗିଯାଇଥିଲା ଏବଂ ଧୂଆଁରେ ଆଚ୍ଛାଦିତ ହୋଇଯାଇଥିଲା। ସେହି ସମୟରେ ହୋଟେଲରେ ଅନେକ ଅତିଥି ଶୋଇ ରହିଥିଲେ। ରିପୋର୍ଟ ଅନୁଯାୟୀ, ମୃତକଙ୍କ ମଧ୍ୟରେ କିଛି ବାଂଲାଦେଶୀ ନାଗରିକ ମଧ୍ୟ ଅଛନ୍ତି, ଯେଉଁମାନେ ଚିକିତ୍ସା ପାଇଁ କୋଲକାତା ଆସିଥିଲେ। ଅଗ୍ନିଶମ ବାହିନୀ ଏବଂ ବିପର୍ଯ୍ୟୟ ପରିଚାଳନା ଦଳ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ଷଠି ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ତେବେ ଅଣନିଶ୍ୱାସୀ ▶ପୃଷ୍ଠା-୧୦

## ଦିଲ୍ଲୀରେ ସିଏନ୍‌ଜି ବିସ୍ଫୋରଣ; ୩ ମୃତ, ୩ ଗୁରୁତର



■ ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ଦିଲ୍ଲୀର ଟିକ୍ରି କାଲାନ୍ ମେଟ୍ରୋ ଷ୍ଟେସନ୍ ନିକଟସ୍ଥ ଏକ ସିଏନ୍‌ଜି ଫ୍ୟୁଏଲ୍ ପମ୍ପରେ ବୁଧବାର ଅପରାହ୍ଣରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏକ ଟ୍ରକରେ ଗ୍ୟାସ୍ ଭର୍ତ୍ତି କରୁଥିବା ସମୟରେ ସିଲିଣ୍ଡରଟି ଫାଟିଯିବାରୁ ପମ୍ପରେ କାର୍ଯ୍ୟରତ ୩ ଜଣ କର୍ମୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏଥିରେ ଏକ ଟ୍ରକ ସହିତ ପାଖରେ ଥିବା ଏକ କାର୍ ଏବଂ ଦୁଇଚକିଆ ଯାନ ମଧ୍ୟ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ମୃତ କର୍ମୀମାନେ ହେଲେ ମନୀଷ (୨୫), ବ୍ରହ୍ମଜିତ (୩୪) ଏବଂ ସନ୍ନି (୩୦)। ମନୀଷ ପଶ୍ଚିମ ଦିଲ୍ଲୀର ବାବା ହରିଦାସ କଲୋନୀର ବାସିନ୍ଦା ଥିଲେ। ତାଙ୍କ ପରିବାର ପକ୍ଷରୁ ପମ୍ପ କର୍ମଚାରୀଙ୍କ ବିରୁଦ୍ଧରେ ଅବହେଳା ଅଭିଯୋଗ କରିଛି। ମନୀଷଙ୍କ ମାମୁଁ ବିଜୟ ପ୍ରସାଦଙ୍କ ▶ପୃଷ୍ଠା-୧୦

### ଖଣି ଆଇନ ସଂଶୋଧନ ଯୋଗୁଁ ଓଡ଼ିଶା ସହିବ ଲକ୍ଷଲକ୍ଷ କୋଟି କ୍ଷତି: ନବୀନ

# ଶେଷ ନିଶ୍ୱାସ ଯାଏଁ ଓଡ଼ିଶାର ଅଧିକାର ପାଇଁ ଲଢ଼ିବି

■ ଭୁବନେଶ୍ୱର, ୧୯।୮ (ସମିସ): ରାଜ୍ୟ ଆମର, ରାଜ୍ୟର ମାଟି, ପାଣି, ଖଣି ଆମର। ଆମ ଅଧିକାରର ସୁରକ୍ଷା ପାଇଁ ଆମେ ଲଢ଼େଇ କରି ଆସିଛୁ। ୨୪ ବର୍ଷ ଧରି ମୁଁ ଓଡ଼ିଶାର ସ୍ୱାର୍ଥକୁ ଜଗିଥିଲି ଓ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ଅଧିକାର ପାଇଁ ମୁଁ ଲଢ଼େଇ ଜାରି ରଖିବି ବୋଲି କହିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଖଣି ଆଇନ ସଂଶୋଧନ ଯୋଗୁଁ ଓଡ଼ିଶା ଲକ୍ଷଲକ୍ଷ କୋଟି ଟଙ୍କା କ୍ଷତିକୁ ନବୀନ ବିରୋଧ କରିବା ସହ ଏହି ଲଢ଼େଇରେ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଛନ୍ତି।

**ନୂଆ ଆଇନରେ ଖଣି ଉପରେ ରାଜ୍ୟର ଅଧିକାର ଶେଷ ହୋଇଛି**

**୨୪ ବର୍ଷ ଧରି ଓଡ଼ିଶାର ସ୍ୱାର୍ଥ ପାଇଁ ଲଢ଼ିଛି, ଆଗକୁ ବି ଲଢ଼ିବି**

**କେବଳ ବିଜେଡି ସାଂସଦ ଏହାକୁ ବିରୋଧ କରିଥିଲେ**

**ବିଜେପିର ୨୦ ସାଂସଦ ମାଟି ପାଇଁ ପାଟି ଖୋଲିଲେ ନାହିଁ**

**ଓଡ଼ିଶାକୁ ଦୁର୍ବଳ କରିବାକୁ ଭୟଙ୍କର ଚକ୍ରାନ୍ତ କରାଯାଇଛି**



ଏକ ଭିଡ଼ିଓ ବାର୍ତ୍ତାରେ ନବୀନ କହିଛନ୍ତି ଯେ ୨୦୦୦ ମସିହାରେ ଯେତେବେଳେ ଆମେ ଓଡ଼ିଶା ଶାସନ ଦାୟିତ୍ୱ ନେଲୁ, ସେତେବେଳେ ଓଡ଼ିଶାର ଅର୍ଥନୀତି ବହୁତ ଖରାପ ଅବସ୍ଥାରେ ଥିଲା। ଆମକୁ ଋଣ ଉପରେ ନିର୍ଭର କରିବାକୁ ପଡୁଥିଲା। ୨୦୨୪ରେ ଯେତେବେଳେ ସରକାର ପରିବର୍ତ୍ତନ ହେଲା, ସେତେବେଳେ ପଚାଶ ହଜାର କୋଟି ଟଙ୍କାର ରାଜସ୍ୱ ବଳକା ଆମେ ଛାଡ଼ି ଯାଇଥିଲୁ। ଆମର ଦୃଢ଼ ଆର୍ଥିକ ପରିଚାଳନା ଯୋଗୁଁ ଏହା ସମ୍ଭବ ହୋଇ ପାରିଥିଲା। ରାଜସ୍ୱ ବଳକା ରାଜ୍ୟ ସହ ଦ୍ରୁତ ବିକାଶ ଆମେ ଆଣି ପାରିଥିଲୁ। ରାଜ୍ୟରେ ଦାରିଦ୍ର୍ୟ କମିଥିଲା, ଭିତ୍ତିଭୂମିର ବିକାଶ ହୋଇଥିଲା ଓ ଅନେକ ଜନ କଲ୍ୟାଣ କାମ କରିଥିଲୁ। ଏହି ଦ୍ରୁତ ବିକାଶରେ ଖଣି ରାଜସ୍ୱ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ମାତ୍ର ଓଡ଼ିଶାର ଅର୍ଥନୀତି ଆଜି ବିପଦରେ। ନିକଟରେ ସଂସଦରେ ଏମଏମଡିଆର (ଖଣି ଓ ଖଣିଜ ସମ୍ପଦ ପରିଚାଳନା) ଆଇନର ସଂଶୋଧନ ପାରିତ ହୋଇଛି। ଏହା ଓଡ଼ିଶା ଓ ଓଡ଼ିଶାବାସୀଙ୍କର ବହୁତ କ୍ଷତି କରିବାକୁ ଯାଉଛି। ଏତେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ବିଲକୁ ବିନା ଆଲୋଚନାରେ କେନ୍ଦ୍ର ସରକାର ପାରିତ କରିଦେଲେ। କେବଳ ବିଜେଡି ସାଂସଦମାନେ ଏହାକୁ ରାଜ୍ୟସଭାରେ ବିରୋଧ କରିଥିଲେ। ଏହି ବିଲକୁ ବିରୋଧ କରି ମୁଁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛି। ସର୍ବଦଳୀୟ ବୈଠକ ଡାକିବାକୁ ଓ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଚିଠିରେ ଅନୁରୋଧ ମଧ୍ୟ କରିଛି। ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥ ଆଗରେ କେହି ବଡ଼ ନୁହେଁ। ପାର୍ଟି ନୁହେଁ ମାଟିର ସ୍ୱାର୍ଥ ପାଇଁ ଆମକୁ ଆଜି ଏକାଠି ହେବାକୁ ପଡିବ। ଏମଏମଡିଆର ସଂଶୋଧନ ବିଲ ଆମ ଖଣି ଉପରେ ଆମ ଅଧିକାର ଶେଷ କରି ଦେଇଛି।

ଆପଣ ଜାଣନ୍ତି ଓଡ଼ିଶାରେ କ୍ରୋମାଇଟ, ବକ୍ସାଇଟ, ଲୁହାପଥ, କୋଇଲା ଓ ମାଙ୍ଗାନିଜର ବିପୁଳ ଭଣ୍ଡାର ରହିଛି। କିନ୍ତୁ ଏମ୍‌ଏମ୍‌ଡିଆର ସଂଶୋଧନ ବିଲ ଏସବୁ ଉପରୁ ଆମ ଅଧିକାର ଛଡେଇନେଇଛି। ଆମ ଲୋକଙ୍କ କଲ୍ୟାଣ ପାଇଁ ଆମ ଖଣିରୁ ଆମେ କାହିଁକି ରାଜସ୍ୱ ସଂଗ୍ରହ କରିପାରିବୁନି? ଆମ ଲୋକ ଧୂଳି, ଧୂଆଁ ସହିବେ। କିନ୍ତୁ ଆମ ସମ୍ପଦରେ ଦିଲ୍ଲୀ ଦରବାର ସମୃଦ୍ଧ ହେବ। ଏହା ଆମେ ହେବାକୁ ଦେବାନି। ୨୪ ▶ପୃଷ୍ଠା-୧୦

### ୬୦୦ ତମ ଟେଷ୍ଟରେ ଭାରତର ସ୍ମରଣୀୟ ବିଜୟ

## ସୂତାରଙ୍କୁ ୧୦ ୱିକେଟ୍



■ ଗଲ୍, ୧୯।୮ (ଏଜେନ୍ସି): ବାମହାତୀ ସ୍ପିନର ମାନବ ସୂତାରଙ୍କ ମ୍ୟାଜିକ ବଲରେ ଏଠାରେ ଘରୋଇ ଶ୍ରୀଲଙ୍କା ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟରେ ଭାରତ ୧୬୫ ରନର ବଡ଼ ବ୍ୟବଧାନରେ ବିଜୟୀ ହୋଇଛି। ୩୭୨ ରନର ଟାର୍ଗେଟ୍‌କୁ ପିଛା କରିଥିବା ସିଂହଳୀ ଦଳ ବୁଧବାର ଅନ୍ତିମ ତଥା ପଞ୍ଚମ ଦିବସରେ ୨୦୬ ରନରେ ଦ୍ୱିତୀୟ ପାଳିରେ ସୀମିତ ରହିଥିଲା। ସୋନାଲ ଦିନୁଶା (୮୪) ଓ ଅଧିନାୟକ ଧନଞ୍ଜୟ ଡି ସିଲଭା (୫୯) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ଦଳକୁ ପରାଜୟରୁ ରକ୍ଷା କରିପାରି ନ ଥିଲେ। ଭାରତ ପକ୍ଷରୁ ରାଜସ୍ଥାନୀ ସ୍ପିନର ମାନବ ସୂତାରଙ୍କ ସ୍ପିନ ଯାଦୁକୁ ସାମ୍ନା କରିବାରେ ସିଂହଳୀ ବ୍ୟାଟର୍ ସମ୍ପୂର୍ଣ୍ଣ ଫେଲ୍ ମାରିଥିଲେ। ସୂତାର ମ୍ୟାଚରେ ମୋଟ୍ ୪୫.୨ ଓଭର ବୋଲିଂ କରି ୧୩୧ ରନ ବ୍ୟୟରେ ୧୦ଟି ୱିକେଟ ନେଇଥିଲେ। ଶ୍ରୀଲଙ୍କାର ଉଭୟ ପାଳିରେ ତାଙ୍କ ପ୍ରଦର୍ଶନ ଯଥାକ୍ରମେ ୪/୭୬ ଓ ୬/୫୫ ରହିଥିଲା। ନିଜର ଦ୍ୱିତୀୟ ଟେଷ୍ଟରେ ୧୦ ୱିକେଟ ନେଇ ସୂତାର ଏଲିଟ୍ କ୍ଲବରେ ନିଜ ନାମକୁ ଲିପିବଦ୍ଧ କରିଛନ୍ତି। ଭାରତର ୯ମ ବାମହାତୀ ସ୍ପିନର ଭାବେ ସୂତାର ଟେଷ୍ଟରେ ୧୦ ୱିକେଟ୍ ସଫଳତା ପାଇଛନ୍ତି।

ପୂର୍ବରୁ ଏହି ଟେଷ୍ଟର ପ୍ରଥମ ପାଳିରେ ଭାରତର ୪୬୨ ରନ ଜବାବରେ ଶ୍ରୀଲଙ୍କା ୨୮୪ ରନରେ ସୀମିତ ରହିଥିଲା। ଏହାପରେ ୧୭୮ ରନରେ ଆଗୁଆ ରହିଥିବା ଭାରତ ଦ୍ୱିତୀୟ ପାଳିରେ ୧୯୩ ରନରେ ଅଲଆଉଟ୍ ହୋଇଥିଲା। ମ୍ୟାଚରେ ମୋଟ୍ ୨୧୧ (୧୬୭+୪୪) ରନ କରିଥିବା ଦେବଦତ୍ତ ପାଡିକଲଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ ▶ପୃଷ୍ଠା-୧୦

## ବାପାଙ୍କୁ ଝଡ଼ାଫୁଙ୍କା ଆଳରେ ଝିଅକୁ ଦୁଷ୍କର୍ମ

■ ରାଇରଙ୍ଗପୁର, ୧୯।୮ (ସମିସ): ଅସୁସ୍ଥ ବିପାଙ୍କୁ ଝଡ଼ାଫୁଙ୍କା କରିବା ଆଳରେ ତାଙ୍କ ଝିଅ ତଥା ଜଣେ କଲେଜ ଛାତ୍ରୀଙ୍କୁ ଜନୈକ ଗୁଣିଆ ଦୁଷ୍କର୍ମ କରିଥିବା ଭଳି ସଙ୍ଗିନ ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତ ଗୁଣିଆକୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଉଛନ୍ତି ତିରିଂ ଥାନା ତଥା ଝରାଡିହି ଫାଣ୍ଡି ଅନ୍ତର୍ଗତ ଦଲସରା ଅଞ୍ଚଳର ରାଧୁ କିସ୍କୁ (୪୦)। ଏ ନେଇ ତିରିଂ ଥାନାରେ ଏକ ଦୁଷ୍କର୍ମ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ, ଝରାଡିହି ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଶରୀର ବହୁଦିନ ଧରି ଅସୁସ୍ଥ ଥିଲା। ଡାକ୍ତର, କବିରାଜଙ୍କଠାରୁ ଔଷଧ ଖାଇବା ପରେ ମଧ୍ୟ ସେ ସୁସ୍ଥ ନହେବାରୁ ତାଙ୍କ ୧୯ ବର୍ଷୀୟା କଲେଜ ପଢୁଆ ଝିଅ ଗୁଣିଆ ରାଧୁଙ୍କ ନିକଟକୁ ଯାଇଥିଲେ। ଝଡ଼ାଫୁଙ୍କା କଲେ ବାପା ଭଲ ହୋଇଯିବେ କହି ଗୁଣିଆ ଜଣକ ଛାତ୍ରୀଙ୍କୁ ଏକ ଘର ଭିତରେ ଅସଦାଚରଣ କରିଥିଲା। ଘଟଣା ସମ୍ପର୍କରେ କାହାକୁ କହିଲେ ତାଙ୍କ ବାପା ସୁସ୍ଥହେବେ ନାହିଁ ବୋଲି ଭୟଭୀତ କରାଇଥିଲେ। ଛାତ୍ରୀଜଣକ ଭୟଭୀତ ହୋଇ ସେ ▶ପୃଷ୍ଠା-୧୦

## ଜମିଜମା ବିବାଦ: ଧାନ ବିଲରେ ବୀଭତ୍ସ ହତ୍ୟା

■ ଠାକୁରମୁଣ୍ଡା/ମହୁଲଡିହା, ୧୯।୮ (ସମିସ): ମହୁଲଡିହା ଥାନା ଚମ୍ପାଝର ପଞ୍ଚାୟତ ଡଙ୍ଗାଡିହାର ଚତରିସାହିରେ ଜମିଜମା ବିବାଦ ନେଇ ଜଣଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ମୃତକ ଜଣକ ହେଲେ ନନ୍ଦ ଆଲଡା (୪୦)। ସେହି ଗ୍ରାମର ତୁମ୍ବା ହୋ (୪୫) ୧୮ ତାରିଖ ୪ ଟା ବେଳେ ବିଲକୁ ଯାଇଥିବା ବେଳେ ବିଲରେ ପାଣି ଛାଡିବା ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ତୁମ୍ବା ହିତାହିତ ଜ୍ଞାନ ହରାଇ ନନ୍ଦକୁ ତାହାରି କୋଦାଳ ପଶାରେ ମୁଣ୍ଡର ପଛପଟେ ପିଟି ବାରୁ ଧାନ ବିଲରେ ଟଳି ପଡିଥିଲ। ପରେ ସେ ୨/୩ ଥର ପିଟି ପିଟି ହତ୍ୟା କରିଥିଲା। ମୃତକଙ୍କ ବଡ଼ଭାଇ ଦୁର୍ଲଭ ଆଲଡ଼ାଙ୍କ ଅଭିଯୋଗ ପରେ ମହୁଲଡିହା ଥାନା ପୁଲିସ ରାତିରେ ଯାଇ ଶବ ଜବତ କରି ଅଭିଯୁକ୍ତ ତୁମ୍ବା ଓ ତାଙ୍କ ପୁଅକୁ ଥାନାକୁ ଆଣିଥିଲେ। ଘଟଣାସ୍ଥଳରୁ ଗୋଟିଏ କୋଦାଳ ଓ ଗୋଟିଏ ଟାଙ୍ଗିଆ ▶ପୃଷ୍ଠା-୧୦

## ଡ. ଆଶୁତୋଷ ପରିଡ଼ା ପାଇବେ ଶାରଳା ପୁରସ୍କାର



**ଦୁର୍ଗା ଚରଣ ରଣବୀର ଏବଂ ଶିକ୍ଷାବିତ୍ ଦାମୋଦର ବେହେରା ପାଇବେ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'**

■ ଭୁବନେଶ୍ୱର, ୧୯।୮ (ସମିସ): ଇଣ୍ଡିଆନ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା)ର ସାମାଜିକ ଶାଖା 'ଇଣ୍ଡିଆନ ମେଟାଲ୍ସ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ' (ଇମ୍ପାକ୍ଟ) ପକ୍ଷରୁ ପ୍ରତିବର୍ଷ ଶ୍ରେଷ୍ଠ ସାରସ୍ୱତ କୃତି ପାଇଁ ପ୍ରଦାନ କରାଯାଉଥିବା ସ୍ମାରକୀ 'ଶାରଳା ପୁରସ୍କାର' ଚଳିତ ବର୍ଷ ବିଶିଷ୍ଟ ଓଡ଼ିଆ କବି, ପ୍ରାବନ୍ଧିକ ତଥା ସିଏସଆଇଆର-ଆଇଏମଏମଟି ର ପୂର୍ବତନ ବୈଜ୍ଞାନିକ ଡ. ଆଶୁତୋଷ ପରିଡ଼ାଙ୍କୁ ପ୍ରଦାନ କରାଯିବ। ପ୍ରଭା ପବ୍ଲିକେଶନ ଦ୍ୱାରା ୨୦୨୪ ମସିହାରେ ପ୍ରକାଶିତ ତାଙ୍କର କବିତା ସଙ୍କଳନ 'ବିଶ୍ୱାସ ଦେ ପୃଥିବୀ' ପାଇଁ ସେ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଆସନ୍ତା ଅକ୍ଟୋବର ୨୫ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ▶ପୃଷ୍ଠା-୧୦

**ସବୁ ନଦୀରେ ଖସୁଛି ପାଣି**

## ବାଲେଶ୍ୱରକୁ ଚିନ୍ତା ଝାଡ଼ଖଣ୍ଡ ବର୍ଷା



**ସୁବର୍ଣ୍ଣରେଖାରେ ମଧ୍ୟମଧରଣର ବନ୍ୟା**

**ବୈତରଣୀରେ ବନ୍ୟା ସ୍ଥିତି ସୁଧୁରୁଛି**

■ ଭୁବନେଶ୍ୱର, ୧୯।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଦୁର୍ବଳ ହେବା ସହ ଝାଡ଼ଖଣ୍ଡ ହୋଇ ଓଡ଼ିଶାଠାରୁ ବହୁ ଦୂରକୁ ଚାଲିଯାଇଛି। ଫଳରେ ଓଡ଼ିଶାରେ ଦୁଇ ଦିନ ହେବ ଅପେକ୍ଷାକୃତ ବର୍ଷାର ପ୍ରଭାବ କମିଛି। ଏହା ଫଳରେ ରାଜ୍ୟର ଯେଉଁ ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର ବଢ଼ିଥିଲା ତାହା ଏବେ ଧୀରେ ଧୀରେ ହ୍ରାସ ହେଉଛି। ହେଲେ ଉତ୍ତର ଓଡ଼ିଶା, ବିଶେଷ କରି ବାଲେଶ୍ୱର ଜିଲ୍ଲା ପାଇଁ ସୁବର୍ଣ୍ଣରେଖା ବିପଦ ଆଣିଛି। ଏହି ଅବପାତ ପ୍ରଭାବରେ ଝାଡ଼ଖଣ୍ଡରେ ଭୀଷଣ ବର୍ଷା ହୋଇଥିବା ଯୋଗୁଁ ଏବେ ସୁବର୍ଣ୍ଣରେଖା ଉଭୟ ଜାମଶୋଳାଘାଟ ଓ ରାଜଘାଟଠାରେ ବିପଦସଂକେତ ଉପରେ ପ୍ରବାହିତ ହେଉଛି। ଏହା ପ୍ରଭାବରେ ସୁବର୍ଣ୍ଣରେଖାରେ ▶ପୃଷ୍ଠା-୧୦

## କାନ୍ଥ ଭୁଶୁଡ଼ି ମହିଳା ମୃତ

■ ବୈଶିଙ୍ଗା, ୧୯।୮ (ସମିସ): ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ି ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବୈଶିଙ୍ଗା ଥାନା ଅଧୀନ ଭୁଡୁରୁବଣି ଗ୍ରାମର ଭଗବାନ ଓଝାଙ୍କ ସ୍ତ୍ରୀ ଶୈଳ ଓଝା (୫୩)। ମଙ୍ଗଳବାର ରାତିରେ ଖାଇସାରି ଭଗବାନ ଓ ତାଙ୍କ ସ୍ତ୍ରୀ ଶୈଳ ଘର ବାରଣ୍ଡାରେ ଥିବା ତେଜରାତି ଦୋକାନ ନିକଟରେ ଶୋଇଥିଲେ। ମଧ୍ୟରାତ୍ରିରେ କାନ୍ଥ ହଠାତ୍ ଭୁଶୁଡ଼ି ଉଭୟଙ୍କ ଉପରେ ପଡ଼ିଥିଲା। କାନ୍ଥ ତଳେ ଚାପି ହୋଇ ଭଗବାନ ସାମାନ୍ୟ ଆହତ ହୋଇଥିବାବେଳେ ଶୈଳଙ୍କ ଛାତି ଉପରେ କାନ୍ଥର ଏକ ବଡ଼ ଅଂଶ ପଡ଼ିବାରୁ ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ନେଇଥିଲେ। ପରେ ତାଙ୍କୁ ରେମୁଣାସ୍ଥିତ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଶୈଳଙ୍କ ମୃତ୍ୟୁ ଘଟିଥିଲା। ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

### ୩ ରେଳ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରୀ

## ଓଡ଼ିଶାକୁ ୭୨୨୧ କୋଟିର ରେଳ ଭେଟି

■ ଭୁବନେଶ୍ୱର, ୧୯।୮ (ସମିସ): ସୁଦୃଢ଼ ହେବ ଓଡ଼ିଶାର ରେଳ ଭିତ୍ତିଭୂମି। ଏହାକୁ ଆହୁରି ସୁଦୃଢ଼ କରିବା ଦିଗରେ କେନ୍ଦ୍ର ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ଏହି ଅନୁକ୍ରମରେ ଓଡ଼ିଶାକୁ ୭,୨୨୧ କୋଟି ଟଙ୍କାର ରେଳ ଭେଟି ଦେଇଛନ୍ତି କେନ୍ଦ୍ର ସରକାର। ରାଜ୍ୟର ୩ ଗୁରୁତ୍ୱପୂର୍ଣ୍ଣ ରେଳ ଲାଇନ୍ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଏହି ତିନୋଟି ରେଳ ପ୍ରକଳ୍ପ ହେଉଛି, ଖଡ଼ଗପୁର - ଭଦ୍ରକ, ଭଦ୍ରକ - ହରିଦାସପୁର , କଟକ - ପାରାଦୀପ ଲାଇନ୍। ଏହି ୩ ପ୍ରକଳ୍ପରେ ମୋଟ ୩୨୦ କିମିର ରେଳ ଲାଇନ୍ ନିର୍ମାଣ କରାଯିବ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶର ମୋଟ୍ ୪ଟି ରେଳ ଲାଇନ୍ ସମ୍ପ୍ରସାରଣ ପ୍ରକଳ୍ପ ଅନ୍ତର୍ଗତ ରାଜ୍ୟରେ

**ଖଡ଼ଗପୁର-ଭଦ୍ରକ, ଭଦ୍ରକ-ହରିଦାସପୁର, କଟକ - ପାରାଦୀପ ଲାଇନ୍ ନିର୍ମାଣ**

ଉପରୋକ୍ତ ୩ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏହି ପ୍ରକଳ୍ପଗୁଡିକ ଓଡ଼ିଶା ବ୍ୟତୀତ ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶର ୮ଟି ଜିଲାବାସୀ ଉପକୃତ ହେବେ।

ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ରେଳ ମନ୍ତ୍ରଣାଳୟର ପ୍ରାୟ ୯,୪୫୦ କୋଟି ଟଙ୍କା ମୂଲ୍ୟର ଚାରୋଟି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଖଡ଼ଗପୁର - ଭଦ୍ରକ (ରାଣୀତାଲ) ୪ର୍ଥ ଲାଇନ - ୧୭୩ କିମି (ପଶ୍ଚିମବଙ୍ଗ ଏବଂ ଓଡିଶା), ଭଦ୍ରକ - ହରିଦାସପୁର ଚତୁର୍ଥ ଲାଇନ - ୭୫ କିଲୋମିଟର (ଓଡିଶା), ଗୁମ୍ମିଡିପୁଣ୍ଡି - ଗୁଡ୍ଡୁର ତୃତୀୟ ଏବଂ ଚତୁର୍ଥ ଲାଇନ୍ - ୯୦ କିମି (ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ) ଏବଂ କଟକ - ପାରାଦୀପ (ବଡ଼ବନ୍ଧ) ତୃତୀୟ ଏବଂ ଚତୁର୍ଥ ଲାଇନ୍ - ୭୨ କିମି (ଓଡିଶା) ରହିଛି। ଖଡ଼ଗପୁର – ଭଦ୍ରକ ୪ର୍ଥ ଲାଇନ୍ ପାଇଁ ୩୩୫୨ କୋଟି, ଭଦ୍ରକ - ହରିଦାସପୁର ୪ର୍ଥ ଲାଇନ୍ ପାଇଁ ୧୫୮୩ କୋଟି ଏବଂ କଟକ - ପାରାଦୀପ ତୃତୀୟ ଏବଂ ଚତୁର୍ଥ ଲାଇନ୍ ନିମନ୍ତେ ୨୨୮୬ କୋଟି ଟଙ୍କା ମଞ୍ଜୁର କରାଯାଇଛି। ▶ପୃଷ୍ଠା-୧୦

## ହାତୀ ଆକ୍ରମଣରେ ଜଣେ ମୃତ, ଜଣେ ଗୁରୁତର

■ ମୋରଡ଼ା, ୧୯।୮ (ସମିସ): ବୁଧବାର ରାତି ପ୍ରାୟ ସାଢ଼େ ୮ଟାରେ ମୋରଡା ବ୍ଲକ୍‌ର ମାକୁନ୍ଦ ଗାଁ'ରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମାକୁନ୍ଦ ଗାଁ'ର କୋମଳ ଲୋଚନ ସିଂ। କୋମଳ ରାସ୍ତାରେ ଥିବାବେଳେ ହଟାତ ତିନୋଟି ହାତୀ ଗାଁକୁ ପ୍ରବେଶ କରିଥିଲେ। ସେ ହାତୀଗୁଡ଼ିକୁ ଦେଖି ଘରକୁ ଦୌଡ଼ି ପଳାଇ ଯାଉଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ତିନୋଟି ହାତୀ ମଧ୍ୟରୁ ଗୋଟାଏ ହାତୀ କୋମଳଙ୍କୁ କଚାଡ଼ି ଦଳି ଦେଇଥିଲା। ଯାହାଫଳରେ ଘଟଣାସ୍ଥଳରେ କୋମଳଙ୍କର ମୃତ୍ୟୁ ଘଟିଥିଲା।

ଅନ୍ୟପକ୍ଷରେ ମୋରଡ଼ା ବ୍ଲକ ଜୁଆଳିଭଙ୍ଗା ପଞ୍ଚାୟତର ଭୋଳଘାଟି ଗାଁ ଦାୟାଲ ମହାନ୍ତ(୭୮) ହାତୀ ଆକ୍ରମଣରେ ଗୁରୁତର ଆହତ ହୋଇ ବାରିପଦା ପିଆରଏମ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ଦୟାଲ ଛେଳି ଚରାଇବା ପାଇଁ ଛାତନା ସଂରକ୍ଷିତ ଜଙ୍ଗଲକୁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡିଯାଇଥିଲେ।

## ଏଣିକି ହ୍ୱାଟ୍‌ସଆପ୍‌ରେ ରାଜସ୍ୱ ଅଭିଯୋଗ ସମାଧାନ





**'ଆମ ସାଥୀ' ଚାଟ୍‌ବଟ୍‌ରେ ମିଳିବ ଅଭିଯୋଗ ଗ୍ରହଣ, ଅଗ୍ରଗତି, ପଦକ୍ଷେପ ସମ୍ପର୍କିତ ସୂଚନା**

■ ଭୁବନେଶ୍ୱର, ୧୯।୮ (ସମିସ): ରାଜସ୍ୱ ସେବାକୁ ଜନସାଧାରଣଙ୍କ ନିକଟତର କରିବା ସହ ବିଭାଗକୁ ସ୍ୱଚ୍ଛ, ପାରଦର୍ଶୀ ତଥା ଉତ୍ତରଦାୟୀ କରିବା ପାଇଁ 'ଆମ ସାଥୀ ହ୍ୱାଟସଆପ୍ ଚାଟବଟ' ଆରମ୍ଭ ହୋଇଛି। ଏହି ଚାଟ୍‌ବଟ୍ ମାଧ୍ୟମରେ ରାଜସ୍ୱ ଅଭିଯୋଗ ସମାଧାନ ବ୍ୟବସ୍ଥାକୁ ସରଳିକରଣ କରାଯାଇଛି। ବୁଧବାର ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଏହି ସେବାର ଲୋକାର୍ପଣ କରିଛନ୍ତି। ଲୋକସେବା ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ସେବାକୁ ଆରମ୍ଭ କରି ନାଗରିକମାନଙ୍କୁ ରାଜସ୍ୱ ବିଭାଗ ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗ ଦାଖଲ ଓ ତାହାର ସ୍ଥିତି ଅନୁସରଣ ପାଇଁ ଏକ ସରଳ, ସୁବିଧାଜନକ ଓ ସ୍ୱଚ୍ଛ ଡିଜିଟାଲ ବ୍ୟବସ୍ଥା ଆରମ୍ଭ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି। ଏହାସହ "ଆମ ସାଥୀ' ହ୍ୱାଟ୍ସଆପ୍ ଚାଟବଟ୍ ମାଧ୍ୟମରେ ପ୍ରଶାସନ ପ୍ରତି ସାଧାରଣ ଲୋକଙ୍କ ବିଶ୍ୱାସ କ୍ରମଶଃ ଦୃଢ଼ ହେବ ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଅରବିନ୍ଦ କୁମାର ପାଢ଼ୀ ନୂତନ ବ୍ୟବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରି କହିଥିଲେ ଯେ, ରାଜସ୍ୱ ପ୍ରଶାସନକୁ ସ୍ୱଚ୍ଛ, ନାଗରିକ କୈନ୍ଦ୍ରିକ, ସୁବ୍ୟବସ୍ଥିତ ଏବଂ ଉତ୍ତରଦାୟୀ କରିବା ନିମନ୍ତେ ହ୍ୱାଟସଆପ୍ ମାଧ୍ୟମରେ ଅଭିଯୋଗ ସମାଧାନ ବ୍ୟବସ୍ଥାର ଆରମ୍ଭ କରାଯାଇଛି। ଏହି ଅଭିଯୋଗ ପରିଚାଳନା ବ୍ୟବସ୍ଥାରେ ମନ୍ତ୍ରୀ, ବିଭାଗୀୟ ସଚିବ ଏବଂ ବରିଷ୍ଠ ଅଧିକାରୀଙ୍କର ସିଧାସଳଖ ତଦାରଖ ତଥା ତତ୍ତ୍ୱାବଧାନରେ ରହିବ। ଏହାଦ୍ୱାରା ପ୍ରଶାସନିକ ଅଧିକାରୀବୃନ୍ଦ ଅଧିକ ଦାୟିତ୍ୱସଂପନ୍ନ ଏବଂ ସମ୍ବେଦନଶୀଳ ହୋଇ ଜନସାଧାରଣଙ୍କ ଅଭିଯୋଗ ସମାଧାନ କରିବା ନିମନ୍ତେ ଅଧିକ ▶ପୃଷ୍ଠା-୧୦

# ନବୀ ମୁମ୍ବଇରେ ଓଲା ଚାଳକଙ୍କୁ ଆକ୍ରମଣ, କାର୍ ବନେଟ୍‌ରେ ଘୋଷାଡ଼ି ନେଲେ




ମୁମ୍ବଇ, ୧୯ ।୮ (ଏଜେନ୍ସି): ଓଭରଟେକ୍‌କୁ ନେଇ ବଚସା ପରେ ଜଣେ ଓଲା ଚାଳକଙ୍କୁ ଲୁହା ରଡ୍‌ରେ ଆକ୍ରମଣ କରିବା ସହ ଚଳନ୍ତା କାର୍‌ର ବନେଟ୍ ଉପରେ ପ୍ରାୟ ୨ କିଲୋମିଟର ଘୋଷାଡ଼ି ନେଇଥିବା ଅଭିଯୋଗ ହୋଇଛି। ନବୀ ମୁମ୍ବାଇର ପାମ୍ ବିଚ୍ ରୋଡ୍‌ରେ ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ଓଲା ଚାଳକ ପ୍ରବୀଣ ପାଣ୍ଡେଙ୍କ ସହ ଜଣେ ଅଜଣା କାର୍ ଚାଳକଙ୍କର ଓଭରଟେକ୍‌କୁ ନେଇ ବଚସା ହୋଇଥିଲା। ଏହା ପରେ କାର୍ ଚାଳକ ଏକ ଲୁହା ରଡ୍‌ରେ ପ୍ରବୀଣଙ୍କ ମୁଣ୍ଡରେ ଆଘାତ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ସେ ଆହତ ହୋଇ ରକ୍ତାକ୍ତ ହୋଇଥିଲେ। ଅଭିଯୁକ୍ତ କାର୍ ଚାଳକ ଘଟଣାସ୍ଥଳରୁ ଖସିଯିବାକୁ ଉଦ୍ୟମ କରିବା ବେଳେ ପ୍ରବୀଣ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଚାଳକ କାର୍ ଅଟକାଇବା ବଦଳରେ ଗତି ବଢ଼ାଇ ଦେଇଥିଲେ। ଫଳରେ ପ୍ରବୀଣ କାର୍‌ର ବନେଟ୍ ଉପରେ ପଡ଼ିଯାଇଥିଲେ। ତଳେ ପଡ଼ିଯିବାରୁ ବଞ୍ଚିବା ପାଇଁ ସେ କାର୍‌ର ୱିଣ୍ଡସ୍କ୍ରିନ୍ ୱାଇପର୍‌କୁ ଧରି ରହିଥିଲେ। ଏହି ଅବସ୍ଥାରେ କାର୍‌ଟି ପ୍ରାୟ ୨ କିଲୋମିଟର ଯାଇଥିଲା। ପରେ ଅଭିଯୁକ୍ତ ତାଙ୍କୁ ରାସ୍ତାକଡ଼ରେ ଛାଡ଼ି ଘଟଣାସ୍ଥଳରୁ ପଳାଇଥିବା ଅଭିଯୋଗ ହୋଇଛି। ପ୍ରବୀଣ ନେରୁଲ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ପ୍ରାରମ୍ଭରେ ପୁଲିସ ଦୁଇ ପକ୍ଷ ମଧ୍ୟରେ ଆପୋସ ବୁଝାମଣା କରାଇବାକୁ ଚେଷ୍ଟା କରିଥିବା ଅଭିଯୋଗ ରହିଛି। ତେବେ ଏହା ବିଫଳ ହେବା ପରେ ରବିବାର ପୁଲିସ ମାମଲା ରୁଜୁ କରିଥିଲା। ଘଟଣାରେ ଅଭିଯୁକ୍ତଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ତାଙ୍କୁ ଗିରଫ କରାଯାଇଛି କି ନାହିଁ, ସେ ସମ୍ପର୍କରେ ମଧ୍ୟ ପୁଲିସ ପକ୍ଷରୁ ସ୍ପଷ୍ଟ ସୂଚନା ମିଳିନାହିଁ। ଘଟଣାର ତଦନ୍ତ ଜାରି ରହିଛି।

# ଆଇ-ଫୋନ୍ ପାଇଁ ନାତୁଣୀ ରଚିଲା ହତ୍ୟା ଷଡ଼ଯନ୍ତ୍ର, ଭିଡିଓକଲ୍‌ରେ ଦେଖିଲା ବର୍ବର କାଣ୍ଡ



ଆଲାପୁଝା, ୧୯ ।୮ (ଏଜେନ୍ସି): କେରଳର ଆଲାପୁଝା ଜିଲ୍ଲାରେ ଜଣେ ୧୩ ବର୍ଷର ନାବାଳିକା ଆଇ ଫୋନ୍ ପାଇଁ ନିଜର ଜେଜେବାପାଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର ରଚିବା ସହ ଭିଡିଓ କଲ୍ ଜରିଆରେ ସବୁକିଛି ଦେଖିଥିବା ଘଟଣା ସାମ୍ନାକୁ ଆସିଛି। ଗତ ଅଗଷ୍ଟ ୧୫ ରାତିରେ ୬୭ ବର୍ଷୀୟ ବୃଦ୍ଧ ଜଣକ ଘରେ ଏକା ଥିଲେ। ସେତେବେଳେ ତାଙ୍କ ନାତୁଣୀର ୧୭ ବର୍ଷୀୟ ବନ୍ଧୁ ଏବଂ ଅନ୍ୟ ତିନି ଜଣ ନାବାଳକ ବାଥରୁମ୍ ଭେଣ୍ଟିଲେଟର୍ ଦେଇ ଘର ଭିତରକୁ ପଶିଥିଲେ। ଅଭିଯୁକ୍ତ ନାବାଳିକା ଜଣକ ଭିଡିଓ କଲ୍ ମାଧ୍ୟମରେ ସେମାନଙ୍କୁ ରାସ୍ତା ଦେଖାଉଥିଲା। ଘର ଭିତରେ ପ୍ରବେଶ କରିବା ପରେ ଦୁର୍ବୃତ୍ତମାନେ ବୃଦ୍ଧଙ୍କ ହାତ-ଗୋଡ଼ ବାନ୍ଧି, ପାଟିରେ କପଡ଼ା ଗୁଞ୍ଜି ନିର୍ମମ ଭାବେ ହତ୍ୟା କରିଥିଲେ। ଏହି ସମସ୍ତ ଅମାନୁଷୀୟ କାଣ୍ଡକୁ ନାତୁଣୀ ଜଣକ ଭିଡିଓ କଲ୍‌ରେ ସିଧାସଳଖ ଦେଖୁଥିଲା। ଘଟଣାସ୍ଥଳରୁ ଲୁଟ୍ ହୋଇଥିବା ପ୍ରାୟ ସାଢେ ଚାରି ସୋଭରିନ୍ ସୁନାକୁ ପୁଲିସ ଜବତ କରିଛି। ହତ୍ୟାକାରୀମାନଙ୍କୁ ମୋବାଇଲ୍ ଫୋନ୍ ଏବଂ ବାଇକ୍ କିଣିବା ପାଇଁ ଟଙ୍କା ଆବଶ୍ୟକ ଥିବାରୁ ସେମାନେ ଏଭଳି କାଣ୍ଡ ଘଟାଇଥିବା ଜଣାପଡ଼ିଛି। ପୁଲିସ ସମସ୍ତ ନାବାଳକ ଅଭିଯୁକ୍ତଙ୍କୁ ଗିରଫ କରି ସୁଧାର ଗୃହକୁ ପଠାଇଥିବାବେଳେ ସେମାନଙ୍କୁ ବୟସ୍କ ଭାବେ ବିଚାର କରାଯିବା ନେଇ ଆଇନଗତ ପ୍ରକ୍ରିୟା ଆରମ୍ଭ କରାଯାଇଛି।

## ବିଧାୟକଙ୍କ ପାଇଁ ନୂଆ ଗାଡ଼ି ଓ ଭତ୍ତା ଘୋଷଣା କଲେ ବିଜୟ

ଚେନ୍ନାଇ, ୧୯ ।୮ (ଏଜେନ୍ସି): ତାମିଲନାଡୁରେ ମୁଖ୍ୟମନ୍ତ୍ରୀ ବିଜୟ ସମସ୍ତ ବିଧାୟକମାନଙ୍କ ପାଇଁ ନୂତନ ଗାଡ଼ି, ମାସିକ ଭତ୍ତା ଏବଂ ସ୍ୱାସ୍ଥ୍ୟବୀମା ରାଶି ବୃଦ୍ଧି କରିବା ନେଇ ଏକ ବଡ଼ ଘୋଷଣା କରିଛନ୍ତି।



ଏହି ସମୟରେ ଜଣେ ବିଧାୟକ ଗୀତ ଗାଇ କୃତଜ୍ଞତା ଜଣାଇଛନ୍ତି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ବିଜୟ ସମସ୍ତ ବିଧାୟକଙ୍କ ପାଇଁ ନୂତନ ଯାନବାହନ ପାଇବା ସହ ମାସିକ ଭତ୍ତା ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ବୃଦ୍ଧି କରାଯାଇଥିବା ଘୋଷଣା କରିଛନ୍ତି। ସ୍ୱଚ୍ଛ ଶାସନ ପ୍ରଦାନ କରିବା ଏବଂ ବିଧାୟକମାନେ ସଚ୍ଚୋଟତାର ସହ କାର୍ଯ୍ୟ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହା ସହିତ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନାରେ ବାର୍ଷିକ ବୀମା ରାଶିକୁ ବୃଦ୍ଧି କରାଯାଇଛି ଏବଂ ତୃତୀୟ ଲିଙ୍ଗୀ ବ୍ୟକ୍ତିମାନଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ସୁବିଧା ପାଇବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହିତ କ୍ଷୀର ଉତ୍ପାଦକମାନଙ୍କ ପାଇଁ ମଧ୍ୟ ସରକାରୀ କ୍ରୟ ମୂଲ୍ୟ ବୃଦ୍ଧି କରାଯାଇଛି। ଶେଷରେ, ଏହି ସମସ୍ତ ଜନକଲ୍ୟାଣକାରୀ ଘୋଷଣା ଦ୍ୱାରା ରାଜ୍ୟର ବିଭିନ୍ନ ବର୍ଗର ଲୋକମାନେ ବିଶେଷ ଭାବରେ ଉପକୃତ ହେବେ ବୋଲି ଆଶା କରାଯାଉଛି।

## ମହାରାଷ୍ଟ୍ରରେ ଟାକ୍ସି ଚାଳକଙ୍କ ପାଇଁ ମରାଠୀ ବାଧ୍ୟ

ମୁମ୍ବାଇ, ୧୯ ।୮ (ଏଜେନ୍ସି): ମହାରାଷ୍ଟ୍ରରେ ମରାଠୀ ଭାଷା ଜାଣିନଥିବା ଅଟୋ-ରୀକ୍ସା ଏବଂ ଟାକ୍ସି ଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଜ୍ୟ ସରକାର ଏନେଇ ଏକ ନୂତନ ଅଭିଯାନ ଆରମ୍ଭ କରିବାକୁ ଘୋଷଣା କରିଛନ୍ତି। ପରିବହନ ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଯେଉଁ ଚାଳକମାନଙ୍କର ମରାଠୀ ଭାଷାରେ କାମଚଳା ଜ୍ଞାନ ନାହିଁ, ସେମାନଙ୍କୁ ପ୍ରଥମେ ନୋଟିସ୍ ଜାରି କରାଯିବ ଏବଂ ମରାଠୀ ଶିଖିବା ପାଇଁ ତିନି ମାସର ସମୟ ଦିଆଯିବ। ଯଦି ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଭାଷା ଶିଖିବାରେ ବିଫଳ ହୁଅନ୍ତି, ତେବେ ସେମାନଙ୍କର ଲାଇସେନ୍ସ ଏବଂ ବ୍ୟାଜ୍ ତିନି ମାସ ପାଇଁ ସସପେଣ୍ଡ କରାଯିବ। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଆରଟିଓ ଟିମ୍ ଦ୍ୱାରା ଏହି ଯାଞ୍ଚ ଅଭିଯାନ କରାଯିବ ଏବଂ ସମସ୍ତ ଯାଞ୍ଚ ପ୍ରକ୍ରିୟାକୁ ଭିଡିଓ ରେକର୍ଡିଂ ମଧ୍ୟ କରାଯିବ। ରାଜ୍ୟରେ ଲକ୍ଷାଧିକ ଚାଳକ ଏହି ଅଭିଯାନରେ ସାମିଲ ହେବାକୁ ଥିବାବେଳେ, 'କାମଚଳା ଜ୍ଞାନ'ର ସ୍ପଷ୍ଟ ସଂଜ୍ଞାକୁ ନେଇ କିଛି ଚାଳକ ସଂଘ ପ୍ରଶ୍ନ ମଧ୍ୟ ଉଠାଇଛନ୍ତି। ଶେଷରେ, ଯାତ୍ରୀମାନଙ୍କ ସହ ସୁଗମ ଯୋଗାଯୋଗ ଏବଂ ରାଜ୍ୟ ନିୟମ ପାଳନ ସୁନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ସରକାର ସ୍ପଷ୍ଟ କରିଛନ୍ତି।


## ମଧ୍ୟାହ୍ନ ଭୋଜନରେ ଡିଟରଜେଣ୍ଟ: ୩୬ ସ୍କୁଲ ଛାତ୍ରୀ ଅସୁସ୍ଥ

ପାଟନା, ୧୯ ।୮ (ଏଜେନ୍ସି): ବିହାରର ନାଳନ୍ଦା ଜିଲ୍ଲାରେ ମଧ୍ୟାହ୍ନ ଭୋଜନରେ ଲୁଣ ବଦଳରେ ଭୁଲବଶତଃ ଡିଟରଜେଣ୍ଟ ପାଉଡ଼ର ପଡ଼ିଯିବାରୁ ପ୍ରାୟ ୩୬ ଜଣ ଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି। ନୋରସରାଇ ପୁଲିସ ଷ୍ଟେସନ ଅନ୍ତର୍ଗତ ପାରାସୀ ମଧ୍ୟବର୍ତ୍ତୀ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ କରୁଥିବା ସମୟରେ ଏହି ଘଟଣା ଘଟିଛି। ରୋଷେଇ ଘରେ ଲୁଣ ଏବଂ ଡିଟରଜେଣ୍ଟ ପାଉଡ଼ର ପାତ୍ର ଏକାଠି ରଖାଯାଇଥିଲା। ରୋଷେୟା ଜଣକ ଭୁଲ୍‌ବଶତଃ ଲୁଣ ବଦଳରେ ଡିଟରଜେଣ୍ଟ ପକାଇ ଦେଇଥିଲେ। ଖାଦ୍ୟ ଖାଇବା ପରେ ଛାତ୍ରୀମାନଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। ତୁରନ୍ତ ସମସ୍ତଙ୍କୁ ବିହାରସରିଫ ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ସମସ୍ତ ଛାତ୍ରୀ ବିପଦମୁକ୍ତ ଥିବା ଡାକ୍ତର ସ୍ପଷ୍ଟ କରିଛନ୍ତି। ବିହାରର ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀ ଶ୍ରବଣ କୁମାର ଡାକ୍ତରଖାନାକୁ ଯାଇ ଅସୁସ୍ଥ ଛାତ୍ରୀମାନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି ଏବଂ ଏହି ଘଟଣାର ଏକ ବିସ୍ତୃତ ତଦନ୍ତ କରାଯିବ ବୋଲି କହିଛନ୍ତି। ଏହି ଅସାବଧାନତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚିନ୍ତା ପ୍ରକାଶ ପାଇଛି। ଭବିଷ୍ୟତରେ ଏପରି ଭୁଲ୍ ଏଡ଼ାଇବା ପାଇଁ କଡ଼ା ପଦକ୍ଷେପ ନିଆଯିବାକୁ ଦାବି ହୋଇଛି।

## କାନାଡ଼ାରେ ଯୁବତୀଙ୍କୁ ଦୁର୍ବ୍ୟବହାର: ୪୦ ବର୍ଷୀୟ ଭାରତୀୟ ଗିରଫ

ଓଟାୱା, ୧୯ ।୮ (ଏଜେନ୍ସି): କାନାଡ଼ାର ସୁରେ ସହରର ଏକ ପାର୍କରେ ଜଣେ ଯୁବତୀଙ୍କ ସହ ଅସଦାଚରଣ ମାମଲାରେ ପୁଲିସ ଜଣେ ୪୦ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ବ୍ୟକ୍ତିଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଯଗେନ୍ଦର କୁରାନା ନାମକ ଏହି ବ୍ୟକ୍ତି ଜଣକ ବେୟାର କ୍ରିକ୍ ପାର୍କରେ ଜଣେ ଯୁବତୀଙ୍କୁ ଅସାମାଜିକ ଭାବେ ସ୍ପର୍ଶ କରିବା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ଥସୁରେ ପୁଲିସ ସର୍ଭିସ୍ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିଲା। ପୁଲିସ ସନ୍ଦିଗ୍ଧଙ୍କ ଫଟୋ ଜାରି କରିବା ସହ ଜନସାଧାରଣଙ୍କ ସହଯୋଗ ଲୋଡ଼ିଥିଲା। ପରେ ତାଙ୍କୁ ଚିହ୍ନଟ କରାଯାଇ ଅଗଷ୍ଟ ୧୨ରେ ଗିରଫ କରାଯାଇଥିଲା। ଥବ୍ରିଟିଶ କୋଲୁମ୍ବିଆ ପ୍ରୋସିକ୍ୟୁସନ ସର୍ଭିସ୍ ପକ୍ଷରୁ ତାଙ୍କ ବିରୋଧରେ ଯୌନ ନିର୍ଯାତନା ଏବଂ ଅସଦାଚରଣ ସମ୍ପର୍କିତ ଦୁଇଟି ଅପରାଧିକ ମାମଲା ରୁଜୁ କରାଯାଇଛି। ପୁଲିସ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଥିବାବେଳେ ଅଭିଯୁକ୍ତଙ୍କୁ ହାଜତକୁ ପଠାଯାଇଛି।

# କାହା କବ୍‌ଜାରେ ହର୍ମୁଜ?




ନୂଆଦିଲ୍ଲୀ, ୧୯।୮ (ଏଜେନ୍ସି): ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ବାଣିଜ୍ୟ ପଥ ଭାବେ ଜଣାଶୁଣା ହର୍ମୁଜ ପ୍ରଣାଳୀ ବର୍ତ୍ତମାନ ବିଶ୍ୱ ରାଜନୈତିକ ସଂଘର୍ଷର କେନ୍ଦ୍ରବିନ୍ଦୁ ପାଲଟିଛି। ଆମେରିକା ଏବଂ ଇରାନ ମଧ୍ୟରେ ବଢ଼ୁଥିବା ତିକ୍ତତା ଯୋଗୁଁ ବିଶ୍ୱ ସାମୁଦ୍ରିକ ପରିବହନ ଏବଂ ତୈଳ ବଜାରରେ ଅସ୍ଥିରତା ସୃଷ୍ଟି ହୋଇଛି। ଫଳରେ ବିଶ୍ୱ ବଜାରରେ ତୈଳ ସହିତ ମାଲ ପରିବହନ ଦର ଆକାଶଛୁଆଁ ହୋଇଛି। ଏପରି ସ୍ଥଳରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ଘୋଷଣା କରିଛନ୍ତି ଯେ ହର୍ମୁଜ ସମ୍ପୂର୍ଣ୍ଣ ଭାବେ ଆମେରିକା ଅଧୀନରେ ଖୋଲା ଯାଇଛି ଏବଂ ସମସ୍ତ ସାମୁଦ୍ରିକ ମାଇନ୍ ହଟାଇ ଦିଆଯାଇଛି। ଏପରିକି ଆମେରିକା ପକ୍ଷରୁ ହର୍ମୁଜକୁ ନିଜ ମାନଚିତ୍ରରେ ଦେଖାଯାଇଛି। ତେବେ ଇରାନ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଛି। ଇରାନ ସ୍ପଷ୍ଟ କରିଛି ଯେ ଯେପର୍ଯ୍ୟନ୍ତ ଆମେରିକା ତା'ର ବନ୍ଦରଗୁଡ଼ିକ ଉପରୁ ଅବରୋଧ ହଟାଇ ନାହିଁ ଏବଂ ଜବତ ହୋଇଥିବା ପାଣ୍ଠି ମୁକ୍ତ କରିନାହିଁ, ସେପର୍ଯ୍ୟନ୍ତ ଏହି ପଥ ଖୋଲିବାର ପ୍ରଶ୍ନ ଉଠୁନାହିଁ। ଇରାନର ଜଣେ ବରିଷ୍ଠ ଅଧିକାରୀଙ୍କ ଅନୁସାରେ, କୌଣସି ସମାଧାନର ବାଟ ଏଯାଏଁ ମିଳିପାରି ନାହିଁ। ତେଣୁ ଦେଶ ଏବେ ପୂର୍ଣ୍ଣ ଯୁଦ୍ଧ ଆଭିମୁଖ୍ୟ ଗ୍ରହଣ କରିଛି। ଫଳରେ ହର୍ମୁଜରେ ସାଧାରଣ ଯାତାୟାତ ଭୀଷଣ ବାଧାପ୍ରାପ୍ତ ହୋଇଛି। ଗତ ଦୁଇ ସପ୍ତାହ ମଧ୍ୟରେ ପ୍ରାୟ ୮୦% ଜାହାଜ ଓମାନ ରୁଟ୍ ବ୍ୟବହାର କରୁଛନ୍ତି। ଏହାକୁ ମଧ୍ୟ ଇରାନ ବିରୋଧ କରୁଛି। କିନ୍ତୁ ଆମେରିକା ନୌସେନା ସୁରକ୍ଷା ପ୍ରଦାନ କରୁଛି।

**■ ଆମେରିକା ନିୟନ୍ତ୍ରଣରେ ହର୍ମୁଜ: ଟ୍ରମ୍ପ**
**■ ସମାଧାନ ଯାଏଁ ବନ୍ଦ ରହିବ ହର୍ମୁଜ: ଇରାନ**

କେତେକ ଜାହାଜ ଇରାନର ଆକ୍ରମଣରୁ ବଞ୍ଚିବା ପାଇଁ ନିଜର ବିପଜ୍ଜନକ ଭାବେ ଜାହଜ ଟ୍ରାନ୍ସପୋଣ୍ଡର ବନ୍ଦ କରି ଗୁପ୍ତରେ ଗତି କରୁଛନ୍ତି। ଏହି ଅନିଶ୍ଚିତତା ଯୋଗୁଁ ମାଲ ପରିବହନ ଦର ବହୁଗୁଣିତ ହୋଇଛି। ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ଗତ ତିନି ସପ୍ତାହର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଅଶୋଧିତ ତୈଳ ବ୍ୟାରେଲ ପିଛା ୯୧ ଡଲାର ଅତିକ୍ରମ କରିଛି। ଏହି ଉତ୍ତେଜନା ନଥମିଲେ ତୈଳ ଦର ୧୦୦ ଡଲାର ଟପିଯିବାର ଆଶଙ୍କା ରହିଛି। ବିଶେଷଜ୍ଞଙ୍କ ଅନୁସାରେ, ଯଦିଓ ଆମେରିକା ଓ ଇରାନ ମଧ୍ୟରେ କିଛି ଚୁକ୍ତି ସ୍ୱାକ୍ଷରିତ ହୋଇଛି, ତାହା କେବଳ କାଗଜପତ୍ରରେ ସୀମିତ ରହିଛି। ସାମୁଦ୍ରିକ ପଥ ସମ୍ପୂର୍ଣ୍ଣ ସୁରକ୍ଷିତ ନହେବା ପର୍ଯ୍ୟନ୍ତ ବିଶ୍ୱ ଯୋଗାଣ ଶୃଙ୍ଖଳା ଏହି କ୍ଷମତା ସଂଘର୍ଷର ଶିକାର ହେବ ବୋଲି କୁହାଯାଇଛି।

## ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ: ଆମେରିକୀୟ ରାଷ୍ଟ୍ରଦୂତ

ଶ୍ରୀନଗର, ୧୯ ।୮ (ଏଜେନ୍ସି): ଆମେରିକାର ରାଷ୍ଟ୍ରଦୂତ ସର୍ଜିଓ ଗୋର ଶ୍ରୀନଗର ଗସ୍ତରେ ଆସି ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ସେ ଜମ୍ମୁ-କଶ୍ମୀରକୁ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ତଥା ଅବିଚ୍ଛେଦ୍ୟ ଅଂଶ ବୋଲି କହିଛନ୍ତି। ସୁରକ୍ଷା ସ୍ଥିତିରେ ଉନ୍ନତି ଆସିଥିବାରୁ ସେ ଆମେରିକୀୟ ନାଗରିକଙ୍କ ପାଇଁ ଯାତ୍ରା କଟକଣାକୁ କୋହଳ କରିବା ବିଷୟରେ ଚିନ୍ତା କରାଯିବ ବୋଲି ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲାଙ୍କୁ ଭେଟିବା ପରେ ଆମେରିକୀୟ ରାଷ୍ଟ୍ରଦୂତ ସର୍ଜିଓ ଗୋର କଶ୍ମୀର ଏକ ଅତି ସୁନ୍ଦର ସ୍ଥାନ ଏବଂ ଏହା ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ମତ ଦେଇଛନ୍ତି। ସୁରକ୍ଷା ବ୍ୟବସ୍ଥା ଭଲ ହେଉଥିବାରୁ ଆମେରିକା ପକ୍ଷରୁ ନାଗରିକମାନଙ୍କ ପାଇଁ ଜାରି କରାଯାଇଥିବା ଭ୍ରମଣ ପରାମର୍ଶ କୋହଳ କରାଯିବା ନେଇ ବିଚାର କରାଯିବ। ଅନ୍ୟପକ୍ଷରେ, ଅବଦୁଲ୍ଲା ସ୍ପଷ୍ଟ କରିଛନ୍ତି ଯେ କଶ୍ମୀରର ସମସ୍ୟାଗୁଡ଼ିକର ସମାଧାନ ଆମେରିକା ଦ୍ୱାରା ନୁହେଁ ବରଂ କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯିବ। ଆମେରିକୀୟ ରାଷ୍ଟ୍ରଦୂତଙ୍କ ଏହି ଗସ୍ତ ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ଏବଂ କୂଟନୈତିକ ସମ୍ପର୍କକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି।

# ୯ ମାସ ପରେ ଭଉଣୀ, ପତ୍ନୀଙ୍କୁ ଦେଖିଲେ ଇମ୍ରାନ୍



ଇସ୍‌ଲାମାବାଦ୍, ୧୯ ।୮ (ଏଜେନ୍ସି): ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଙ୍କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଦୀର୍ଘ ନଅ ମାସର ବ୍ୟବଧାନ ପରେ ତାଙ୍କ ପତ୍ନୀ ଏବଂ ଭଉଣୀ ତାଙ୍କୁ ଜେଲରେ ଭେଟିଛନ୍ତି। ମଙ୍ଗଳବାର ଦିନ ପାକିସ୍ତାନର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଇମ୍ରାନ୍ ଖାନ୍ ଙ୍କ ଭଉଣୀ ନୋରେନ୍ ନିଆଜି ଏବଂ ପତ୍ନୀ ବୁଶ୍ରା ବିବି ଆଦିଆଲା ଜେଲରେ ତାଙ୍କୁ ଭେଟିଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ପରିବାରବର୍ଗଙ୍କୁ ଭେଟିବା କୌଣସି ଅନୁକମ୍ପା ନୁହେଁ, ବରଂ ଏହା ଏକ ମୌଳିକ ଅଧିକାର। ଏହି ଭେଟଘାଟ ସମୟରେ ଉଭୟ ପକ୍ଷ ମଧ୍ୟରେ ସ୍ୱାସ୍ଥ୍ୟବସ୍ଥା

**ଜେଲରୁ ହସ୍ପିଟାଲକୁ ସ୍ଥାନାନ୍ତର ହେବେ**

ଏବଂ ଆଇନଗତ ବିଷୟରେ ଆଲୋଚନା ହୋଇଥିଲା। ସୁପ୍ରିମକୋର୍ଟ ଇମ୍ରାନ୍ ଖାନ୍ ଙ୍କ ଚିକିତ୍ସା ପାଇଁ ତାଙ୍କୁ ଡାକ୍ତରଖାନାକୁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜେଲ୍ ର ମେଡିକାଲ୍ ରିପୋର୍ଟରେ ତାଙ୍କର ରକ୍ତଚାପ ଏବଂ ଚାପ ବୃଦ୍ଧି ପାଉଥିବା ନେଇ ଚିନ୍ତା ପ୍ରକାଶ ପାଇଥିଲା। ଏହି କାରଣରୁ ତାଙ୍କୁ ଶିଫା ଇଣ୍ଟରନ୍ୟାସନାଲ୍ ହସ୍ପିଟାଲକୁ ନିଆଯିବାର ବ୍ୟବସ୍ଥା କରାଯାଉଛି। ୨୦୨୩ ମସିହାରୁ ଇମ୍ରାନ୍ ଖାନ୍ ଜେଲରେ ଅଛନ୍ତି। ତାଙ୍କ ବିରୋଧରେ ତୋଶାଖାନା ମାମଲା ଏବଂ ଅଲ୍-କାଦିର ଟ୍ରଷ୍ଟ ମାମଲା ଭଳି ଅନେକ ଗୁରୁତର ଅଭିଯୋଗ ରହିଛି ଏବଂ ସେ ଏବଂ ତାଙ୍କ ଦଳ ଏହାକୁ ରାଜନୈତିକ ଷଡ଼ଯନ୍ତ୍ର ବୋଲି କହିଆସୁଛନ୍ତି। ସାମଗ୍ରିକ ଭାବେ ଦେଖିଲେ, ଆଇନଗତ ଲଢେଇ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଭିତରେ ଇମ୍ରାନ୍‌ଙ୍କ ପରିବାର ସହିତ ଏହି ସାକ୍ଷାତ୍ ଏକ ବଡ଼ ପରିବର୍ତ୍ତନ ଆଣିଛି। ଆଗାମୀ ଦିନରେ ତାଙ୍କ ଚିକିତ୍ସା ଏବଂ ମାମଲାର ଅଗ୍ରଗତି ଉପରେ ସମସ୍ତଙ୍କ ନଜର ରହିଛି।

# ୟୁପି ବନ୍ୟା ଘେରରେ ୧୭୩ଟି ଗ୍ରାମ, ୫ ହଜାର ସ୍ଥାନାନ୍ତରିତ



ଲକ୍ଷ୍ନୌ, ୧୯ ।୮ (ଏଜେନ୍ସି): ଉତ୍ତରପ୍ରଦେଶର ବିଭିନ୍ନ ଜିଲ୍ଲାରେ ବନ୍ୟା ପରିସ୍ଥିତି ଗମ୍ଭୀର ରହିଥିବାବେଳେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଥଟାଇମ୍ସ ଅଫ୍ ଇଣ୍ଡିଆର ରିପୋର୍ଟ ଅନୁଯାୟୀ, ରାଜ୍ୟର ୧୩ଟି ଜିଲ୍ଲାରେ ବନ୍ୟା ପ୍ରଭାବରେ ୧୭୩ଟି ଗ୍ରାମ କ୍ଷତିଗ୍ରସ୍ତ ହୋଇଛି ଏବଂ ପ୍ରାୟ ୪,୮୪୫ ଜଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ବଦାଉଁ, ବାହରେଚ, ବଲିଆ, ବାରାବଙ୍କୀ, ବିଜନୌର, ଫରୁଖାବାଦ, ଗୌତମବୁଦ୍ଧ ନଗର, ଗୋଣ୍ଡା, କାସଗଞ୍ଜ, ଲକ୍ଷ୍ମୀପୁର ଖେରୀ, ମୁଜାଫରନଗର, ସୀତାପୁର ଏବଂ ଉନ୍ନାଓ ଆଦି ଜିଲ୍ଲାଗୁଡ଼ିକରେ ବନ୍ୟାର ପ୍ରଭାବ ଦେଖିବାକୁ ମିଳିଛି। ଗଙ୍ଗା, ଘାଘରା ଏବଂ ଶାରଦା ସମେତ ବିଭିନ୍ନ ପ୍ରମୁଖ ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ କିମ୍ବା ଆଖପାଖରେ ପ୍ରବାହିତ ହେଉଛି। ସ୍ଥିତି ଉପରେ ନଜର ରଖିବା ପାଇଁ ୧୬ଟି ଏନ୍‌ଡିଆର୍‌ଏଫ୍ ଟିମ୍, ଏସ୍‌ଡିଆର୍‌ଏଫ୍ ଏବଂ ପିଏସି ବାହିନୀ ମୁତୟନ କରାଯାଇଛି। ଏହାସହ ବନ୍ୟାଗ୍ରସ୍ତ ଅଞ୍ଚଳରେ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଶହ ଶହ ଡାକ୍ତରୀ ଦଳ ଏବଂ ଆମ୍ବୁଲାନ୍ସ ନିୟୋଜିତ କରାଯାଇଛି। ପ୍ରଶାସନ ପକ୍ଷରୁ ରିଲିଫ୍ କ୍ୟାମ୍ପ ସ୍ଥାପନ କରାଯିବା ସହ ଶୁଖିଲା ଖାଦ୍ୟ, ପିଇବା ପାଣି ଏବଂ ଜରୁରୀ ଔଷଧ ବଣ୍ଟନ କରାଯାଉଛି। ଶେଷରେ, ସ୍ଥିତି ଉପରେ କ୍ରମାଗତ ନୀରିକ୍ଷଣ କରାଯାଉଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦୭୦ ହେଲ୍ପଲାଇନ୍ ନମ୍ବର ମାଧ୍ୟମରେ ଲୋକଙ୍କୁ ସହାୟତା ଯୋଗାଇ ଦିଆଯାଉଛି।

## କୁକୁର ପୋଷାକ ପିନ୍ଧି ଯୁବକଙ୍କ ବିକ୍ଷୋଭ

ଭୋପାଳ, ୧୯ ।୮ (ଏଜେନ୍ସି): ମଧ୍ୟପ୍ରଦେଶର ଖଣ୍ଡୱା ଜିଲ୍ଲା କଲେକ୍ଟରେଟ୍ କାର୍ଯ୍ୟାଳୟରେ ଏକ ଅଜବ ଏବଂ ଚାଞ୍ଚଲ୍ୟକର ପ୍ରତିବାଦ ଦେଖିବାକୁ ମିଳିଛି। ସହରରେ ବଢ଼ିଚାଲିଥିବା ବୁଲା କୁକୁରଙ୍କ ଉପଦ୍ରବ ଏବଂ ଏହାର ନିୟନ୍ତ୍ରଣ ନାମରେ ବ୍ୟାପକ ଦୁର୍ନୀତି ଅଭିଯୋଗ ଆଣି ଜଣେ ଯୁବକ କୁକୁର ପୋଷାକ ପିନ୍ଧି କାର୍ଯ୍ୟାଳୟକୁ ଆସିଥିଲେ। ପ୍ରାପ୍ତ ସୂଚନା ଅନୁଯାୟୀ, କୁକୁର ବନ୍ଧ୍ୟାକରଣ ନାମରେ ପ୍ରାୟ ୪୦ ଲକ୍ଷ ଟଙ୍କା ବିଲ୍ କରାଯାଇଥିବା ବେଳେ ବାସ୍ତବରେ କୌଣସି ପଦକ୍ଷେପ ନିଆଯାଇ ନାହିଁ ବୋଲି ପ୍ରତିବାଦକାରୀମାନେ ଅଭିଯୋଗ କରିଛନ୍ତି।



ସହରରେ ହଜାର ହଜାର ଲୋକ କୁକୁର କାମୁଡ଼ାର ଶିକାର ହେଉଥିବା ବେଳେ ପୌର ନିଗମର ଖର୍ଚ୍ଚ ଏବଂ ବାସ୍ତବ ସ୍ଥିତିକୁ ନେଇ ପ୍ରଶ୍ନ ଉଠିଛି। ଖଣ୍ଡୱା ଅତିରିକ୍ତ କଲେକ୍ଟର କାଶୀ ରାମ ବାଡୋଲେ ଏହି ଅଭିଯୋଗକୁ ଗ୍ରହଣ କରି ପୌର କମିଶନରଙ୍କ ସହ ଆଲୋଚନା କରାଯାଇଛି ଏବଂ ତଦନ୍ତ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଶେଷରେ, ବୁଲା କୁକୁରଙ୍କ ଆତଙ୍କ ଏବଂ ବେପରୁଆ ଖର୍ଚ୍ଚକୁ ନେଇ ଜନସାଧାରଣଙ୍କ ମଧ୍ୟରେ ବଢ଼ୁଥିବା ଅସନ୍ତୋଷ ପ୍ରଶାସନ ପାଇଁ ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି।

## ମହୁଆଙ୍କ ବିରୋଧରେ କୋର୍ଟର ଗିରଫ ପରୱାନା ଜାରି




ନୂଆଦିଲ୍ଲୀ, ୧୯ ।୮ (ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ ମହୁଆ ମୋଇତ୍ରାଙ୍କ ଅଡୁଆ ବଢ଼ିବାରେ ଲାଗିଛି। ଏକ ହେଟ୍ ସ୍ପିଚ୍ ବା ଘୃଣାଭାଷଣ ମାମଲାରେ ବାରମ୍ବାର ସମନ ଜାରି କରାଯିବା ସତ୍ତ୍ୱେ ହାଜର ନ ହେବାରୁ ଏକ ପଶ୍ଚିମବଙ୍ଗ କୋର୍ଟ ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ୨୦୨୫ ମସିହା ଅଗଷ୍ଟ ମାସରେ ନଦିଆଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଭାରତ-ବାଂଲାଦେଶ ସୀମା ଅନୁପ୍ରବେଶ ସମ୍ପର୍କରେ ମହୁଆ ଦେଇଥିବା ବିବାଦୀୟ ମନ୍ତବ୍ୟକୁ ନେଇ ଏହି ମାମଲା ରୁଜୁ ହୋଇଥିଲା। କୃଷ୍ଣନଗର କୋର୍ଟର ତୃତୀୟ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ କୋର୍ଟ କୋର୍ଟଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରିବା ଏବଂ ବାରମ୍ବାର ହାଜର ନ ହେବା କାରଣରୁ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଆଗାମୀ ଅଗଷ୍ଟ ୨୮ ତାରିଖ ସୁଦ୍ଧା ଏହାର କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ତାଙ୍କ ଓକିଲ ଅଦାଲତରେ ହାଜର ନ ହେବା ନେଇ ମତ ଦେଇଥିବାବେଳେ ମହୁଆ ଏହାକୁ ଏକ ବଙ୍ଗଳା ପ୍ରାଚୀନ ରୂଢ଼ି ବୋଲି ଦର୍ଶାଇ ନିଜର ସ୍ପଷ୍ଟିକରଣ ରଖିଛନ୍ତି।

**ଦକ୍ଷିଣପନ୍ଥୀଙ୍କ ଉତ୍ପାତ**

## ଶିଶୁକନ୍ୟା ଓ ବିଦେଶୀ ପର୍ଯ୍ୟଟକଙ୍କୁ ଆକ୍ରମଣ

ପୁଣେ, ୧୯।୮ (ଏଜେନ୍ସି): ମହାରାଷ୍ଟ୍ରର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ସିଂହଗଡ଼ ଦୁର୍ଗରେ ପୋଷାକ ପିନ୍ଧିବାକୁ ନେଇ ପର୍ଯ୍ୟଟକଙ୍କୁ ଆକ୍ରମଣ ହୋଇଥିବା ଘଟଣା ସାମ୍ନାକୁ ଆସିଛି। କିଛି ଉପଦ୍ରବୀ ପର୍ଯ୍ୟଟକମାନଙ୍କୁ ଆକ୍ରମଣ କରିବା ସହ ପ୍ରାୟ ୨ ଘଣ୍ଟା ଧରି ହଇରାଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଣେର ହାଭେଲି ପୁଲିସ ୯ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି। ଗତ ଅଗଷ୍ଟ ୧୬ ରେ ଦୁର୍ଗ ପରିଦର୍ଶନରେ ଯାଇଥିବା ଏକ ପରିବାରକୁ କିଛି ଯୁବକ ଅଟକାଇଥିଲେ। ପରିବାରର ୮ ବର୍ଷର ଶିଶୁକନ୍ୟା ଛୋଟ ପ୍ୟାଣ୍ଟ ପିନ୍ଧିଥିବାରୁ ଏହି ଗୋଷ୍ଠୀ ଆପତ୍ତି ଉଠାଇଥିଲେ। ଏହାକୁ ନେଇ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ପରେ ଏହା ଶାରୀରିକ ଆକ୍ରମଣର ରୂପ ନେଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଆକ୍ରମଣକାରୀମାନେ ନିଜକୁ 'ଫୋର୍ଟ କଞ୍ଜରଭେସନ ସୋସାଇଟି'ର ସଦସ୍ୟ ବୋଲି ଦାବି କରିଥିଲେ। ସେମାନେ ପର୍ଯ୍ୟଟକମାନଙ୍କ ପୋଷାକକୁ ଅଶୋଭନୀୟ କହିଥିଲେ। ପୁରୁଷଙ୍କ ସମେତ ମହିଳା, ଶିଶୁ ଏବଂ ବୃଦ୍ଧବୃଦ୍ଧାମାନଙ୍କୁ ମଧ୍ୟ ଦୁର୍ବ୍ୟବହାର କରିଥିଲେ। ପ୍ରାୟ



ଦୁଇ ଘଣ୍ଟା ଧରି ଚାଲିଥିବା ଧମକଚମକ ଓ ମାଡ଼ପିଟ ଯୋଗୁଁ ପର୍ଯ୍ୟଟକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ତେବେ ସମ୍ପୃକ୍ତ ୯ ଅଭିଯୁକ୍ତଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ହୋଇଛି ଏବଂ ଅଧିକ ତଦନ୍ତ ଜାରି ରହିଛି। ଏହି ଘଟଣା ପରେ ଦୁର୍ଗରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

## ବାର୍ କାଉନସିଲ୍ ନିର୍ବାଚନରେ ଟିଏମ୍‌ସିର ବିପୁଳ ବିଜୟ

କଲିକତା, ୧୯।୮ (ଏଜେନ୍ସି): ପଶ୍ଚିମବଙ୍ଗର ରାଜନୈତିକ ମଇଦାନରେ ପୁଣି ଥରେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନିଜର ପତିଆରା ଜାହିର କରିଛି। ନିକଟରେ ଅନୁଷ୍ଠିତ ପଶ୍ଚିମବଙ୍ଗ ବାର୍ କାଉନସିଲ୍ ନିର୍ବାଚନରେ ଦଳ ବିପୁଳ ବିଜୟ ହାସଲ କରିଛି।

**୨୩ରୁ ୧୫ଟି ଆସନ ଅକ୍ତିଆର କଲା ଦଳ**

ସୂଚନା ଅନୁଯାୟୀ, ଏହି ନିର୍ବାଚନରେ ସିଏମ୍‌ସିର ପ୍ରାର୍ଥୀମାନେ ୨୩ଟି ମଧ୍ୟରୁ ମୋଟ ୧୫ଟି ଆସନରେ ବିଜୟୀ ହୋଇଛନ୍ତି। କ୍ଷମତାସୀନ ବିଜେପିକୁ ମାତ୍ର ତିନିଟି ସନ୍ତୁଷ୍ଟ ରହିବାକୁ ପଡ଼ିଛି। ବିଧାନସଭା ନିର୍ବାଚନରେ ଦଳ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇଥିଲା। ଏହାପରେ ଆଇନଜୀବୀ ସଂଘର ଏହି ନିର୍ବାଚନ ସଫଳତା ଦଳ ପାଇଁ ଏକ ବଡ଼ ଆଶ୍ୱସ୍ତି ଭାବେ ବିବେଚନା କରାଯାଉଛି। ଏହି ବିଜୟ ରାଜ୍ୟର ଆଇନଜୀବୀ ମହଲରେ ତୃଣମୂଳ କଂଗ୍ରେସର ବଢ଼ୁଥିବା ପତିଆରାକୁ ପ୍ରମାଣିତ କରିଛି। ବିରୋଧୀ ଦଳଗୁଡ଼ିକର କଡ଼ା ଟକ୍କର ସତ୍ତ୍ୱେ ଟିଏମ୍‌ସି ନିଜର ଗଡ଼ ରକ୍ଷା କରିବାରେ ସଫଳ ହୋଇଛି। ଏହି ସଫଳତା ଆଗାମୀ ଦିନରେ ରାଜ୍ୟ ରାଜନୀତିରେ ଦଳର ସ୍ଥିତିକୁ ଆହୁରି ମଜବୁତ କରିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି।

## କଟକ ଓ ରାଉରକେଲାର ୨ ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ଶୀଘ୍ର ଶେଷ ହେବ ଏସସିବିର ୪ଟି କ୍ଲିନିକାଲ ବ୍ଲକ

ଭୁବନେଶ୍ୱର,୧୯।୮ (ସମିସ): କଟକସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲର ଉନ୍ନତିକରଣ ସହିତ ଏହାକୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ରୂପାନ୍ତରିତ କରିବା ମେଗା ପୁନଃବିକାଶ ପ୍ରକଳ୍ପ କାର୍ଯ୍ୟନ୍ୱୟନ ହେଉଛି। ଲୋକସେବା ଭବନଠାରେ ଏହାର ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏସସିବି

- ଆଉ ଗୋଟିଏ ମେଡିସିନ୍ ବ୍ଲକ ନିର୍ମାଣ ଲାଗି ନିର୍ଦ୍ଦେଶ
- ଆଧ୍ୟାତ୍ମିକ ଶୈଳୀରେ ରୂପାନ୍ତରିତ ହେବ ହନୁମାନ ବାଟିକା

ମେଡିକାଲ ପରିସରରେ ୪ଟି ନୂତନ କ୍ଲିନିକାଲ୍ ବ୍ଲକ ଗୁଡିକ ଆସନ୍ତା ବର୍ଷ ଜୁନ୍ ସୁଦ୍ଧା ଶେଷ ହେବ। ଏହା ସହ ମେଡିସିନ୍ ବ୍ଲକ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବୈଠକରେ ପ୍ରଥମ ପର୍ଯ୍ୟାୟରେ ନିର୍ମାଣାଧୀନ ବହୁତଳ କାର ପାର୍କିଂ (ଏମଏଲସିପି) ଓ ହସ୍ପିଟାଲର ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ କାର୍ଯ୍ୟର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା କରାଯାଇଛି।

ବୈଠକରେ ମୁଖ୍ୟମନ୍ତ୍ରୀ କ୍ଲିନିକାଲ ବ୍ଲକଗୁଡ଼ିକର ନୂତନ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହିତ ହସ୍ପିଟାଲ ସଂଲଗ୍ନ ତାଳଦଣ୍ଡା କେନାଲର ଦୁଇ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ସୁସଜ୍ଜିତ କରିବା, ଚଉଡ଼ା ରାସ୍ତା ନିର୍ମାଣ କରିବା ଏବଂ ସୌନ୍ଦର୍ଯ୍ୟକରଣ କରି ମନୋରମ ପରିବେଶ ସୃଷ୍ଟି କରାଯିବା ଉପରେ ଗୁରୁତ୍ୱ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ନିର୍ମାଣାଧୀନ ବହୁତଳ କାର ପାର୍କିଂ (ଏମଏଲସିପି) ଏବଂ ତାଳଦଣ୍ଡା କେନାଲ ସଂଯୋଜିତ ଟ୍ରାଫିକ କରିଡର କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ନିର୍ମାଣ ହେଉଥିବା ପାର୍କିଂ ବ୍ୟବସ୍ଥା ଦ୍ୱାରା ଏସସିବି ଏବଂ ନିକଟସ୍ଥ ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନକୁ ଆସୁଥିବା ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ଟ୍ରାଫିକ ସମସ୍ୟା ଦୂର ହୋଇପାରିବ। ଏଥିସହିତ ମେଡିକାଲ ସଂଲଗ୍ନ ବୋଷ ଇଞ୍ଜିନିୟରିଂ ସ୍କୁଲ, ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ ଏବଂ ଓଡ଼ିଶା ରାଜ୍ୟ ସାମୁଦ୍ରିକ ସଂଗ୍ରହାଳୟ ଅଞ୍ଚଳଗୁଡ଼ିକର ସମନ୍ୱିତ ପାର୍ଶ୍ୱବର୍ତ୍ତୀ ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ମଧ୍ୟ ଏଥିସହିତ ସଂଯୋଜିତ କରାଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୁଣବତ୍ତା ବଜାୟ ରଖି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ରାଉରକେଲାର ପ୍ରସିଦ୍ଧ ଧାର୍ମିକ ପର୍ଯ୍ୟଟନସ୍ଥଳୀ ହନୁମାନ ବାଟିକାର ବିକାଶ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ରୂପାନ୍ତରଣକୁ ନେଇ ଏହି ବୈଠକରେ ଆଲୋଚନା କରାଯାଇଛି। ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକ୍ସନ କର୍ପୋରେସନ ଲିମିଟେଡ ଦ୍ୱାରା ହାତକୁ ନିଆଯାଉଥିବା ନୂତନ ନିର୍ମାଣ କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ଶୈଳୀ ଓ ଭାବନାକୁ ଆଧାର କରି ଗଢ଼ିତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। । ଏଥିସହିତ ବାଟିକା ବାହାରେ ଥିବା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସୌନ୍ଦର୍ଯ୍ୟକରଣ, ପ୍ରଶସ୍ତ ଗମନାଗମନ ପଥ ଏବଂ ଆଲୋକୀକରଣ କାର୍ଯ୍ୟ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ସ୍ୱାସ୍ଥ୍ୟ ବିଭାଗର କମିଶନର ଅଶ୍ୱଥି ଏସଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।



## ଜଟଣୀରେ ହୋମିଭାବା କ୍ୟାନ୍ସର ହସ୍ପିଟାଲ ଓ ଗବେଷଣା କେନ୍ଦ୍ର ପାଇଁ ଅର୍ଥ ଯୋଗାଇଦେବେ ସରକାର

ଭୁବନେଶ୍ୱର,୧୯।୮ (ସମିସ): ଜଟଣୀଠାରେ ପ୍ରତିଷ୍ଠା ହେବାକୁ ଯାଉଥିବା ହୋମିଭାବା କ୍ୟାନସର୍ ହସ୍ପିଟାଲ ଓ ଗବେଷଣା କେନ୍ଦ୍ର ପାଇଁ ଆବଶ୍ୟକ ଅତିରିକ୍ତ ଅର୍ଥ ରାଜ୍ୟ ସରକାର ନିଜସ୍ୱ ବଜେଟରୁ ଯୋଗାଇ ଦେବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ନୀତିଗତ ନିଷ୍ପତ୍ତି ନିଆଯାଇଛି।

ସୂଚନାଯୋଗ୍ୟ ଯେ ଏହି ହସ୍ପିଟାଲଟି ପ୍ରସିଦ୍ଧ କ୍ୟାନସର୍ ଚିକିତ୍ସାଳୟ ଟାଟା ମେମୋରିଆଲ ସେଣ୍ଟର ଭଳି ଭାରତ ସରକାରଙ୍କ ଆଣବିକ ଶକ୍ତି ବିଭାଗ ଅଧୀନରେ ପ୍ରତିଷ୍ଠା କରାଯାଉଛି। ଏହି ହସ୍ପିଟାଲରେ ପୂର୍ବରୁ ଶଯ୍ୟା ସଂଖ୍ୟା ୨୦୦ ରଖାଯାଇଥିଲା, ତେବେ ପରବର୍ତ୍ତୀ ସମୟରେ ଏହାକୁ ୩୮୫କୁ ବୃଦ୍ଧି କରାଯାଇଛି। ଏହି ନିର୍ମାଣ ପାଇଁ ଖର୍ଚ୍ଚ ଆକଳନ ବୃଦ୍ଧି ପାଇଛି। ଏଥିପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ମଧ୍ୟ ଅର୍ଥ ଯୋଗାଇ ଦିଆଯାଉଛି। ତେବେ ଯେଉଁ ଅତିରିକ୍ତ ଅର୍ଥରାଶି ଆବଶ୍ୟକ ହେବ, ଓଡ଼ିଶା ସରକାର ତାକୁ ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ନୀତିଗତ ନିଷ୍ପତ୍ତି ନେଇଛନ୍ତି । ହସ୍ପିଟାଲର ଶଯ୍ୟା କ୍ଷମତା ବୃଦ୍ଧି ଓ ଅନ୍ୟାନ୍ୟ ଭିତ୍ତିଭୂମି ଉପକରଣ ପାଇଁ ଏହି ଅର୍ଥ ବିନିଯୋଗ ହେବ। ସୂଚନାଯୋଗ୍ୟ ଯେ ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସିତ ହେବା ପାଇଁ ବହୁ ସଂଖ୍ୟକ ଓଡ଼ିଆ ରୋଗୀ ପ୍ରତିଦିନ ଯାଇଥାନ୍ତି। ଜଟଣୀରେ ଏହି ହସ୍ପିଟାଲ ପ୍ରତିଷ୍ଠା ପରେ ଏହାଦ୍ୱାରା କେବଳ ଓଡ଼ିଶାର ରୋଗୀମାନେ ନୁହେଁ ବରଂ ପୂର୍ବ ଭାରତର ସମସ୍ତ କର୍କଟ ରୋଗୀ ଉପକୃତ ହେବେ। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି।

■ ରାମ ମନ୍ଦିର ଚାନ୍ଦା ଚୋରି ମାମଲା

## ସୁପ୍ରିମକୋର୍ଟ ବିଚାରପତିଙ୍କ ଦ୍ୱାରା ଅନୁସନ୍ଧାନ ହେଉ: କଂଗ୍ରେସ

ଭୁବନେଶ୍ୱର,୧୯।୮ (ସମିସ): ଅଯୋଧ୍ୟା ରାମ ମନ୍ଦିର ଚାନ୍ଦାଚୋରୀ ଅଭିଯୁକ୍ତ ରାମ ମନ୍ଦିର ଟ୍ରଷ୍ଟର ତତ୍କାଳୀନ ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ସହଯୋଗୀ ଅନୀଲ ମିଶ୍ରଙ୍କୁ ଏସଆଇଟି ପକ୍ଷରୁ କ୍ଲିନ ଚିଟ ପ୍ରଦାନ କରାଯାଇଛି। ଏହାକୁ ବିରୋଧ କରିବା ସହ ଏହି ମାମଲାକୁ ସୁପ୍ରିମକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ଅନୁସନ୍ଧାନ କରାଯାଉ ବୋଲି ରାଜ୍ୟ କଂଗ୍ରେସ ଦାବି କରିଛି। ବୁଧବାର କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓପିସିସି ମୁଖପାତ୍ର ସୋନାଲି ସାହୁ କହିଛନ୍ତି, ରାମ ମନ୍ଦିରରୁ ଚୋରି ଘଟଣା ଆସିବା ପରେ ଭାରତର ୮୪ କୋଟି ହିନ୍ଦୁଙ୍କ ଆସ୍ଥା ଓ ବିଶ୍ୱାସକୁ ଗଭୀର ଆଘାତ ଲାଗିଛି। ଏହି ଘଟଣାରେ ପୁଲିସ ମାମଲା ରୁଜୁ କରି ୮ ଜଣଙ୍କୁ ଗିରଫକରିବା ସହ ତଦନ୍ତ ସମୟରେ ଚମ୍ପତ ରାୟ ଓ ଅନୀଲ ମିଶ୍ରଙ୍କୁ ମଧ୍ୟ ପ୍ରମୁଖ ଅଭିଯୁକ୍ତ ଭାବେ ପୁଲିସ ପଚରା ଉଚୁରା କରିଥିଲା। ଯେତେବେଳେ ଚାରିଆଡୁ ଚାପ ବଢିଲା ସେତେବେଳେ ଚମ୍ପତ ରାୟ ଟ୍ରଷ୍ଟର ମହା ସଚିବ ପଦରୁ ଇସ୍ତଫା




ଦେଇଥିଲେ। ସାରା ଦେଶରେ ଏହି ଘଟଣାକୁ ନେଇ ବିରୋଧ ହେବା ପରେ ସରକାର ଚାପର ବଶବର୍ତ୍ତୀ ହୋଇ ଏହି ଘଟଣାର ତଦନ୍ତ ପାଇଁ ଏସଆଇଟି ଗଠନ କରିଥିଲେ।

ତେବେ ଗଠିତ ଏସଆଇଟିର ମୁଖ୍ୟ ବିବି ପନ୍ଥ, ମିରଟର ଆରଡିସି ଥିଲାବେଳେ ଏକ ସ୍କାମ୍‌ରେ ସମ୍ପୃକ୍ତ ଯୋଗୁଁ ତାଙ୍କ ନାମରେ ଏଫଆଇଆର ଏବଂ ଏଥିରେ ତାଙ୍କୁ ୧୪ ନମ୍ବର ଅଭିଯୁକ୍ତ ରୂପେ ଦର୍ଶାଯାଇଥିଲା। ଏବେ ଏହି ଏସ୍‌ଆଇଟି ଚମ୍ପତ ରାୟଙ୍କୁ କ୍ଲିନ୍ ଚିଟ୍ ଦେଇଛି। ଯାହାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। ଏହି ସମ୍ମିଳନୀରେ ଓପିସିସି ରିସର୍ଚ୍ଚ ବିଭାଗ ଅଧ୍ୟକ୍ଷ ନଳିନୀ ରଞ୍ଜନ ମହାନ୍ତି କହିଥିଲେ ଯେ, ରାମ ମନ୍ଦିର ତିଆରି ଏବଂ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ପ୍ରଧାନମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ହେଉଥିଲା। ତେଣୁ ଏହି ଘଟଣା ପାଇଁ ସେ ଦାୟୀ। ମନ୍ଦିର ନାମରେ ଯେଉଁ ଚାନ୍ଦା ଚୋରୀ ହେଲା ଏଥିପାଇଁ ପ୍ରଧାନମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ଓପିସିସିର ଅନ୍ୟତମ ମୁଖପାତ୍ର ଜଗଦାନନ୍ଦ ପ୍ରଧାନ ଏସଆଇଟିକୁ ତୁରନ୍ତ ବାତିଲ କରି ଅଭିଯୁକ୍ତ ଚମ୍ପତ ରାୟ ଏବଂ ଅନୀଲ ମିଶ୍ରଙ୍କୁ ଗିରଫ କରନ୍ତୁ ବୋଲି ଦାବି କରିବା ସହ ସୁପ୍ରିମ କୋର୍ଟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ଏହି ଅନୁସନ୍ଧାନ କରିବାକୁ ଦଳ ଦାବି କରିଛି।

## ଅପହରଣ ଉଦ୍ୟମ ପଣ୍ଡ

## ସ୍କୁଲରେ ଛାତ୍ରୀଙ୍କୁ ନିଶା ଚକୋଲେଟ; ୩ ଗୁରୁତର

ବାରିପଦା/ରାଇରଙ୍ଗପୁର,୧୯।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ତଥା ବହଳଦା ବ୍ଲକ ଅନ୍ତର୍ଗତ ବଡ଼ପଳସା ଗ୍ରାମପଞ୍ଚାୟତର ବୁରୁପଳସା ପ୍ରାଥମିକ ବିଦ୍ୟାଳୟ ପରିସରରେ ଛାତ୍ରୀଙ୍କୁ ନିଶା ଚୋକଲେଟ ଖୁଆଇ ଦୁର୍ବୃତ୍ତ ଫେରାର ହୋଇଯିବା ଘଟଣାକୁ ନେଇ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି। ଚକୋଲେଟ ଖାଇବା ପରେ ତିନିଜଣ ଛାତ୍ରୀ ଅସୁସ୍ଥ ହୋଇ ଅଚେତ ହୋଇପଡ଼ିଥିବା ବେଳେ ସେମାନଙ୍କୁ ପ୍ରଥମେ ବହଳଦା ଡାକ୍ତରଖାନା ଓ ପରେ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଗିଦିଘାଟୀରୁ ବଡ଼ପଳସା ଦେଇ ରତନସାହିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାକଡ଼ରେ ଥିବା ବୁରୁପଳସା ପ୍ରାଥମିକ ବିଦ୍ୟାଳୟକୁ ଛାତ୍ରଛାତ୍ରୀ ସକାଳୁ ଆସି ବିଦ୍ୟାଳୟ ଖୋଲିବା ପୂର୍ବରୁ ପରିସରରେ ଖେଳାଖେଳି କରୁଥିଲେ। ଏହି ସମୟରେ ଏକ ଧଳା ସ୍କୁଟିରେ ତିନିଜଣ ଅଜଣା ବ୍ୟକ୍ତି ସେଠାରେ ପହଞ୍ଚିଥିଲେ। ସେମାନେ ତିନିଜଣ ଛାତ୍ରୀଙ୍କୁ ଜୋରଜବରଦସ୍ତ ଚକୋଲେଟ ଖୁଆଇ ସେଠାରୁ ଚାଲିଯାଇଥିବା ଅଭିଯୋଗ ହୋଇଛି। ଚୋକଲେଟ ଖାଇବାର କିଛି ସମୟ ପରେ ଛାତ୍ରୀମାନଙ୍କ ମୁଣ୍ଡ ବୁଲାଇବା ସହ ସେମାନେ ଅସୁସ୍ଥ ହୋଇପଡ଼ିଥିଲେ। ପ୍ରଧାନଶିକ୍ଷକ ବିଦ୍ୟାଳୟରେ ପହଞ୍ଚିବା ବେଳକୁ ତିନିଜଣ ଛାତ୍ରୀ ଅଚେତ ଅବସ୍ଥାରେ ଥିଲେ। ଶିକ୍ଷକମାନେ ତୁରନ୍ତ ସେମାନଙ୍କୁ ବହଳଦା ଡାକ୍ତରଖାନାକୁ ନେଇ ଭର୍ତ୍ତି କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ବହଳଦା ଓ ତିରିଂ ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ଘଟଣା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଗୁରୁତର ଛାତ୍ରୀମାନେ ହେଲେ ସୁଗୀ ମୁର୍ମୁ, ବାସନ୍ତୀ ମାର୍ଣ୍ଡି ଓ ପାର୍ବତୀ ହେମ୍ବ୍ରମ। ସମସ୍ତେ ପଞ୍ଚମ ଶ୍ରେଣୀର ଛାତ୍ରୀ। ବହଳଦା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଯାଇଛି। ତେବେ ଘଟଣାକୁ ନେଇ ତିରିଂ ଥାନାରେ ଏଯାବତ୍ କୌଣସି ଲିଖିତ ଅଭିଯୋଗ ହୋଇନଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ଚୋକଲେଟରେ କୌଣସି ନିଶାଦ୍ରବ୍ୟ ମିଶିଥିଲା କି ନାହିଁ, ତାହା ପରୀକ୍ଷା ପରେ ସ୍ପଷ୍ଟ ହେବ। ଘଟଣା ପଛରେ ଛାତ୍ରୀମାନଙ୍କୁ ଅପହରଣ ଉଦ୍ୟମ ଥାଇପାରେ ବୋଲି ଅଭିଭାବକମାନେ ଆଶଙ୍କା ପ୍ରକାଶ କରିଛନ୍ତି। ପୁଲିସ ଘଟଣାର ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଠାବ କରିବା ସହ ଘଟଣାର ପ୍ରକୃତ କାରଣ ସ୍ପଷ୍ଟ କରିବାକୁ ସାଧାରଣରେ ଦାବି ହୋଇଛି।

## ନିଜ ଆଦେଶର ବିଚାର କରିପାରିବେନି ଅଧିକାରୀ: ହାଇକୋର୍ଟ

କଟକ.୧୯।୮ (ସମିସ): ଯେଉଁ ଅଧିକାରୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆଦେଶ ଦେଇଥିଲେ ସେହି ଅଧିକାରୀ ପରବର୍ତ୍ତୀ ସମୟରେ ପଦୋନ୍ନତି ପାଇଁ ଅପିଲ୍ କର୍ତ୍ତୃପକ୍ଷ ଭାବେ ଉକ୍ତ ଆଦେଶର ବିଚାର କରିବା ବେଆଇନ ଓ ପକ୍ଷପାତପୂର୍ଣ୍ଣ ବୋଲି କହିଛନ୍ତି ହାଇକୋର୍ଟ। କୌଣସି ବ୍ୟକ୍ତି ନିଜ ମାମଲାରେ ନିଜେ ବିଚାରକ ହୋଇପାରିବେ ନାହିଁ ବୋଲି କହିବା ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଏବଂ ଅପିଲ୍ ପ୍ରକ୍ରିୟାକୁ ନେଇ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ପ୍ରସନ୍ନ କୁମାର ପତିଙ୍କ ତରଫରୁ ଦାୟର ଏକ ଆବେଦନର ଶୁଣାଣି କରି ଜଷ୍ଟିସ୍ ଭି. ନରସିଂହ ଏହି ରାୟ ଦେଇଛନ୍ତି। ଅପିଲ୍ କର୍ତ୍ତୃପକ୍ଷଙ୍କ ଗତ ୨୦୧୬ଏପ୍ରିଲ ୨୩ର ଆଦେଶକୁ ରଦ୍ଦ କରିବା ସହ ଆବେଦନକୁ ନୂତନ ଅପିଲ୍ କର୍ତ୍ତୃପକ୍ଷଙ୍କ ନିକଟକୁ ପୁନଃବିଚାର ପାଇଁ ପଠାଇଛନ୍ତି। ନୂତନ ଅପିଲ୍ କର୍ତ୍ତୃପକ୍ଷ ଆବେଦନକାରୀଙ୍କୁ ପକ୍ଷ ରଖିବାର ପୂର୍ଣ୍ଣ ସୁଯୋଗ ଦେଇ ଦୁଇ ମାସ ମଧ୍ୟରେ ନୂତନ ଆଦେଶ ଜାରି କରିବେ। ଏହି ଆବେଦନର ଚୂଡ଼ାନ୍ତ ନିଷ୍ପତ୍ତି ଉପରେ ଆବେଦନକାରୀଙ୍କ ଚାକିରି ବରଖାସ୍ତ ଆଦେଶର ଭବିଷ୍ୟତ ନିର୍ଭର କରିବ ବୋଲି କହିଛନ୍ତି ହାଇକୋର୍ଟ। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ପ୍ରସନ୍ନ କୁମାର ପତି ସେସୁ ତଥା ଟିପିସିଓଡିଏଲ ଅଧୀନରେ ଲାଇନ୍‌ମ୍ୟାନ୍-ଏ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ବିରୋଧରେ ଅର୍ଥ ହେରଫେର ଅଭିଯୋଗରେ ୨୦୦୭ ଏବଂ ୨୦୦୮ରେ ଦୁଇଟି ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା। ତଦନ୍ତ ପରେ, ୨୦୧୧ ଡିସେମ୍ବରରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କର୍ତ୍ତୃପକ୍ଷ ତାଙ୍କୁ ଚାକିରିରୁ ବରଖାସ୍ତ କରିବା ପାଇଁ ଆଦେଶ ଦେଇଥିଲେ। ଏହି ନିଷ୍ପତ୍ତି ବିରୋଧରେ ସେ ଅପିଲ୍ କରିଥିଲେ। ଯେଉଁ ଅଧିକାରୀ ଡିସିପ୍ଲିନାରୀ କର୍ତ୍ତୃପକ୍ଷ ଭାବେ ତାଙ୍କୁ ଚାକିରିରୁ ବରଖାସ୍ତ କରିଥିଲେ, ସେହି ଅଧିକାରୀ ପରବର୍ତ୍ତୀ ସମୟରେ ପଦୋନ୍ନତି ପାଇ ଅପିଲ୍ କର୍ତ୍ତୃପକ୍ଷ ଭାବେ ଅବସ୍ଥାପିତ ହୋଇଥିଲେ। ଗତ୨୦୧୬ ଏପ୍ରିଲ ୨୩ରେ ନିଜେ ଦେଇଥିବା ବରଖାସ୍ତ ଆଦେଶକୁ ଅପିଲ୍‌ରେ କାଏମ ରଖି ଆବେଦନକୁ ଖାରଜ କରିଦେଇଥିଲେ। ଏହାକୁ ଆବେଦନକାରୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

## ଓଡିଶା ପୁଲିସ୍ ପୂର୍ବାଞ୍ଚଳ ରେଞ୍ଜରେ ୧୨ ଜଣ ଅଧିକାରୀଙ୍କ ବଦଳି

ବାରିପଦା/ବାଲେଶ୍ୱର, ୧୯।୮ (ସମିସ): ଓଡିଶା ପୁଲିସ୍ ପୂର୍ବାଞ୍ଚଳ ରେଞ୍ଜ ମୁଖ୍ୟାଳୟ, ବାଲେଶ୍ୱର ପକ୍ଷରୁ ବୁଧବାର ରେଞ୍ଜ ପୁଲିସ୍ ଏଷ୍ଟାବ୍ଲିସ୍‌ମେଣ୍ଟ ବୋର୍ଡର ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ସବ ଇନିସପେକ୍ଟର ଓ ଇନିସପେକ୍ଟର ପଦବୀରେ ଥିବା ୧୨ ଜଣ ଅଧିକାରୀଙ୍କୁ ବିଭିନ୍ନ ଜିଲ୍ଲା ମଧ୍ୟରେ ବଦଳି କରାଯାଇଛି। ଏହି ବୈଠକ ଭର୍ଚୁଆଲ୍ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ବୋର୍ଡର ଅଧ୍ୟକ୍ଷ ପୂର୍ବାଞ୍ଚଳ ରେଞ୍ଜର ଡିଆଇଜି ପିନାକ ମିଶ୍ର, ସଦସ୍ୟ ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପଲ୍ଲି, ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିୱାକର, ରାଇରଙ୍ଗପୁର ଏସ୍‌ପି ସୁରେଶ କୁମାର ପାତ୍ର, ଓ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ ଯୋଗଦେଇ ବଦଳି ଆଦେଶରେ ନିଷ୍ପତ୍ତି ନେଇଛନ୍ତି ।

ଇନ୍‌ସ୍‌ପେକ୍ଟର ସଞ୍ଜୁକ୍ତା ମହାଲିକଙ୍କୁ ରାଇରଙ୍ଗପୁରରୁ ବାଲେଶ୍ୱର, ଇନ୍‌ସ୍‌ପେକ୍ଟର ଗୋପାଳ କୃଷ୍ଣ ଜେନାଙ୍କୁ ଭଦ୍ରକରୁ ବାଲେଶ୍ୱର, ଇନ୍‌ସ୍‌ପେକ୍ଟର ପ୍ରକାଶ କୁମାର ରଥଙ୍କୁ ମୟୂରଭଞ୍ଜରୁ ରାଇରଙ୍ଗପୁର, ଇନ୍‌ସ୍‌ପେକ୍ଟର ବାରିଣୀ ଦାସଙ୍କୁ ମୟୂରଭଞ୍ଜରୁ ରାଇରଙ୍ଗପୁର, ଇନ୍‌ସ୍‌ପେକ୍ଟର ସଦାନନ୍ଦ ନାଏକଙ୍କୁ ମୟୂରଭଞ୍ଜରୁ ରାଇରଙ୍ଗପୁର, ଇନ୍‌ସ୍‌ପେକ୍ଟର ଜୀବନ ମୋହନ ନାୟକଙ୍କୁ ମୟୂରଭଞ୍ଜରୁ ରାଇରଙ୍ଗପୁର, ଇନ୍‌ସ୍‌ପେକ୍ଟର ବିମଳ କୁମାର ନାୟକଙ୍କୁ ବାଲେଶ୍ୱରରୁ ଭଦ୍ରକ, ଇନ୍‌ସ୍‌ପେକ୍ଟର ସୁଚନ୍ଦ୍ରା ମହାଲିକଙ୍କୁ ବାଲେଶ୍ୱରରୁ ମୟୂରଭଞ୍ଜ, ଏସ୍‌ଆଇ ସୁବାସ ଚନ୍ଦ୍ର ମଲ୍ଲିକଙ୍କୁ ବାଲେଶ୍ୱରରୁ ଭଦ୍ରକ, ଏସ୍‌ଆଇ ଭାଗ୍ୟଜିତ ନାୟକଙ୍କୁ ଭଦ୍ରକରୁ ବାଲେଶ୍ୱର, ଏସ୍‌ଆଇ ରସାନନ୍ଦ ନାୟକଙ୍କୁ ଭଦ୍ରକରୁ ମୟୂରଭଞ୍ଜ ଓ ଏସ୍‌ଆଇ ମୋବାସର ଆଲମ ଖାନଙ୍କୁ ମୟୂରଭଞ୍ଜରୁ ଭଦ୍ରକ ପୁଲିସ ଜିଲ୍ଲାକୁ ବଦଳି କରାଯାଇଛି । ବୋର୍ଡ ବିଦ୍ୟମାନ ଖାଲି ପଦ, ପ୍ରଶାସନିକ ଆବଶ୍ୟକତା, ବ୍ୟକ୍ତିଗତ ଆବେଦନ ଓ ଲୋକସେବାର ସ୍ୱାର୍ଥକୁ ଧ୍ୟାନରେ ରଖି ଏହି ବଦଳି ନିଷ୍ପତ୍ତି ନେଇଛି।

## ପରଲୋକରେ ପୂର୍ବତନ ବିଧାୟକ ଶିବାଜୀ ମାଝୀ

ଲାଞ୍ଜିଗଡ଼,୧୯।୮ (ସମିସ): କଳାହାଣ୍ଡି ଜିଲ୍ଲା ତଥା ଲାଞ୍ଜିଗଡ଼ ଅଞ୍ଚଳ ପାଇଁ ଆଜି ଏକ ଅପୂରଣୀୟ କ୍ଷତି। ପୂର୍ବତନ ଲାଞ୍ଜିଗଡ଼ ବିଧାୟକ ତଥା ପୂର୍ବତନ ସ୍ୱତନ୍ତ୍ର ଅନୁସୂଚିତ ଜାତି ଓ ଜନଜାତି ପରିଷଦ ଅଧ୍ୟକ୍ଷ ଶିବାଜୀ ମାଝୀ (୫୪)ଙ୍କର ମଙ୍ଗଳବାର ବିଳମ୍ବିତ ରାତିରେ ନିଜ ଗାଁ ବିଜେପୁର ପଞ୍ଚାୟତସ୍ଥିତ ଦନାରଗୁଡ଼ାରେ ପରଲୋକ ଘଟିଛି। କିଛିଦିନ ତଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଭବାନୀପାଟଣା ଏବଂ ସେଠାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସା ପରେ ଡିସଚାର୍ଜ ହୋଇ ସେ ନିଜ ଗାଁକୁ ଫେରିଥିଲେ। ମଙ୍ଗଳବାର ରାତି ୨ଟା ସମୟରେ ତାଙ୍କର ଦେହାନ୍ତ ହୋଇଛି। ଓଡ଼ିଶା ରାଜନୀତିରେ ନିଜର କ୍ୟାରିୟର ଆରମ୍ଭ କରି ଲାଞ୍ଜିଗଡ଼ ନୂତନ ନିର୍ବାଚନମଣ୍ଡଳୀ ଗଠନ ପରେ ୨୦୦୯

- କର୍ମନିଷ୍ଠ ଜନସେବକଙ୍କୁ ହରାଇଲା କଳାହାଣ୍ଡି
- ନିଜ ଗାଁରେ ନେଲେ ଶେଷ ନିଃଶ୍ୱାସ, ଆଦିବାସୀ ବିକାଶର ଥିଲେ ଅଗ୍ରଦୂତ



ରୁ ୨୦୧୪ ପର୍ଯ୍ୟନ୍ତ କଂଗ୍ରେସରୁ ସେ ଲାଞ୍ଜିଗଡ଼ର ପ୍ରଥମ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ଲାଞ୍ଜିଗଡ଼ ଓ ଥୁଆମୂଳ ରାମପୁର, ଜୟପାଟଣା, ଆଦିବାସୀ ବହୁଳ ଓ ଦୁର୍ଗମ ଅଞ୍ଚଳର ବିକାଶ ପାଇଁ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେବା ପରେ କଳାହାଣ୍ଡି ଜିଲ୍ଲାରେ ସ୍ୱତନ୍ତ୍ର ଅନୁସୂଚିତ ଜାତି ଓ ଜନଜାତି ପରିଷଦ ଗଠନ ହେବାପରେ ସେ ଏହାର ପ୍ରଥମ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ ସମୟରେ ଜିଲ୍ଲାର ଆଦିବାସୀ ଓ ଦଳିତ ଅଞ୍ଚଳର ବିକାଶ ପାଇଁ ସେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ। ବିଧାୟକ ହେବାପରେ ମଧ୍ୟ ସେ ସବୁବେଳେ ସରଳ ଜୀବନ ଯାପନ କରୁଥିଲେ। ତାଙ୍କର ଲୋକସମ୍ପର୍କ ଓ ସ୍ନେହମୟୀ ବ୍ୟକ୍ତିତ୍ୱ ପାଇଁ ସେ ସମସ୍ତଙ୍କ ପ୍ରିୟ ଥିଲେ। ତାଙ୍କ ବିୟୋଗ ଖବର ପାଇବା ପରେ ସମଗ୍ର ରାଜ୍ୟ ତଥା ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ଆଜି ଅପରାହ୍ନ ସାଢ଼େ ୧ ଟା ସମୟରେ ଗାଁ ଦାନାରୀଗୁଡା ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ଲାଞ୍ଜିଗଡ଼ ବିଧାୟକ ତଥା ଜିଲ୍ଲା ସଭାପତି ପ୍ରଦୀପ କୁମାର ଦିଶାରୀ, ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, କଳାହାଣ୍ଡି ସାଂସଦ ମାଳବିକା ସିଂ ଦେଓ, ପିସିସି ସଭାପତି ଭକ୍ତଚରଣ ଦାସ, ପୂର୍ବତନ ମନ୍ତ୍ରୀ ଡ଼ ବଳଭଦ୍ର ମାଝୀ, ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ, ନର୍ଲା ବିଧାୟିକା ମନୋରମା ମହାନ୍ତି, ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କ ସମେତ ରାଜ୍ୟ ତଥା ଜିଲ୍ଲାର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି।

## ହୀରାକୁଦରୁ ୧୭ ଗେଟ୍‌ଦେଇ ନିଷ୍କାସନ

## ପୁଣି ମହାନଦୀରେ ବନ୍ୟା ଆଶଙ୍କା

ସମ୍ବଲପୁର,୧୯।୮ (ସମିସ): ହୀରାକୁଦ ଉପରମୁଣ୍ଡରେ ବର୍ଷା ଓ ଜଳଭଣ୍ଡାରକୁ ପ୍ରବେଶ ଜଳ ପରିମାଣ ପାଖାପାଖି ୪ ଲକ୍ଷ କ୍ୟୁସେକ୍ ହେବାପରେ ଆଜି ପର୍ଯ୍ୟାୟକ୍ରମେ ଆଉ ୨ଟି ଗେଟ୍ ଖୋଲାଯାଇଛି। ଗତକାଲି ୧୫ଟି ଗେଟ୍ ଖୋଲା ଥିବାବେଳେ ଆଜି ପୂର୍ବାହ୍ଣ ସାଢ଼େ ୧୦ଟା ସମୟରେ ଆଉ ୨ଟି ଗେଟ୍ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବର୍ତ୍ତମାନ ମୋଟ୍ ୧୭ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଜଳଭଣ୍ଡାରର ଜଳସ୍ତର ୬୨୦ ଫୁଟ୍‌ରେ ପହଞ୍ଚିଲାଣି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୦.୭୧ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୧୧ଟି ଏବଂ ଡାହାଣ ପାର୍ଶ୍ୱର ୬ଟି ଏହିଭଳି ମୋଟ ୧୭ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩,୯୧,୫୪୫ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୯୭,୬୫୩ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୬୭,୨୪୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚ୍ୟାନେଲ ଦେଇ ୨୭୫୩୩ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୨୬୫୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୨୬,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୫୬,୮୯୨ କ୍ୟୁସେକ୍, ଖଇରମାଲଠାରେ ୪,୦୦,୦୦୦ କ୍ୟୁସେକ୍, ବାରମୁଲଠାରେ ୩,୮୫,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୨,୯୬,୧୩୭ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ବୁଧବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧୭.୦୯ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୭.୨୩ ମିମି ବର୍ଷା ରେକର୍ଡ କରାଯାଇଛି। ହୀରାକୁଦର ୧୭ ଗେଟ୍ ଦେଇ ଜଳ ନିଷ୍କାସନ ହେଉଥିବାରୁ ମହାନଦୀର ତଳ ମୁଣ୍ଡରେ ବନ୍ୟା ଆଶଙ୍କା ଦେଖାଦେଇଛି।

**ପ୍ରବେଶ କରୁଛି ସେକେଣ୍ଡପ୍ରତି ୩.୯୧ ଲକ୍ଷ କ୍ୟୁସେକ୍ ଜଳ, ଜଳସ୍ତର ୬୨୦.୭୧ ଫୁଟ୍**

## ବାଲେଶ୍ୱର ବନ୍ୟା ମୁକାବିଲାରେ ସରକାର ସମ୍ପୂର୍ଣ୍ଣ ବିଫଳ: ବିଜେଡି

ବାଲେଶ୍ୱର,୧୯।୮ (ସମିସ): ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ନଦୀରେ ସୃଷ୍ଟି ହୋଇଥିବା ଭୟଙ୍କର ବନ୍ୟା ପରିସ୍ଥିତିକୁ ଆକଳନ କରିବାରେ ଏବଂ ମୁକାବିଲା କରିବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ବନ୍ୟା ଆସିବାର ଦୁଇ ସପ୍ତାହ ପରେ ବି ଏଯାଏ ଜିଲ୍ଲାର ବହୁ ସ୍ଥାନରେ ବନ୍ୟା ବିପନ୍ନଙ୍କ ନିକଟରେ ରିଲିଫ୍ ସାମଗ୍ରୀ ମଧ୍ୟ ପହଞ୍ଚି ନାହିଁ। ବନ୍ୟା ପାଣି ପଶି ଘର ଭାଙ୍ଗିଥିବା ଲୋକଙ୍କୁ ପଲିଥିନଟିଏ ମଧ୍ୟ ମିଳିନାହିଁ। କିଛି କିଛି ସ୍ଥାନରେ ଲୋକଙ୍କୁ ଚୁଡ଼ା ଗଣ୍ଡାଏ ଦେଇ ପ୍ରଶାସନ ନିଜ ଦାୟିତ୍ୱ ସାରିଦେଇଛି। ଆଜି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଜିଲ୍ଲାର ବନ୍ୟାଞ୍ଚଳ ଗସ୍ତରେ ଆସିଥିବା ରାଜ୍ୟ ବିଜେଡି ଉପସଭାପତି ସଂଜୟ ଦାସବର୍ମା ଏଭଳି ଅଭିଯୋଗ ଆଣିଛନ୍ତି ଏବଂ ଏହି ବିଫଳତା ପାଇଁ ସରକାରୀ ଉଦାସୀନତା ଓ ପ୍ରଶାସନିକ ଅପାରଗତାକୁ ଦାୟୀ କରିଛନ୍ତି।

ଶ୍ରୀ ଦାସବର୍ମାଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ଦଳ ଆଜି ସକାଳେ ଭୋଗରାଇ ବ୍ଲକରୁ ବନ୍ୟାଞ୍ଚଳ ପରିଦର୍ଶନ ଆରମ୍ଭ କରିଥିଲେ। ଡଙ୍ଗାରେ ବିଭିନ୍ନ ପଞ୍ଚାୟତ ବୁଲି ଲୋକଙ୍କ ଦୁଃଖ ଦୁର୍ଦ୍ଦଶାକୁ ପ୍ରତ୍ୟକ୍ଷ ଭାବେ ଅନୁଭବ କରିଥିଲେ। ପରେ ବାଲିଆପାଳ ଓ ବସ୍ତା ବ୍ଲକ୍ ର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ବିପନ୍ନ ଲୋକଙ୍କ ଦୁର୍ଦ୍ଦଶା ଓ ସମସ୍ୟା ସଂପର୍କରେ ଅବଗତ ହୋଇଥିଲେ। ସନ୍ଧ୍ୟାରେ ବାଲେଶ୍ୱର ଷ୍ଟେସନ କ୍ଲବରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କୁ ଟାର୍ଗେଟ କରି ଶ୍ରୀ ଦାସବର୍ମା କହିଥିଲେ ଯେ ବାଲେଶ୍ୱରବାସୀଙ୍କ ପାଇଁ ବନ୍ୟା ନୂଆ ନୁହେଁ। କିନ୍ତୁ ଏ ସରକାର ପ୍ରବଳ ବର୍ଷା ଏବଂ ତଦଜନିତ ବନ୍ୟାକୁ ଠିକ୍ ଭାବେ ଆକଳନ କରିପାରିଲେ ନାହିଁ



କି ବନ୍ୟାକୁ ପରିଚାଳନା କରିପାରିଲେ ନାହିଁ। ବର୍ଷା ପାଣିରେ ବାଲେଶ୍ୱର ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଲାବେଳେ ଜଳ ନିଷ୍କାସନ ପାଇଁ ଉପଯୁକ୍ତ ପଦକ୍ଷେପ ମଧ୍ୟ ନେଇ ପାରିଲେ ନାହିଁ। ପରବର୍ତ୍ତୀ ସମୟରେ ବୁଢ଼ାବଳଙ୍ଗ, ସୋନ, ଗଙ୍ଗାହାର, କାଂଶବାଂଶ, ଜଳକା ଓ ସୁବର୍ଣ୍ଣରେଖାରେ ଆସିଥିବା ବନ୍ୟାକୁ ମୁକାବିଲା କରିବାରେ ବିଫଳ ହେଲେ। ଶ୍ରୀ ଦାସବର୍ମା ଆହୁରି କହିଲେ ଯେ ଚଳିତ ବର୍ଷାର ବନ୍ୟା ଯୋଗୁଁ ବାଲେଶ୍ୱର ଜିଲ୍ଲାର ଶହ ଶହ ଗାଁ ଏବେ ବି ପାଣି ଘେରରେ ଥିବା ବେଳେ ୫ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। କିନ୍ତୁ ସରକାରଙ୍କ ନିଦ ଭାଙ୍ଗୁ ନାହିଁ। ଏଯାଏ ଲୋକଙ୍କୁ ଚାଉଳ ଗଣ୍ଡେ ଦିଆଯାଇନି। ବନ୍ୟା ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ରିଲିଫ ଓ ପଲିଥିନ ଆଦି ନ ପହଞ୍ଚିବା ସରକାରଙ୍କ ଚରମ ବିଫଳତାକୁ ପଦାରେ ପକାଇ ଦେଇଛି। ତେଣୁ ସରକାର ତୁରନ୍ତ ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ଶୁଖିଲା ଖାଦ୍ୟ, ଗୋଖାଦ୍ୟ ଓ ରନ୍ଧା ଖାଦ୍ୟ ଯୋଗାଇ ଦିଅନ୍ତୁ। ବନ୍ୟା ଯୋଗୁଁ ଦୁଇ ଦୁଇ ଥର ଚାଷ ସଂପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଥିବାରୁ ତୁରନ୍ତ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ରିଲିଫ କୋର୍ଡ ଅନୁସାରେ କ୍ଷତିପୂରଣ ପ୍ରଦାନ ସହ କୃଷିଋଣ ଛାଡ଼ କରିବାକୁ ସେ ଦାବି କରିଥିଲେ। ଏହା ବ୍ୟତୀତ ବନ୍ୟା ଅଞ୍ଚଳରେ ବୁଡ଼ି ରହିଥିବା ଉଠାଜଳସେଚନ ପଏଣ୍ଟ, ବିଦ୍ୟୁତ ଭିତ୍ତିଭୂମିର ପୁନରୁଦ୍ଧାର କରିବା ସହ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାଘାଟ, ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ ସେ ଦୃଢ ଦାବି କରିଥିଲେ। ଶେଷରେ ସେ ବାଲେଶ୍ୱର ଜିଲ୍ଲାରେ ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଉଚ୍ଚସ୍ତରୀୟ ବୈଠକ ମାଧ୍ୟମରେ ଆଲୋଚନା କରି ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଆଜି ବନ୍ୟାଞ୍ଚଳ ଗସ୍ତ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡି ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସୋର ବିଧାୟକ ମାଧବ ଧଡ଼ା, ବରିଷ୍ଠ ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଭୋଗରାଇ ବିଜେଡି ସଭାପତି ଗଣପତି ଗିରି, ବସ୍ତା ବିଜେଡି ସଭାପତି ମହାଦେବ ଦାସ, ବାଲିଆପାଳ ବିଜେଡି ସଭାପତି ଭଗବାନ ଗିରି ପ୍ରମୁଖ ଉପସ୍ଥିତ ଥିବାବେଳେ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ସ୍ୱରୂପ ଦାସ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ, ରାଜ୍ୟ ଯୁବ ବିଜେଡିର କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

- ଶହ ଶହ ଗାଁ ପାଣି ଘେରରେ, ୫ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ
- ବର୍ଷା ଓ ବନ୍ୟାରେ ସଂପୂର୍ଣ୍ଣ ଉଜୁଡ଼ି ଯାଇଛି ଖରିଫ ଧାନଚାଷ
- ଦୁଇ ସପ୍ତାହ ପରେ ବି ଲୋକଙ୍କ ପାଖରେ ପହଞ୍ଚିନି ରିଲିଫ୍ କି ପଲିଥିନ୍
- ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ସହ କୃଷି ଋଣ ଛାଡ଼ କରିବାକୁ ଦାବି

### ତାମିଲନାଡୁ ଗ୍ୟାସ ଦୁର୍ଘଟଣା

# ଗୁରୁତର ଆହତଙ୍କୁ ଚିକିତ୍ସା କି ସହାୟତା ଦେଲେନି ସରକାର

କେନ୍ଦୁଝର, ୧୯।୮ (ସମିସ)

ତାମିଲନାଡୁ ଆମୋନିଆ ଗ୍ୟାସ ଲିକ ଦୁର୍ଘଟଣାରେ କେନ୍ଦୁଝର ଜିଲ୍ଲାର ୧୪ରୁ ଅଧିକ ଜନଜାତି ଜୁଆଙ୍ଗ ଯୁବକ ଯୁବତୀଙ୍କର ମୃତ୍ୟୁ ହେଲା। ସାରାଦେଶରେ ଘଟଣାଟି ଚର୍ଚ୍ଚାରେ ରହିଲା। ଘଟଣାରେ ମୃତକଙ୍କୁ ଜିଲ୍ଲାକୁ ଫେରେଇ ଆଣିବା ଆହତଙ୍କ ସମସ୍ତ ଚିକିତ୍ସା ସୁବିଧା ପାଇଁ ବରିଷ୍ଠ ଅଧିକାରୀମାନେ ତାମିଲନାଡୁରେ ଡେରା ପକେଇଲେ; କିନ୍ତୁ ଗୁରୁତର ଆହତ ଜଣେ ଯୁବତୀଙ୍କର ଚିକିତ୍ସା ସୁବିଧା ବା ଆର୍ଥିକ ସହାୟତା କରିବାକୁ ପ୍ରଶାସନ ଭୁଲିଗଲା। ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାର ଏହି ଘଟଣା ଅଧିକ ଦୁଃଖଦ ପରିସ୍ଥିତି ସୃଷ୍ଟି କରିଛି। ଘଟଣାରେ ମୃତକମାନେ ସମସ୍ତେ ଜୁଆଙ୍ଗ ଆଦିମ ଜନଜାତି ବର୍ଗର ହୋଇଥିବାରୁ ବିପଦ ସମୟରେ ମୃତକ ପରିବାର ସାହା ହେବାକୁ ବିଭିନ୍ନ ରାଜନୈତିକ ଦଳର ନେତା ମୃତକ ପରିବାରକୁ ଭେଟି ଅନେକ ସାନ୍ତ୍ୱନା ଦେଲେ। କିନ୍ତୁ ଏହି ଦୁର୍ଘଟଣାର ଶିକାର ହୋଇ ଗୁରୁତର ଆହତ ହୋଇଥିବା ଏପରିକି ସାରାଜୀବନ ଅକର୍ମଣ୍ୟ ହେବା ଭଳି ପରିସ୍ଥିତି ଭୋଗୁଥିବା ଜଣେ ଝିଅକୁ ନା ମିଳିପାରୁଛି ଚିକିତ୍ସା ସୁବିଧା ନା ସରକାରୀ ସହାୟତା। ଏଭଳି ସମ୍ବେଦନଶୀଳ ଓ ସ୍ପର୍ଶକାତର ଘଟଣାରେ ଗୁରୁତର ଆହତଙ୍କ ପ୍ରତି ସରକାର ଓ ଜିଲ୍ଲା ପ୍ରଶାସନ କେତେ ସମ୍ବେଦନଶୀଳ ତାହା ସମସ୍ତଙ୍କୁ ବ୍ୟଥିତ କରୁଛି। ଦୁର୍ଘଟଣାରେ ନାବାଳିକା ଏବଂ ମହିଳା ମଧ୍ୟ ପ୍ରାଣ ହରାଇଲେ। ଦୁର୍ଘଟଣାରେ ଶିକାର ମୃତକଙ୍କୁ ଓ ସେଠାରେ କାମ କରୁଥିବା ଆଉ ୫୮ ଜଣଙ୍କୁ ପ୍ରଶସନ ଫେରାଇ ଆଣିଲା। କିନ୍ତୁ ସେଠାକାର ରାଜୀବଗାନ୍ଧୀ ହସ୍ପିଟାଲରେ ଗୁରୁତର ହୋଇ ଚିକିତ୍ସା ହେଉଥିବା ଘଟଗାଁ ବ୍ଲକ ମକ୍ଷିଣାଯୋଡ଼ି ବିନିଦା ଗ୍ରାମର କେଦାର ଜୁଆଙ୍ଗଙ୍କ ଝିଅ ସୀମା ଜୁଆଙ୍ଗ (୨୧) ର ଚିକିତ୍ସା ସୁବିଧା, ଚିକିତ୍ସା ସହାୟତା କରିବାକୁ ପ୍ରଶାସନ ଭୁଲିଯାଇଥିବା କେଦାର ଜୁଆଙ୍ଗ ଅଭିଯୋଗ କରିଛନ୍ତି। ତାମିଲନାଡୁରୁ ଗୁରୁତ୍ୱର ଝିଅକୁ ବାଧହୋଇ ନିଜେ ନିଜ ସୁବିଧାରେ ୭/୮/୨୦୨୬ରେ ଘରକୁ ଫେରେଇ ଆଣିଛନ୍ତି କେଦାର। ଅସହାୟ ବାପା ଝିଅର ଉଚ୍ଚତର ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାରେ ଗତ ୮/୮/୨୦୨୬ରୁ ଭର୍ତ୍ତିକରି ୧୬/୮/୨୦୨୬ରେ ଫେରେଇ ଆଣିଛନ୍ତି। ତାଙ୍କର କହିବା କଥା ଝିଅକୁ ତାମିଲନାଡୁରୁ ଆଣି କଟକରେ ଚିକିତ୍ସା କରିବା ପର୍ଯ୍ୟନ୍ତ ଧାର କରଜରେ ଲକ୍ଷାଧିକ ଟଙ୍କା ସାରିଲେଣି। ତାଙ୍କ ପାଖରେ ଆଉ ସମ୍ବଳ ନାହିଁ କି ସାମର୍ଥ୍ୟ ମଧ୍ୟ ନାହିଁ। ପ୍ରଶାସନ ମଧ୍ୟ କିଛି ସହାୟତା କଲାନାହିଁ। ଏଭଳି ପରିସ୍ଥିତିରେ ଝିଅକୁ କିପରି ସୁସ୍ଥ କରିବେ ଚିନ୍ତାରେ ରାତ୍ରିରେ ନିଦ ହେଉନଥିବା ସେ କହିଛନ୍ତି। କିଛି ଉପାୟ ନପାଇ ଶେଷରେ ବୁଧବାର ଅକର୍ମଣ୍ୟ ଝିଅ ସହ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଉଭୟ ବାପଝିଅ।



**ଅକର୍ମଣ୍ୟ ସଦୃଶ ଝିଅକୁ ଧରି ବାପା ଚିନ୍ତାରେ**

ଝିଅଟି ଚାଲି ମଧ୍ୟ ପାରୁନି କି କଥା ମଧ୍ୟ କହିପାରୁନାହିଁ। ଏଭଳି ସ୍ଥିତିରେ ଝିଅର ଚିକିତ୍ସା ହେବ କିପରି ତାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି କେଦାର। ଝିଅଟିର ଅବସ୍ଥାକୁ ଦେଖି ତାଙ୍କ ବାପା ଆଉ ସହ୍ୟ କରିପାରୁନାହାନ୍ତି ବୋଲି କହିଛନ୍ତି। ତେଣୁ ପ୍ରଶାସନ କଥାଟିକୁ ଗୁରୁତ୍ୱ ଦେଇ ଝିଅର ଚିକିତ୍ସା ବ୍ୟବସ୍ଥା ଏବଂ ଆର୍ଥିକ ସହାୟତା ଯୋଗାଇଦେବାକୁ ସେ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ ଯେ ତାମିଲନାଡୁ ରାଜ୍ୟର ତିରୁଭାଲୁର ଜିଲ୍ଲାରେ ଥିବା ସେଣ୍ଟ ପିଟର୍ସ ଆଣ୍ଡ ପଲ୍ ସି ଫୁଡ୍ ଏକ୍ସପୋର୍ଟସ ପ୍ରାଇଭେଟ ଲିମିଟେଡ କମ୍ପାନୀରେ କେନ୍ଦୁଝର ଜିଲ୍ଲାରୁ ଦାଦନ ଯାଇ ୭୦ ଅଧିକ କାମ କରୁଥିଲେ। କାମ କରୁଥିବା ସମୟରେ କାରଖାନାର ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟନା ଘଟିଥିଲା। ଏଥିରେ ଅନେକଙ୍କ ମୃତ୍ୟୁହୋଇଥିଲା। ଉପରୋକ୍ତ ଘଟଣାରେ ସୀମା ଜୁଆଙ୍ଗ ମଧ୍ୟ ଗୁରୁତର ଆହତ ହୋଇଥିଲେ। କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକର ତଳଚମ୍ପେଇ, କୋଡିପସା, ବରାହଗଡ, ଗୋନାସୀକା, କାଞ୍ଜିପାଣି, କୋଡିପଶା, ହରିଚନ୍ଦନପୁର ବ୍ଲକର ସୁନାପେଣ୍ଟ, ବାରେଇଗଡା, ଗୁଡାକମଣ, ହୁଣ୍ଡା, ମୌନଗୋଡ଼ା, ପୀଠଗଡା, ପିଠାଗୋଳା, ତେନ୍ତଳାପଶି, ତେଲକୋଇ ବ୍ଲକର ତାଳପଦା, ବିମଳାରୁ, ଓରିଆ, ଶିବନାରାୟଣପୁରଗୋଡ଼ା ଅଞ୍ଚଳରୁ ଦଲାଲ ମାଧ୍ୟମରେ ଯୁଆଙ୍ଗମାନେ ତାମିଲନାଡୁକୁ ଦାଦନ ଯାଇଥିବାବେଳେ ଏଭଳି ଘଟଣା ଘଟିଥିଲା। ପ୍ରଶସନ ମୃତକ ପରିବାରକୁ ସହାୟତା ଯୋଗାଇ ଚୁପ ବସିଥିବାବେଳେ ଦୁର୍ଘଟଣାରେ ଗୁରୁତର ହୋଇ ଅକର୍ମଣ୍ୟ ଭଳି ପରିସ୍ଥିତିରେ ଜୀବନ ବିତାଉଥିବା ସୀମା ଜୁଆଙ୍ଗକୁ କି ସୁବିଧା ମିଳୁଛି ତାହା ସମୟ କହିବ।

## ଦାଦନ ଶ୍ରମିକଙ୍କୁ ତାମିଲନାଡୁରେ ନିର୍ଯାତନା ଅଭିଯୋଗ




ତୁରୁମୁଙ୍ଗା, ୧୯।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସାହାରପଡ଼ା ବ୍ଲକ ତେଣ୍ଡରା ପଞ୍ଚାୟତ ଖିଲାରିପାଟ ନୂଆଗାଁ ଗ୍ରାମର ରିତୁ ହୋ(୩୦), ଲକ୍ଷ୍ମୀ ହୋ(୨୨) ଏବଂ ତାଙ୍କ ୪ ବର୍ଷର ପୁଅ ପିୟୁସ ହୋ, ଚକ୍ରଧର ହୋ (୪୫) ମଙ୍ଗୁଲ ହୋ(୨୦) ଏବଂ ନିଶ୍ଚିନ୍ତପୁର ଗ୍ରାମର ଲକ୍ଷ୍ମୀଧର ମୁଣ୍ଡା (୧୬)ଙ୍କୁ ଦୁଇ ମାସ ପୂର୍ବରୁ କାମ ଯୋଗାଇଦେବାକୁ କହି ଜଣେ ଦଲାଲ ତାମିଲନାଡୁ ନେଇ ସେଠାରେ ମାସକୁ ୧୨ ହଜାର ଟଙ୍କା ଦରମାରେ ଏକ ଟାୟାର କାରଖାନାରେ କାମ କରିବାକୁ ନିୟୋଜିତ କରାଇବା ଅଭିଯୋଗ ହୋଇଛି। ତେବେ ସେଠାରେ ଦରମା ନଦେଇ ଶ୍ରମିକମାନଙ୍କୁ କାମ କରାଯାଉଥିବା ସହ ନିର୍ଯାତନା ଦିଆଯାଉଥିବା ନେଇ ପରିବାର ଲୋକେ ମଙ୍ଗଳବାର ରାତିରେ ପାଟଣା ଥାନାର ଦ୍ୱାରସ୍ଥ ହୋଇ ରତୁ ହୋଙ୍କ ମା' ସୋମବାରୀ ହୋ ପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପାଟଣା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ସାଇଁକୁଳ ବଜାର ୧୦ ଦିନହେଲା ଅନ୍ଧାର

ଆନନ୍ଦପୁର, ୧୯।୮ (ସମିସ): ଘସିପୁରା ବ୍ଲକ ସାଇଁକୁଳ ବଜାରରେ ଥିବା ଷ୍ଟ୍ରିଟ ଲାଇଟ ପନ୍ଦର ଦିନ ହେବ ବନ୍ଦ ହେଇ ପଡିଛି। ସେଥିପ୍ରତି ନା କାହାର ଧ୍ୟାନ ଅଛି ନା କାହାର ପ୍ରତିବାଦ ଅଛି। ଛୋଟ ଛୋଟ ପିଲାମାନେ ସନ୍ଧ୍ୟା ବେଳେ ଟ୍ୟୁସନରୁ ଫେରିଲା ବେଳେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ସାଇଁକୁଳ ବଜାର ପାଖରେ ଦୁଇଟି ଦେଶୀ ଓ ବିଦେଶୀ ମଦ ଦୋକାନ ଥିବା ବେଳେ ଏ ଅନ୍ଧାରର ସୁଯୋଗ ନେଇ ମଦ୍ୟ ପାନ କରି କିଛି ବି ଘଟିପାରେ। ବର୍ଷା ଦିନ ହୋଇଥିବାରୁ ପାଖରେ ଜଙ୍ଗଲ ଥିବାରୁ ବିଷଧର ସାପ ମାନ ବୁଲୁଥିବାର ଦେଖିବାକୁ ମିଳିଛି। ଅନ୍ଧାରର ଅସୁବିଧା ନେଇ ଆଗରୁ ଅନେକ ଥର ଅଭିଯୋଗ ହୋଇଛି। କିଛି ବି ଅପରାଧିକ କାର୍ଯ୍ୟକଳାପ ଘଟିବା ପୂର୍ବରୁ ଷ୍ଟ୍ରିଟ ଲାଇଟ ଠିକ କରିବା ପାଇଁ ଯୁବ ସମାଜସେବୀ ସନ୍ତୋଷ ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କୁ ନିବେଦନ କରିଛନ୍ତି।

## ନିମ୍ନମାନର ପାର୍କ ନିର୍ମାଣକୁ ନେଇ ଅସନ୍ତୋଷ

ଆନନ୍ଦପୁର, ୧୯।୮ (ସମିସ): ଘସିପୁରା ବ୍ଲକ ଭଣ୍ଡାରୀଡିହା ପଞ୍ଚାୟତ ନରସିଂହପୁର ଗ୍ରାମରେ ନିମ୍ନମାନର ମିନି ପାର୍କ ନିର୍ମାଣ କାର୍ଯ୍ୟକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବହୁ ବର୍ଷ ଧରି ଦାବି କରାଯାଉଥିବା ଘସିପୁରା ବ୍ଲକ ଅନ୍ତର୍ଗତ ଭଣ୍ଡାରୀଡିହା ପଞ୍ଚାୟତ ନରସିଂପୁର ଗ୍ରାମର ପାର୍କ ବାବଦକୁ ରାଜ୍ୟ ସରକାର ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ବେଳେ ସ୍ଥାନୀୟ ଠିକାଦାର ନିମ୍ନମାନର କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଠିକାଦାର ନିମ୍ନମାନର ସିମେଣ୍ଟ ସହ ପରିମାଣ କମ୍ ଦେଇଥିବାରୁ ଗ୍ରାମବାସୀ ବିରୋଧ କରିଛନ୍ତି। ଗ୍ରାମବାସୀ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରୁଥିଲେ ମଧ୍ୟ ଠିକାଦାର ଉଚ୍ଚ ବିଭାଗୀୟ ଅଧିକାରୀଙ୍କ କଥା ନଶୁଣି ମନମୁଖୀ କାର୍ଯ୍ୟ କରୁଛନ୍ତି। ଠିକାଦାର କାହା ଛତ୍ର ଛାୟା ତଳେ ରହି ମନମୁଖୀ କାର୍ଯ୍ୟ କରୁଛନ୍ତି ବୋଲି ଏହା ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଶ୍ନ ହୋଇଛି। ଅନ୍ୟପଟେ କନିଷ୍ଠ ଯନ୍ତ୍ରୀ ସଠିକ ଭାବେ କାର୍ଯ୍ୟ ତଦାରଖ କରୁନଥିବା ଅଭିଯୋଗ ହେଉଛି। ଏହି ପାର୍କ ନିର୍ମାଣ କାର୍ଯ୍ୟକୁ ସଠିକ ଭାବେ ଘସିପୁରା ବିଡ଼ିଓ ଓ ଆନନ୍ଦପୁର ଉପଜିଲ୍ଲାପାଳ ତଦାରଖ କରି ଉନ୍ନତ ମାନର କାର୍ଯ୍ୟ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



## ନଦୀରେ ଭାସିଯାଇ ଯୁବକ ମୃତ

ତୁରୁମୁଙ୍ଗା, ୧୯।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସାହାରପଡା ବ୍ଲକ ଭିରଳ ନଦୀର ପ୍ରଖର ଜଳସ୍ରୋତରେ ଭାସିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଦୁଧନାଳି ଗ୍ରାମର ଗୋବରା ମୁଣ୍ଡାଙ୍କ ପୁଅ ପାଣ୍ଡୁ (୩୪)। ସୂଚନା ଅନୁସାରେ, ପାଣ୍ଡୁ ମୁଣ୍ଡା ଗତକାଲି ଭିରଳ ନଦୀରେ ଗାଧୋଉଥିବା ସମୟରେ ଅସାବଧାନତା ଯୋଗୁଁ ପ୍ରଖର ଜଳସ୍ରୋତରେ ଭାସିଯାଇଥିଲେ। ଘଟଣା ପରେ ତାଙ୍କୁ ଖୋଜାଖୋଜି କରାଯାଇଥିବା ବେଳେ ବୁଧବାର ଖୁଣ୍ଟିଡ଼ିହା ଘାଟ ନିକଟରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସାହାରପଡା ଫାଣ୍ଡି ଏଏସଆଇ ପଞ୍ଚମୀ ମହାନ୍ତ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପାଟଣା ମେଡିକାଲକୁ ପଠାଇଛନ୍ତି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଉପାନ୍ତ ରଂଗମାଟିଆ ଗାଁରେ ପିଡିଏସ୍ ବଣ୍ଟନ



ତେଲକୋଇ, ୧୯।୮ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ତାଳପଦା ପଞ୍ଚାୟତ ଉପାନ୍ତ ରଂଗମାଟିଆ ଗ୍ରାମବାସୀ ପିଡିଏସ ଚାଉଳ ନେବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଥିଲେ। ତେବେ ଏହି ପ୍ରସଙ୍ଗକୁ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। କାରଣ ରଂଗମାଟିଆ ଗ୍ରାମବାସୀ ଜୁଆଙ୍ଗ ଜନଜାତି ଟ୍ରାକ୍ଟର ଯୋଗେ ତାଳପଦା ଗ୍ରାମପଞ୍ଚାୟତକୁ ଚାଉଳ ନେବା ପାଇଁ ଦିନତମାମ ଅପେକ୍ଷା ଏହି ଚାଉଳ ନେଇଥାନ୍ତି। ଏହି ଉପାନ୍ତ ପାହାଡ ପର୍ବତ ଘେରା ରଂଗମାଟିଆ ଗାଁ ପଞ୍ଚାୟତ କାର୍ଯ୍ୟାଳୟକୁ ୧୫କିମି ଦୂରରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ଏହି ସମସ୍ୟାକୁ ଦୂର କରିଛନ୍ତି ଜିଲ୍ଲାପାଳ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗତ ମଙ୍ଗଳବାର ରଂଗମାଟିଆ ଗାଁରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ ଓ ଯୋଗାଣ ନିରୀକ୍ଷକ ପିଣ୍ଟୁ ବେହେରାଙ୍କ ତତ୍ତ୍ୱାବଧାନରେ ଯୋଗାଣ ସହାୟକ ଦ୍ୱାରା ଜୁଲାଇ ଓ ଅଗଷ୍ଟ ମାସର ୪୩ଟି ପରିବାରକୁ ଚାଉଳ ବଣ୍ଟନ କରିଛନ୍ତି। ଏହି ଚାଉଳ ବଣ୍ଟନ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟକୁ ନ ଯାଇ ପ୍ରତ୍ୟେକ ମାସ ଉକ୍ତ ଗାଁରେ ହିଁ ଚାଉଳ ବଣ୍ଟନ କରାଯିବ ବୋଲି ଯୋଗାଣ ନିରୀକ୍ଷକ ଶ୍ରୀ ବେହେରା ପ୍ରକାଶ କରିଛନ୍ତି। ଏପରି ବ୍ୟବସ୍ଥାକୁ ନେଇ ଗ୍ରାମବାସୀଙ୍କ ମନରେ ଆନନ୍ଦ ଉଲ୍ଲାସ ଦେଖାଦେଇଛି। ଆଉ ପ୍ରଶାସନକୁ ଧନ୍ୟବାଦ ଦେଇଛନ୍ତି।

## କଂଗ୍ରେସର ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା



ଆନନ୍ଦପୁର, ୧୯।୮ (ସମିସ): ଓଡ଼ିଶା ଯୁବ କଂଗ୍ରେସ ରାଜ୍ୟ ସଭାପତି ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସମାରୋହ ଆନନ୍ଦପୁରରେ ଅନୁଷ୍ଠିତ ହୋଇଯାଇଛି। ବ୍ରିଜଛକ ଗୋଲେଇସ୍ଥିତ ମୁନସିପାଲିଟି କଲ୍ୟାଣ ମଣ୍ଡପଠାରେ ଆୟୋଜିତ ସଭାରେ ରାଜ୍ୟ ସ୍ମୃତି କମିଟି ସଭାପତି ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଅଧ୍ୟକ୍ଷତାରେ ପ୍ରାରମ୍ଭରେ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗ, ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ, ପୂର୍ବସଭାପତି ନିରଞ୍ଜନ ପଟନାୟକ ଜୟଦେବ ଜେନା, ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ, ବିଜୟଲକ୍ଷ୍ମୀ ସାହୁ, କଂଗ୍ରେସ ବିଧାୟକ ଶ୍ରୀ କାଡାମ ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ପିସିସି ସମ୍ପାଦକ ଆଲୋକ ମିଶ୍ର ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ କୁମାର ଧୀର, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ପୂର୍ବତନ ସାଂସଦ ଅନନ୍ତ ଚରଣ ସେଠୀ, ଜିଲ୍ଲା ଉପସଭାପତି ସୁବ୍ରତ କୁମାର ଚକ୍ର, କେନ୍ଦୁଝର ଜିଲ୍ଲା ସଭାପତି ଇଂ ମନୋଜ ଜେନା ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବାହିନୀପତି ସ୍ମୃତିଚାରଣ କରିଥିଲେ। ଆନନ୍ଦପୁର କଂଗ୍ରେସ ସଭାପତି ହାଡିବନ୍ଧୁ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ। ଟିକିନା ପଟନାୟକ, ବିଚ୍ଛୁ ଘଡେଇ, ପ୍ରାଣବଲଭ ରାମ ମୁରଲୀ ସାହୁ ମୁରଲୀଧର ମିଶ୍ର ସୁରେନ୍ଦ୍ର ସାହୁ ନିମାଇଁ ଦାଶ, ଅନୁପ ସାହୁ ଶଶି ଦାଶ, ଅକ୍ଷୟ ମହାନ୍ତ, ତ୍ରୈଲୋଚନ ବାରିକ, ଗୋଲକ ସ୍ୱାଇଁ ରମେଶ ବାରିକ ପରିଚାଳନା କରିଥିଲେ।

### ଭଡା ଟଙ୍କା ଆଣିବାକୁ ଯିବା ହେଲା କାଳ

## ଦୁର୍ଘଟଣାରେ ଗଲା ମହିଳାଙ୍କ ଜୀବନ

ତୁରୁମୁଙ୍ଗା, ୧୯।୮ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ କୋଡ଼ଖମଣ ଯମୁନାପଶି ରାସ୍ତାରେ ବୁଧବାର ଦୁର୍ଘଟଣା ଘଟି ଜଣେ ଅବିବାହିତ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଦ୍ମପୁର ଗ୍ରାମର କୈଳାଶ ମହାନ୍ତଙ୍କ ଝିଅ ପାର୍ବତୀ (୫୪)। ସେ ପଞ୍ଚାୟତକୁ ଏକ ବାଇକ୍‌ରେ ବସି ଯାଉଥିବା ସମୟରେ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା ରୁଜୁ ହୋଇଛି।

### ରାଜ୍ୟସ୍ତରୀୟ ପାୱାର ଲିଫ୍‌ଟିଙ୍ଗ ପ୍ରତିଯୋଗିତା

## ଆନନ୍ଦପୁରକୁ ୯ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ

ଆନନ୍ଦପୁର, ୧୯।୮ (ସମିସ): ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ପାୱାର ଲିଫଟିଙ୍ଗ ପ୍ରତିଯୋଗିତାରେ ଆନନ୍ଦପୁର ଦଳ ଅଂଶଗ୍ରହଣ କରି ୮ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ହାସଲକରିବାରଗୌରବଅର୍ଜନକରିଥିବାରୁଆନନ୍ଦପୁରଅଞ୍ଚଳରଖେଳାଳିଙ୍କମଧ୍ୟରେଆନନ୍ଦ ପ୍ରକାଶପାଇଛି। ଆନନ୍ଦପୁରଇଣ୍ଡୋରଷ୍ଟାଡିଅମପ୍ରଶିକ୍ଷକରୋଶନକୁମାରଙ୍କତତ୍ତ୍ୱାବଧାନରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ଆକାଶ କୁମାର ପାଲ ପାୱରଲିଫ୍ଟିଂ ଚାମ୍ପିଅନସିପ୍‌ରେ ୨ଟି ସ୍ୱର୍ଣ୍ଣ ପଦକ ହିତେଶ କୁମାର ମହାନ୍ତି ରାଜ୍ୟ ଡେଡଲିଫ୍ଟ ଚାମ୍ପିୟନସିପ୍‌ରେ ୨ଟି ସ୍ୱର୍ଣ୍ଣ ପଦକ ଉମେଶ ବାରିକ ବେଞ୍ଚ ପ୍ରେସ୍ ଚାମ୍ପିୟନସିପ୍‌ରେ ୧ଟି ସ୍ୱର୍ଣ୍ଣ ପଦକ ସୁଶୀଲ କୁମାର ମୁଖୀ ରାଜ୍ୟ ଡେଡଲିଫ୍ଟ ଚାମ୍ପିୟନସିପ୍‌ରେ ୧ଟି ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ବିଶ୍ୱଜିତ ସାମଲ ୩ୟ ରାଜ୍ୟ ଡେଡଲିଫ୍ଟ ଚାମ୍ପିୟନସିପ୍‌ରେ ୧ଟି ସ୍ୱର୍ଣ୍ଣ ପଦକ ଶକ୍ତି ଶିବାନୀ ଶର୍ମା ୬ଷ୍ଠ ରାଜ୍ୟ ବେଞ୍ଚ ପ୍ରେସ୍ ଚାମ୍ପିୟନସିପ୍‌ରେ ୧ଟି କାଂସ୍ୟ ପଦକ ଓ ୩ୟ ରାଜ୍ୟ ଡେଡଲିଫ୍ଟ ଚାମ୍ପିୟନସିପ୍‌ରେ ୧ଟି ସ୍ୱର୍ଣ୍ଣ ପଦକ ହାସଲ କରିବାରୁ ଆୟୋଜନ କମିଟି ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।



## ଘରୁ ସୁନାଗହଣା ଚୋରି

ହାଟଡିହୀ, ୧୯।୮ (ସମିସ): କେନ୍ଦୁଝର ନନ୍ଦିପଦା ଥାନା ବଡ଼ରମ୍ପାସ ଗ୍ରାମର ଅମିତ କୁମାର ସେନାପତିଙ୍କ ଘରୁ ରବିବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପରିବାର ଲୋକେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଝରକା ଭାଙ୍ଗି ଘରେ ପଶିଥିଲେ। ସୁନାଗହଣା ଏବଂ ନଗଦ ଟଙ୍କା ଲୁଟି ନେଇଛନ୍ତି। ଏନେଇ କେସ୍ ନମ୍ବର ୩୨୬/୨୬ ରେ ମାମଲା ରୁଜୁ ହୋଇଛି। ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯାଇଥିବା ତଦନ୍ତକାରୀ ଅଧିକାରୀ ବଳିଆ ବାରିକ କହିଛନ୍ତି। ପ୍ରକାଶ ଥାଉକି, ପୂର୍ବରୁ ନନ୍ଦିପଦା ଥାନା ଅଧୀନ ବିଭିନ୍ନ ସ୍ଥାନରୁ ସୁନାଗହଣା, ଯାନବାହନ ଆଦି ଚୋରି ଡ଼କାୟତି ହେଉଛି। ପୁଲିସ୍ କାଁ ଭାଁ ଘଟଣାର ପର୍ଦ୍ଦାଫାସ କରିବାରେ ସଫଳ ହେଉଥିବା ବେଳେ ଅନେକ ମାମଲାରେ ସୁଫଳ ମିଳିପାରୁ ନଥିବା ଅଭିଯୋଗ ହେଉଛି। ପୁଲିସ୍ ପକ୍ଷରୁ ପାଟ୍ରୋଲିଂ ଆହୁରି କଡ଼ାକଡି ହେଲେ ଚୋରି ଡ଼କାୟତିକୁ ମାତ୍ ଦେଇ ହୁଅନ୍ତା ବୋଲି ବିଭିନ୍ନ ମହଲରେ କୁହାଯାଇଛି।

## ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ; ଦୁର୍ଘଟଣା ହ୍ରାସ ଉପରେ ଗୁରୁତ୍ୱ

କେନ୍ଦୁଝର, ୧୯।୮ (ସମିସ): ଜିଲ୍ଲାପାଳଙ୍କ ମିନି କନଫରେନ୍ସ ହଲରେ ଜିଲ୍ଲା ସଡକ ସୁରକ୍ଷା ସମିତି ବୈଠକ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବିନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦୁଝର ଆଞ୍ଚଳିକ ପରିବହନ ଅଧିକାରୀ ଇଂ ମାନସ ରଞ୍ଜନ ସାହୁ, କେନ୍ଦୁଝର ସର୍କଲ ଖଣି ଉପନିର୍ଦ୍ଦେଶକ ଦିଲ୍ଲୀପ ସାହୁ, ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ ଏ. କାର୍ତ୍ତିକ ରେଡ୍ଡୀ, ଯୋଡା ସର୍କଲ ମାଇନିଂ ଅଫିସର ମାନସ ରଞ୍ଜନ ଭୋଇ, ଅବକାରୀ ଅଧୀକ୍ଷକ ତେଜରାଜ ଜାନୀ, ବଡବିଲ ଆଡିସନାଲ ଆରଟିଓ କାର୍ଯ୍ୟାଳୟର ଏମ୍ଭିଆଇ ଅରୁଣ ସାହୁ, ଏନ୍‌ଏଚ୍ ଡିଭିଜନ କେନ୍ଦୁଝରର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ପୁନମ ନିଲିମା ଟପ୍ପୋ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ପୂର୍ତ୍ତ ବିଭାଗର ଇଂ ରାକେଶ ଟପ୍ପୋ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବସନ୍ତ କୁମାର ପାତ୍ର, ବଡବିଲ ପୌରପାଳିକାର ରାଜେନ୍ଦ୍ର ନାରାୟଣ ଦାଶ, ସହାୟକ ମୋଟର ଯାନ ନୀରିକ୍ଷକ ଦିବ୍ୟଜ୍ୟୋତି ମହାନ୍ତ ଏବଂ ଅନ୍ୟାନ୍ୟ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଦୁର୍ଘଟଣାପ୍ରବଣ ସ୍ଥାନରେ ଗାଡିର ଗତି କମାଇବା ପାଇଁ ରମ୍ବଲର, ଧଳା ଚିହ୍ନ, ବ୍ଲିଙ୍କର ଲାଇଟ ଦେବା ସହ ସର୍ତ୍ତକ ସୂଚନା ଫଳକ ଦେବାକୁ ନିଷ୍ପତ୍ତି ହୋଇଥିଲା। ଜାତୀୟ ରାଜପଥ କଡ଼ ଢାବା ପାଶ୍ୱର୍ରେ ରାସ୍ତା କଡରେ ଟ୍ରକ ଏବଂ ଅନ୍ୟ ଗାଡି ଘଣ୍ଟା ଘଣ୍ଟା ଧରି ଛିଡା ହୋଇ ରହୁଛି। ରାସ୍ତା ପାର୍ଶ୍ୱ ଜବରଦଖଲ ଚିହ୍ନଟ କରି ଢାବା ଉଚ୍ଛେଦ କରିବାକୁ ନିଷ୍ପତ୍ତି ହୋଇଥିଲା। ଚିହ୍ନିତ ହୋଇଥିବା ୨୨ଟି ବ୍ଲାକ ସ୍ପଟ ଦୁର୍ଘଟଣା ନିରାକରଣ ପାଇଁ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଥିଲା। ଜାତୀୟ ରାଜପଥ ମେଡିଆନ କାଟି ଢାବା ଏବଂ ପେଟ୍ରୋଲ ପମ୍ପକୁ କରାଯାଇଥିବା ବେଆଇନ ରାସ୍ତା ବନ୍ଦ କରିବା ଏବଂ ଉଲ୍ଲଙ୍ଘନକାରୀଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ଏକ ସବ୍ କମିଟି ଗଠନ କରି ରାହାବୀର (ଗୁଡ ସମାରିଟାନ) ଚୟନ ଉପରେ ଆଲୋଚନା ହୋଇଥିଲା। ପରିବହନ ଆୟୁକ୍ତ ଓଡିଶାଙ୍କ ପତ୍ର ସଂଖ୍ୟା ୧୧୪୧୩-୨୨/୦୬/୨୦୨୬ ଅନୁଯାୟୀ ସଡକ ସୁରକ୍ଷା ଡ୍ୟାସବୋର୍ଡ କାର୍ଯ୍ୟାନ୍ୱୟନ ପାଇଁ ସମସ୍ତ ନୋଡାଲ ଅଫିସରଙ୍କ ନାମ, ପଦ ଓ ମୋବାଇଲ ନମ୍ବର ଏହି କମିଟିକୁ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି।



# ପୁଣି ୪ ଘର ଭାଙ୍ଗିଲେ ୨୭ ଟିକିଆ ହାତୀପଲ

### ପାଟଣା ରେଞ୍ଜ ଛାଡ଼ିଲେ ୨୦ ଟିକିଆ ହାତୀ ପଲ





ତୁରୁମୁଙ୍ଗା, ୧୯।୮ (ସମିସ)

କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ୨୭ ଟିକିଆ ହାତୀ ପଲ ପୃଥକ ପୃଥକ୍ ଅଞ୍ଚଳରେ ବିଳମ୍ବିତ ରାତିରେ ଉପଦ୍ରବ କରି ୫ଟି ଘର ଭାଙ୍ଗିଦେଇଛନ୍ତି। ମଙ୍ଗଳବାର ରାତିରେ ୭ଟିକିଆ ହାତୀପଲରୁ ଏକ ଗୋଠଛଡ଼ା ଦନ୍ତା ତଣ୍ଡବିଟ ଅନ୍ତର୍ଗତ ଘାଟବାଲିଯୋଡ଼ି ଗ୍ରାମର ପବିତ୍ର ମୋହନ ମହାନ୍ତଙ୍କ ଘର ଭାଙ୍ଗିବା ପରେ କରୁଣାକର ମହାନ୍ତଙ୍କ କୁକୁଡ଼ା ଫାର୍ମ ଭାଙ୍ଗି ଦେଇଛି। ୭ଟିକିଆ ହାତୀ ପଲ ବୁଧବାର ସନ୍ଧ୍ୟାରେ ପାଟଣା ସେକ୍ସନ ଅନ୍ତର୍ଗତ ତଣ୍ଡ ବିଟର ଅଟେଇ ସଂରକ୍ଷିତ ଜଙ୍ଗଲରେ ଡେରା ପକାଇଥିବା ବେଳେ ୨୦ଟିକିଆ ହାତୀ ପଲ ମଲ୍ଲିପଶି ବିଟ୍ ମୁଦ୍ରାବେଡା ଗ୍ରାମର ମଙ୍ଗଲୁ ମୁଣ୍ଡାଙ୍କ ଘର ଭାଙ୍ଗିବା ସହ ମୁଦ୍ରାବେଡା ସ୍କୁଲର ପାଚେରି ଏବଂ ସ୍କୁଲ ଗୃହର ପିଲର ଭାଙ୍ଗି ଦେଇଛନ୍ତି। ତେବେ ୨୦ଟିକିଆ ହାତୀପଲ ବୁଧବାର ବୈତରଣୀ ନଦୀ ପାର ଘଟଗାଁ ରେଞ୍ଜର ଢେଙ୍କିକୋଟ ସେକ୍ସନ ମହୁଲଡିହା ଅଞ୍ଚଳକୁ ପଳାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ପେଟିଏମ୍ ଖୋଲିବା ନାଁରେ ୯୦ ହଜାର ଠକେଇ

## ଅଭିଯୁକ୍ତ ପୁଲିସ କର୍ମଚାରୀଙ୍କ ପୁଅ, ରଫାଦଫା ଉଦ୍ୟମ

ବେତନଟୀ,୧୯।୮(ସମିସ): ଡିଜିଟାଲ୍ କାରବାର ସୁବିଧା ନାଁରେ ଜଣେ ଅସହାୟ ବିଧବା ମହିଳାଙ୍କଠାରୁ ୯୦ ହଜାର ଟଙ୍କା ଲୁଟ୍ ହୋଇଛି। ଲୋକେ ସାହସ ଦେଖାଇ ଠକଙ୍କୁ କାବୁ କରି ପୁଲିସର ଜିମା ଦେଇଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତ ଜଣକ ପୁଲିସ କର୍ମଚାରୀଙ୍କ ପୁଅ ହୋଇଥିବାରୁ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ବଦଳରେ ଟଙ୍କା ଫେରସ୍ତ ଆଳରେ ପୂରା ମାମଲାକୁ ଚାପି ଦେବାକୁ ଚେଷ୍ଟା କରାଯାଇଥିବା ସାମ୍ନାକୁ ଆସିଛି। ବେତନଟୀ ଥାନା ଅନ୍ତର୍ଗତ ବଡ଼ଜାମବଣି ଫାଣ୍ଡି ଅଧୀନ ଦାନ୍ତିଆମୁହାଁ ଛକ ଜାତୀୟ ରାଜପଥ କଡ଼ରେ ସ୍ୱର୍ଗତ ବିକାଶ ପାତ୍ରଙ୍କ ସ୍ତ୍ରୀ ଚାନ୍ଦିନୀ ପାତ୍ର ଏକ ଚା' ଦୋକାନ କରି ନିଜ ଶାଶୂ-ଶ୍ୱଶୁର ଓ ପରିବାର ପ୍ରତିପୋଷଣ କରନ୍ତି। କିଛିଦିନ ପୂର୍ବରୁ ଦାନ୍ତିଆମୁହାଁ ଛକସ୍ଥିତ ଚାନ୍ଦିନୀ ପାତ୍ରଙ୍କ ଦୋକାନକୁ ଚା'ପିଇବାକୁ ଯାଇଥିଲେ। ବାଲେଶ୍ୱର ୧୨ ନମ୍ବର ୱାର୍ଡ ଦାମୋଦରପୁର ଅଞ୍ଚଳର କୃଷ୍ଣଚନ୍ଦ୍ର ସେଠୀଙ୍କ ପୁଅ ଦେବୀପ୍ରସାଦ ସେଠୀ (୨୩) ନିଜକୁ "ପେଟିଏମ୍ ସେଲ୍ସ ଏକଜିକ୍ୟୁଟିଭ୍' ବୋଲି ପରିଚୟ ଦେଇ ଚାନ୍ଦିନୀଙ୍କୁ ଅନଲାଇନ୍ ପେମେଣ୍ଟ ସୁବିଧା କରାଇଦେବାର ପ୍ରଲୋଭନ ଦେଖାଇଥିଲା। ବିଶ୍ୱାସରେ ଆସି ଚାନ୍ଦିନୀ ନିଜର ବ୍ୟାଙ୍କ ଆକାଉଣ୍ଟ, ଆଧାର କାର୍ଡ ଓ ମୋବାଇଲ୍‌କୁ ଆସିଥିବା ଓଟିପି ପ୍ରଦାନ କରିଥିଲେ। ଏହାର ସୁଯୋଗ ନେଇ ଦେବୀପ୍ରସାଦ ଓ ତାର ସହଯୋଗୀ ବାଲେଶ୍ୱର ସହର ଗୋଲାପୋଖରୀ ଅଞ୍ଚଳର ଶେଖ ଇମ୍ରାନଙ୍କ ପୁଅ ଶେଖ୍ ଆୟାନ (୧୮) ଚଳିତମାସ ୧୪ତାରିଖରେ ୫ହଜାର ଟଙ୍କା, ୧୫ ତାରିଖରେ ୩୦ହଜାର ଟଙ୍କା,୧୭ ତାରିଖରେ ୫୫ ହଜାର ଟଙ୍କା ଏବଂ ୧୮ ତାରିଖରେ ଶହେ ଏକଟଙ୍କା ଲେଖାଏଁ କରି ଦୁଇ ଥରରେ ୨ଶହ ୨ଟଙ୍କା ଏହିପରି ସର୍ବମୋଟ ୫ ଥରରେ ୯୦ହଜାର ୨ଶହ ୨ଟଙ୍କା ଚାନ୍ଦିନୀ ପାତ୍ରଙ୍କ ଆକାଉଣ୍ଟରୁ ଗାଏବ କରିଦେଇଥିଲେ। ଚାନ୍ଦିନୀ ଠକାମିର ଶିକାର ହୋଇଥିବା ଜାଣି ଚତୁରତାର ସହ ଶାଶୂଙ୍କ ନାମରେ ଆଉ ଏକ ପେଟିଏମ୍ ଖୋଲିବା ବାହାନାରେ ସେମାନଙ୍କୁ ପୁଣି ଡାକିଥିଲେ। ଉଭୟ ଯୁବକ ପୁନର୍ବାର ଠକିବାକୁ ଆସିବା ମାତ୍ରେ ସ୍ଥାନୀୟ ବ୍ୟବସାୟୀ ଓ ଗ୍ରାମବାସୀ ସେମାନଙ୍କୁ କାବୁ କରି ଉତ୍ତମ ମଧ୍ୟମ ଦେଇଥିଲେ। ଘଟଣାସ୍ଥଳରେ ବଡ଼ଜାମବଣି ଫାଣ୍ଡି ଅଧିକାରୀ ପହଞ୍ଚିବା ପରେ ଜଣାପଡ଼ିଥିଲା ଯେ ମୁଖ୍ୟ ଅଭିଯୁକ୍ତ ଦେବୀପ୍ରସାଦଙ୍କ ବାପା ବାଲେଶ୍ୱର ପରମିଟ୍ ଘାଟ ଫାଣ୍ଡିରେ କାର୍ଯ୍ୟରତ ଜଣେ ପୁଲିସ କନଷ୍ଟେବଳ। ଏହି ସୂଚନା ସାମ୍ନାକୁ ଆସିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଆନ୍ତଃଜିଲ୍ଲା ସାଇବର ଠକେଇ ଭଳି ଏକ ସଙ୍ଗିନ ଅପରାଧରେ ପୁଲିସ ପ୍ରଶାସନ ନିଜ କର୍ମଚାରୀଙ୍କ ପୁଅକୁ ବଞ୍ଚାଇବା ପାଇଁ ଘଟଣାକୁ "ଆପୋସ ବୁଝାମଣା' ମାଧ୍ୟମରେ ସୀମିତ ରଖିବାକୁ ଉଦ୍ୟମ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକଙ୍କ ଚାପ ଏବଂ ପୁଲିସର ମଧ୍ୟସ୍ଥତା ପରେ ଅଭିଯୁକ୍ତ ଯୁବକମାନେ ଠକି ନେଇଥିବା ସମସ୍ତ ଟଙ୍କା ଚାନ୍ଦିନୀଙ୍କୁ ଫେରସ୍ତ କରିଛନ୍ତି। ତେବେ ଏହି ଘଟଣାରେ ପୀଡ଼ିତା କୌଣସି ଲିଖିତ ଅଭିଯୋଗ ଦେଇନଥିବା ଦର୍ଶାଇ ପୁଲିସ କୌଣସି ମାମଲା ରୁଜୁ ନକରି ଅଭିଯୁକ୍ତଙ୍କୁ ଛାଡ଼ିଦେଇଥିବା ଜଣାପଡ଼ିଛି। ଟଙ୍କା ଫେରସ୍ତ ହୋଇଯିବା ନିଶ୍ଚିତ ଭାବେ ଏକ ଆଶ୍ୱସ୍ତି, କିନ୍ତୁ ଜଣେ ଅଭ୍ୟାସଗତ ସାଇବର ଠକ ପୁଲିସ କର୍ମଚାରୀଙ୍କ ପୁଅ ହୋଇଥିବାରୁ କୌଣସି ଆନୁଷ୍ଠାନିକ ଏଫଆଇଆର କିମ୍ବା ତଦନ୍ତ ବିନା ଖସିଯିବା ବ୍ୟବସ୍ଥା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।



# ଏବିଡିଓ ପରିଚୟ ଦେଇ ପ୍ରିନ୍ସିପାଲଙ୍କ ଆକାଉଣ୍ଟରୁ ୧.୩୦ ଲକ୍ଷ ଲୁଟ୍

ରାସଗୋବିନ୍ଦପୁର,୧୯।୮(ସମିସ)

ନିଜକୁ ରାସଗୋବିନ୍ଦପୁର ବ୍ଲକର ଏବିଡିଓ ପରିଚୟ ଦେଇ ଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନ୍ସିପାଲଙ୍କୁ ସୋଲାର ପ୍ରକଳ୍ପର ପ୍ରଲୋଭନ ଦେଖାଇ ୧ ଲକ୍ଷ ୩୦ ହଜାର ଟଙ୍କା ଠକେଇ ହୋଇଛି। ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ସହିଦ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନ୍ସିପାଲ ଡଃ ଦିଲ୍ଲୀପ କୁମାର ଭୋଇଙ୍କ ମୋବାଇଲକୁ ଜଣେ ବ୍ୟକ୍ତି ଫୋନ କରି ନିଜକୁ ଏବିଡିଓ ବୋଲି ପରିଚୟ ଦେଇଥିଲେ। ବିଦ୍ୟାଳୟରେ ସୋଲାର ପ୍ରକଳ୍ପ ସ୍ଥାପନ ହେବ ଏବଂ ପୂର୍ବରୁ ମନ୍ତ୍ରୀଙ୍କ ପକ୍ଷରୁ ଏନେଇ ପ୍ରସ୍ତାବ ରହିଥିବା କହିଥିଲେ। ଠକ ବ୍ୟକ୍ତି ଜଣକ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପୂର୍ବରୁ ଟଙ୍କା ଜମା କରିବାକୁ ପଡ଼ିବ ବୋଲି କହିଥିଲେ। ଏହାକୁ ସରକାରୀ ପ୍ରକଳ୍ପ ଭାବି ପ୍ରିନ୍ସିପାଲଙ୍କ ନିର୍ଦ୍ଦେଶରେ କଲେଜର ତିନିଜଣ କର୍ମଚାରୀ ନେଟ୍ ବ୍ୟାଙ୍କିଙ୍ଗ ମାଧ୍ୟମରେ ଠକଙ୍କ ପକ୍ଷରୁ ଦିଆଯାଇଥିବା ଆକାଉଣ୍ଟକୁ ପର୍ଯ୍ୟାୟକ୍ରମେ ଟଙ୍କା ପଠାଇଥିଲେ। ପରେ ଘଟଣାଟି ସରକାରୀ ପ୍ରକଳ୍ପ ନୁହେଁ ବୋଲି ଜଣାପଡ଼ିବା ସହ ସେମାନେ ସାଇବର ଠକେଇର ଶିକାର ହୋଇଥିବା ସ୍ପଷ୍ଟ ହୋଇଥିଲା। ଏହି ଘଟଣାରେ ମୋଟ ୧ ଲକ୍ଷ ୩୦ ହଜାର ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଘଟଣା ପରେ ପ୍ରିନ୍ସିପାଲ ରାସଗୋବିନ୍ଦପୁର ଥାନା ଓ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଟଙ୍କା କେଉଁ ଆକାଉଣ୍ଟକୁ ଯାଇଛି, ଫୋନ କରିଥିବା ବ୍ୟକ୍ତି କିଏ ଏବଂ ଘଟଣା ପଛରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି, ସେନେଇ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ତେବେ ଘଟଣାକୁ ନେଇ କିଛି ଗୁରୁତର ପ୍ରଶ୍ନ ମଧ୍ୟ ଉଠିଛି। କୌଣସି ସରକାରୀ ଚିଠି, ଅଧିକୃତ ଇ-ମେଲ୍, ପ୍ରକଳ୍ପ ଅନୁମୋଦନ କିମ୍ବା ବ୍ୟାଙ୍କ ତଥ୍ୟ ଯାଞ୍ଚ ନକରି କେବଳ ଫୋନ୍‌ରେ ମିଳିଥିବା ସୂଚନା ଆଧାରରେ ସରକାରୀ ପ୍ରକଳ୍ପ ପାଇଁ ଏତେ ବଡ଼ ରାଶି ପଠାଯିବା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ମହିଳାଙ୍କଠାରୁ ଟଙ୍କା ଲୁଟ୍ ଘଟଣାରେ ୩ ଗିରଫ

ରାଇରଙ୍ଗପୁର,୧୯।୮(ସମିସ): ରାଇରଙ୍ଗପୁର ବସ୍ ଷ୍ଟାଣ୍ଡରେ ସୋମବାର ସକାଳ ୬ଟା ସମୟରେ ଏକ ବୟସ୍କ ମହିଳାଙ୍କଠାରୁ ୩ ଲୁଟେରା ଜବରଦସ୍ତି ୩,୬୦୦ ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାରେ ରାଇରଙ୍ଗପୁର ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଯଶିପୁର ଥାନା ଅଞ୍ଚଳର ପାର୍ବତୀ ସାହୁ(୫୦) ଗତକାଲି ସକାଳେ କୌଣସି କାମରେ ରାଇରଙ୍ଗପୁର ଆସି ବସଷ୍ଟାଣ୍ଡରେ ଏକୁଟିଆ ଚା' ପିଉଥିବା ସମୟରେ ୩ ଜଣ ଯୁବକ ତାଙ୍କଠାରୁ ଜବରଦସ୍ତି ୩୬୦୦ ଟଙ୍କା ଛଡ଼ାଇ ନେଇଥିଲେ। ୩ ଦୁର୍ବୃତ୍ତଙ୍କୁ ସ୍ଥାନୀୟ ଲୋକେ ଦେଖିଥିବା ଓ ଚିହ୍ନିଥିବା ସୂଚନା ମିଳିଥିଲା। ମହିଳା ଜଣକ କାନ୍ଦି କାନ୍ଦି ରାଇରଙ୍ଗପୁର ଟାଉନଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ ଟାଉନ ଥାନାରେ ଏକ ମାମଲା ୨୬୨/୨୬ ରୁଜୁ କରିବା ସହ ତଦନ୍ତ କରି ୩ ଜଣଙ୍କୁ ଗିରଫ କରିଥିଲା ପୁଲିସ। ଏପରିକି ସେମାନଙ୍କଠାରୁ ୩ହଜାର ଟଙ୍କା ଜବତ ହୋଇଥିଲା। ଘଟଣାକୁ ନେଇ ରାଇରଙ୍ଗପୁର ଟାଉନ ଥାନାରେ ଆଜି ପୂର୍ବାହ୍ନରେ ରାଇରଙ୍ଗପୁର ଏସ୍‌ଡିପିଓ ବୀରେନ୍ଦ୍ର ସେନାପତି ଖବରଦାତା ସମ୍ମିଳନୀ କରିଥିଲେ। ଗିରଫ ୩ ଦୁର୍ବୃତ୍ତ ହେଲେ ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳ ୩ ନମ୍ବର ୱାର୍ଡ ମନ୍ଦିର ସାହିର ରୋହିତ ମୁଖୀ(୨୬), ମନ୍ଦିର ସାହିର ରାହୁଲ ବେହେରା(୨୦) ଏବଂ ଝାଡ଼ଖଣ୍ଡ ରାଜ୍ୟର ପୂର୍ବସିଂହଭୂମ ଜିଲ୍ଲାର ଡୁମାରିଆ ଥାନା ଅଞ୍ଚଳର ରବି ବେହେରା(୨୦)। ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓଙ୍କ ସହିତ ଥାନାଧିକାରୀ ରଞ୍ଜନ ସେଠୀ, ଏଏସ୍‌ଆଇ ଗଙ୍ଗାଧର ବେହେରାଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।




# ବିଶୋଇ ବ୍ଲକ ବିଜେଡିର ନୂତନ କମିଟି ଘୋଷଣା

ବିଶୋଇ,୧୯।୮ (ସମିସ) : ଆଗକୁ ପଞ୍ଚାୟତ ନିର୍ବାଚନ। ଦଳକୁ ତୃଣମୂଳ ସ୍ତରରେ ସଦୃଢ଼ କରିବା ପାଇଁ ଏବେ ଠାରୁ ସବୁ ରାଜନୈତିକ ଦଳ ତତ୍ପର। ବର୍ତ୍ତମାନ,ବିଜୁ ଜନତା ଦଳ ଦଳକୁ ସଦୃଢ଼ କରିବା ଲକ୍ଷ୍ୟ ନେଇ ବ୍ଲକ ଗୁଡିକରେ ନୂତନ କମିଟି ଗଠନ କରି ଦଳକୁ ନବକଳେବର କରିଛି।ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲା ସାରସକଣା ନିର୍ବାଚନ ମଣ୍ଡଳୀ ବିଶୋଇ ବ୍ଲକରେ ବିଜେଡିର ନୂତନ କମିଟି ଘୋଷଣା କରିଛି।ବିଜେଡି ସୁପ୍ରିମୋ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର ଗତକାଲି ଏହି ନୂତନ କମିଟିରେ ସାମିଲ ଥିବା ୧୭ ଜଣ କର୍ମୀଙ୍କ ନାମ ଘୋଷଣା କରିଛନ୍ତି।ବିଶୋଇ ବ୍ଲକ ବିଜେଡି ସଭାପତି ଭାବରେ ରଞ୍ଜନ କୁମାର ନନ୍ଦଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି।ସେହିପରି ବ୍ଲକ ଉପସଭାପତି ଭାବରେ ପ୍ରଦ୍ୟୁମ୍ନ ମହାପାତ୍ର,ମୋହନ ମାଝୀ, ଚନ୍ଦ୍ରାୟ ସୋରେନଙ୍କୁ ଦଳ ଦାୟିତ୍ୱ ପ୍ରଦାନ କରିଛି। ସାଧାରଣ ସମ୍ପାଦକ ଭାବରେ ଗୋପବନ୍ଧୁ ଗିରି,ଅଞ୍ଜନ କୁମାର ନନ୍ଦ,ଅଶୋକ ମହାପାତ୍ର,ଫିରଜ ନନ୍ଦ, ଶିବନାଥ ମଣ୍ଡଳ ଏବଂ ସମ୍ପାଦକ ଭାବରେ ଦାସମାତ୍ ସୋରେନ, ବନମାଳୀ ଗିରି,ଶରତ ନାୟକ,ପୃଥୁନାଥ ଗିରି,ଭରତ ଚନ୍ଦ୍ର ଗିରି, ପ୍ରଦୀପ ମହାନ୍ତ, କାରାଣ ବାସ୍କେଙ୍କୁ ନବନିଯୁକ୍ତ କରାଯାଇଛି।ସେହିପରି ବ୍ଲକର କୋଷାଧ୍ୟକ୍ଷ ଭାବରେ ପଙ୍କଜ ଗିରିଙ୍କୁ ଦାୟିତ୍ୱ ଦିଆଯାଇଛି।କମିଟିରେ ସାମିଲ ଥିବା ସମସ୍ତ କର୍ମୀ ବିଶୋଇ ବ୍ଲକ ବିଜେଡି ଦଳରେ ଜଣେ ଜଣେ ସକ୍ରିୟ କର୍ମୀ ସହିତ ବରିଷ୍ଠ ଅଭିଜ୍ଞ ସମ୍ପନ୍ନ ରହିଥିବା ବେଳେ ଦଳର ସୁପ୍ରିମୋ ଶ୍ରୀ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ତଥା ଜିଲ୍ଲା ସଭାପତି ଡାକ୍ତର ଦେବାଶିଷ ମାର୍ଣ୍ଡିଙ୍କ ନେତୃତ୍ୱରେ ଆଗାମୀ ନିର୍ବାଚନରେ ଦଳକୁ ଆଗରେ ରଖିବା ପାଇଁ ଦୃଢ ସଂକଳ୍ପ ନେଇଛନ୍ତି।

# ଧର୍ମାନ୍ତରିତଙ୍କୁ ଏସ୍‌ଟି ତାଲିକାରୁ ବାଦ୍ ଦେବାକୁ ଦାବି



ବାରିପଦା,୧୯।୮(ସମିସ): ଜନଜାତି ସମାଜର ସାଂସ୍କୃତିକ ପରିଚୟ, ପାରମ୍ପରିକ ବିଶ୍ୱାସ ଓ ସାମ୍ବିଧାନିକ ଅଧିକାରର ସୁରକ୍ଷା ଦାବିରେ ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ବାରିପଦା ସର୍କିଟ ହାଉସ୍ ଠାରେ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଛି। ମଞ୍ଚ ପକ୍ଷରୁ ଅନୁସୂଚିତ ଜନଜାତି ତାଲିକାରୁ ଧର୍ମାନ୍ତରିତ ବ୍ୟକ୍ତିଙ୍କୁ ବାଦ୍ ଦେବା ବା "ଡିଲିଷ୍ଟିଂ" ପାଇଁ ଦାବି ଉଠାଯାଇଛି। ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ଦୀର୍ଘ ୭୫ ବର୍ଷ ଧରି ଜନଜାତି ସମାଜ ଏହି ଦାବି ଉଠାଇ ଆସୁଛି। ଜନଜାତି ସମାଜର ପାରମ୍ପରିକ ଧର୍ମ, ବିଶ୍ୱାସ, ସଂସ୍କୃତି, ପ୍ରଥା ଓ ଜୀବନଶୈଳୀ ହିଁ ସେମାନଙ୍କ ପରିଚୟର ମୁଖ୍ୟ ଆଧାର ବୋଲି ମଞ୍ଚ ମତ ପ୍ରକାଶ କରିଛି। ମଞ୍ଚର ଦାବି ଅନୁଯାୟୀ, ଜନଜାତି ସମାଜର ମୂଳ ପରମ୍ପରା ଓ ବିଶ୍ୱାସକୁ ପରିତ୍ୟାଗ କରି ଧର୍ମାନ୍ତରିତ ହେଉଥିବା ବ୍ୟକ୍ତିଙ୍କୁ ଅନୁସୂଚିତ ଜନଜାତିର ସାମ୍ବିଧାନିକ ସୁବିଧା ଓ ସଂରକ୍ଷଣ ପ୍ରଦାନ କରାଯିବା ଉଚିତ ନୁହେଁ। ଏନେଇ ସମ୍ବିଧାନର ଅନୁସୂଚିତ ଜନଜାତି ଆଦେଶ, ୧୯୫୦ରେ ଆବଶ୍ୟକ ସଂଶୋଧନ କିମ୍ବା ସ୍ପଷ୍ଟୀକରଣ କରିବାକୁ ମଞ୍ଚ ଦାବି କରିଛି। ମଞ୍ଚର ଏକ ପ୍ରତିନିଧି ଦଳ ୨୮ ମେ ୨୦୨୬ରେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଭେଟି ଏହି ପ୍ରସଙ୍ଗରେ ଦାବିପତ୍ର ଦେଇଛି। ଜନଜାତି ସୁରକ୍ଷା ମଞ୍ଚର ରାଷ୍ଟ୍ରୀୟ ସହ-ସଂଯୋଜକ ଡ ରାଜକିଶୋର ହାଁସଦା କହିଛନ୍ତି ଯେ, ଜନଜାତି ସମାଜର ଧର୍ମ, ସଂସ୍କୃତି, ପରମ୍ପରା ଓ ପରିଚୟକୁ ସୁରକ୍ଷିତ ରଖିବା ପାଇଁ ଏହି ଆନ୍ଦୋଳନ ଜାରି ରହିବ। ସାରା ଦେଶରେ ଡିଲିଷ୍ଟିଂ ଦାବିକୁ ନେଇ ଜନଜାତି ସମାଜକୁ ସଚେତନ କରାଯିବ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ସମ୍ମିଳନୀରେ ଜନଜାତି ସୁରକ୍ଷା ମଞ୍ଚର ଉପସଭାପତି ଭୀମଚରଣ ମାଝୀ, ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ଫକୀର ସିଂ, ଭାଗବତ ହାଁସଦାଃ ଓ ଡା ଚନ୍ଦନ ମୁର୍ମୁ ଉପସ୍ଥିତ ଥିଲେ।

# ଥାନାରେ ନ୍ୟାୟ ମିଳିଲାନି; ଜିଲ୍ଲାପାଳ, ଏସ୍‌ପିଙ୍କୁ ଫେରାଦ



ବାରିପଦା,୧୯।୮(ସମିସ): କପ୍ତିପଦା ଥାନା ଅନ୍ତର୍ଗତ ନେଦାମ ଗ୍ରାମର ସାମାଜିକ ବାସନ୍ଦ ପରିବାର ଶ୍ରୀ ନିମାଇଁ ମୁର୍ମୁ, ତାଙ୍କର ପତ୍ନୀ ଓ ପିଲାଙ୍କ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳ ଓ ଜିଲ୍ଲାର ଆରକ୍ଷୀ ଅଧିକ୍ଷକଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁସାରେ ସମ୍ବିଧାନର ଅନୁଚ୍ଛେଦ ୨୧ ଭଳି ମୌଳିକ ଅଧିକାରକୁ ଉପେକ୍ଷା କରି କପ୍ତିପଦା ପୁଲିସ ନ୍ୟାୟ ପ୍ରଦାନ କରୁନାହିଁ। ନେଦାମ ଗ୍ରାମର ଗ୍ରାମମୁଖ୍ୟ (ମାଝୀବାବା) ଏବଂ ମାଝୀ ମହଲ ସଂଗଠନର କର୍ମକର୍ତ୍ତାଙ୍କ ନିର୍ଦ୍ଦେଶରେ ଶ୍ରୀ ମୁର୍ମୁଙ୍କ ପରିବାରକୁ ସାମାଜିକ ବାସନ୍ଦ କରାଯାଇ ଗ୍ରାମବାସୀମାନେ ତାଙ୍କ ସହିତ କଥାବାର୍ତ୍ତା ବନ୍ଦ, ଗ୍ରାମବାସୀଙ୍କ ବିଲବାଡ଼ି ଦେଇ ନିଜର ବିଲବାଡ଼ିକୁ ଯିବା ବନ୍ଦ, ସରକାରୀ ପୋଖରୀ, କୂଅ, ନଳକୂଅରୁ ପାଣିନେବା ବନ୍ଦ ଭଳି ମୌଳିକ ଅଧିକାର ଉପରେ ସିଧାସଳଖ ଆକ୍ରମଣ କରାଯାଇଛି ଏବଂ ନଳକୂପରୁ ପାନୀୟ ଜଳ ନେବାବେଳେ ସ୍ତ୍ରୀ, ଝିଅ ଓ ପୁଅକୁ ମରଣାନ୍ତକ ଆକ୍ରମଣ କରି ମୋବାଇଲ, ସାଇକଲ ଆଦି ଛଡ଼ାଇ ନେଇଥିବା ଦର୍ଶାଯାଇଛି।

ଏ ନେଇ କପ୍ତିପଦା ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ ବାସନ୍ଦ ପରିବାରକୁ ନ୍ୟାୟ, ସୁରକ୍ଷା ଦେବା ବଦଳରେ ପୁଲିସ ପ୍ରଶାସନ ତରଫରୁ ନିର୍ଯାତନା ଦିଆଯାଇଥିଲା ବୋଲି ଉଲ୍ଲେଖ କରାଯାଇଛି। ତେଣୁ ଛଡ଼ାଇ ନିଆଯାଇଥିବା ଜିନିଷ ଆଜି ପର୍ଯ୍ୟନ୍ତ ପାଇପାରି ନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ୭ ଦିନ ମଧ୍ୟରେ ବାସନ୍ଦ ପରିବାରକୁ ତାଙ୍କର ସାମଗ୍ରୀ ଫେରି ପାଇବା ସହିତ ନ୍ୟାୟ, ସୁରକ୍ଷା ବ୍ୟବସ୍ଥା କରାନଗଲେ ଜିଲ୍ଲାପାଳ ଅବା ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ପୋଲରେ ଦୁର୍ଘଟଣା; ଜଣେ ଗୁରୁତର

ରାସଗୋବିନ୍ଦପୁର,୧୯।୮(ସମିସ): ସୋବାନଡିହରୁ ନଳଗଜା ଯାଇଥିବା ମୁଖ୍ୟ ରାସ୍ତାର ଖଇରବଣୀ ଘୋଷରା ପୋଲରେରେ ଭାରସାମ୍ୟ ହରାଇ ଜଣେ ବ୍ୟକ୍ତି ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ଆହତ ହୋଇଛନ୍ତି। ଆହତ ବ୍ୟକ୍ତି ହେଲେ ସାରୁମୂଳା ପଞ୍ଚାୟତ ମଡମଡି ଗ୍ରାମର ଦୁଃଖିରାମ ପାତ୍ର।ଦୁର୍ଘଟଣା ସମ୍ପର୍କରେ ଖବର ପାଇ ନଳଗଜା ପଞ୍ଚାୟତର ଯୁବ ସମାଜସେବୀ ସ୍ୱପ୍ନ ସରିତା ଦାସ ଘଟଣାସ୍ଥଳରେ ପହଞ୍ଚି ଦୁଃଖିରାମଙ୍କୁ ଉଦ୍ଧାର କରି ପ୍ରଥମେ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ପଣ୍ଡିତ ରଘୁନାଥ ମୁର୍ମୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଉତ୍ତମ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ହାଇଟେକ ହସ୍ପିଟାଲ ଆଣ୍ଡ ରିସର୍ଚ୍ଚକୁ ସ୍ଥାନାନ୍ତର କରାଯାଇଛି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ନେଇ ପରିବାରବର୍ଗ ଚିନ୍ତିତ ଥିବା ଜଣାପଡ଼ିଛି।

# ଲାଲବଜାର ରାଜା ପୂଜା କମିଟିର ନୂତନ କର୍ମକର୍ତ୍ତା: ଗଣେଶ ସଭାପତି, ପାର୍ଥସାରଥି ସମ୍ପାଦକ

ବାରିପଦା,୧୯।୮(ସମିସ): ବାରିପଦା ସହର ପୁରାତନ ଲାଲବଜାର ରାଜା ଗଣେଶ ପୂଜା କମିଟିର ଚଳିତ ବର୍ଷର ପୂଜାକୁ ନେଇ ପ୍ରଥମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଲାଲ ବଜାରସ୍ଥିତ ମା ତାରିଣୀ ମନ୍ଦିର ପ୍ରାଙ୍ଗଣରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା। ପୂଜା ୧୮ ବର୍ଷରେ ପଦାର୍ପଣ କରିଥିବା ବେଳେ କିପରି ଏହାକୁ ସରସ ସୁନ୍ଦର କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଛି। ସେପ୍ଟେମ୍ବର ମାସ ୧୪ ତାରିଖରେ ଗଣେଶ ପୂଜା ଅନୁଷ୍ଠିତ ହେବାକୁ ଥିବା ବେଳେ ମାସକ ପୂର୍ବରୁ ପ୍ରସ୍ତୁତି ନେଇ ବୈଠକ ହୋଇଛି। ଏଥିରେ କର୍ମକର୍ତ୍ତା ଚୟନ କରାଯାଇଛି। ପୂଜା କମିଟିର ସଭାପତି ଭାବେ ଗଣେଶ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ବୀରେନ୍ଦ୍ର ନାଥ ସାହୁ, ଉପ ସଭାପତି ଭାବେ କାହ୍ନୁ ଚରଣ ବେହେରା, ସମ୍ପାଦକ ଭାବେ ପାର୍ଥ ସାରଥି ସ୍ୱାଇଁ, ସହ ସମ୍ପାଦକ ଦୀପକ ପଟ୍ଟନାୟକ ଓ ମୋହନ ଗୁପ୍ତା ଥିବାବେଳେ କୋଷାଧ୍ୟକ୍ଷ ଭାବେ ଅନନ୍ତ ସ୍ୱାଇଁଙ୍କୁ ଚୟନ କରାଯାଇଛି। ସେହିପରି ଉପଦେଷ୍ଟା ମଣ୍ଡଳୀରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବରିଷ୍ଠ ଆଡଭୋକେଟ ବିଭୁ ପ୍ରସାଦ ଦାସ, ଆଡଭୋକେଟ ଜ୍ୟୋତି ପ୍ରକାଶ ରଥ, ତିମିରି କାନ୍ତି ଦାସ, ସରୋଜ ସାହୁ, ବିଭୂତି ଭୂଷଣ ଦାସ, କୌଶିକ ମୁଖାର୍ଜୀ, ରବୀନ୍ଦ୍ର ସ୍ୱାଇଁ, ସମରେନ୍ଦ୍ର ଘୋଷ, ମୋହନ ବୁର୍ଣ୍ଣୱାଲ, ମହେନ୍ଦ୍ର ରାୱତ, ବୃନ୍ଦାବନ ରାଉତ, ବିନୋଦ ଦାସ, ମନୋଜ ଷେଣ୍ଡୀ, କିଶୋର ସାହୁ, ଅରବିନ୍ଦ ନନ୍ଦ, ଦିଲ୍ଲୀପ କୁମାର ସାହୁ, ତପନ ବାରିକ ପ୍ରମୁଖ ରହିଛନ୍ତି।



# ଚିତ୍ରଡ଼ା ଫାଣ୍ଡି ଅଧିକାରୀ ନିଲମ୍ବିତ

ମୋରଡ଼ା,୧୯।୮(ସମିସ): ମଙ୍ଗଳବାର ମୟୂରଭଞ୍ଜ ଆରକ୍ଷୀ ଅଧୀକ୍ଷକ ମୋରଡ଼ା ଥାନା ଅଧୀନ ଚିତ୍ରଡ଼ା ଫାଣ୍ଡି ଅଧିକାରୀ ବରୁଣ ଗୁଣ୍ଟୁପାଲିଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଚିଠି ନମ୍ବର-୧୭୬୧,ତା-୧୭/୦୮/୨୬ ଅନୁଯାୟୀ ଚିତ୍ରଡ଼ା ଫାଣ୍ଡିରେ କାର୍ଯ୍ୟରତ ଅଧିକାରୀ ଏଏସଆଇ/୧୨ ଭୀମସେନ ମଲ୍ଲିକ ନିଜ ପଦବୀର ଅପବ୍ୟବହାର ସହ ବିଭିନ୍ନ ମାଫିଆ ସହ ସମ୍ପର୍କ ରଖିଥିବା ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ତେବେ ଜଣେ ମଦ ମାଫିଆଙ୍କ ସହ ବାର୍ତ୍ତାଳାପ ର ଓଡ଼ିଓ ରେକର୍ଡିଂ ଏସ୍ପିଙ୍କ ହାତରେ ଲାଗିଥିଲା। ଯାହାପରେ ଫାଣ୍ଡି ଅଧିକାରୀଙ୍କ ଉପରେ ସେ ନଜର ରଖି ସମସ୍ତ ତଥ୍ୟ ସହ ପ୍ରମାଣ ସଂଗ୍ରହ କରି ଉକ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଶ୍ରୀ ମଲ୍ଲିକ ବର୍ତ୍ତମାନ ବାରିପଦାରେ ଥିବା ପୁଲିସ ରିଜର୍ଭ ଇନ୍ସପେକ୍ଟରଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ହେବାକୁ ନିର୍ଦ୍ଦେଶ ରହିଛି।



# କାର୍-ବାଇକ୍ ମୁହାଁମୁହିଁ ଧକ୍କା; ଜଣେ ଗୁରୁତର

ବଡ଼ସାହି,୧୯।୮(ସମିସ): ବଡ଼ସାହି ଥାନା ଅଧୀନ ବଡସାହି-ବେତନଟୀ ରାସ୍ତାର ବେଲପାଳ ଛକ ନିକଟରେ ଏକ ଦ୍ରୁତଗାମୀ ପଲସରଟ ବାଇକ ଭାରସାମ୍ୟ ହରାଇ ଏକ କାର୍‌କୁ ଧକ୍କା ଦେବା ଫଳରେ ଚାଳକ ଜଣକ ଆହତ ହୋଇଥିବାର ଜଣାଯାଇଛି। ଆହତ ଯୁବକ ଜଣକ ହେଲେ ଖୁଣ୍ଟା ଥାନା ଅଧୀନ ବହଳଦା ଗ୍ରାମର ରାମ ସିଂ। ରାମ ମସ୍ତିଷ୍କ ବିକୃତି ହୋଇଥିବାବେଳେ ବେତନଟୀ କୋର୍ଟ ଛକ ନିକଟରେ ଠିଆ ହୋଇ ଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କ ଏକ ପଲସର ବାଇକକୁ ଧରି ଦ୍ରୁତ ଗତିରେ ଯାଉଥିବା ବେଳେ କାର ତଳେ ପଶିଯାଇଥିଲେ। ସେ ଅଳ୍ପକେ ବର୍ତ୍ତି ଯାଇଥିବାବେଳେ ଆହତ ହୋଇଥିବାର ଜଣାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି କାର ଓ ବାଇକ୍‌କୁ ଜବତ କରିବା ସହିତ ରାମ ସିଂଙ୍କୁ ଥାନାକୁ ଆଣି ତଦନ୍ତ ଚଳାଇଛି।

# ଲୁହାପଥର ପରିବହନ ଦର ନେଇ ଖଇରୀ ଟ୍ରକ୍ ମାଲିକ ସଂଘର କ୍ଷୋଭ

## ବାହାର ଟ୍ରକ୍‌କୁ ଯଶିପୁର-ରାଇରଙ୍ଗପୁର ରାସ୍ତାରେ ଅଟକ

## ଉପଯୁକ୍ତ ଭଡ଼ା ଦେବାକୁ ଦାବି

ଯଶିପୁର,୧୯।୮(ସମିସ): ଯଶିପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଦାମପାହାଡ ଠାରେ ରହିଛି ସର୍ବ ବୃହତ ଲୁହା ଖଣି। ଜିଏମ୍ ଏଣ୍ଡ ଏସ୍ ମାଲିକାନାରେ ଦୀର୍ଘ ଦଶନ୍ଧି ଧରି ଚାଲିଛି ଆସିଛି ଏହି ଲୁହା ଖଣି।ମାତ୍ର କମ୍ପାନୀରେ ସବୁବେଳେ ପରିବହନ ଦର ନେଇ ଚାଲିଛି ଗଣ୍ଡଗୋଳ। ଖଣି ମାଲିକଙ୍କ ମାନମାନି ଓ ପରିବହନ କାରୀଙ୍କ ଜୁଲୁମରେ ଅତିଷ୍ଠ ହୋଇଗଲେଣି ଛୋଟ ଛୋଟ ଟ୍ରକ ମାଲିକ।ଯେଉଁମାନେ ଖଣ୍ଡେ ଟ୍ରକ କରି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ଏହାର ସୁଯୋଗ ନେଇ ବାହାର ଅଞ୍ଚଳର ଟ୍ରକ ଗୁଡିକ କମ୍ ଦରରେ ଲୁହାପଥର ପରିବହନ କରୁଛନ୍ତି। ଯାହାର ପ୍ରଭାବ ଛୋଟ ଛୋଟ ଟ୍ରକ ଗୁଡିକ ଉପରେ ସିଧାସଳଖ ପଡୁଛି। ଗତ ଜାନୁଆରୀ ୫ରେ ଯଶିପୁର ଖଇରୀ ଟ୍ରକ ମାଲିକ ସଂଘ, ବାମନଘାଟି ଟ୍ରକ ମାଲିକ ସଂଘ,ଖଣି ପରିବହନ କର୍ତ୍ତୃପକ୍ଷଙ୍କୁ ନେଇ ରାଇରଙ୍ଗପୁର ଉପ-ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ବୈଠକରେ କରଞ୍ଜିଆ ଉପ-ଜିଲ୍ଲାପାଳ, କରଞ୍ଜିଆ ଉପଖଣ୍ଡ ଥାନାଧିକାରୀ, କୁସୁମୀ ତହସିଲଦାର, ବାଦାମପାହାଡ ଥାନାଧିକାରୀ ଉପସ୍ଥିତ ଥିଲେ। ବୈଠକରେ ନିଷ୍ପତ୍ତି ଅନୁଯାୟୀ ଖଣି ପରିବହନ କାରୀ ବାଦାମପାହାଡ଼ ଟ୍ରକ ମାଲିକଙ୍କୁ ଯେଉଁ ପରିବହନ ଦର ଧାର୍ଯ୍ୟ କରିଛନ୍ତି, ସେହି ଦରରେ ଖଇରୀ ଟ୍ରକ ମାଲିକ ସଂଘକୁ ପରିବହନ ପାଇଁ ଦେବେ। ମାତ୍ର ଖଣି ମାଲିକ ନିଜ ମାନମାନି ଆରମ୍ଭ କରି ପ୍ରଶାସନ ଦ୍ୱାରା ହୋଇଥିବା ନିଷ୍ପତ୍ତିକୁ ଅମାନ୍ୟ କରିଦେଲେ। ଫଳରେ ଖଇରୀ ଟ୍ରକ ମାଲିକ ସଂଘ ରାଜରାସ୍ତାରେ ଠିଆ ହୋଇ ଅନ୍ୟାୟର ପ୍ରତିବାଦ କରିବା ସହିତ ବାଦାମପାହାଡ ଖଣିରୁ ଲୁହାପଥର ବୋଝେଇ ଟ୍ରକ ଗୁଡିକୁ ଯଶିପୁର ଠାରେ ଅଟକାଇ ରଖିଥିଲେ। ଉପଖଣ୍ଡ ଥାନାଧିକାରୀ ନବକୃଷ୍ଣ ନାୟକଙ୍କ ପ୍ରଚେଷ୍ଟାଟାରେ ସମାଧାନ ବାଟ ଫିଟିବାରୁ ସ୍ୱାଭାବିକ ପରିସ୍ଥିତି ଫେରିଥିଲା।



# ଲଗାଣ ବର୍ଷାରେ ଭାଙ୍ଗିଲା ଘର


ବିଶୋଇ,୧୯।୮ (ସମିସ) : ଲଘୁଚାପ ଜନିତ ଲଗାଣ ବର୍ଷାରେ ବିଶୋଇ ବ୍ଲକ ବାଉତିବେଡା ପଞ୍ଚାୟତ ବଡ଼ବାଲିଚୁଆ ଗ୍ରାମରେ ବାସଗୃହ ଧସି ଦୁଇ ଗୋଟି ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି।ସୂଚନାଯୋଗ୍ୟକି,ଗତ ୩ ଦିନ ଧରି ବିଶୋଇ ଅଞ୍ଚଳରେ ତୁହାକୁ ତୁହା ବର୍ଷା ଲାଗି ରହିଥିଲା।ଫଳରେ ବଡ଼ବାଲିଚୁଆ ଗ୍ରାମର ରଣିଆ ନାଏକଙ୍କ ମାଟି କାନ୍ଥ ଘର ଭାଙ୍ଗି ଯାଇଥିଲା। ସେହିପରି ଏହି ଗ୍ରାମର ଗକୁଳ ଚନ୍ଦ୍ର ନାଏକଙ୍କ ୧ ବଖରା ବିଶିଷ୍ଟ ମାଟି କାନ୍ଥ, ଚାଳ ଘର ଭାଙ୍ଗି ଚୁରମାର ହୋଇଯାଇଛି। ବାସଗୃହ ହରାଇ ଦୁଇ ପରିବାର ଏବେ ହତାଶ ହୋଇ ପଡ଼ିଛନ୍ତି।ଏହି ଦୁଇ ପରିବାର ଗରିବ ଶ୍ରେଣୀର ଥିବାବେଳେ ଯଥାଶୀଘ୍ର ସରକାରୀ ସହାୟତା ପ୍ରଦାନ ପାଇଁ ସ୍ଥାନୀୟରେ ଦାବି ହୋଇଛି।





ସକାଳ
THE SAKALA

# ସମ୍ପାଦକୀୟ



ବିଳାସ ନୁହେଁ, ଭଲ ପାଇବା ହିଁ ମାନବ ସଭ୍ୟତାର ସୁସ୍ଥ ଭବିଷ୍ୟତ ପାଇଁ ଜରୁରୀ।
-ଦଲାଇ ଲାମା

## ଭଗବାନ ଭରସା

ଇତିମଧ୍ୟରେ ବ୍ୟବସ୍ଥା ଏତେ ବିଗିଡ଼ି ଗଲାଣି ଯେ ଲୋକେ ଆଉ ସରକାରୀ କଳ ଓ ବଳ ଉପରେ ଭରସା କରିପାରୁନାହାନ୍ତି। ବିଶେଷକରି ଜୀବନ-ମରଣ ସମସ୍ୟା ସହିତ ଜଡ଼ିତ ଥାନା ଓ ଡାକ୍ତରଖାନାରେ କେବଳ ଭାଗ୍ୟ ଓ ଭଗବାନ ଭରସା ବୋଲି ଧାରଣା କ୍ରମଶଃ ବଳବତ୍ତର ହେଉଛି। ଏହି ଧାରଣା ସତ୍ୟ ବୋଲି ପ୍ରମାଣ କରିଛି ସର୍ବୋତ୍ତମ ସରକାରୀ ଡାକ୍ତରଖାନା ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)। ଆଦୌ ପରୀକ୍ଷା ନକରି ଜନୈକ ରୋଗୀଙ୍କୁ ଏଚ୍ଆଇଭି ପଜିଟିଭ୍ ରିପୋର୍ଟ ଦେଇଥିବା ଅଭିଯୋଗ ପ୍ରମାଣିତ ହେବା ପରେ ଉତ୍ତରାଖଣ୍ଡ ଖାଉଟି ବିବାଦ ସମାଧାନ ଆୟୋଗ ଏମ୍ସ-ଋଷିକେଶକୁ ୬୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିବା ପରେ ଡାକ୍ତରଖାନାଗୁଡ଼ିକର ବିଶ୍ୱସନୀୟତା ଉପରେ ପୁଣି ଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମାମଲାର ବିବରଣୀ ଅନୁଯାୟୀ, ଜନୈକ ବ୍ୟକ୍ତି ୨୦୧୪ ଜୁଲାଇ ୧୫ ତାରିଖରେ ଚିକିତ୍ସା ପାଇଁ ଋଷିକେଶ ସ୍ଥିତ ଏମ୍ସ୍‌ରେ ଭର୍ତ୍ତି ହେଲେ। ପରୀକ୍ଷା ନିରୀକ୍ଷା ପରେ ସେ ଏଚ୍ଆଇଭି ପଜିଟିଭ୍ ବା ଏଡ୍ସ ଆକ୍ରାନ୍ତ ବୋଲି ପ୍ରମାଣପତ୍ର ଦେଇ ୧୬ ତାରିଖରେ ତାଙ୍କୁ ଡିସ୍‌ଚାର୍ଜ କରିଦିଆଗଲା। କିଛିଦିନ ପରେ ସେ ଆଉ ଏକ ବଡ଼ ଡାକ୍ତରଖାନାରେ ପରୀକ୍ଷା କରିବା ପରେ ଉପରୋକ୍ତ ପ୍ରମାଣପତ୍ର ଭୁଲ୍ ବା ସେ ଏଡ୍ସ ପୀଡ଼ିତ ନୁହନ୍ତି ବୋଲି ଜଣାପଡ଼ିଲା। ଦୁଇଟି ରିପୋର୍ଟରେ ସମ୍ପୂର୍ଣ୍ଣ ବିପରୀତ ତଥ୍ୟ ଥିବାରୁ ସମ୍ପୃକ୍ତ ବ୍ୟକ୍ତିଜଣକ ଆଉ ଏକ ବଡ଼ ଡାକ୍ତରଖାନାରେ ପରୀକ୍ଷା କରାଇବା ପରେ ସେ ଏଡ୍ସ ଆକ୍ରାନ୍ତ ନୁହନ୍ତି ବୋଲି ପ୍ରମାଣିତ ହେଲା। ଏହାପରେ ସେ ଖାଉଟି ଅଦାଲତର ଦ୍ୱାରସ୍ଥ ହେଲେ। ଅଦାଲତ ଉଭୟ ପକ୍ଷର ଜବାବ ସୁଆଲ୍ ଶୁଣିବା ପରେ ତଥ୍ୟ ଓ ପ୍ରମାଣ ଆଧାରରେ ଏମ୍ସ-ଋଷିକେଶକୁ ୬୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି।

ଏଡ୍ସ ବା ଏଚ୍ଆଇଭି ପଜିଟିଭ୍ ଚିହ୍ନଟ ବ୍ୟକ୍ତିମାନେ ଶାରୀରିକ ଓ ମାନସିକ ଯନ୍ତ୍ରଣା ସହିତ ସାମାଜିକ ବାସନ୍ଦ ଭଳି ନିର୍ଯାତନାରେ ପ୍ରତିମୁହୂର୍ତ୍ତ ପୀଡ଼ିତ ହୁଅନ୍ତି। ଏପରିକି ସେମାନଙ୍କ ପାରିବାରିକ ଜୀବନ ମଧ୍ୟ ଦୁର୍ବିସହ ହୋଇପଡ଼େ। ତେଣୁ ଏଚ୍ଆଇଭି ପରୀକ୍ଷା ବା ନିଦାନରେ ଅତିମାତ୍ରାରେ ସତର୍କତା ଓ ଯତ୍ନଶୀଳତା ଅବଲମ୍ବନ କରାଯାଏ। କିନ୍ତୁ ଏଚ୍ଆଇଭି ପୀଡ଼ିତ ନଥାଇ ମଧ୍ୟ ଯଦି କାହାକୁ ସେହି ପ୍ରାଣଘାତୀ ଭୂତାଣୁ ଆକ୍ରାନ୍ତ ବୋଲି ପ୍ରମାଣପତ୍ରଟିଏ ଦେଇଦିଆଯାଏ ଏବଂ ପରବର୍ତ୍ତୀ ସମୟରେ ସେହି ପ୍ରମାଣପତ୍ର ଭୁଲ୍ ବୋଲି ଜଣାପଡ଼େ ତେବେ ସମ୍ପୃକ୍ତ ବ୍ୟକ୍ତିଜଣକ ଭୋଗିଥିବା ଜୀବନଯନ୍ତ୍ରଣାର ମୂଲ୍ୟ କିଏ ଦେବ? ପୁଣି ଯଦି ସେହି ଭୁଲ୍ ପ୍ରମାଣପତ୍ର ଏମ୍ସ ଭଳି ଭରସାଯୋଗ୍ୟ ଡାକ୍ତରଖାନା ପକ୍ଷରୁ ଦିଆଯାଏ ଏବଂ ସାମଗ୍ରିକ ବ୍ୟବସ୍ଥା ଉପରୁ ଭରସା ତୁଟି ଯାଏ ତାହାର ମୂଲ୍ୟ କେତେ ହେବ? ସମ୍ପୃକ୍ତ ପୀଡ଼ିତ ଭୋଗିଥିବା ଜୀବନଯନ୍ତ୍ରଣାର ମୂଲ୍ୟ କ'ଣ ମାତ୍ର ୬୦ ହଜାର ଟଙ୍କା? ଏଭଳି ଅନେକ ପ୍ରଶ୍ନ ଉଠିଛି। ଆହୁରି ମଧ୍ୟ ବିଭିନ୍ନ ଏମ୍ସର ବହିର୍ବିଭାଗରେ ଏବେ କେବଳ ବ୍ୟାଟେରି ଚାଳିତ ରକ୍ତଚାପ ମାପକ ଯନ୍ତ୍ରମାନ ଦେଖିବାକୁ ମିଳୁଛି। ଉକ୍ତ ଯନ୍ତ୍ରର ଗୁଣବତ୍ତା ବା ସଠିକତା ଭେଷଜ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯାଞ୍ଚ ହେଉଛି କି ନାହିଁ ତାହାର ପ୍ରମାଣ ନାହିଁ। ଉକ୍ତ ଯନ୍ତ୍ରରେ ଉଚ୍ଚରକ୍ତଚାପ ଚିହ୍ନଟ ହୋଇଥିବା ରୋଗୀଟିଏ ବାହାରେ ପରୀକ୍ଷା ପରେ ସ୍ୱାଭାବିକ ଥିôବାର ଅଭିଯୋଗ ମଧ୍ୟ ହେଉଛି। ଯନ୍ତ୍ରର ଭୁଲ୍ ଯୋଗୁଁ ଯଦି ରୋଗୀଟିଏ ଔଷଧ ଖାଇଚାଲେ ତେବେ ସେଥିରେ ସେ ସୁସ୍ଥ ହେବ ନା ଅଧିକ ରୋଗାକ୍ରାନ୍ତ ହେବ? ତେଣୁ ଭାଗ୍ୟ ଓ ଭଗବାନ ଭରସାରେ ଡାକ୍ତରଖାନା ଯିବା ହିଁ ସାର ହୋଇଛି। ●

## ଆମେରିକାର ଶୈନ୍ୟ ଦୃଷ୍ଟି

ଇରାନ୍ ଆକ୍ରମଣ ପଛରେ ଥିବା ଆମେରିକାର ଅସଲ ଉଦ୍ଦେଶ୍ୟ କ୍ରମେ ସ୍ପଷ୍ଟ ହୋଇଆସୁଛି। ଇରାନ୍‌କୁ ପରମାଣୁ ଅସ୍ତ୍ରବିହୀନ କରିବା ପାଇଁ ଆମେରିକା-ଇସ୍ରାଏଲ୍ ପକ୍ଷରୁ ଏହି ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ସ୍ପଷ୍ଟୀକରଣ ଦିଆଯାଇଥିଲା। କିନ୍ତୁ ଏବେ ହର୍ମୁଜ୍ ସମୁଦ୍ର ପଥକୁ ଆମେରିକା ନିଜର ବୋଲି ଘୋଷଣା କରିବା ପରେ ଏହି ରାଷ୍ଟ୍ରର ଉପନିବେଶ ଆଭିମୁଖ୍ୟ ସାମ୍ନାକୁ ଆସିଛି। ଉଲ୍ଲେଖଯୋଗ୍ୟ, ୬୦ଦିନିଆ ଯୁଦ୍ଧବିରତି ଚୁକ୍ତିରେ ଇରାନ୍‌ର ପରମାଣୁ ଅସ୍ତ୍ର କାର୍ଯ୍ୟକ୍ରମକୁ ଆମେରିକା ସେତେଟା ଅଗ୍ରାଧିକାର ନ ଦେବା ପରେ ବିଶ୍ୱ କୂଟନୀତି ମହଲରେ ଯେଉଁ ସନ୍ଦେହର ବଳୟ ସୃଷ୍ଟି ହୋଇଥିଲା ତା' ଉପରୁ ଏବେ ଆମେରିକା ହିଁ ପରଦା ଉଠାଇଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରୁ ଆମେରିକାର ପ୍ରତ୍ୟକ୍ଷ ଓ ପରୋକ୍ଷ ନେତୃତ୍ୱରେ ଯେତେସବୁ ଯୁଦ୍ଧ ସଂଘଟିତ ହୋଇଛି ସେ ସବୁ ପଛରେ ମୁଖ୍ୟ ଲକ୍ଷ୍ୟ ରହିଛି ବିଶ୍ୱ ତୈଳ ବଜାରରେ ଆଧିପତ୍ୟ ବିସ୍ତାର। ବିଶେଷକରି ବିଗତ ଶତାବ୍ଦୀର ଶେଷ ଦଶକରୁ ଇରାକ୍ ଉପରେ ଆକ୍ରମଣରୁ ଆରମ୍ଭ କରି ଚଳିତ ବର୍ଷ ଆରମ୍ଭରେ ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ଅପହରଣ ଘଟଣାକ୍ରମରୁ ଏହା ହିଁ ପ୍ରମାଣିତ ହୋଇଛି। ଆମେରିକାର ଶୈନ୍ୟ ଦୃଷ୍ଟିର ସଦ୍ୟତମ ଶିକାର ହୋଇଛି ଇରାନ୍। ମୋଟ ବିଶ୍ୱ ତୈଳବାଣିଜ୍ୟର ୨୦-୨୫ % ଏବଂ ପ୍ରାକୃତିକ ବାଷ୍ପ ପରିବହନର ୨୦% ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଜରିଆରେ ସମ୍ପନ୍ନ ହେଉଛି। ଏହି ପଥରେ କର୍ତ୍ତୃତ୍ୱ ରହିଲେ ବାଣିଜ୍ୟ ଓ ପରିବହନ ଟିକସ ଆକାରରେ ଆମେରିକା ବିପୁଳ ପରିମାଣର ଡଲାର ରୋଜଗାର କରିପାରିବ। ଏଥିସହିତ ଇରାନ୍‌ର ତୈଳକୂପ ଓ ତୈଳଭଣ୍ଡାରଗୁଡ଼ିକୁ ମଧ୍ୟ ଦଖଲକୁ ନେଇହେବ। ଏହି ଯୋଜନାକୁ ଶେଷରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପରୋକ୍ଷ ମୋହର ମାରିଛନ୍ତି।

ଆମେରିକାର ଶୈନ୍ୟ ଦୃଷ୍ଟିକୁ ନିଷ୍ପ୍ରଭ କରିବାକୁ ହେଲେ ତା'କୁ କୃଷି ବାଣିଜ୍ୟରେ ଏକଘରକିଆ କରିବାକୁ ପଡ଼ିବ। ଆମେରିକା ସର୍ବବୃହତ୍ ସାମରିକ ଓ ଅର୍ଥନୈତିକ ଶକ୍ତି ହେଲେ ମଧ୍ୟ କୃଷି ବା ଖାଦ୍ୟଶସ୍ୟରେ ସ୍ୱାବଲମ୍ବୀ ନୁହେଁ। ତେଣୁ ଆମେରିକାକୁ କୃଷି ବଜାରରେ ବାସନ୍ଦ କଲେ ତା'ର ବଳ ଭାଙ୍ଗିଯିବ। ଏଥିପାଇଁ କିନ୍ତୁ ଅବଶିଷ୍ଟ ବିଶ୍ୱକୁ ଏକଜୁଟ୍ ହେବାକୁ ପଡ଼ିବ। ଏ ଦିଗରେ ବ୍ରିକ୍ସ ନେତୃତ୍ୱ ନେବାର ସମୟ ଉପଗତ। ●

# ବିଜ୍ଞାପନରେ ସୀମିତ ଭିଭି ଜୀ ରାମ୍ ଜୀ

ବିଭୂତି ଭୂଷଣ କର

ପ୍ରତିଦିନର କାମ ଗୁରୁତ୍ୱପୂର୍ଣ୍ଣ। କାମ ଦାବି କରୁଥିବା ପ୍ରତି ପରିବାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏହି ଜୀବନ୍ତ ବାସ୍ତବତାକୁ ତଥ୍ୟ ଓ ପରିସଂଖ୍ୟାନରେ ପରିଣତ କରିଦେଲେ ଲୋକଙ୍କ ଯନ୍ତ୍ରଣାକୁ କାଗଜ ତଳେ ଲୁଚାଇ ଦିଆଯାଇପାରେ, କିନ୍ତୁ ଜନକଲ୍ୟାଣର ଆଭିମୁଖ୍ୟ ସାଧିତ ହୋଇପାରେ ନାହିଁ। 'ବିକଶିତ ଭାରତ-ଗ୍ୟାରେଣ୍ଟି ରୋଜଗାର ଓ ଆଜୀବିକା ମିଶନ୍ (ଗ୍ରାମୀଣ) ଯୋଜନା(ଭିଭି ଜୀ-ରାମ୍ ଜୀ) ପ୍ରଣୟନ କଲାବେଳେ କେନ୍ଦ୍ର ସରକାର ଦାବି କରିଥିଲେ ଯେ ରଦ୍ଦ ହୋଇଥିବା 'ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ନିଶ୍ଚିତତା ଆଇନ(ଏମ୍‌ନରେଗା' ତୁଳନାରେ ଏହା ଏକ 'ଉନ୍ନତ' ସଂସ୍କରଣ। ସରକାରଙ୍କ ଦାବି ଅନୁଯାୟୀ, ଏଥିରେ ନିଶ୍ଚିତ ରୋଜଗାରର ଦିନ ବୃଦ୍ଧି କରାଯାଇଛି, ସମଗ୍ର ଗ୍ରାମୀଣ ଭାରତରେ ଏହାକୁ ଲାଗୁ କରାଯାଇଛି ଏବଂ କେନ୍ଦ୍ର ପକ୍ଷରୁ ସର୍ବାଧିକ ଅର୍ଥ ବରାଦ କରାଯାଇଛି। ଏହାସହିତ ରାଜ୍ୟଗୁଡ଼ିକ ପକ୍ଷରୁ ଅତିରିକ୍ତ ୪୦ ପ୍ରତିଶତ ଅର୍ଥ ଯୋଗାଣର ବ୍ୟବସ୍ଥା ମଧ୍ୟ ରହିଛି। ଏହା ଦେଖି ସ୍ୱାଭାବିକ ଭାବେ ମନେ ହେବ ଯେ ଶ୍ରମିକମାନେ ନିଜର ପୂରା ୧୨୫ ଦିନର କାମ ପାଇବା ପାଇଁ କାର୍ଯ୍ୟସ୍ଥଳକୁ ଧାଇଁ ଆସୁଥିବେ। କିନ୍ତୁ ବାସ୍ତବତା ଏହାର ସମ୍ପୂର୍ଣ୍ଣ ବିପରୀତ।

'ଭିଭି ଜୀ-ରାମ୍ ଜୀ' ଲାଗୁ ହେବାର ପ୍ରଥମ ମାସରେ ସରକାରଙ୍କ ନିଜସ୍ୱ ତଥ୍ୟରୁ ଜଣାପଡ଼ିଛି ଯେ ଯୋଗାଇ ଦିଆଯାଇଥିବା କାମରେ ହ୍ରାସ ଘଟିଛି। ଗତବର୍ଷର ସମାନ ସମୟ ତୁଳନାରେ ଏହା ପ୍ରାୟ ୫୦ ପ୍ରତିଶତ କମ୍। ୨୦୨୫ ଡିସେମ୍ବର ୧୯ରେ 'ଏମ୍‌ନରେଗା'କୁ ରଦ୍ଦ କରି ତା' ସ୍ଥାନରେ 'ଭିଭି ଜୀ-ରାମ୍ ଜୀ' ଆଣିବା ପରଠାରୁ ପ୍ରତିମାସରେ ସୃଷ୍ଟି ହେଉଥିବା ରୋଜଗାର ଏକ ଗୁରୁତ୍ୱପୂର୍ଣ୍ଣ ମାପକ ଭାବେ ଗ୍ରହଣ କରାଯାଏ। ଗତ ଜୁନ୍ ମାସରେ 'ଏମ୍‌ନରେଗା' କୃଷି ଶ୍ରମିକ ସଂଗଠନ ସମେତ ଅନ୍ୟାନ୍ୟ କୃଷି ଶ୍ରମିକ ଅଧିକାର ସଂଗଠନଗୁଡ଼ିକ ସାମ୍ବାଦିକ ସମ୍ମିଳନୀରେ ବିଭାଗୀୟ ତଥ୍ୟ ଦେଖାଇ କହିଥିଲେ ଯେ, ୨୦୨୫ ମସିହା ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ ପ୍ରାୟ ୩୩୫.୪ ନିୟୁତ ମାନବ ଦିବସ ଥିବା ବେଳେ ୨୦୨୬ର ସମାନ ସମୟରେ ତାହା ୨୧୫.୨ ନିୟୁତକୁ ଖସିଆସିଛି। ଅର୍ଥାତ୍ ପ୍ରାୟ ୩୫.୮ ପ୍ରତିଶତ ହ୍ରାସ ଘଟିଛି। ପୂର୍ବର ତିନିବର୍ଷର ହାରାହାରି ସହ ତୁଳନା କଲେ ମଧ୍ୟ ସମାନ ହ୍ରାସର ଚିତ୍ର ଦେଖିବାକୁ ମିଳୁଛି। ଏହାର ପ୍ରତିକ୍ରିୟାରେ ସରକାର କହିଥିଲେ ଯେ, ଜୁଲାଇ ୧ରୁ ନୂଆ ଆଇନ ଲାଗୁ ହେବା ପରେ ସବୁକିଛି ଠିକ୍ ହୋଇଯିବ। କିନ୍ତୁ ପରବର୍ତ୍ତୀ ରିପୋର୍ଟ ଦର୍ଶାଉଛି ଯେ ଜୁଲାଇରେ ପରିସ୍ଥିତି ଆହୁରି ଖରାପ ହୋଇଛି। ଗତବର୍ଷର ସମାନ ସମୟ ତୁଳନାରେ ରୋଜଗାର ଦିଆଯାଇଥିବା ମାନବ ଦିବସ ପ୍ରାୟ ୫୦ ପ୍ରତିଶତ କମିଯାଇଛି। କାମ ପାଇଁ ଆସୁଥିବା ପରିବାର ସଂଖ୍ୟା ମଧ୍ୟ ପ୍ରାୟ ୫୦ ପ୍ରତିଶତ ହ୍ରାସ ପାଇଛି। ଏହି ସମୟରେ ଦେଶ ବ୍ୟାପକ ବେକାରି ଏବଂ ମରୁଡ଼ିଜନିତ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି। ୧୨୫ ଦିନର ନିଶ୍ଚିତ ରୋଜଗାରର ଧାରଣା ଏକ ଭ୍ରାନ୍ତିରେ ପରିଣତ ହୋଇଛି।

ଶାସକ ଦଳ ବ୍ୟତୀତ ଅନ୍ୟ କେହି ଏହି ନୂଆ ଆଇନକୁ ସ୍ୱାଗତ କରିନଥିଲେ। ଶ୍ରମିକ, ନିର୍ବାଚିତ ରାଜ୍ୟ ସରକାର, ରାଜନୈତିକ ଦଳ, ସଂସଦୀୟ ସ୍ଥାୟୀ କମିଟି କିମ୍ବା ସଂସଦ ଭିତରେ ମଧ୍ୟ ଆବଶ୍ୟକ ପରାମର୍ଶ କିମ୍ବା ଗଭୀର ବିଚାର ବିମର୍ଶ ବିନା ଏହି ଆଇନ ଗୃହୀତ କରାଯାଇଥିଲା। ବିରୋଧୀ ଦଳଗୁଡ଼ିକ ଏହାକୁ ପ୍ରତ୍ୟାହାର କରିବା କିମ୍ବା ଅନ୍ତତଃ ଆଲୋଚନା ଓ ପୁନଃପରୀକ୍ଷା ପାଇଁ ଦାବି କରିଥିଲେ। କିନ୍ତୁ ସରକାର ନିଜର ସଂଖ୍ୟାଗତ ଅଧିକତା ବ୍ୟବହାର କରି ଏହି ଆପତ୍ତିଗୁଡ଼ିକୁ ଅଣଦେଖା କରିଥିଲେ। ସରକାର ଜୋର ଦେଇ କହିଥିଲେ ଯେ, 'ଭିଭି ଜୀ-ରାମ୍ ଜୀ' ବାସ୍ତବରେ ଐତିହାସିକ ଏବଂ 'ଏମ୍‌ନରେଗା'ର ଏକ ଉନ୍ନତ ସଂସ୍କରଣ। ଏହା ଅଧିକ ମଜୁରି ସହିତ ୧୨୫ ଦିନର ନିଶ୍ଚିତ ରୋଜଗାର ଦେବ ଏବଂ ଉନ୍ନତ ଡିଜିଟାଲ୍ ଓ ପ୍ରଯୁକ୍ତିଭିତ୍ତିକ ନିରୀକ୍ଷଣ ବ୍ୟବସ୍ଥା ରହିବ। ଶ୍ରମିକ ସଂଗଠନ, ନାଗରିକ ସମାଜ ଏବଂ ବିରୋଧୀ ଦଳଗୁଡ଼ିକର ତୀବ୍ର ଆପତ୍ତି ସତ୍ତ୍ୱେ କେନ୍ଦ୍ର ସରକାର ଏହି ନୂଆ ଆଇନକୁ ଜୁଲାଇ ୧ରୁ ଲାଗୁ କରିଥିଲେ। ପ୍ରାୟ ୨୦ ବର୍ଷ ଧରି ଭାରତର ଗ୍ରାମୀଣ ଶ୍ରମିକମାନଙ୍କ ପାଇଁ ଏକ ଅସମ୍ପୂର୍ଣ୍ଣ, କିନ୍ତୁ ଅତ୍ୟନ୍ତ ଜରୁରୀ ଜୀବନଧାରଣର ଆଶ୍ରୟ ଭାବେ କାମ କରିଥିବା ରୋଜଗାର ନିଶ୍ଚିତତା ବ୍ୟବସ୍ଥାକୁ ନୂଆ ଆଇନ କିପରି ପ୍ରଭାବିତ କରୁଛି, ତାହା ବୁଝିବା ପାଇଁ ଏହାର ବ୍ୟବସ୍ଥା ଓ କାର୍ଯ୍ୟକାରିତାକୁ ଦେଖିବା ଆବଶ୍ୟକ।

କେନ୍ଦ୍ର ସରକାର ଏପରି ଏକ ଆଇନ କରିଛନ୍ତି, ଯେଉଁଥିରେ ରାଜ୍ୟ ସରକାରଙ୍କୁ ୧୨୫ ଦିନର କାମ 'ନିଶ୍ଚିତ' କରିବାକୁ ବାଧ୍ୟ କରାଯାଇଛି। କିନ୍ତୁ ଏହି ନିଶ୍ଚିତତାକୁ ବାସ୍ତବରେ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ବିପୁଳ ଆର୍ଥିକ ସମ୍ବଳ ଯୋଗାଇବାର ଦାୟିତ୍ୱ କେନ୍ଦ୍ର ନିଜ ଉପରକୁ ନେଇନାହିଁ। କେନ୍ଦ୍ର ସରକାର କହିଛନ୍ତି ଯେ ଚଳିତ ବର୍ଷ ସର୍ବାଧିକ ୯୫, ୬୯୨.୩୧ କୋଟି ଟଙ୍କା ବରାଦ କରାଯାଇଛି। ଏହାସହିତ ରାଜ୍ୟଗୁଡ଼ିକର ବାଧ୍ୟତାମୂଳକ ୪୦ ପ୍ରତିଶତ ଅବଦାନ ମିଶିଲେ ମୋଟ ସମ୍ବଳ ୧, ୫୫, ୦୦୦ କୋଟି ଟଙ୍କା ହେବ। କିନ୍ତୁ ଏହା କେବଳ କାଗଜରେ ଥିବା ଏକ ହିସାବ ମାତ୍ର। ଯଦି ଆବଶ୍ୟକୀୟ କାମ ଦିଆଯାଉନାହିଁ ଏବଂ ରାଜ୍ୟଗୁଡ଼ିକୁ ଏହି କାର୍ଯ୍ୟକ୍ରମ ଚଳାଇବା ପାଇଁ ଆବଶ୍ୟକ ପ୍ରୋତ୍ସାହନ ଦିଆଯାଉନାହିଁ, ତେବେ କାଗଜରେ ଯେତେ ଅର୍ଥ ବରାଦ ହେଲେ ମଧ୍ୟ ତାହାର କୌଣସି ବାସ୍ତବ ଅର୍ଥ ରହିବ ନାହିଁ। କେନ୍ଦ୍ର ସରକାର ଦିନକୁ ୩୦୦ ଟଙ୍କାର ଏକ ନ୍ୟୂନତମ ସ୍ତରର ମଜୁରି ଧାର୍ଯ୍ୟ କରିଛନ୍ତି। କିନ୍ତୁ ଏହି ମଜୁରି ଅଧିକାଂଶ ରାଜ୍ୟର ନ୍ୟୂନତମ ମଜୁରିଠାରୁ ମଧ୍ୟ କମ୍। ଏପରିକି ବିଜେପି ସରକାର ଦ୍ୱାରା ନିଯୁକ୍ତ 'ଶତପଥୀ କମିଟି' ଜୁନ୍ ୨୦୧୮ ମୂଲ୍ୟସ୍ତର ଆଧାରରେ ଦିନକୁ ୩୭୫ ଟଙ୍କା ନ୍ୟୂନତମ ମଜୁରି ସୁପାରିସ କରିଥିଲା। ତେଣୁ ୩୦୦ ଟଙ୍କାର ମଜୁରି ମଧ୍ୟ ଏହି ସୁପାରିସଠାରୁ ବହୁତ କମ୍।

ସେହିପରି ପ୍ରଯୁକ୍ତିଭିତ୍ତିକ 'ଭିଭି ଜୀ-ରାମ୍ ଜୀ' କାର୍ଯ୍ୟକାରିତା ବ୍ୟବସ୍ଥା ସାରା ଦେଶର ଶ୍ରମିକମାନଙ୍କ ପାଇଁ ବହୁତ ବଡ଼ ପ୍ରବଞ୍ଚନା ଓ ଯନ୍ତ୍ରଣା ସୃଷ୍ଟି କରିଛି। ଇ-କେୱାଇସି ବାଧ୍ୟତାମୂଳକ କରାଯିବା ଫଳରେ କୋଟି କୋଟି ଜବ୍ କାର୍ଡ ବାତିଲ୍ ହୋଇଛି। କାମ ପାଇଁ ଆସୁଥିବା ପରିବାର ସଂଖ୍ୟା ଏତେ ନାଟକୀୟ ଭାବେ କମିବାର ଏହା ଏକ ପ୍ରମୁଖ କାରଣ ହୋଇପାରେ। ଏହା ସହିତ ଏନ୍ଏମ୍ଏମ୍ଏସ୍ ମାଧ୍ୟମରେ ମୁହଁ ଚିହ୍ନଟ ବ୍ୟବସ୍ଥା ମଧ୍ୟ ଅନେକ ଶ୍ରମିକଙ୍କୁ କାମ ପାଇବା ପରେ ମଧ୍ୟ ବଞ୍ଚିତ କରୁଛି। ପ୍ରାୟ ୧୧ କୋଟି ପଞ୍ଜୀକୃତ ସକ୍ରିୟ ଶ୍ରମିକଙ୍କ ପ୍ରତ୍ୟେକଙ୍କର ଦିନକୁ ଦୁଇଥର ଫଟୋ ନେବା, ତାହାକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ସହିତ 'ଜିଓଟ୍ୟାଗ୍' ଓ 'ଜିଓଫେନ୍‌ସଡ୍' କରିବା କେତେ କଷ୍ଟକର, ତାହା ବୁଝିବା ପାଇଁ ବିଶେଷ କଳ୍ପନାଶକ୍ତିର ଆବଶ୍ୟକତା ନାହିଁ। ଏମ୍‌ନରେଗାର ଶ୍ରମିକମାନେ ନିଜେ ଦାବି କରିଛନ୍ତି ଯେ, ଏହି ନିରୀକ୍ଷଣ ଓ ଉପସ୍ଥାନ ବ୍ୟବସ୍ଥା ସମସ୍ତ ସରକାରୀ କର୍ମଚାରୀଙ୍କ ଉପରେ ମଧ୍ୟ ଲାଗୁ କରାଯାଉ। ତାହାହେଲେ ସେମାନେ ବୁଝିପାରିବେ ଯେ ପ୍ରଯୁକ୍ତି ନାମରେ ହେଉଥିବା ଏପରି ହଇରାଣ ହରକତ ଏବଂ ଦରମା-ମଜୁରି ହରାଇବାର ଯନ୍ତ୍ରଣା କ'ଣ।

ସାମ୍ବିଧାନିକ ବ୍ୟବସ୍ଥା ଅନ୍ତର୍ଗତ କେନ୍ଦ୍ର ସରକାରଙ୍କ କୌଣସି ଆଇନ କାର୍ଯ୍ୟକାରୀ କରିବା ଫଳରେ ଯଦି ରାଜ୍ୟଗୁଡ଼ିକ ଉପରେ ଅତିରିକ୍ତ ଆର୍ଥିକ ଭାର ପଡ଼େ, ତେବେ ସେହି ଆର୍ଥିକ ଭାର ପାଇଁ କେନ୍ଦ୍ରକୁ ଅର୍ଥ ଯୋଗାଇବାକୁ ପଡ଼ିବ। ଆରମ୍ଭରେ ବିରୋଧୀ ଦଳ ଶାସିତ ରାଜ୍ୟଗୁଡ଼ିକ ଏହାକୁ ବିରୋଧ କରିଥିଲେ। କିନ୍ତୁ ପରେ ସେମାନେ ମଧ୍ୟ ଏହି ବ୍ୟବସ୍ଥାକୁ ଗ୍ରହଣ କରିନେଇଥିବା ଭଳି ଦେଖାଯାଉଛି। ରାଜନୈତିକ ବିରୋଧୀ ଶକ୍ତିମାନେ ମଧ୍ୟ କାମ କରୁଥିବା ଗରିବ ଲୋକଙ୍କ ସହିତ ଠିଆ ହେବାର ନୈତିକ ଦାୟିତ୍ୱରୁ ନିଜକୁ ଦୂରେଇ ରଖିଥିବା ଭଳି ଲାଗୁଛି। କେବଳ ପ୍ରତିବାଦର ସ୍ୱର ଉଠାଇବା ବ୍ୟତୀତ ସେମାନେ ପ୍ରତିବାଦକୁ ନିର୍ଣ୍ଣାୟକ ଭୂମିକାରେ ପରିବର୍ତ୍ତିତ କରିପାରି ନାହାନ୍ତି। ରାଜ୍ୟଗୁଡ଼ିକ ମଧ୍ୟ ଏହା ବିରୋଧରେ ଆବଶ୍ୟକ ଭାବରେ ସଂଗଠିତ ହୋଇନାହାନ୍ତି। ସେମାନେ 'ଭିଭି ଜୀ-ରାମ୍ ଜୀ' ବିରୋଧରେ ଆଇନଗତ ଆହ୍ୱାନ ମଧ୍ୟ କରିନାହାନ୍ତି। ନିଜ ନିଜ ରାଜ୍ୟରେ ଲୋକଙ୍କୁ କାମର ନିଶ୍ଚିତତା ଦେବା ପାଇଁ କୌଣସି ବିକଳ୍ପ ଆଇନ ଆଣିବାର ଚେଷ୍ଟା ମଧ୍ୟ କରାଯାଇନାହିଁ।

ଏହି ସମୟରେ ଭାରତର ସବୁଠାରୁ ଅସୁରକ୍ଷିତ ଶ୍ରମିକ ବର୍ଗ, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ମହିଳା, ଏହାର ମୂଲ୍ୟ ଦେଉଛନ୍ତି। କାମ କରିବାର ଅଧିକାର ମାଧ୍ୟମରେ ମିଳୁଥିବା ଏହି ଅସମ୍ପୂର୍ଣ୍ଣ କିନ୍ତୁ ଅତ୍ୟନ୍ତ ଜରୁରୀ ଜୀବନଧାରଣର ଆଶ୍ରୟଟି ମଧ୍ୟ ସେମାନଙ୍କ ହାତରୁ ଖସିଯାଉଛି। ଶାସକ ଦଳ ଏହା ମନେ ରଖିବା ଉଚିତ ଯେ, ରାସ୍ତାରେ ପ୍ରତିବାଦ କରୁଥିବା ଯୁବପିଢ଼ିର ଅସନ୍ତୋଷ ପଛରେ କେବଳ ରାଜନୈତିକ କିମ୍ବା ସାମାଜିକ ପ୍ରଶ୍ନ ନାହିଁ। ତାହାର ମୂଳରେ ରହିଛି ନିଯୁକ୍ତି ଓ ରୋଜଗାରର ଆବଶ୍ୟକତା। 'ଭିଭି ଜୀ-ରାମ୍ ଜୀ' ଭାରତରେ ଥିବା ଏକମାତ୍ର ନିଶ୍ଚିତ ରୋଜଗାର ବ୍ୟବସ୍ଥାକୁ ଦୁର୍ବଳ କରିଦେଇଛି। ଏଥିରୁ କିଏ ଲାଭବାନ ହେଉଛି ଏହା ଭାରତର ରାଜନୈତିକ ଓ ଆର୍ଥିକ ଶାସକ ବର୍ଗ ନିଜକୁ ପଚାରିବାକୁ ପଡ଼ିବ। ●

(ସଭାପତି, ଉତ୍କଳ ସାମ୍ବାଦିକ ସଂଘ)
ଭୁବନେଶ୍ୱର, ମୋ: ୯୪୩୭୦୦୬୩୬୩

# ଅପରାଧ ବଢ଼ୁଛି ନା ଆମେ ମଣିଷତ୍ୱ ହରାଉଛୁ?

ଦେବଦତ୍ତ ଦାଶ

ଓଡ଼ିଶା ବଦଳୁଛି। ରାସ୍ତା ବଢ଼ୁଛି, ସହର ବଢ଼ୁଛି, ଶିକ୍ଷାର ହାର ବଢ଼ୁଛି, ପ୍ରଯୁକ୍ତି ହାତପାଆନ୍ତାରେ ପହଞ୍ଚିଛି। ଆମେ ବିକାଶର କଥା କହୁଛୁ। କିନ୍ତୁ ଏହି ବିକାଶର ଭିଡ଼ ଭିତରେ ଏକ ପ୍ରଶ୍ନ ନିରବରେ ଆମ ପଛରେ ଚାଲିଛି - ଆମ ସମାଜ କ'ଣ ସତରେ ଆଗକୁ ବଢ଼ୁଛି? ଅପରାଧର ଖବର ଆଜି ଆଉ କେବଳ ସହରରେ ସୀମିତ ନାହିଁ। ଗ୍ରାମାଞ୍ଚଳରୁ ମଧ୍ୟ ହିଂସା, ନିଶା, ଚୋରି, ଠକେଇ ଓ ବିଭିନ୍ନ ଅପରାଧ ସମ୍ପର୍କିତ ଘଟଣା ସାମ୍ନାକୁ ଆସୁଛି। କେବଳ ପୁଲିସକୁ ଦୋଷ ଦେଇ ଆମେ ଆମ କର୍ତ୍ତବ୍ୟ ସାରିଦେଉଛୁ। ସମସ୍ୟାର ମୂଳକୁ ଆମେ ଛୁଇଁପାରୁନାହୁଁ। ଅପରାଧୀ ତିଆରି ହେଉଛି କେଉଁଠି? - ଏବେ ଏହି ପ୍ରଶ୍ନ ଅଧିକ ପ୍ରାସଙ୍ଗିକ।

ଆଜି ପଡ଼ୋଶୀ ଆଉ ପଡ଼ୋଶୀ ନୁହେଁ। ଆଜି ଆମଭିତରୁ ମାନବିକତା ଓ ସାମାଜିକତା ହଜିଯାଉଛି। ଦିନେ ଯେଉଁ ଗାଁରେ ଜଣଙ୍କ ଘରେ ଦୁଃଖ ହେଲେ ସାରା ଗାଁ ଠିଆ ହେଉଥିଲା, ଆଜି ସେଠାରେ ପଡ଼ୋଶୀ ଘରେ କ'ଣ ଘଟୁଛି ଜାଣିବାକୁ ଅନେକଙ୍କ ସମୟ ନାହିଁ। ସମ୍ପର୍କ ଭାଙ୍ଗୁଛି, ଭରସା କମୁଛି ଓ ସାମାଜିକ ଦାୟିତ୍ୱର ଭାବନା ଦୁର୍ବଳ ହେଉଛି। ଏହି ଶୂନ୍ୟସ୍ଥାନରେ ଅପରାଧୀ ମାନସିକତା ମୂଳ ଧରିବାର ସୁଯୋଗ ପାଉଛି। ଆମ ସମାଜର ଆଉ ଏକ ଗଭୀର ରୋଗ ଅସହିଷ୍ଣୁତା। ଜଣେ ଉଠିଲେ ଅନ୍ୟଜଣ ଗୋଡ଼ ଟାଣୁଛି। ଜଣେ ଯୁବକ ନିଜ ଉଦ୍ୟମରେ ବ୍ୟବସାୟ ଆରମ୍ଭ କଲେ, ଅନ୍ୟଜଣକ ତାଙ୍କ ବିଫଳତା ଚାହେଁ। କେହି ଚାକିରି ପାଇଲେ ଈର୍ଷା ଆରମ୍ଭ ହୁଏ। କେହି ସମାଜରେ ନାଁ କଲେ ତାଙ୍କୁ ତଳକୁ ଟାଣିବା ପାଇଁ ଚେଷ୍ଟା ହୁଏ। ଏହି ମାନସିକତା ଯଦି ପରିବାରରୁ ସମାଜ ଏବଂ ସମାଜରୁ କାର୍ଯ୍ୟକ୍ଷେତ୍ର ପର୍ଯ୍ୟନ୍ତ ପହଞ୍ଚେ, ତେବେ ସେଠାରେ ସୁସ୍ଥ ପ୍ରତିଯୋଗିତା ରହେ ନାହିଁ; ରହିଯାଏ ଅସହିଷ୍ଣୁତା।

ଆଜି ଶିକ୍ଷିତ ଯୁବକଙ୍କ ସଂଖ୍ୟା ବଢ଼ିଛି। କିନ୍ତୁ ଶିକ୍ଷା କେବଳ ମାର୍କସିଟ୍ ଓ ସାର୍ଟିଫିକେଟରେ ସୀମିତ ହୋଇଯାଇଛି। ଶିକ୍ଷା ଯଦି ମଣିଷକୁ ମଣିଷ ଭଳି ସମ୍ମାନ କରିବା ଶିଖାଇ ପାରୁନାହିଁ, ତେବେ ସେହି ଶିକ୍ଷାର ମୂଲ୍ୟ କେଉଁଠି? ଡିଗ୍ରୀ ବଢ଼ୁଛି, କିନ୍ତୁ ଚାକିରିର ସୁଯୋଗ ସେହି ଅନୁପାତରେ ବଢ଼ୁନାହିଁ। ଯୁବପିଢ଼ିର ଏକ ଅଂଶ ଦୀର୍ଘ ସମୟର ବେକାରି ଓ ଅନିଶ୍ଚିତତାରେ ହତାଶ ହେଉଛି। ଏହି ହତାଶାକୁ ଯଦି ସଠିକ୍ ଦିଗ ଦିଆ ନ ଯାଏ, ତେବେ ତାହାର ପରିଣାମ ସମାଜକୁ ଭୋଗିବାକୁ ପଡ଼ିପାରେ। ନିଶା ଆଗାମୀ ପିଢ଼ି ପାଇଁ ସବୁଠାରୁ ବଡ଼ ବିପଦ। ନିଶା ବିରୋଧରେ ଯେତେ ଅଭିଯାନ ହେଉ, ଯଦି ଗାଁର ଗଳିରେ ନିଶା ସହଜରେ ମିଳୁଛି, ତେବେ ଆମକୁ ଆତ୍ମସମୀକ୍ଷା କରିବାକୁ ହେବ। ଏହା କେବଳ ପୁଲିସର ସମସ୍ୟା ନୁହେଁ। ଏହା ଘରର ସମସ୍ୟା, ବିଦ୍ୟାଳୟର ସମସ୍ୟା, ସମାଜର ସମସ୍ୟା। ଯେଉଁ ଯୁବକଙ୍କ ହାତରେ ପୁସ୍ତକ, କମ୍ପ୍ୟୁଟର କିମ୍ବା ରୋଜଗାରର ସାଧନ ରହିବା କଥା, ତାଙ୍କ ହାତ ଯଦି ନିଶାରେ ବନ୍ଧା ପଡ଼େ, ତେବେ ଏହା କେବଳ ଜଣେ ଯୁବକର ପତନ ନୁହେଁ, ଏହା ଏକ ପରିବାର, ଏକ ପିଢ଼ି ଓ ଏକ ସମାଜର ପରାଜୟ।

ଅପରାଧ ରୋକିବା ପାଇଁ କଠୋର ଆଇନ ଆବଶ୍ୟକ। କିନ୍ତୁ ଆଇନ ଥିବା ଯଥେଷ୍ଟ ନୁହେଁ। ଆଇନର ନିଷ୍ପକ୍ଷ ଓ ଦ୍ରୁତ ପ୍ରୟୋଗ ଉପରେ ଲୋକଙ୍କ ଆସ୍ଥା ରହିବା ମଧ୍ୟ ଆବଶ୍ୟକ। ଅନ୍ୟପଟେ, ଅପରାଧର ସାକ୍ଷୀମାନେ ଯଦି ଭୟରେ ଚୁପ୍ ରହନ୍ତି, ତେବେ ନ୍ୟାୟ ପ୍ରକ୍ରିୟା ଦୁର୍ବଳ ହୋଇପାରେ। ତେଣୁ ପ୍ରଶ୍ନ କେବଳ 'ପୁଲିସ କ'ଣ କରୁଛି?' ନୁହେଁ। ପ୍ରଶ୍ନ ହେଉଛି ସାକ୍ଷୀ କାହିଁକି ଭୟ କରୁଛନ୍ତି? ଲୋକେ ଆଇନ ଉପରେ କେତେ ଭରସା କରୁଛନ୍ତି? ଏବଂ ଅପରାଧୀଙ୍କ ମନରେ ଆଇନର ଭୟ କେତେ ଅଛି? କେବଳ ସରକାରକୁ ଦୋଷ ଦେଲେ ହେବ ନାହିଁ। ଅପରାଧ ବଢ଼ିଲେ ସରକାରକୁ ପ୍ରଶ୍ନ କରିବା ଗଣତନ୍ତ୍ରର ଅଧିକାର। ପୁଲିସ ବ୍ୟବସ୍ଥାକୁ ପ୍ରଶ୍ନ କରିବା ମଧ୍ୟ ଆବଶ୍ୟକ। କିନ୍ତୁ ସମାଜ ନିଜକୁ ମଧ୍ୟ ପ୍ରଶ୍ନ କରିବା ଦରକାର। ଅପରାଧୀ ଜନ୍ମରୁ ଅପରାଧୀ ହୁଏ ନାହିଁ। ପରିବାର, ପରିବେଶ, ନିଶା, ବେକାରି, ଅସାମାଜିକ ସଙ୍ଗତି, ଲୋଭ, ଅସହିଷ୍ଣୁତା ଓ ଅନେକ ସାମାଜିକ କାରଣ ତାର ମାନସିକତାକୁ ପ୍ରଭାବିତ କରିପାରେ। ତେଣୁ ସମାଧାନ ମଧ୍ୟ ବହୁମୁଖୀ ହେବା ଦରକାର।

ଓଡ଼ିଶାକୁ କେବଳ ଭୌତିକ ଭାବେ ବିକଶିତ ରାଜ୍ୟ କରିବା ଯଥେଷ୍ଟ ନୁହେଁ। ଆମକୁ ଏକ ସୁରକ୍ଷିତ, ସମ୍ବେଦନଶୀଳ, ଦାୟିତ୍ୱବାନ ଓ ମାନବିକ ସମାଜ ଗଢ଼ିବାକୁ ପଡ଼ିବ। ଯୁବକଙ୍କୁ ନିଶାରୁ ଦୂରେଇ ଦକ୍ଷତା ଓ ରୋଜଗାରର ସୁଯୋଗ ଦେବାକୁ ହେବ। ଶିକ୍ଷାକୁ କେବଳ ପରୀକ୍ଷା ଓ ପାସ୍-ଫେଲ୍‌ରେ ସୀମିତ ନରଖି ଚରିତ୍ର ଗଠନ ସହ ଯୋଡ଼ିବାକୁ ହେବ। ନିଶା କାରବାର ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହିତ ପୁନର୍ବାସ ଓ ସଚେତନତାକୁ ମଧ୍ୟ ଗୁରୁତ୍ୱ ଦେବାକୁ ହେବ। ସାକ୍ଷୀଙ୍କ ସୁରକ୍ଷା ଓ ଆଇନ ପ୍ରତି ଆସ୍ଥାକୁ ମଜବୁତ କରିବାକୁ ହେବ। ସବୁଠାରୁ ବଡ଼ କଥା - ଆମ ମାନସିକତା ବଦଳାଇବାକୁ ହେବ। ଜଣେ ଆଗକୁ ବଢ଼ିଲେ ତାଙ୍କ ଗୋଡ଼ ଟାଣିବା ନୁହେଁ, ତାଙ୍କ ହାତ ଧରିବାକୁ ହେବ। ପଡ଼ୋଶୀର ଦୁଃଖରେ ପଡ଼ୋଶୀ ଠିଆ ହେବାକୁ ହେବ। ଅନ୍ୟାୟ ଦେଖି ଚୁପ୍ ରହିବା ନୁହେଁ, ନିରାପଦ ଭାବେ ତାହାର ପ୍ରତିବାଦ କରିବାକୁ ହେବ। କାରଣ ଆଜି ଯେଉଁ ଅପରାଧ ଅନ୍ୟ ଜଣଙ୍କ ଘରେ ଘଟୁଛି, କାଲି ସେହି ଅପରାଧ ଆମ ଦ୍ୱାରରେ ପହଞ୍ଚିପାରେ। ଓଡ଼ିଶାର ଭବିଷ୍ୟତ କେବଳ ସରକାରଙ୍କ ହାତରେ ନୁହେଁ, ଆମ ସମସ୍ତଙ୍କ ହାତରେ। ଆଜି ଯଦି ସମାଜ ଚୁପ୍ ରହିବ, କାଲି ଇତିହାସ ଆମକୁ ପଚାରିବ - 'ସମସ୍ୟା ଆସୁଥିବା ବେଳେ ତୁମେ କେଉଁଠି ଥିଲ?' ●

କେନ୍ଦ୍ରାପଡ଼ା, ମୋ: ୯୯୩୭୨୨୭୯୯୪

# ନବୀନ କୁମାରଙ୍କ ପ୍ରାଚୀନ-ଚିନ୍ତନ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠିତ 'ଡକ୍ଟର ନବୀନ କୁମାର ସାହୁ ମ୍ୟୁଜିୟମ' ମଧ୍ୟକୁ ପ୍ରବେଶ କରିବାର ଅନୁଭୂତି କି ଅପୂର୍ବ! ଶତସହସ୍ର ବର୍ଷ ତଳର 'ମାଟି, ମଣିଷ ଓ ସମୟ'ର କମ୍ପନରେ ଥରି ଉଠେ ଛାତି। ନବୀନ କୁମାର ସାହୁ କେବଳ ଓଡ଼ିଶାର ନୁହନ୍ତି ସମଗ୍ର ଭାରତବର୍ଷର ଜଣେ ସୁବିଖ୍ୟାତ ଐତିହାସିକ, ପ୍ରତ୍ନତତ୍ତ୍ୱବିତ ଓ ଶିକ୍ଷାବିତ - ଏକଥା ଜାଣନ୍ତି ସମସ୍ତେ; ମାତ୍ର ତାଙ୍କ 'ଐତିହାସିକ'ର ପରିଚୟ ଭିତରେ ସାହିତ୍ୟିକ ପ୍ରତିଭା କିପରି ପ୍ରଚ୍ଛନ୍ନ ଓ ପରିଚ୍ଛନ୍ନ - ତାହା ହିଁ ଏ ପ୍ରସଙ୍ଗରେ ତାତ୍ପର୍ଯ୍ୟପୂର୍ଣ୍ଣ।

ବିଭିନ୍ନ ଅଞ୍ଚଳରୁ ସଂଗୃହୀତ ପ୍ରାଗୈତିହାସିକ ହାତହତିଆର, ମୃତ୍ପାତ୍ର ଓ ପ୍ରତ୍ନତାତ୍ତ୍ୱିକ ସାମଗ୍ରୀ, ମୁଦ୍ରା, ଭାସ୍କର୍ଯ୍ୟ, ତାମ୍ରପଟ୍ଟ, ପ୍ରସ୍ତର ଅଭିଲେଖ ଏଠାରେ କିପରି କଥା କହି ଉଠନ୍ତି, ତାହା ଅନୁଭବୀ ଦର୍ଶକ ହିଁ ବୁଝିପାରେ। ଆଦିବାସୀ ଜନଜୀବନ ସହ ସମ୍ପୃକ୍ତ ବାଦ୍ୟଯନ୍ତ୍ର ହେଉ କି ବିଶିଷ୍ଟ ବ୍ୟକ୍ତିଙ୍କ ତୈଳଚିତ୍ର ପ୍ରତି ଦୃଷ୍ଟି ନିକ୍ଷେପ କଲେ ଅନୁଭୂତ ହୁଏ ସେମାନେ ସତେଯେମିତି ହୋଇ ଉଠୁଛନ୍ତି ଜୀବନ୍ତ। ଆଉ ଦର୍ଶକ ବିସ୍ମୟାଭିଭୂତ ହୋଇ ପରିଣତ ହୋଇଯାଉଛି ନିର୍ବାକ ପ୍ରସ୍ତରମୂର୍ତ୍ତିରେ। ପରମକାରୁଣିକ ବୁଦ୍ଧଦେବ, ମହାତ୍ମା ଗାନ୍ଧୀ, ବୀର ସୁରେନ୍ଦ୍ର ସାଏ, କବି ଗଙ୍ଗାଧର ମେହେରଙ୍କ ସହିତ ଅବାଧ ଭାବାଳାପରେ ଧ୍ୟାନମଗ୍ନ ହୋଇଯିବାର ସ୍ୱତନ୍ତ୍ର ଏକ ଜଗତ ଏହା। ଇତିହାସର ସତେ କି ସୁସଜ୍ଜିତ ସାହିତ୍ୟିକ ରୂପାୟନ! ପ୍ରତିଟି ସଂଗ୍ରହ ଓ ସଂରକ୍ଷଣ ମଧ୍ୟରେ ଶୁଣିହୁଏ ଡକ୍ଟର ସାହୁଙ୍କ ଦଶନ୍ଧି ଦଶନ୍ଧି ବ୍ୟାପୀ ନିରବଚ୍ଛିନ୍ନ ସାଧନାର ସ୍ପନ୍ଦନ।

'ଓଡ଼ିଶାରେ ବୌଦ୍ଧ ଧର୍ମ' ସମ୍ପର୍କରେ ସେ ଜଣେ ଶ୍ରେଷ୍ଠ ଗବେଷକ। ସୁବୃହତ ଇଂରାଜୀ ଗ୍ରନ୍ଥର ସଂକ୍ଷିପ୍ତ ରୂପ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ। ଅନେକ ପ୍ରବନ୍ଧ ତାଙ୍କର ଓଡ଼ିଶାର ପତ୍ରପତ୍ରିକାର ପୃଷ୍ଠାମଣ୍ଡନ କରିଛି। ତା' ମଧ୍ୟରେ ପୁଣି ଅନ୍ତର୍ଭୁକ୍ତ ଅନେକ ରଚନା, ଯାହା ଐତିହାସିକ ସତ୍ୟ ସହ ସାହିତ୍ୟିକ ସୌନ୍ଦର୍ଯ୍ୟର ଅପୂର୍ବ ସମନ୍ୱୟ। ବୁଦ୍ଧଦେବଙ୍କ ପ୍ରଥମ ଦୁଇଶିଷ୍ୟ ହେଉଛନ୍ତି ଓଡ଼ିଶାର- 'ତପସୁ' ଓ 'ବହ୍ଲିକ'। ଉଭୟଙ୍କୁ ନେଇ ସେ ଯେଉଁ କ୍ଷୁଦ୍ରଗଳ୍ପ ରଚନା କରିଛନ୍ତି ତାହା ପାଠକଲେ ଅନୁଭୂତ ହୁଏ ତାଙ୍କ ପ୍ରାଣରେ ଭରି ରହିଛି ବୌଦ୍ଧ-ଚେତନା-ସିକ୍ତ ଶାଶ୍ୱତ ସ୍ୱଚ୍ଛତା। ସତେ କି ସେ ଥିଲେ ବୁଦ୍ଧ-ଶିଷ୍ୟ ଆନନ୍ଦ! ସେଥିପାଇଁ ବୁଦ୍ଧପୂର୍ଣ୍ଣିମା ଦିନ ପ୍ରତିବର୍ଷ ଉପବାସ ଓ ପ୍ରାର୍ଥନାରେ ବିତାଉଥିଲେ। ଓଡ଼ିଶାର ମହିମାକୁ ସେ ନାନା ଭାବରେ କରି ଦେଇଛନ୍ତି ସମୁଜ୍ଜ୍ୱଳ। 'ଓଡ଼ିଶା ସହିତ ସମ୍ବଲପୁର ମିଶ୍ରଣ' ପ୍ରବନ୍ଧଟି ଏ ଦୃଷ୍ଟିରୁ ଉଲ୍ଲେଖନୀୟ।

ଡକ୍ଟର ସାହୁଙ୍କ ଏକାନ୍ତ ସ୍ମରଣୀୟ ଲେଖା ମଧ୍ୟରେ ରହିଛି, 'ଜାତୀୟ ବୀର ସୁରେନ୍ଦ୍ର ସାଏ', 'ପ୍ରଥମ ବୌଦ୍ଧ' ଗଳ୍ପ, 'ହୀରାଖଣ୍ଡ' ଗଳ୍ପ, 'କୀର୍ତ୍ତିଶାଳିନୀ ନାରୀ', ପ୍ରାଚୀନ ଭାରତରେ ଗଣତନ୍ତ୍ର ଶାସନ, 'ମଧୁସୂଦନ ଦାସ ' 'ଉତ୍କଳ', 'ଭାରତୀୟ ପରମ୍ପରା: କଳା ଓ ସ୍ଥାପତ୍ୟ', 'ପଦ୍ମସମ୍ଭବ', 'ଆଦିନାଥ ଋଷଭ କି ଜଗନ୍ନାଥ?', 'କାଳିଦାସଙ୍କ କାବ୍ୟରେ ଓଡ଼ିଶା', 'ସହିଦ ମାଧୋ ସିଂହ', 'ପଶ୍ଚିମ ଓଡ଼ିଶାର ରମଣୀୟ ସ୍ଥାନ', 'ଓଡ଼ିଶାରେ ବୌଦ୍ଧ ସଂସ୍କୃତି', 'ବୁଢ଼ାରଜା ମନ୍ଦିର', ' କଳିଙ୍ଗ ସମ୍ରାଟ ଖାରବେଳଙ୍କ ସମୟ ନିରୂପଣ' ଆଦି।

ସୁରେନ୍ଦ୍ର ମହାନ୍ତିଙ୍କ ସହିତ ମିଶି ସେ ରଚନା କରନ୍ତି 'ସିନ୍ଧୁ ସଭ୍ୟତା ଓ ଜୈନଧର୍ମ'। ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଥିବା ସମୟରେ 'ସପ୍ତର୍ଷି' ପତ୍ରିକାର ମୁଖ୍ୟ ସମ୍ପାଦକ ଭାବରେ ସେ ରଚନା କରିଥିବା ସମ୍ପାଦକୀୟଗୁଡ଼ିକ ଚିନ୍ତା ଉଦ୍ରେକକାରୀ ପ୍ରବନ୍ଧର ମର୍ଯ୍ୟାଦା ଲାଭ କରିବା ସ୍ୱାଭାବିକ। ଡକ୍ଟର ସାହୁଙ୍କ ମଧ୍ୟରେ ଯେଉଁ ଆବେଗାତ୍ମକ ଅନୁଭବ ଥିଲା ସଂରକ୍ଷିତ, ତାହା ଏହିସବୁ ସାହିତ୍ୟିକ ରଚନାରେ ପ୍ରତିଫଳିତ ହୋଇଛି ମର୍ମସ୍ପର୍ଶୀ ଭାବରେ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଯେଉଁଦିନ ଗୁଳିବିଦ୍ଧ କରାଯାଇଥିଲା, ସେତେବେଳେ ଡକ୍ଟର ସାହୁ ଥିଲେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଶ୍ରେଣୀର ଛାତ୍ର। ତାଙ୍କ ହୃଦୟର ଗଭୀର ବ୍ୟଥା ବ୍ୟକ୍ତ କରି ଜନ୍ମଭୂମିର ପ୍ରିୟ କବି ଗଙ୍ଗାଧର ମେହେରଙ୍କ ସୁପୁତ୍ର ଭଗବାନ ମେହେରଙ୍କ ନିକଟକୁ ସେ ଲେଖିଛନ୍ତି ଏକ ଦୀର୍ଘ ପତ୍ର।

ଡକ୍ଟର ସାହୁଙ୍କ ବାହ୍ୟ ଗାଠନିକ ରୂପଟି ଐତିହାସିକର। ଅନ୍ତଃରୂପ ସାହିତ୍ୟ ଶିଳ୍ପୀର। ଶ୍ରେଣୀ କକ୍ଷରେ ଶିକ୍ଷା ଦାନ ବେଳେ ସେ ଇତିହାସକୁ ଏତେ ପ୍ରାଞ୍ଜଳ, ଚିତ୍ତସମ୍ମୋହକ ଶୈଳୀରେ ବ୍ୟାଖ୍ୟା କରନ୍ତି ଯେ, ତାହା ରୂପାନ୍ତରିତ ହୋଇଯାଏ ସାହିତ୍ୟରେ। ଚରମ ଆର୍ଥିକ ଦାରିଦ୍ର୍ୟ ମଧ୍ୟରୁ ସେ ଆରୋହଣ କରିପାରିଥିଲେ ପ୍ରଜ୍ଞାର ପରମ ଐଶ୍ୱର୍ଯ୍ୟ ମଧ୍ୟକୁ। ପ୍ରାଚୀନ ସ୍ମୃତି ସଂରକ୍ଷଣ ଓ ବିଶ୍ଳେଷଣ ହିଁ ଯେ ନବୀନ ଚେତନାର ପରିଚୟ - ତାହା ପ୍ରମାଣିତ କରିଦେଲେ ସ୍ୱକୀୟ ସୁଦୃଢ଼ ସଂକଳ୍ପ ଆଉ ସାଧନା ବଳରେ। ଯାହା ପାଖରେ ପୁରୁଣା ଜିନିଷ ନାହିଁ ତା'ର ବୁନିୟାଦି ନାହିଁ ବୋଲି ଚକ୍ରବର୍ତ୍ତୀ ରାଜଗୋପାଳଚାରୀଙ୍କ ଉଚ୍ଚାରିତ ବାକ୍ୟଟି ଆମ ହୃଦୟରେ ତେଣୁ ପ୍ରତିଧ୍ୱନିତ ହୋଇଉଠେ ମହିମ୍ନ ନବୀନ କୁମାର ସାହୁ ସଂଗ୍ରହାଳୟ ଦର୍ଶନମାତ୍ରେ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପାରାଦୀପ ବନ୍ଦରରେ ଜାହାଜ ଗିରଫ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୯।୮(ସମିସ): ପାରାଦୀପ ବନ୍ଦରରେ ଏମଟି ୟୁନିଟି (ଆଇଏମଓ ୯୩୮୮୭୯୨) ଜାହାଜକୁ ଗିରଫ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୋଗ୍ଲାସି ଇନସ୍ୟୁରାନ୍ସ କମ୍ପାନି ଲିମିଟେଡ ପକ୍ଷରୁ ଦାୟର ସାମୁଦ୍ରିକ ବିବାଦ ସଂପର୍କିତ ଅନ୍ତରୀଣ ଆବେଦନର ହାଇକୋର୍ଟ ଶୁଣାଣି କରି ଜଷ୍ଟିସ ଭି.ନରସିଂହ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ପକ୍ଷରେ ଏ ସଂକ୍ରାନ୍ତ ମୂଳ ସାମୁଦ୍ରିକ ବିବାଦ ମାମଲାରେ ପ୍ରତିପକ୍ଷ ଏମଟି ୟୁନିଟି (ଆଇଏମଓ ୯୩୮୮୭୯୨) କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ସେପ୍ଟେମ୍ବର ୯କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଛି। ମାମଲାରୁ ପ୍ରକାଶ ଯେ ଜାହାଜଠାରୁ ୩କୋଟି ୧ଲକ୍ଷ ୯୮ ହଜାର ୪୮୩ ଟଙ୍କା ଦାବି କରି ଆବେଦନକାରୀ ସଂସ୍ଥା ଏହି ମାମଲା ଦାୟର କରିଛି। ମୂଳ ସାମୁଦ୍ରିକ ବିବାଦ ମାମଲା ବିଚାରାଧୀନ ଥିବା ବେଳେ ଜାହାଜକୁ ଗିରଫ କରାଯାଉ ବୋଲି ଦର୍ଶାଇ ଆବେଦନକାରୀ ଅନ୍ତରୀଣ ଆବେଦନ ଦାୟର କରିଥିଲେ। ପ୍ରତିପକ୍ଷ ଜାହାଜଟି ଖୁବ ଶୀଘ୍ର ପାରାଦୀପ ବନ୍ଦର ଛାଡି ଚାଲିଯାଇ ପାରେ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଯଦି ପାରାଦୀପ ବନ୍ଦରରୁ ଜାହାଜ ଅନ୍ୟତ୍ର ଚାଲିଯାଏ ତେବେ ଏହି ମାମଲା ଅପ୍ରାସଂଗିକ ହୋଇଯିବ ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଏହାପରେ ହାଇକୋର୍ଟ ଜାହାଜକୁ ପାରଦୀପ ବନ୍ଦରରେ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ୩୦ ବର୍ଷ ପରେ ବି ରାଜ୍ୟରେ କାର୍ଯ୍ୟକାରୀ ହେଉନି ପେସା ଆଇନ

## ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୯।୮(ସମିସ): ପଞ୍ଚାୟତ ଏକ୍ସଟେନସନ ଟୁ ସିଡ୍ୟୁଲ୍ଡ ଏରିଆଜ ଆକ୍ଟ ବା ପେସା ଆଇନ-୧୯୯୬ ରାଜ୍ୟରେ କାର୍ଯ୍ୟକାରୀ କରାଯାଉ ନଥିବା ପ୍ରସଂଗକୁ ନେଇ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। ପୁରୁଷୋତ୍ତମ ହିକକା ଓ ଅନ୍ୟ ତିନି ଜଣଙ୍କ ତରଫରୁ ଦାୟର ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେପ୍ଟେମ୍ବର ୩କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଆବେଦନକାରୀ ଦର୍ଶାଇଛନ୍ତି ଯେ ଅନୁସୂଚିତ ଅଞ୍ଚଳ ଓ ଅନୁସୂଚିତ ଜନଜାତିଙ୍କ ପାଇଁ ସମ୍ବିଧାନ ସ୍ୱତନ୍ତ୍ର ସୁରକ୍ଷା ପ୍ରଦାନ କରିଛି। ଏଥିପାଇଁ ୧୯୯୬ରେ ପେସା ଆଇନ ପ୍ରଣୟନ ହୋଇଥିଲା। ଦୀର୍ଘ ୩୦ବର୍ଷ ପରେ ମଧ୍ୟ ରାଜ୍ୟ ସରକାର ପେସା ଆଇନ କାର୍ଯ୍ୟକାରୀ ପାଇଁ ନିୟମାବଳୀ ପ୍ରଣୟନ କରି ନାହାନ୍ତି। ପେସା ଆଇନରେ ଗ୍ରାମସଭାକୁ ଅନୁସୂଚିତ ଜନଜାତିଙ୍କ ପରମ୍ପରା, ପ୍ରଥା, ସାଂସ୍କୃତିକ ପରିଚୟ, ଗୋଷ୍ଠୀ ସମ୍ବଳ ସୁରକ୍ଷା ଓ ସଂରକ୍ଷଣ ପାଇଁ କ୍ଷମତା ଦିଆଯାଇଛି। ଅନୁସୂଚିତ ଅଞ୍ଚଳରେ ବେଆଇନ ଜମି ହସ୍ତାନ୍ତର ଉପରେ ଗ୍ରାମସଭା ଅଙ୍କୁଶ ଜାରି କରି ପାରିବ ବୋଲି ଆଇନରେ କୁହାଯାଇଛି। ମୟୂରଭଞ୍ଜ, ସୁନ୍ଦରଗଡ, କୋରାପୁଟ, ମାଲକାନଗିରି, ରାୟଗଡା, କେନ୍ଦୁଝର ସଂପୂର୍ଣ୍ଣ ଭାବେ ଓ ସମ୍ବଲପୁର, ବୌଦ୍ଧ, କନ୍ଧମାଳ, ଗଞ୍ଜାମ, କଳାହାଣ୍ଡି, ବାଲେଶ୍ୱର ଜିଲ୍ଲାର ଆଂଶିକ ଭାବେ ଅନୁସୂଚିତ ଅଞ୍ଚଳ ହୋଇଥିବା ବେଳେ ଏହି ଅଞ୍ଚଳବାସୀ ଉକ୍ତ ଆଇନର ସୁଫଳରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ କରାଯାଇଛି। ମାମଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହିତ ନ୍ୟାସନାଲ କମିସନ ଫର ଏସଟିଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 1103, dated 13.08.2026, I, KAMALA BHATRA, Daughter of - Kamallochan Bhatra & Wife of - Sanu Bhatra, permanent resident of Village - Makaput, PO - Chitra, PS - Kotpad, Dist - Koraput, Odisha,Pin - 764056, declare that I have changed my name from KAMALA CHAN BHATARA to KAMALA BHATRA. Henceforth, I shall be known as **KAMALA BHATRA** for all purposes.

Sd/- Kamala Bhatra

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 920, dated 11.08.2026, I, DURYADHAN MALI, Son of - Pitabas Mali, permanent resident of Village- Siuni, PO - Bhatrasiuni, PS - Nabarangpur, Dist - Nabarangpur, Odisha, Pin - 764063, declare that I have changed my name from DURJYAN MALI to DURYADHAN MALI. Henceforth, I shall be known as **DURYADHAN MALI** for all purposes.

Sd/- Duryadhan Mali

## AFFIDAVIT

By virtue of an affidavit sworn before the Executive Magistrate, Pipili, dated 19.08.2026, I, Suban Khan, S/o Rahematul Khan, resident of Vill-Baunsachali, PO-Odia Bazar, PS-Dargha Bazar, Dist-Cuttack, PIN-753002, declare that I have changed my name from Shashibhusan Bhoi to Suban Khan. Henceforth, I shall be known as **Suban Khan** for all purposes.

Sd/- Suban Khan

## Lost of Original Land ROR / Patta

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଯାଉଛି ଯେ ମୌଜା-ପଟିଆ ଅବସ୍ଥିତ ପ୍ଲଟ୍ ନଂ- ୩୯୪/୩୨୮୮, ଖାତା ନଂ- ୪୭୪/୪୯୬୨ ଏବଂ ପ୍ଲଟ୍ ନଂ- ୩୯୪/୩୨୮୯, ଖାତା ନଂ- ୪୭୪/୪୯୬୩, ପିପୁଲ୍ସ ଫୋରମ୍ (ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ) ନାମରେ ଥିବା ମୂଳ ପଟ୍ଟା, ତଥା ମୌଜା-ପଟିଆ ଅବସ୍ଥିତ ପ୍ଲଟ୍ ନଂ-୩୯୪/୩୨୮୯, ଖାତା ନଂ-୪୭୪/୩୯୯୫ ଏବଂ ପ୍ଲଟ୍ ନଂ- ୩୯୪/୩୨୮୮, ଖାତା ନଂ- ୪୭୪/୪୦୬୬, ସଜଳ ଶିବଦର୍ଶନଙ୍କ ନାମରେ ଥିବା ମୂଳ ପଟ୍ଟା ତା. ୦୩.୦୭.୨୦୨୬ରିଖ ପ୍ରାୟ ସକାଳ ୧୧.୦୦ଘଟିକା ସମୟରେ ଖଣ୍ଡଗିରି, ଭୁବନେଶ୍ୱର ଅଞ୍ଚଳରେ ହଜିଯାଇଛି । ଏହି ସମ୍ପର୍କରେ ଖଣ୍ଡଗିରି ଥାନାରେ ଅଭିଯୋଗ ଦାଖଲ କରାଯାଇଛି, (G.D. No. 014, Dated: 07/08/2026) ଉକ୍ତ ଦସ୍ତାବିଜ କାହାରି ନିକଟରେ ଥିଲେ କିମ୍ବା ମିଳିଥିଲେ ନିମ୍ନଲିଖିତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ ।

ପ୍ରମୋଦ କୁମାର ପଣ୍ଡା
ମୋବାଇଲ: ୯୯୩୭୧୧୫୧୧୧

## PUBLIC NOTICE

The original Title Deed bearing no. 10061108960 dt. 11.11.2011 executed before R.O., Balasore, with respect to Plot no. 768/1785, Khatian no. 476/1714, A.O.05 dc., Mouza: Sahadebkhunta, P.S.: Balasore Town, P.S. no. 2, Dist: Balasore, Executed in favour of Smt. Sanjulata Nayak, W/O: Bijay Kumar Nayak, is lost. No Equitable Mortgage / Charge with any Bank / Financial Institution is created by depositing the said original Regd. Sale Deed as security against any loan. If any Individual / Bank / Financial Institution is holding the said original Sale Deed, is requested to inform State Bank of India, F.M. Square Branch, Balasore (Mobile no. 7978013993) within 7 days from the date of this notice, where the present title holder thereof Prabir Kumar Das proposed to avail a loan against mortgage of Khatian no. 476/2083, Plot no. 768/1785, A.O.05 dc. by depositing the said deed as link document. Sri Prabir Kumar Das, S/o: Late Prasanta Kumar Das, resident of Village/ P.O.: Gopalgaon, P.S.: Balasore Town, Dist. Balasore. Mobile no. 9338704122.

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.: ST-OT-LHS-02-KUR-582, ତା.13.08.2026 ରିଖ

**କାର୍ଯ୍ୟର ନାମ :** Siemens ଦ୍ୱାରା ନିର୍ମିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ (EI) କାର୍ଯ୍ୟ ସହିତ ଖୋର୍ଦ୍ଧା ରୋଡ୍ (KUR) ମଣ୍ଡଳର ବିଭିନ୍ନ ଷ୍ଟେସନ/ ସେକ୍ସନଗୁଡ଼ିକ ମଧ୍ୟରେ କି.ମି. 140/29-31 ସ୍ଥିତ ଅନଧିକୃତ ପ୍ରବେଶ ସ୍ଥାନଗୁଡ଼ିକ ଠାରେ ଏବଂ କି.ମି. 424/14-16 ସ୍ଥିତ ବର୍ତ୍ତମାନର ଜଗୁଆଳୀ ଥିବା ଲେଭେଲ କ୍ରସିଙ୍ଗ୍ ନଂ. CT-29, କି.ମି. 473/29-31 ସ୍ଥିତ ସଂ. CT-65, କି.ମି.438/14-16 ସ୍ଥିତ ସଂ. JB-12, କି.ମି. 449/9-11 ସ୍ଥିତ ସଂ. CT-42 ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ବ୍ୟବସ୍ଥା ଏବଂ ନିର୍ମାଣ ।

**ଟେଣ୍ଡର ମୂଲ୍ୟ (₹) :** 2,14,33,436.10, EMD(₹) : 4,28,700.00 ।

ବିଡିଙ୍ଗ୍ ଆରମ୍ଭ ତାରିଖ : ତା.21.08.2026 ରିଖ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.04.09.2026 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଙ୍କେତ ଏବଂ ଦୂରସଞ୍ଚାର)/ ଖୋର୍ଦ୍ଧା ରୋଡ୍
PR-376/R/26-27

## AFFIDAVIT

By virtue of an affidavit sworn before Executive Magistrate, Sukinda, Jajpur Affidavit S.L.No. 1465 on dated 08/06/2026, I **KARTIKA OJHA**, S/o Bidyadhar Ojha resident of At.- Rajagola, Po- Atta, P.S: Sukinda, Dist: Jajpur, Odisha, PIN: 755018, declare that I have changed my minor son's name from **SAI SUBHASISH OJHA (Old Name)** to **SAIASISHE OJHA (New Name)**. Henceforth, he shall be known as **SAIASISHE OJHA** for all future purposes.

Sd- KARTIKA OJHA

## AFFIDAVIT

I, **Rekharani Panda**, W/o-Birendra Prasad Mishra, residing currently at Plot No.16, 1st Floor, Versha Village, Near Damana High School, Pin-751016, Odisha and Permanent Resident of At/Po- Arei, PS-Binjharpur, Dist-Jajpur, Pin-755027, Odisha declare by this Affidavit, dtd-03/08/2026 that **Rekharani Panda** and **Rekha Rani Mishra** is one and same person. Now onwards I shall be known as **Rekharani Panda** for all future purposes.

## ପୂର୍ବ ତଟ ରେଳପଥ

ଶୁଦ୍ଧିପତ୍ର

ଇ-ଟେଣ୍ଡର ବିଜ୍ଞପ୍ତି ସଂ. 40266092

**ବିବରଣୀ :** ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ପ୍ରକାଶିତ ଅନୁଯାୟୀ: ତା.17.08.2026 ରିଖ 1500 ଘଟିକା । ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ : ତା.24.08.2026 ରିଖ 1500 ଘଟିକା ।

ବିସ୍ତୃତ ବିବରଣୀ ପାଇଁ ଟେଣ୍ଡରଦାତାଙ୍କୁ ୱେବ୍ସାଇଟ୍ www.ireps.gov.in ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ / ସମ୍ବଲପୁର
PR-377/R/26-27

## ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ

### ଟେଣ୍ଡର ବିଜ୍ଞପ୍ତି

ଡିଭିଜନାଲ୍ ରେଳୱେ ମ୍ୟାନେଜର୍ (ଇଲେକ୍ଟ୍ରିକାଲ୍ / ପାୱାର୍), ରତଲାମଙ୍କ ପକ୍ଷରୁ www.ireps.gov.in ୱେବସାଇଟ୍ରେ ଇ-ଟେଣ୍ଡର ମାଧ୍ୟମରେ "ଖୋଲା ଟେଣ୍ଡର" ଆମନ୍ତ୍ରଣ କରାଯାଇଛି। ବିବରଣୀ ନିମ୍ନରୂପ:- କ୍ରମିକ ନଂ. ୧ - ଇ-ଟେଣ୍ଡର ନଂ.: EL-2025-26-26R2, କାର୍ଯ୍ୟର ନାମ: ରତଲାମ ଡିଭିଜନ୍: ରତଲାମ ଡିପୋରେ ପ୍ଲାଟଫର୍ମ ନଂ. ୦୪ ଏବଂ ପ୍ଲାଟଫର୍ମ ନଂ. ୦୭ରେ ୦୬ଟି ଏସ୍କାଲେଟର୍ ଏବଂ ଇନ୍ଦୋର ଷ୍ଟେସନର P F - ୦୫/୦୬ର ସର୍କୁଲେଟିଂ ଏରିଆରେ ୦୧ଟି ଏସ୍କାଲେଟର୍ ବ୍ୟବସ୍ଥା। (ଇଲେକ୍ଟ୍ରିକାଲ୍ + ସିଭିଲ୍), ଆନୁମାନିକ ମୂଲ୍ୟ: ଟ. ୪୦,୫୯,୪୧୭.୭୮, ଜମା କରିବାକୁ ଥିବା ବନ୍ଧକରାଶି: ଟ.୧୪,୮୧,୨୦୦.୦୦, କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ, ୱେବସାଇଟ୍ରେ ଅପଲୋଡ୍ ତାରିଖ: ୧୪.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୮.୦୯.୨୦୨୬। କ୍ରମିକ ନଂ. ୨ - ଇ-ଟେଣ୍ଡର ନଂ.: EL-2026-27-14, କାର୍ଯ୍ୟର ନାମ: ରତଲାମ ଡିଭିଜନ୍ରେ ଷ୍ଟାଫ୍ କ୍ୱାର୍ଟରଗୁଡ଼ିକର ପୁନଃ ତାରଯୋଗ(Rewiring) ସହିତ ପମ୍ପ ବ୍ୟବସ୍ଥାର ଉନ୍ନତି ସମ୍ବନ୍ଧୀୟ ବିଦ୍ୟୁତ କାର୍ଯ୍ୟ। ଆନୁମାନିକ ମୂଲ୍ୟ: ଟ. ୧,୯୭,୮୭,୫୫୬.୭୧, ଜମା କରିବାକୁ ଥିବା ବନ୍ଧକ ରାଶି: ଟ. ୩,୯୫,୮୦୦.୦୦, କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ, ୱେବସାଇଟ୍ରେ ଅପଲୋଡ୍ ତାରିଖ: ୧୪.୦୮.୨୦୨୬, ଟେଣ୍ଡର ଖୋଲିବା ତାରିଖ: ୦୮.୦୯.୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ଟେଣ୍ଡର ସର୍ତ୍ତାବଳୀ www.ireps.gov.in ୱେବସାଇଟ୍ରେ ଉପଲବ୍ଧ। ଟେଣ୍ଡର ଫର୍ମର ମୂଲ୍ୟ ଶୂନ୍ୟ (NIL)। Apex/211

Like us on: facebook.com/WesternRly

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 934, dated 12.08.2026, I, Smt. DAIMATI PAIKA, W/o TIKI CHARAN PAIKA, resident of - Bhatisaguda, Nabarangpur, PO/PS/ Dist - Nabarangpur, Odisha, declare that I have changed my name from DAMAYANTI RANA to DAIMATI PAIKA. Both names refer to one and the same person, i.e., myself. Henceforth, I shall be known as DAIMATI PAIKA for all purposes.

Sd/- Daimati Paika

## AFFIDAVIT

I, **Laxmikanta Giri**, S/o Purna Chandra Giri, At./Po. Kushadiha, P.S. Basta, Dist. Balasore-756029, Odisha declare by this affidavit sl No. 3441 DT. 08.05.2026 that I want to change my mother's name from **Basanti Mani Giri** to **Basanti Giri** for issuance of Passport. Henceforth, I shall be known and called as **Basanti Giri** for all purposes.

## AFFIDAVIT

By virtue of an affidavit (SL No. A/35, dtd- 03/08/2026) sworn before The Executive Magistrate, Panposh, Rourkela. I, **Phoolmoti** (new name), W/o Late Ramavatar, permanent & presently resident of At- House No. C/29, Diesel Colony, K Cabin Basti, Bondamunda, Dist: Sundargarh, Odisha, PIN-770032 declare that I have changed my name from **Fulamati Devi** (old name) to **Phoolmoti** (new name). Henceforth, I shall be known as **Phoolmoti** (new name) for all purposes.

**Phoolmoti**

## AFFIDAVIT

By virtue of an affidavit sworn before the Executive Magistrate, Titilagarh, dated 19.08.2026, We, Madhusudan Behera and Truptimayee Behera, At-Titilagarh (Sargiguda), P.S. Titilagarh, Dist. Balangir declare that we have changed the name of our minor daughter from MANOSWINI BEHERA to MANASWINE BEHERA. Henceforth, she shall be known as **MANASWINE BEHERA** for all purposes.

Sd/- Madhusudan Behera
Sd/- Truptimayee Behera

GOVERNMENT OF ODISHA 34001/659/2627

## OFFICE OF THE SUPERINTENDING ENGINEER NATIONAL HIGHWAY DIVISION, KATAKA-I

E-mail Id: nhcuttack@gmail.com

No: 3425 // Dated: 18/08/2026

### INVITATION FOR BIDS (IFB)

Identification No. 01 / SE NH, KATAKA of 2026-27

1. The Superintending Engineer, NH Division, Kataka on behalf of Governor of Odisha invites **percentage rate bid** in **single cover system on online mode** for construction of works detailed in the table given below from **Bidders as mentioned in column-8** registered with the State Government and Contractors of equivalent grade/class registered with other State Govt. / MES/ Railways / CPWD for execution of Civil works on production of definite proof from the appropriate authority. The successful bidder who has not registered under State Government has to register under the State PWD in appropriate class of eligibility before signing of the agreement.

| SL No | Name of work | Value of work (Approx.) (Rs. in lakh) (Excluding GST) | Concern-ed T.I.A. | Concern-ed Division | Bid Security Amount (Rs.) (Online) | Cost of Bid documents (Rs.) (Online) | Class of Bidder | Period of completion |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 01 | Construction of Pedestrian Guard railing with paver block and safety kerb on canal Embankment between Manasapolo to Chek Gate on NH-20 Ch. 189/680 to Ch. 190/093 Km. for the year 2026- 27 | 26.80 | SE, NH DIVISION, KATAKA | NH Division Kataka | 26800/- | 6,000/- | 'C' & 'B' | 1 (One) Calendar Month |

2. Bid documents will be available in website **www.tendersodisha.gov.in** from **10.00 hours of 21.08.2026 to 17.30 hours of 31.08.2026** for online bidding. The bidders must possess compatible Digital Signature Certificate (DSC) of Class-I or Class-III.
3. The Addendum/ Corrigendum of tender, if required subsequently shall be available in above mentioned website.
4. The authority reserves the right to cancel any/all bids without assigning any reason / reasons thereof.

Sd/-
**Superintending Engineer,**
NH Division kataka.

OIPR-34001/34194/1/26-27/0001

## AFFIDAVIT

By virtue of an affidavit before the **Notary Public, Malkangiri**, dated 07th July, 2026, I, **Jeetu Burudi**, residing at village: **Chitapari-I, Po.: Balimela Chowk, Ps.: Orkel, Dist.: Malkangiri- 764051** declare that I have changed the name of my son from **Jitendra Burudi** to **Jaidev Burudi**. Henceforth, he shall be known as **Jaidev Burudi** for all purposes.

Sd/- Jeetu Burudi

## AFFIDAVIT

I, SHAIKH NABIRUDDIN, aged about 42 years /O-SHAIKH MANGALU, AT-DEVOG,PO-GOPINATHPUR,SINGLA,DIST-BALESWAR-756030, ODISHA, declared by this Affidavit No.943, Dated.18.06.2026, That now onwards I shall Be Known as **SK.NABIRUDDIN** for all future Purposes.

## AFFIDAVIT

I, Niaz Ahammad, aged about 64 years, S/o- **Md. Kalan**, Resident of AT/PO- Lane No-2 Gandhinagar, Belpahar, Lakhanpur, Jharsuguda,768217, ODISHA, declared by this Affidavit No.890 /2026, Dated. 09.08.2026, That now onwards I shall Be Known as **NIAZ AHMAD** for all future Purposes.

## UNITY Small Finance Bank

## ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍ ଲିମିଟେଡ୍


କର୍ପୋରେଟ୍ କାର୍ଯ୍ୟାଳୟ: ସେଣ୍ଟ୍ରମ୍ ହାଉସ୍, ବିଦ୍ୟାନଗରୀ ମାର୍ଗ, କାଲିନା, ସାନ୍ତାକ୍ରୁଜ୍ (ପୂର୍ବ), ମୁମ୍ବାଇ - ୪୦୦ ୦୯୮

### ସର୍ବସାଧାରଣ ବିଜ୍ଞପ୍ତି

**ଇଚ୍ଛାକୃତ ଋଣ ଖିଲାପକାରୀଙ୍କ ଫଟୋ ଓ ବିବରଣୀ ପ୍ରକାଶନ**

ଭାରତୀୟ ରିଜର୍ଭ ବ୍ୟାଙ୍କ (Small Finance Banks – Treatment of Wilful Defaulters and Large Defaulters) ନିର୍ଦ୍ଦେଶାବଳୀ, ତାରିଖ ୨୮ ନଭେମ୍ବର ୨୦୨୫, ଏବଂ ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ର ନିର୍ଦ୍ଦେଶକ ମଣ୍ଡଳୀ ଦ୍ୱାରା ଅନୁମୋଦିତ ନୀତି ଅନୁଯାୟୀ, ଯଥାବିଧି ପ୍ରକ୍ରିୟା ସମ୍ପନ୍ନ କରିବା ପରେ ନିମ୍ନଲିଖିତ ଋଣଗ୍ରାହକ ଏବଂ ସହ-ଋଣଗ୍ରାହକମାନଙ୍କୁ ଇଚ୍ଛାକୃତ ଋଣ ଖିଲାପକାରୀ (Wilful Defaulters) ଭାବେ ଘୋଷଣା କରାଯାଇଛି । ଏହି ପ୍ରକ୍ରିୟାରେ କାରଣ ଦର୍ଶାଅ ନୋଟିସ୍ ପ୍ରଦାନ ଏବଂ ବ୍ୟକ୍ତିଗତ ଶୁଣାଣିର ସୁଯୋଗ ଦେବା ସହିତ R B I ନିର୍ଦ୍ଦେଶାବଳୀ ପାଳନ କରାଯାଇଛି । ଏହି ସାର୍ବଜନୀନ ବିଜ୍ଞପ୍ତି ସାଧାରଣ ଜନତାଙ୍କୁ ଅବଗତ କରାଇବା ଏବଂ ଅନ୍ୟାନ୍ୟ ଆର୍ଥିକ ସଂସ୍ଥାଗୁଡ଼ିକୁ ସତର୍କ କରାଇବା ଉଦ୍ଦେଶ୍ୟରେ ପ୍ରକାଶ କରାଯାଉଛି ।

**ଋଣଗ୍ରାହକଙ୍କ ନାମ: ମେସର୍ସ ଆଦିତ୍ୟ ଟ୍ରେଡର୍ସ**
**ଠିକଣା: ପ୍ଲଟ୍ ନଂ. ୧୦୮୧, ଲେନ୍ ନମ୍ବର ଆର୍୨, ଭବୁନେଶ୍ୱର, ଓଡ଼ିଶା – ୭୫୧୦୩୦**

| | |
|---|---|
| **ଋଣଗ୍ରହୀତାଙ୍କ ନାମ: ମେସର୍ସ ଆଦିତ୍ୟ ଟ୍ରେଡର୍ସ, ଏହାର ପ୍ରୋପ୍ରାଇଟର ଶ୍ରୀ ସତ୍ୟବ୍ରତ ନାୟକଙ୍କ ମାଧ୍ୟମରେ** |  |
| ଠିକଣା: ପ୍ଲଟ୍ ନଂ. ୧୦୩୪, ଜଗମୋହନ ନଗର, ଖଣ୍ଡଗିରି, ଭୁବନେଶ୍ୱର, ଖଣ୍ଡଗିରି, ଖୋର୍ଦ୍ଧା, ଓଡ଼ିଶା – ୭୫୧୦୩୦ | |
| **ସହ-ଋଣଗ୍ରହୀତାଙ୍କ ନାମ: ଶ୍ରୀମତୀ ସୁଦୀପ୍ତା ଜେନା** |  |
| ଠିକଣା: ପ୍ଲଟ୍ ନଂ. ୧୦୩୪, ଜଗମୋହନ ନଗର, ଖଣ୍ଡଗିରି, ଭୁବନେଶ୍ୱର, ଖଣ୍ଡଗିରି, ଖୋର୍ଦ୍ଧା, ଓଡ଼ିଶା – ୭୫୧୦୩୦ | |
| **ସହ-ଋଣଗ୍ରହୀତାଙ୍କ ନାମ: ଶ୍ରୀ ପର୍ଶୁରାମ ନାୟକ** |  |
| ଠିକଣା: ପ୍ଲଟ୍ ନଂ. ୧୦୩୪, ଜଗମୋହନ ନଗର, ଖଣ୍ଡଗିରି, ଭୁବନେଶ୍ୱର, ଖଣ୍ଡଗିରି, ଖୋର୍ଦ୍ଧା, ଓଡ଼ିଶା – ୭୫୧୦୩୦ | |
| **ସହ-ଋଣଗ୍ରହୀତାଙ୍କ ନାମ: ଶ୍ରୀ ପୁରୁଷୋତ୍ତମ ନାୟକ** |  |
| ଠିକଣା: ପ୍ଲଟ୍ ନଂ. ୧୦୩୪, ଜଗମୋହନ ନଗର, ଖଣ୍ଡଗିରି, ଭୁବନେଶ୍ୱର, ଖଣ୍ଡଗିରି, ଖୋର୍ଦ୍ଧା, ଓଡ଼ିଶା – ୭୫୧୦୩୦ | |

| କ୍ର.ନଂ. | ଋଣ ଆକାଉଣ୍ଟ ନଂ. | ୩୧.୦୭.୨୦୨୬ ସୁଦ୍ଧା ବକେୟା ଦେୟ ଏବଂ ସେବାବନ୍ଦ ସୁଧ |
|---|---|---|
| ୧ | USFBBHUMSME000000972 | ଟ.୨୭,୩୧,୩୦୦/- |

**ଇଚ୍ଛାକୃତ ଋଣ ଖିଲାପକାରୀ ଭାବେ ଘୋଷଣା ତାରିଖ: ୨୪.୦୭.୨୦୨୬**
**ଶାଖା/ଅଞ୍ଚଳ: ଓଡ଼ିଶା**
ଏହି ପ୍ରକାଶନ ଭାରତୀୟ ରିଜର୍ଭ ବ୍ୟାଙ୍କର Small Finance Banks – Treatment of Wilful Defaulters and Large Defaulters ନିର୍ଦ୍ଦେଶାବଳୀ ସର୍କୁଲାର RBI/DoR/2025-26/197 (DoR. FIN. REC.No. 116/20.16.003/2025-26), ତାରିଖ ୨୮ ନଭେମ୍ବର ୨୦୨୫, ଅନୁଯାୟୀ କରାଯାଇଛି ।
**ଜାରି କର୍ତ୍ତା: ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍**
**ପଞ୍ଜିକୃତ ଠିକଣା:** ୟୁନିଟ୍ ନଂ. ୧୨୦୧, ୧୨୦୨ ଏବଂ ୧୨୦୩, ୧୨ତମ ମହଲା, ଅନସଲ୍ ଭବନ, ୧୬, କେ.ଜି. ମାର୍ଗ, ନୂଆଦିଲ୍ଲୀ-୧୧୦୦୦୧ ।
**କର୍ପୋରେଟ୍ ଠିକଣା:** ସେଣ୍ଟ୍ରମ୍ ହାଉସ୍, CST ରୋଡ୍, ବିଦ୍ୟାନଗରୀ ମାର୍ଗ, କାଲିନା, ସାନ୍ତାକ୍ରୁଜ୍(ପୂର୍ବ), ମୁମ୍ବାଇ–୪୦୦୦୯୮ ।
(କୌଣସି ସ୍ପଷ୍ଟୀକରଣ ପାଇଁ: ୟୁନିଟି ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍–କର୍ପୋରେଟ୍ ରିକଭରି ଟିମ୍ ସହ ଯୋଗାଯୋଗ କରନ୍ତୁ ।)

13001/1578/2627

## OFFICE OF THE NOTIFIED AREA COUNCIL, DHARMAGADA (Dt.)-KALAHANDI

No. 2966 /DMH Dated: 18.08.2026

### QUOTATION CALL NOTICE

| | |
|---|---|
| Name of the work | Supply, transportation, fixing of all 11 (Eleven) no's of Lifesize sculptures as per Quotation Call Notice. |
| No. of works | 01 No. |
| Tender notice No. & Date | 2962/DMH, Dt. 18.08.2026 |
| Agency | As per eligibility |
| Period of Tender | 3 Months |
| Availability of Documents | Dt. 18.08.2026 to Dt. 02.09.2026 (In Office Hours) at NAC Office, Dharmagada |
| Tender Paper Cost | Rs. 5000.00 |
| Last date of receipt of bid documents | Up to 1:00 PM of Dt 02.09.2026 |
| Date of opening of Bid | 03:00 PM of Dt 02.09.2026 |
| Name and address of the Officer inviting the notice | Executive Officer, NAC, Dharmagada, Kalahandi |

Executive Officer
NAC, Dharmagada

OIPR-13001/13163/1/26-27/0012

34001/655/2627 E-mail ID: eepwddeogarh@gmail.com

## OFFICE OF THE SUPERINTENDING ENGINEER DEBAGADA (R&B) DIVISION, DEBAGADA

### INVITATIONS FOR BIDS (IFB)

Letter No. 2981 Dtd. 17.08.2026

Invitation for Bids

Bid Identification No. SE PWD DGR No. 05 of 2026-27

1. The Superintending Engineer, Debagada (R&B) Division, Debagada, on behalf of Government of Odisha, invites percentage rate bids in Double cover system in ONLINE MODE only, for STMC Road Work as detailed below.

| | | | |
|---|---|---|---|
| 2. | Nature of work | : | Road work |
| 3. | No. of works | : | Road 01 No. |
| 4. | Bid Cost. | : | Rs.10,000/- |
| 5. | Class of Contractor | : | "B" Class |
| 6. | Availability of Bid Documents in the website | : | From dt. 24.08.2026 to 17:00 hours of dt. 07.09.2026 |
| 7. | Date of Opening of Technical Bid | : | Dt. 08.09.2026 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website: http://www.tendersorissa.gov.in. Any addendum / corrigendum / cancellation of tender can also be seen in the said website only. | | |

Superintending Engineer
Debagada (R&B) Division

OIPR-34001/34061/1/26-27/0005

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି

## (ଭୂ- ଅର୍ଜନ ଉପବିଭାଗ)

(ଭାରତ ସରକାରଙ୍କ ରାଜପତ୍ର , ଅସାଧାରଣ ଭାଗ -୨ , ଖଣ୍ଡ -୩ (ii)ରେ ପ୍ରକାଶ ନିମନ୍ତେ)

## ଭାରତ ସରକାର

(ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ)

## ଅଧିସୂଚନା

ନୂଆଦିଲ୍ଲୀ ୧୦.୦୭ .୨୦୨୬

ସଂଖ୍ୟା: ୭୫୮୪ /୨୦୨୬ ତାରିଖ:୦୬ / ୦୮ /୨୦୨୬

S.O. ୩୮୩୯ (E).- ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ବିଜ୍ଞପ୍ତି S.O. ନମ୍ବର 3733 (E), ତାରିଖ ୧୩.୦୮.୨୦୨୫, ଭାରତର ଅସାଧାରଣ ରାଜପତ୍ର, ଭାଗ-II, ଧାରା-୩, ଉପଧାରା-(ii) ରେ ପ୍ରକାଶିତ ହୋଇଥିବା ଏବଂ ଜାତୀୟ ରାଜପଥ ଅଧିନିୟମ, 1956 (1956 ର 48) (ପରବର୍ତ୍ତୀରେ 'ଉକ୍ତ ଅଧିନିୟମ' ଭାବେ ଅଭିହିତ) ର ଧାରା 3A ର ଉପଧାରା (୧) ଅନୁଯାୟୀ ଜାରି କରାଯାଇଥିବା ଉକ୍ତ ବିଜ୍ଞପ୍ତି ମାଧ୍ୟମରେ, ଭାରତ ସରକାର ଓଡ଼ିଶାରେ 'NH-326 (ମାଲକାନଗିରି-ମୋଟୁ ରୋଡ୍) ର ଚେନେଜ୍ 379/00 କି.ମି. ଠାରେ ଗାରିଆ ନଦୀ ଉପରେ (ପାଙ୍ଗାମ ବ୍ରିଜ୍), କି.ମି. 439/410 ଠାରେ ପୋଟେରୁ ନଦୀ ଉପରେ ଏବଂ କି.ମି. 444/237, କି.ମି. 457/075 ଓ କି.ମି. 468/150 ଠାରେ ଥିବା ୦୫ ଗୋଟି ଉଚ୍ଚସ୍ତରୀୟ ସେତୁ (H.L. Bridges) ର ପୁନଃନିର୍ମାଣ' ଉଦ୍ଦେଶ୍ୟରେ, ଉକ୍ତ ବିଜ୍ଞପ୍ତି ସହ ସଂଲଗ୍ନ ଅନୁସୂଚୀରେ ଉଲ୍ଲେଖିତ ଜମି ଅଧିଗ୍ରହଣ କରିବା ପାଇଁ ନିଜର ଅଭିପ୍ରାୟ ଘୋଷଣା କରିଥିଲେ।

ଏବଂ, ଉକ୍ତ ବିଜ୍ଞପ୍ତିର ବିଷୟବସ୍ତୁ ଉକ୍ତ ଅଧିନିୟମର ଧାରା 3A ର ଉପଧାରା (3) ଅନୁଯାୟୀ ଉଭୟ 'ପ୍ରମେୟ' ଏବଂ 'ସମାଜ' ଦୈନିକ ସମ୍ବାଦପତ୍ରରେ ତାରିଖ ୦୭.୦୯.୨୦୨୫ ରେ ପ୍ରକାଶିତ ହୋଇଥିଲା ।

ଏବଂ, ସକ୍ଷମ କର୍ତ୍ତୃପକ୍ଷଙ୍କ ନିକଟରେ ଧାରା 3-C ଅନୁଯାୟୀ କୌଣସି ଆପତ୍ତି ଦାଖଲ ହୋଇନାହିଁ ।

ଏବଂ, ଉକ୍ତ ଅଧିନିୟମର ଧାରା ୩ଡ ର ଉପଧାରା (1) ଅନୁଯାୟୀ, ସକ୍ଷମ କର୍ତ୍ତୃପକ୍ଷ ନିଜର ରିପୋର୍ଟ କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରିଛନ୍ତି ।

ଏଣୁ, ସକ୍ଷମ କର୍ତ୍ତୃପକ୍ଷଙ୍କ ଉକ୍ତ ରିପୋର୍ଟ ପ୍ରାପ୍ତ ହେବା ପରେ ଏବଂ ଉକ୍ତ ଅଧିନିୟମର ଧାରା ୩ଡ ର ଉପଧାରା (1) ଦ୍ୱାରା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି, କେନ୍ଦ୍ର ସରକାର ଏତଦ୍ୱାରା ଘୋଷଣା କରୁଛନ୍ତି ଯେ, ଉକ୍ତ ଅନୁସୂଚୀରେ ନିର୍ଦ୍ଦିଷ୍ଟ ଜମିକୁ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବ।

ଏବଂ, ଉକ୍ତ ଅଧିନିୟମର ଧାରା 3D ର ଉପଧାରା (2) ଅନୁଯାୟୀ, କେନ୍ଦ୍ର ସରକାର ଏତଦ୍ୱାରା ଘୋଷଣା କରୁଛନ୍ତି ଯେ, ଏହି ବିଜ୍ଞପ୍ତି ସରକାରୀ ରାଜପତ୍ରରେ ପ୍ରକାଶିତ ହେବା ମାତ୍ରେ, ଉକ୍ତ ଅନୁସୂଚୀରେ ନିର୍ଦ୍ଦିଷ୍ଟ ଜମି ସମସ୍ତ ପ୍ରକାରର ଦାୟବଦ୍ଧତାରୁ ମୁକ୍ତ ଭାବରେ ସମ୍ପୂର୍ଣ୍ଣରୂପେ କେନ୍ଦ୍ର ସରକାରଙ୍କ ନିକଟରେ ନ୍ୟସ୍ତ ହେବ।

ସ୍ୱା/-
ଡେପୁଟି କଲେକ୍ଟର ତଥା କ୍ଷମତା ପ୍ରାପ୍ତ ଭୂ -ଅର୍ଜନ ଅଧିକାରୀ,
ଉଚ୍ଚସ୍ତରୀୟ ସେତୁ,ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି

## ଅନୁସୂଚୀ

ଓଡ଼ିଶା ରାଜ୍ୟରେ 'NH-326 (ମାଲକାନଗିରି-ମୋଟୁ ରୋଡ୍) ର ଚେନେଜ୍ 379/00 କି.ମି. ଠାରେ ଗାରିଆ ନଦୀ ଉପରେ (ପାଙ୍ଗାମ ବ୍ରିଜ୍), କି.ମି. 439/410 ଠାରେ ପୋଟେରୁ ନଦୀ ଉପରେ ଏବଂ କି.ମି. 444/237, କି.ମି. 457/075 ଓ କି.ମି. 468/150 ଠାରେ ଥିବା 5ଟି ଉଚ୍ଚସ୍ତରୀୟ ସେତୁର ପୁନଃନିର୍ମାଣ' ପ୍ରକଳ୍ପ ଅଧୀନରେ ଅଧିଗ୍ରହଣ କରାଯିବାକୁ ଥିବା ଜମିର ସଂକ୍ଷିପ୍ତ ବିବରଣୀ, ଯେଉଁଥିରେ ଗଠନାବଳୀ (Structures) / ଗଛ ସହିତ କିମ୍ବା ବିନା ଗଠନାବଳୀ / ଗଛ ଥିବା ଜମି, ଯାହା NH-326 ଅଧୀନସ୍ଥ ଉକ୍ତ ଭୂଖଣ୍ଡରେ ଅବସ୍ଥିତ।

**ସମ୍ପୂର୍ଣ୍ଣ ବିବରଣୀ ପାଇଁ ନିମ୍ନଲିଖିତ କ୍ୟୁଆର୍ କୋଡ୍କୁ ସ୍କାନ୍ କରି ଦେଖନ୍ତୁ।**

### କ୍ଷୁଦ୍ର ଜଳସେଚନ ଜଳ ପ୍ରକଳ୍ପରେ ଜଳ ନିଷ୍କାସନ ସମସ୍ୟା; ଧାନଚାଷ ନଷ୍ଟ

# ପ୍ରଭାବିତ ଚାଷୀଙ୍କୁ କ୍ଷତିପୂରଣ ଓ କେନାଲ ମରାମତି ଦାବି

ଉଦଳା/ଶରତ, ୧୯ ।୮ (ସମିସ): କପ୍ତିପଦା ବ୍ଲକ ମଝିଗଡ଼ିଆ ଗ୍ରାମପଞ୍ଚାୟତର ଡାଙ୍ଗରତୁଆ ଗ୍ରାମର ଚାଷୀମାନେ ମଝିଗଡ଼ିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଏମ୍‌ଆଇପି)ରୁ ଜଳ ଓଭରଫ୍ଲୋ ହୋଇ ଚାଷଜମିରେ ପଶିବା ଘଟଣାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ଆଜି ଏହି ସମ୍ପର୍କରେ ଚାଷୀମାନେ ସାମାଜିକ କର୍ମୀ ଗାମାଏ ରାମିଲ ସିଂ ଗୋଇପାଇଙ୍କ ନେତୃତ୍ୱରେ କପ୍ତିପଦା ଉପଖଣ୍ଡ(ଉଦଳା) ଉପ-ଜିଲ୍ଲାପାଳ ପ୍ରଣୟ କୁମାର ବେହେରାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଜଳ ନିଷ୍କାସନରେ ଅବ୍ୟବସ୍ଥା ଯୋଗୁଁ ଗତ ଜୁଲାଇ ୨୮ ଓ ୨୯ ତାରିଖର ପ୍ରବଳ ବର୍ଷା ସମୟରେ ବହୁ ପରିମାଣର ଜଳ ନିକଟସ୍ଥ ଧାନଜମିରେ ପଶି ଫସଲ ଓ ଜମିହିଡ଼ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି ।

ପ୍ରବଳ ଜଳସ୍ରୋତରେ ଜମିର ହିଡ଼ ଭାଙ୍ଗିଯିବା ସହ ନୂଆ କରି ରୁଆ ଯାଇଥିବା ଧାନ ତଳି ଧୋଇଯାଇଥିବା ଅଭିଯୋଗ ହୋଇଛି । ଏହା ଫଳରେ କୃଷି ଉପରେ ନିର୍ଭରଶୀଳ ଅନେକ ପରିବାର ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି । ଆଗାମୀ ଦିନରେ ପ୍ରବଳ ବର୍ଷା ହେଲେ ପୁଣି ସମାନ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି ।

ଅନ୍ୟପକ୍ଷରେ, ଜଳସମ୍ପଦ ବିଭାଗର କ୍ଷୁଦ୍ର ଜଳସେଚନ ଅଧୀନରେ ୨୦୨୩-୨୪ ମସିହାର ଓଆଇଆଇପିସିଆର୍‌ଏ ଯୋଜନାରେ 'ମୋଡେରନାଇଜେସନ ଅଫ୍ ମଝିଗଡ଼ିଆ ଏମ୍‌ଆଇପି' କାର୍ଯ୍ୟ କରାଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି ।



୬୪ ଲକ୍ଷ ୪୩ ହଜାର ୯୦୫ ଟଙ୍କାର ଏହି ପ୍ରକଳ୍ପ କାର୍ଯ୍ୟ ହୋଇଥିଲା । ଏହି ପରିପ୍ରେକ୍ଷୀରେ ପ୍ରକଳ୍ପର ଓଭରଫ୍ଲୋ ବ୍ୟବସ୍ଥା, ଡାଉନ୍‌ଷ୍ଟ୍ରିମ୍ ଡ୍ରେନେଜ୍‌ର କ୍ଷମତା ଓ ନିର୍ମାଣର ଗୁଣବତ୍ତା ଯାଞ୍ଚ ପାଇଁ ଦାବି କରିଛନ୍ତି ପ୍ରଭାବିତ ଚାଷୀମାନେ । ପ୍ରଶାସନ ପକ୍ଷରୁ ମାଝିଗଡ଼ିଆ ଏମ୍‌ଆଇପି, ଓଭରଫ୍ଲୋ ସଂରଚନା, ଜଳ ନିଷ୍କାସନ ବ୍ୟବସ୍ଥା ଓ କ୍ଷତିଗ୍ରସ୍ତ ଚାଷଜମିର ଯୁଗ୍ମ ସ୍ଥଳ ଯାଞ୍ଚ କରାଯାଇ ପ୍ରତ୍ୟେକ ଚାଷୀଙ୍କ କ୍ଷୟକ୍ଷତିର ଆକଳନ କରିବାକୁ ଦାବି ହୋଇଛି । ସୂଚନା ଥାଉ କି, ଗ୍ରାମର ସୋମନାଥ ହୋ, ଘନ ସିଂ, ତଲେ ସିଂ, ବଳରାମ ସିଂ, ଉଙ୍କୁରା ସିଂ, ସାହୁ ସିଂ, ବୁଦ୍ଧୁ ସିଂ, ରାମ ସିଂ, ଡିସିଂ ସିଂ ପ୍ରମୁଖଙ୍କ ଚାଷ ନଷ୍ଟ ହୋଇଛି । ଚାଷୀମାନେ ପ୍ରତ୍ୟେକ ପ୍ରଭାବିତ ପରିବାରକୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ/ରିଲିଫ୍ ପ୍ରଦାନ କରିବା ସହ କେନାଲ ଓ ଡ୍ରେନେଜ୍ ବ୍ୟବସ୍ଥାର ତୁରନ୍ତ ମରାମତି, ପ୍ରୟୋଜନ ଅନୁଯାୟୀ ଚଉଡ଼ା କରିବା ଓ ସୁଦୃଢ଼ୀକରଣ ପାଇଁ ଦାବି କରିଛନ୍ତି । ଏଥିସହ ମାଝିଗଡ଼ିଆ ଏମ୍‌ଆଇପିର ଆଧୁନିକୀକରଣ କାମ ଅନୁମୋଦିତ ଡିଜାଇନ୍, ମାନଦଣ୍ଡ ଓ ଗୁଣବତ୍ତା ଅନୁସାରେ ହୋଇଛି କି ନାହିଁ, ତାହାର ଯାଞ୍ଚ ଏବଂ ଭବିଷ୍ୟତରେ ଜଳପ୍ଲାବନ ରୋକିବା ପାଇଁ ସ୍ଥାୟୀ ପ୍ରତିରୋଧମୂଳକ ବ୍ୟବସ୍ଥା ନେବାକୁ ମଧ୍ୟ ଦାବି ରହିଛି ।

ଦୋଷ ଥିଲେ ଦାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଚାଷୀମାନେ ଦାବିପତ୍ରରେ ନିବେଦନ କରିଛନ୍ତି । ଯଦି ତଦନ୍ତରେ କୌଣସି ବୈଷୟିକ ତ୍ରୁଟି, ଅବହେଳା କିମ୍ବା ନିର୍ମାଣଜନିତ ତ୍ରୁଟି ପ୍ରମାଣିତ ହୁଏ, ତେବେ ଦାୟୀ ସଂସ୍ଥା କିମ୍ବା ବ୍ୟକ୍ତିଙ୍କ ବିରୋଧରେ ନିୟମାନୁସାରେ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି । ଚାଷୀମାନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ତୁରନ୍ତ ଯାଞ୍ଚ, ଚାଷୀଭିତ୍ତିକ କ୍ଷୟକ୍ଷତି ଆକଳନ, ଉଚିତ କ୍ଷତିପୂରଣ, ଡ୍ରେନେଜ୍ ବ୍ୟବସ୍ଥାର ମରାମତି ଓ ପ୍ରଶସ୍ତୀକରଣ ସହ ଭବିଷ୍ୟତରେ ଏଭଳି ଘଟଣା ନ ଘଟିବା ପାଇଁ ସ୍ଥାୟୀ ସମାଧାନ ନିଶ୍ଚିତ କରିବାକୁ ଅନୁରୋଧ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ଜମାଦାର ବାଲମୁଚୁ, ନବୀନ ମୁଣ୍ଡୁରୀ, ସେବତୀ ବାଲମୁଚୁ ଏବଂ ବେଲମଣୀ ତିୟୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବିପଦପୂର୍ଣ୍ଣ ସ୍ଥିତିରେ ନେଦାସୋଲ ରାସ୍ତା; ମରାମତି ଦାବି



ଶୁଳିଆପଦା, ୧୯ ।୮ (ସମିସ): ଶୁଳିଆପଦା ବ୍ଲକ ପାକଟିଆ ଗ୍ରାମପଞ୍ଚାୟତରେ ପ୍ରବଳ ବର୍ଷା ଯୋଗୁଁ ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଜମ୍ବୀରା କେନାଲଠାରୁ ନେଦାସୋଲ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ପକ୍କା ରାସ୍ତାଟି ବର୍ଷା ଜଳର ପ୍ରବଳ ସ୍ରୋତରେ ସମ୍ପୂର୍ଣ୍ଣ ଧୋଇଯାଇ ନଷ୍ଟ ହୋଇଯାଇଛି । ରାସ୍ତାର ଗୋଟିଏ ପାର୍ଶ୍ୱ ପ୍ରବଳ ଭାବେ ଧସିଯାଇ ବଡ଼ ଖାଲ ସୃଷ୍ଟି ହୋଇଥିବାରୁ ଏହା ଏବେ ଅତ୍ୟନ୍ତ ବିପଜ୍ଜନକ ପରିସ୍ଥିତିରେ ରହିଛି । ଏହି ରାସ୍ତା ଦେଇ ନେଦାସାହି ଏବଂ ଆଖପାଖ ଅଞ୍ଚଳର ଶହ ଶହ ଗ୍ରାମବାସୀ ତଥା ସ୍କୁଲ୍-କଲେଜ ଛାତ୍ରଛାତ୍ରୀ ପ୍ରତିଦିନ ଯାତାୟାତ କରିଥାନ୍ତି । ରାସ୍ତାଟି ଭାଙ୍ଗିଯିବା ଫଳରେ ଗାଡ଼ିମୋଟର ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ରାତି ସମୟରେ ଏଠାରେ ବଡ଼ ଧରଣର ଦୁର୍ଘଟଣା ଘଟିବାର ଭୟ ସୃଷ୍ଟି ହୋଇଛି । ତୁରନ୍ତ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏବଂ ପ୍ରଶାସନ ଏହି ବିଷୟ ପ୍ରତି ଦୃଷ୍ଟି ଦେଇ ରାସ୍ତାର ସ୍ଥାୟୀ ମରାମତି କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

## ବୁଲା କୁକୁର କାମୁଡ଼ାରେ ୪ ଆହତ

ଉଦଳା, ୧୯ ।୮ (ସମିସ): ଉଦଳା ବଜାରରେ ବୁଲା କୁକୁରଙ୍କ ଆତଙ୍କ । ବୁଲା କୁକୁରଙ୍କ କାମୁଡ଼ାରେ ୪ରୁ ଉର୍ଦ୍ଧ୍ୱ ଆହତ ହୋଇଥିବା ଜଣାପଡ଼ିଛି । ବୁଲା କୁକୁରଙ୍କ କାମୁଡ଼ାରେ ଆହତମାନେ ଚିକିତ୍ସା ପାଇଁ ଉଦଳା ଡାକ୍ତରଖାନାକୁ ଆସିଥିଲେ । ୪ ଜଣଙ୍କୁ ଉଦଳା ବଜାର ମଧ୍ୟରେ ବୁଲା କୁକୁର କାମୁଡ଼ିଛନ୍ତି ବୋଲି କହିଥିଲେ । ଆହତ ବ୍ୟକ୍ତି ହେଉଛନ୍ତି ରାମଚନ୍ଦ୍ରପୁରର ନିମାଇ ଟୁଡୁ, ଉଦଳା ଅଞ୍ଚଳର ଚନ୍ଦନ ସ୍ୱାଇଁ, ବଡ଼ ବିଶୋଳ ଗ୍ରାମର ସଦାନନ୍ଦ ପରିଡ଼ା ଓ ନାବରା ଗାଁର ପାପୁଲି ହାଁସଦା । ଉକ୍ତ ୪ ଜଣଙ୍କ ମଧ୍ୟରୁ ତିନି ଜଣ ପୁରୁଷ ଓ ଜଣେ ମହିଳା ଅଟନ୍ତି । କାହାକୁ ଗୋଡ଼ରେ ତ ଆଉ କାହାକୁ ମୁହଁରେ କାମୁଡ଼ିଥିବା ଜଣାପଡ଼ିଛି । ଉକ୍ତ ଘଟଣାକୁ ନେଇ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ପ୍ରତ୍ୟେକ ଦିନ ବଜାରକୁ ଛୁଆଠୁ ବୃଦ୍ଧ ଯାତାୟାତ କରୁଥିବାରୁ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହିତ ଲୋକେ ମଧ୍ୟ ସଚେତନ ହେବାର ଆବଶ୍ୟକ ଅଛି ।

## ସାରସ୍ୱତ ଡିଗ୍ରୀ କଲେଜରେ ନିଶାମୁକ୍ତ ସଚେତନତା

କୁଆମରା, ୧୯ ।୮ (ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ସାରସ୍ୱତ ଡିଗ୍ରୀ କଲେଜରେ ଆଜି ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନିଶା ପାଇଁ ଅନେକ ମୂଲ୍ୟବାନ ଜୀବନ ଯାଉଛି । କେତେବେଳେ ଦୁର୍ଘଟଣା ଓ କେତେବେଳେ ବିଭିନ୍ନ ରୋଗରେ ଶିକାର ହେଉଛନ୍ତି । ଯୁବପିଢି ଏବେ ନିଶାଦ୍ରବ୍ୟ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି । ଉକ୍ତ ବ୍ଲକରେ ନିଶା ପାଇଁ ବର୍ଷକୁ ୩୦ରୁ ଅଧିକ ଜୀବନ ଯାଉଥିବାବେଳେ ସଚେତନତା ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ କରାଯାଉଛି । ଆଜି କଲେଜ ଅଧ୍ୟକ୍ଷ ପ୍ରଭାତ ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଜାପତି ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଉଦଳା ଶାଖାର ବ୍ରହ୍ମକୁମାର ହେମନ୍ତ ଜେନା ଓ ନବୀନ ପୋଥାଳ ଅତିଥି ଭାବେ ଯୋଗଦେଇ ନିଶାର କୁପ୍ରଭାବ ଉପରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ନିଶାଠାରୁ ନିଜେ ଦୂରେଇ ରହିବା ଓ ଅନ୍ୟକୁ ଦୂରେଇ ରଖିବା ଉପରେ ସଚେତନତା କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ଅଶ୍ୱିନୀ ପ୍ରଧାନ, ଗୋପିନାଥ ପଣ୍ଡା, ଅଧ୍ୟାପିକା ମିତାରାଣୀ ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପରାମର୍ଶ ଦେଇ ଶପଥ ପାଠ କରାଯାଇଥିଲା ।

## ପାଟରା ସମାଜ କାର୍ଯ୍ୟକାରୀ କମିଟିର ପ୍ରଥମ ବୈଠକ




ବାରିପଦା, ୧୯ ।୮ (ସମିସ): ମୟୂରଭଞ୍ଜ ପାଟରା ସମାଜର କାର୍ଯ୍ୟକାରୀ କମିଟିର ପ୍ରଥମ ବୈଠକ ୩ନଂ ୱାର୍ଡସ୍ଥ ୟୁନିଭର୍ସାଲ ଏଜୁ୍ୟକେସନ ପଏଣ୍ଟ, ମାଇନିଂ କଲୋନୀରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଏହାର ଉପବିଧି (ବାଇଲୋ) ଅବଲମ୍ବିତ ଆଗତ ପ୍ରସ୍ତାବ ଉପରେ ଅନ୍ତିମ ରୂପର ପଞ୍ଜୀକରଣ ଇତ୍ୟାଦି ଉପରେ ଆଲୋଚନା କରାଯାଇ ଚୂଡାନ୍ତ ନିଷ୍ପତ୍ତି ନିଆଯାଇଥିଲା । ସଂଶୋଧିତ ଉପବିଧି ଓ ଆଗତ ପ୍ରସ୍ତାବର ଶେଷ ନିଷ୍ପତ୍ତିର ବିବରଣୀ ଖୁବଶୀଘ୍ର ପ୍ରକାଶ କରାଯିବ ବୋଲି ସାଧାରଣ ସମ୍ପାଦକ ସ୍ୱରୂପ ବସା ସୂଚନା ଦେଇଥିଲେ । ସଭ୍ୟ ସମରେନ୍ଦ୍ର ବସା, ମାନସ ମହାପାତ୍ର, ସଞ୍ଜୟ ନାୟକ, ଜୟନ୍ତ ସେନାପତି, ସନ୍ତୋଷ ପାତ୍ର, କିଶୋର ବସା, ରବିନାରାୟଣ ପୃଷ୍ଟି, ସୁବ୍ରତ ବସା, ଜ୍ୟୋତି ପ୍ରକାଶ ବସା ଓ ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ଭାରତ ମାତାର ଗାରିମାମୟ ଇତିହାସ ଉପରେ ଅଭିଭାଷଣ ରଖିଥିଲେ । ପ୍ରଦୀପ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ସାଇ ଆଦର୍ଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନର ସ୍ୱାଗତ ଉତ୍ସବ

ବାରିପଦା, ୧୮ ।୮ (ସମିସ): ବାରିପଦା ରଘୁନାଥପୁରସ୍ଥ ସାଇ ଆଦର୍ଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନରେ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଛି । ସାଇ ଆଦର୍ଶ ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷକ କମଳଲୋଚନ ସାହୁ ସଭାପତିତ୍ୱ କରିଥିଲେ । ସାଇ ଆଦର୍ଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନର ମୁଖ୍ୟ ଉପଦେଷ୍ଟା ଡ. ପୂର୍ଣ୍ଣଚନ୍ଦ୍ର ସାହୁ, ସମ୍ପାଦିକା ମିନାରାଣୀ ସାହୁ ଯୋଗ ଦେଇଥିଲେ । ଡ. ସାହୁ ଛାତ୍ରଛାତ୍ରୀଙ୍କୁ ଦେଶପ୍ରେମୀ ଜାତୀୟତାବାଦୀଙ୍କ ଅମର ଗାଥାରେ ଲିଖିତ ଇତିହାସକୁ ବର୍ଣ୍ଣନା କରିଥିଲେ । ସମ୍ପାଦିକା ମିନାରାଣୀ ସାହୁ ରାଷ୍ଟ୍ରବାଦୀ ଚିନ୍ତାଧାରାରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ସାଇ ଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଆଶିଷ ଦେ, ସାଇ ଆଦର୍ଶ ଇଣ୍ଟରନ୍ୟାସନାଲ ସ୍କୁଲର ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତ, ସାଇ ଆଦର୍ଶ ଡିଗ୍ରୀ କଲେଜ ଅଧ୍ୟକ୍ଷ ଜିତେନ୍ଦ୍ର ପାଲ ଓ ଶିକ୍ଷାବିତ ପ୍ରଦୀପ ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବରିଷ୍ଠ ଶିକ୍ଷକ ଅଶୋକ ବୁଗୁଡେଇ ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ଶୁଭଶ୍ରୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ପରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

### ● କୁଡୁମୀ ଜାତିକୁ ମିଳିବ କି ଆଦିବାସୀ ମାନ୍ୟତା

## ଅମିତ ଶାହାଙ୍କୁ ଭେଟିଲେ ୪ କୁଡୁମୀ ସାଂସଦ



ଯଶିପୁର,୧୯ ।୮ (ସମିସ): କୁଡୁମୀ ଜାତିକୁ ଆଦିବାସୀ ମାନ୍ୟତା ପ୍ରଦାନ ଦାବିରେ ଶାସକ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର କୁଡୁମୀ ସାଂସଦମାନେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିଛନ୍ତି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହିତ ସାକ୍ଷାତ କରି କୁଡୁମୀ ଜାତିକୁ ଆଦିବାସୀ ମାନ୍ୟତା ଏବଂ କୁଡୁମାଳି ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ସୂଚୀରେ ଅନ୍ତର୍ଭୁକ୍ତ କରିବା ପାଇଁ ଅନୁରୋଧ କରିଥିବା ଜଣା ପଡିଛି । ପଶ୍ଚିମବଙ୍ଗର ପୁରୁଲିଆ ସାଂସଦ ଜ୍ୟୋତିର୍ମୟ ସିଂ ମାହାତୋ(ବିଜେପି), ଝାଡଖଣ୍ଡର ଗିରିଡ଼ିହି ସାଂସଦ ଚନ୍ଦ୍ରପ୍ରକାଶ ଚୌଧରୀ (ଆଜସୁ ପାର୍ଟି) ଓ ଜାମସେଦପୁର ସାଂସଦ ବିଦ୍ୟୁତ ବରଣ ମାହାତୋ (ବିଜେପି), ବିହାର ରାଜ୍ୟର ରାଜ୍ୟସଭା ସାଂସଦ ଖିରୁ ମାହାତୋ (ସଂଯୁକ୍ତ ଜନତା ଦଳ) କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହାଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି । ଶାସକ ଦଳର କୁଡୁମୀ ସାଂସଦମାନେ ଶ୍ରୀ ଶାହାଙ୍କୁ ଭେଟ କରିବା ପରେ କୁଡୁମୀ ଜାତିକୁ ଆଦିବାସୀ ମାନ୍ୟତା ଦାବି କରୁଥିବା ବ୍ୟକ୍ତିବିଶେଷ ବେଶ ଉତ୍ସାହିତ ଥିବା ଜଣାପଡ଼ିଛି ।

### ● ୩ ବର୍ଷ ହେଲା ନିର୍ମାଣ ହୋଇଛି ୧ ଲକ୍ଷ ଲିଟର ପାଣି ଟାଙ୍କି

## ରଙ୍ଗିଆମ ଗ୍ରାମକୁ ହେଉନି ଜଳ ଯୋଗାଣ; ଲୋକେ ହନ୍ତସନ୍ତ



ରାସଗୋବିନ୍ଦପୁର, ୧୯।୮ (ସମିସ): ରଙ୍ଗିଆମ ଗ୍ରାମବାସୀଙ୍କ ପାଇଁ ପ୍ରାୟ ୧ ଲକ୍ଷ ଲିଟର ବିଶିଷ୍ଟ ପାଣି ଟାଙ୍କି ନିର୍ମାଣ ହୋଇଥିଲେ ମଧ୍ୟ ଗ୍ରାମରେ ନିୟମିତ ଭାବେ ପାନୀୟଜଳ ଯୋଗାଣ ହେଉ ନ ଥିବା ଅଭିଯୋଗ ହୋଇଛି । ଫଳରେ ବିଶୁଦ୍ଧ ପାଣି ପାଇଁ ଗ୍ରାମବାସୀଙ୍କୁ ହନ୍ତସନ୍ତ ହେବାକୁ ପଡୁଛି । ୩ ବର୍ଷ ପୂର୍ବେ ଏହି ପାଣି ଟାଙ୍କି ନିର୍ମାଣ ହୋଇଥିଲେ ମଧ୍ୟ ଏଯାଏଁ ଏହାର ସୁଚାରୁ ଉପଯୋଗ ହୋଇପାରୁନାହିଁ । ଟାଙ୍କିରୁ ଡେଲିଭରି ପାଇପ୍ ଯୋଗେ ପ୍ରତ୍ୟେକ ଘରକୁ ପାଣି ପହଞ୍ଚାଇବାର ବ୍ୟବସ୍ଥା ସଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇ ନ ଥିବା ଗ୍ରାମବାସୀ କହିଛନ୍ତି । ଗାଁର ଅନେକ ନଳକୂପ ଖରାପ ହୋଇଥିବାରୁ ଲୋକେ ଜଳ ଉତ୍ସ ଉପରେ ନିର୍ଭର କରୁଛନ୍ତି । ବର୍ତ୍ତମାନ ବନ୍ୟା ପରିସ୍ଥିତି ଯୋଗୁଁ ବିଶୁଦ୍ଧ ପାନୀୟଜଳ ପାଇବା ସମସ୍ୟା ଆହୁରି ଗୁରୁତର ହୋଇଛି । ଏଭଳି ସ୍ଥିତିରେ ଜଳ ବିହୁନେ ସର୍ବନାଶ, ଜଳ ବହୁଳେ ବି ସର୍ବନାଶ ଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଗ୍ରାମବାସୀ କ୍ଷୋଭର ସହ କହିଛନ୍ତି । ଗ୍ରାମବାସୀ ୧ ଲକ୍ଷ ଲିଟର ବିଶିଷ୍ଟ ପାଣି ଟାଙ୍କିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରି ଘରେ ଘରେ ନିୟମିତ ପାନୀୟଜଳ ଯୋଗାଣ କରିବାକୁ ଦାବି କରିଥିଲେ । ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପଦକ୍ଷେପ ନେବେ ବୋଲି ଚେତାବନୀ ଦେଇଛନ୍ତି ।

## ରୋଟାରୀ ପାରାମେଡିକାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ସ୍ୱାଗତ ଉତ୍ସବ

ଉଦଳା, ୧୯ ।୮ (ସମିସ): ଉଦଳାସ୍ଥ ରୋଟାରୀ ପାରାମେଡିକାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଉତ୍ସାହର ସହିତ ଡିଏମଏଲଟି କଲେଜରେ ଅନୁଷ୍ଠିତ ହୋଇଯାଇଛି । ଉଦଳା ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ଡା. ମୀନାକେତନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ନବାଗତ ଛାତ୍ରଛାତ୍ରୀଙ୍କୁ ଶିକ୍ଷା, ଶୃଙ୍ଖଳା ଓ ମାନବିକତାର ମହତ୍ତ୍ୱ ବୁଝାଇଥିଲେ । ସେ କହିଥିଲେ, ପାରାମେଡିକାଲ୍ ଶିକ୍ଷା କେବଳ ଚାକିରି ପାଇବାର ମାଧ୍ୟମ ନୁହେଁ; ଏହା ମାନବ ସେବାର ଏକ ମହାନ ସୁଯୋଗ । ଛାତ୍ରଛାତ୍ରୀ ମନ ଦେଇ ପାଠପଢ଼ି ଦକ୍ଷ ହେବା ସହିତ ଭଲ ମଣିଷ ହୋଇ ରୋଗୀ, ସମାଜ ଓ ଲୋକଙ୍କ ସେବା କରିବାକୁ ସେ ଆହ୍ୱାନ ଦେଇଥିଲେ । କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ମନୋଜ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନିଜର ଲକ୍ଷ୍ୟ ନିର୍ଦ୍ଧାରଣ କରି ନିଷ୍ଠା, ପରିଶ୍ରମ ଓ ଶୃଙ୍ଖଳାର ସହିତ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ । ରୋଟାରୀ କ୍ଲବ୍ ସଭାପତି ଅଜୟ ବେହେରା ସ୍ୱାଗତ ସମାରୋହର ଶୁଭାରମ୍ଭ କରିଥିଲେ । ଏ ଅବସରରେ ରୋଟାରୀ କ୍ଲବ୍‌ର ଚେୟାରମ୍ୟାନ୍ ରୋଟାରିଆନ୍ ସୁବାସ ଚନ୍ଦ୍ର ପଣ୍ଡା ଓ ସେକ୍ରେଟାରୀ ପ୍ରହ୍ଲାଦ କୁମାର ଦାସ ଯୋଗ ଦେଇଥିଲେ । ପ୍ରଜ୍ଞା ପରମିତା ପୋଥାଳ ମଞ୍ଚ ପରିଚାଳନା କରିଥିଲେ । ନୂତନ ଛାତ୍ରଛାତ୍ରୀ ଏହି ସ୍ୱାଗତ ସମାରୋହରେ ଉତ୍ସାହର ସହିତ ଯୋଗଦେଇ ନିଜର ନୂତନ ଶିକ୍ଷା ଜୀବନ ଆରମ୍ଭ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ସଫଳ ଶିକ୍ଷା ଜୀବନ କାମନା କରାଯାଇଥିଲା । ନିର୍ଦ୍ଦେଶକ ତଥା ରୋଟାରି ସେବା ଅଧ୍ୟକ୍ଷ ଅଶୋକ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମକୁ ପ୍ରଶାନ୍ତ ସେନ, କ୍ଷିତୀଶ ପୋଥାଳ, ଗମ୍ଭା ମାଝୀ, ଅଞ୍ଜଳି ମହାନ୍ତି, ଚିତ୍ତରଞ୍ଜନ ବାରିକ ପ୍ରମୁଖ ପରିଚାଳନା କରିଥିଲେ । ରୋଟାରିଆନ୍ ରାଜଲକ୍ଷ୍ମୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

### ଲଗାଣ ବର୍ଷାରେ ଭୁଶୁଡ଼ିଛି ବାସଗୃହ

## ସହାୟତା ଅପେକ୍ଷାରେ ୩ ପରିବାର





ବିଶୋଇ, ୧୯ ।୮ (ସମିସ): ଲଘୁଚାପଜନିତ ଲଗାଣ ବର୍ଷାରେ ମୟୂରଭଞ୍ଜ ଜିଲ୍ଲା ବିଶୋଇ ଅଞ୍ଚଳର ଅବସ୍ଥା ବେହାଲ ହୋଇଛି । ମୁଖ୍ୟତଃ ଗ୍ରାମଗୁଡିକୁ ସଂଯୋଗ କରୁଥିବା ରାସ୍ତାର ପୋଲ ଉପରେ ଜଳସ୍ରୋତ ପ୍ରଭାବ ହୋଇଥିବାରୁ ବହୁ ଜନବସତି ସମସ୍ୟା ଭୋଗୁଥିବା ନଜର ଆସୁଛି । ବିଶୋଇ ଅଞ୍ଚଳରେ ୩ଟି ପରିବାରର ବାସଗୃହ ଭାଙ୍ଗି କ୍ଷତିଗ୍ରସ୍ତ ହୋଇଛି । ଖଡ଼ମବେଡା ପଞ୍ଚାୟତ ବାଡୁଣିଆ ଗ୍ରାମର କଲୋନୀ ସାହିର ଭାରତୀ ରଣାଙ୍କ ମାଟି କାନ୍ଥ, ଟାଇଲ ଛପର ନିର୍ମିତ ୨ ବଖରା ବାସଗୃହ କାନ୍ଥ ଭୁଶୁଡି ପଡ଼ିଥିଲା । ଭାରତୀ ଓ ଭାରତୀଙ୍କ ସାନପୁଅ, ବୋହୂ ୬ ଜଣ ଏହି ସମୟରେ ଘରେ ଶୋଇଥିବାବେଳେ ଅଳ୍ପକେ ରକ୍ଷା ପାଇଯାଇଥିଲେ । ସେହିପରି ଏନ.ବି ପୋଖରିଆ ପଞ୍ଚାୟତର ଦାନ୍ତୁଣି ଗ୍ରାମର ମହେଶ୍ୱର ଦାସଙ୍କ ଆଜବେଷ୍ଟସ୍ ନିର୍ମିତ ୨ ବଖରା ଘର ଧସିଯାଇଥିଲା । ଏହି ସମୟରେ ଘର ମଧ୍ୟରେ କେହି ନ ଥିବାବେଳେ ଧାନ ଚାଉଳ ଓ ଅନ୍ୟ ସାମଗ୍ରୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ବିଶୋଇ ପଞ୍ଚାୟତ ଧାନା ଗ୍ରାମର କୁଶପାତ୍ରଙ୍କ ମାଟି କାନ୍ଥ ନିର୍ମିତ ୧ ବଖରା ଚାଳଘର ଭୁଶୁଡି ପଡ଼ିଥିଲା । ଘର କାନ୍ଥ ପଡ଼ି ଦୁଇଟି ଛେଳି ଓ ଚାରୋଟି କୁକୁଡ଼ାର ମୃତ୍ୟୁ ଘଟିଥିଲା । ଏ ସମସ୍ତ କ୍ଷତିଗ୍ରସ୍ତ ପରିବାର ଏ ନେଇ ପ୍ରଶାସନ ପାଖରେ ଲିଖିତ ଅଭିଯୋଗ ପ୍ରଦାନ କରିଥିବାବେଳେ କ୍ଷତିଗ୍ରସ୍ତ ପରିବାର ନିକଟକୁ ରାଜସ୍ୱ ଅଧିକାରୀ ପହଞ୍ଚି ଘଟଣାର ତଦନ୍ତ କରି କ୍ଷତି ଆକଳନ କରିଛନ୍ତି । ଜରୁରୀ ପରିସ୍ଥିତି ସମୟରେ କ୍ଷତିଗ୍ରସ୍ତ କିଛି ପରିବାରକୁ ପଲିଥିନ ପ୍ରଦାନ କରାଯାଇଛି । କ୍ଷତିଗ୍ରସ୍ତ ପରିବାରକୁ ଯଥାଶୀଘ୍ର ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ସାଧାରଣରେ ଦାବି ହୋଇଛି ।

## ଡନ୍ ବସ୍କୋ ଟେକ୍ ସୋସାଇଟି କେନ୍ଦ୍ରରେ ଦକ୍ଷତା ବିକାଶ ପ୍ରକଳ୍ପର ସମୀକ୍ଷା

ମହୁଲଡିହା,୧୯ ।୮ (ସମିସ): ଠାକୁରମୁଣ୍ଡା ସ୍ଥିତ ଡିବି ଟେକ୍ କେନ୍ଦ୍ରରେ ଚାଲୁଥିବା ଦକ୍ଷତା ବିକାଶ କାର୍ଯ୍ୟକ୍ରମର ସମୀକ୍ଷା ସହ ଲର୍ନିଙ୍ଗ ଟୁ ଆର୍ଣ୍ଣ ପ୍ରୋଜେକ୍ଟ ସମ୍ପର୍କିତ ଏକ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଡିବି ଟେକର ରାଜ୍ୟ ସଂଯୋଜକ ସରୋଜ କୁମାର ପଲେଇ କେନ୍ଦ୍ର ପରିଦର୍ଶନ କରିଥିଲେ । କେନ୍ଦ୍ରର ଚାଲୁଥିବା ପ୍ରଶିକ୍ଷଣ, ମୋବିଲାଇଜେସନ ଏବଂ ନିଯୁକ୍ତି ସମ୍ପର୍କିତ କାର୍ଯ୍ୟକଳାପର ସମୀକ୍ଷା କରିଥିଲେ । ଏହି ସମୟରେ କେନ୍ଦ୍ରର ମୁଖ୍ୟ ଶରତ କୁମାର ତ୍ରିପାଠୀ ଏବଂ କେନ୍ଦ୍ରର କର୍ମଚାରୀ ଅଭିମନ୍ୟୁ ବେହେରା, ସତ୍ୟଜିତ ଦାସ, ରଞ୍ଜିତା ମାଝୀ ଓ ଗୋଲାପ ବେହେରା ଉପସ୍ଥିତ ଥିଲେ । କେନ୍ଦ୍ରର ସାମଗ୍ରିକ ପ୍ରଗତି, ପ୍ରଶିକ୍ଷଣର ଗୁଣବତ୍ତା, ଯୁବକ-ଯୁବତୀଙ୍କ ମୋବିଲାଇଜେସନ ଏବଂ ନିଯୁକ୍ତି ସୁଯୋଗ ବୃଦ୍ଧି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଓରିଏଣ୍ଟେସନ୍ ସମୟରେ ଲର୍ନିଙ୍ଗ ଟୁ ୟର୍ଣ୍ଣ ପ୍ରୋଜେକ୍ଟର ଉଦ୍ଦେଶ୍ୟ, ପ୍ରମୁଖ କାର୍ଯ୍ୟକଳାପ ଓ ଆଶା-ଅପେକ୍ଷା ସମ୍ପର୍କରେ କେନ୍ଦ୍ର ଟିମ୍କୁ ଅବଗତ କରାଯାଇଥିଲା । ସ୍ଥାନୀୟ ଯୁବପିଢ଼ିଙ୍କୁ ଅଧିକ ସଂଖ୍ୟାରେ ଦକ୍ଷତା ବିକାଶ ପ୍ରଶିକ୍ଷଣ ସହ ଯୋଡ଼ିବା ପାଇଁ ସମୁଦାୟ ସ୍ତରରେ ମୋବିଲାଇଜେସନ ଓ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥିସହିତ ବିଦ୍ୟାଳୟ, ମହାବିଦ୍ୟାଳୟ, ଆଇଟିଆଇ ଏବଂ ସ୍ଥାନୀୟ ଅଂଶୀଦାରମାନଙ୍କ ସହ ଅଧିକ ଯୋଗାଯୋଗ ଓ ସମନ୍ୱୟ ସ୍ଥାପନ କରି ଡିବି ଟେକ୍ର ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ନେଇ ଆଲୋଚନା ହୋଇଥିଲା । ଯୁବକମାନଙ୍କୁ ଦକ୍ଷତା, ନିଯୁକ୍ତି ଓ ଜୀବିକା ସୁଯୋଗ ସହ ଯୋଡ଼ିବା ଦିଗରେ କେନ୍ଦ୍ର ଟିମକୁ ସମନ୍ୱିତ ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଠାକୁରମୁଣ୍ଡା ଅଞ୍ଚଳର ଯୁବପିଢ଼ିଙ୍କ ପାଇଁ ଗୁଣାତ୍ମକ ଦକ୍ଷତା ବିକାଶ ପ୍ରଶିକ୍ଷଣ ଏବଂ ନିଯୁକ୍ତି ସୁଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ କେନ୍ଦ୍ର ଟିମ୍ ଏକତ୍ରିତ ଭାବେ କାର୍ଯ୍ୟ କରିବା ଉପରେ ଶ୍ରୀ ପଲେଇ ଗୁରୁତ୍ୱ ଦେଇଥିଲେ ।




### ଭାନୁପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ

# ଦୁଇ ଶିକ୍ଷକରେ ଚାଲିଛି ୭୦ ଛାତ୍ରଛାତ୍ରୀଙ୍କ ପାଠପଢ଼ା

ବୈଶିଙ୍ଗା, ୧୯।୮ (ସମିସ): ବିଦ୍ୟାଳୟ ହେଉଛି ଶିଶୁଙ୍କ ଭବିଷ୍ୟତ ଗଢ଼ିବାର ପ୍ରଥମ ପାହାଚ । ତେବେ ଶିକ୍ଷକ ଅଭାବ, ଅନୁପସ୍ଥିତି ଓ ପ୍ରଶାସନିକ କାର୍ଯ୍ୟର ଚାପ ଯୋଗୁଁ ଯଦି ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ପ୍ରଭାବିତ ହୁଏ, ତେବେ ଏହାର ସିଧାସଳଖ ପ୍ରଭାବ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉପରେ ପଡ଼ିବା ଆଶଙ୍କା ରହିଛି । ଏଭଳି ଏକ ଅଭିଯୋଗ ବେତନଟୀ ବ୍ଲକ ଗଡ଼ଦେଉଳିଆ ପଞ୍ଚାୟତ ଅଧୀନ ଭାନୁପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ସାମ୍ନାକୁ ଆସିଛି । ଉକ୍ତ ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୭୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏତେ ସଂଖ୍ୟକ ପିଲାଙ୍କ ପାଇଁ ମାତ୍ର ଦୁଇଜଣ ଶିକ୍ଷକ ରହିଥିବା ଜଣାପଡ଼ିଛି । ଜଣେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଓ ଅନ୍ୟଜଣେ ବହୁଭାଷୀ ଶିକ୍ଷା (ଏମଏଲଇ) ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି । ଅଭିଭାବକଙ୍କ ଅଭିଯୋଗ ଅନୁସାରେ, ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟର ଶିକ୍ଷାଦାନ ସହିତ ବିଭିନ୍ନ ସରକାରୀ ଓ ଅଫିସ କାର୍ଯ୍ୟରେ ବ୍ୟସ୍ତ ରହିବାକୁ ପଡୁଛି । ଅନ୍ୟପକ୍ଷରେ ଏମଏଲଇ ଶିକ୍ଷକ ନିୟମିତ ଭାବେ ବିଦ୍ୟାଳୟକୁ ଆସୁ ନ ଥିବା ଓ କେତେକ ସମୟରେ ନିଶାସକ୍ତ ଅବସ୍ଥାରେ ବିଦ୍ୟାଳୟକୁ ଆସୁଥିବା ନେଇ ଅଭିଭାବକ ଅଭିଯୋଗ କରିଛନ୍ତି । ଏପରିକି ବିଦ୍ୟାଳୟ ସମୟରେ ମଧ୍ୟ ସେ ନିୟମିତ ଭାବେ ଉପସ୍ଥିତ ରହୁ ନ ଥିବା ଅଭିଯୋଗ ହୋଇଛି । ଏହାର ପରିଣାମ ସ୍ୱରୂପ ଏକମାତ୍ର ଶିକ୍ଷୟିତ୍ରୀଙ୍କ ଉପରେ ଅଧିକାଂଶ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ଦାୟିତ୍ୱ ପଡୁଥିବା ଅଭିଭାବକ କହିଛନ୍ତି । ଏକାଧିକ ଶ୍ରେଣୀର ପିଲାଙ୍କୁ ଏକାଠି ରଖି ପାଠ ପଢ଼ାଯାଉଥିବାରୁ ଶିକ୍ଷାଦାନରେ ବାଧା ସୃଷ୍ଟି ହେଉଥିବା ମଧ୍ୟ ଅଭିଯୋଗ ହୋଇଛି । ବିଦ୍ୟାଳୟର ଏଭଳି ସ୍ଥିତିକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି । କିଛିଦିନ ପୂର୍ବରୁ ଏ ନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି । ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟବସ୍ଥାରେ ସୁଧାର ଆଣିବା ସହ ନିୟମିତ ଶିକ୍ଷକ ଉପସ୍ଥିତି ସୁନିଶ୍ଚିତ କରିବାକୁ ଅଭିଭାବକ ଦାବି କରିଛନ୍ତି । ଅଭିଯୋଗର ସତ୍ୟତା ନେଇ ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ କି, ନା ଅଭିଯୋଗ ମଧ୍ୟରେ ସୀମିତ ରହିଯିବ, ତାହାକୁ ନେଇ ଏବେ ଅଭିଭାବକ ଓ ଅଞ୍ଚଳବାସୀଙ୍କ ନଜର ଶିକ୍ଷା ବିଭାଗ ଉପରେ ରହିଛି ।

**■ ବିଇଓଙ୍କ ନିକଟରେ ଅଭିଭାବକଙ୍କ ଅଭିଯୋଗ**

**୫୫ ବର୍ଷ ପରେ ଆନନ୍ଦପୁର ସହରକୁ ପଶିଲା ବନ୍ୟାପାଣି**

# ୫୦ ପରିବାର ଫେରିପାରୁ ନାହାନ୍ତି ଘରକୁ










ଆନନ୍ଦପୁର,୧୯।୮ (ସମିସ):

୧୯୭୨ ବନ୍ୟାରେ ଆନନ୍ଦପୁର ବ୍ରଜବନ୍ଧୁ ବିଦ୍ୟାପୀଠ ନିକଟରେ ଘାଇ ହୋଇ ବନ୍ୟା ପାଣି ପଶିବାର ଦୀର୍ଘ ୫୫ ବର୍ଷ ପରେ ଚଳିତ ବର୍ଷ ବନ୍ୟା ପାଣି ଆନନ୍ଦପୁର ସହରକୁ ପଶିବା ମନୁଷ୍ୟକୃତ ବୋଲି କଂଗ୍ରେସ ନେତା ଜୟଦେବ ଜେନା ଗୁରୁତର ଅଭିଯୋଗ କରିଛନ୍ତି। ଆନନ୍ଦପୁର ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ରିଙ୍ଗ ରୋଡ କରାଯାଇଥିଲା ହେଲେ ଜଳସମ୍ପଦ ବିଭାଗର ଦାୟିତ୍ୱହୀନତା ଯୋଗୁଁ ଅଚଳ ସ୍ଲୁଇସ ଗେଟ ବନ୍ୟାଜଳ ମାଡରେ ଭାଙ୍ଗିଯାଇ ଘାଇ ସୃଷ୍ଟି କରିଛି। ଆନନ୍ଦପୁରକୁ ପାଣି ପଶିଯିବାରୁ ସହର ତଳି ଅଞ୍ଚଳରେ ଥିବା ପ୍ରାୟ ୫୦ରୁ ପରିବାରଙ୍କ ଘରେ ଆଜିବି ପାଣି ରହିଛି। ଲୋକେ ଘରକୁ ଫେରି ପାରୁନାହାନ୍ତି ଏବଂ ପୌରାଞ୍ଚଳର ଶତାଧିକ ପରିବାରର ମେରୁଦଣ୍ଡ ଭାଙ୍ଗିଯାଇଛି। ୧୫ ଦିନ ବ୍ୟବଧାନରେ ବୈତରଣୀ ବନ୍ୟାଜଳରେ ରିଙ୍ଗବନ୍ଧର ନିର୍ଦ୍ଦିଷ୍ଟ ସ୍ଥାନରେ ତିନିଥର ପାଣି ପଶିବାରୁ ଏଭଳି ପରିସ୍ଥିତି ସୃଷ୍ଟି କରିଛି। ଗତ ଜୁଲାଇ ୨୮ ତାରିଖରେ ଆନନ୍ଦପୁର ରିଙ୍ଗବନ୍ଧରେ ଘାଇ ସୃଷ୍ଟି ହୋଇଥିଲା। ପୁନର୍ବାର ଅଗଷ୍ଟ ୧୩ ତାରିଖରରେ ବୈତରଣୀ ବନ୍ୟାଜଳ ପ୍ରଭାବରେ ରିଙ୍ଗବନ୍ଧର ସେହିସ୍ଥାନରେ ପଡ଼ିଥିବା ବାଲିବସ୍ତା ଗାର୍ଡ଼ ୱାଲକୁ ଭାଙ୍ଗି ଦ୍ୱିତୀୟଥର ଘାଇ ସୃଷ୍ଟି ହୋଇଥିଲା। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

### ବନ୍ୟାଜଳ ପ୍ରଭାବିତଙ୍କ ଦୁର୍ଦ୍ଦଶା କମୁନି

ବୈତରଣୀ ବନ୍ୟାଜଳରେ ଆନନ୍ଦପୁର ପୌର ପରିଷଦର ୪, ୫, ୬, ୭ ଓ ୧୩ ନଂ ୱାର୍ଡ଼ର ଅଧିବାସୀମାନେ ବହୁଳ ଭାବେ ପ୍ରଭାବିତ ହୋଇଛନ୍ତି। ଘାଇ ଦ୍ୱାରା ୪ରୁ ୭ ନଂ ୱାର୍ଡ଼ର ୭୦ରୁ ଅଧିକ ପରିବାର ପ୍ରଭାବିତ ହୋଇଥିବାବେଳେ ବୈତରଣୀରେ ସୁରକ୍ଷା ବନ୍ଧ ନଥିବା କାରଣରୁ ବନ୍ୟାଜଳ ପ୍ରଭାବରେ ୧୩ ନଂ ୱାର୍ଡ଼ର ସାଉଁଟି ସାହି, ଦେହୁରୀ ସାହିର ୩୦ରୁ ଅଧୁକ ପରିବାର ପ୍ରଭାବିତ ହୋଇଛନ୍ତି। ନିଜ ବାସ ସ୍ଥାନ ଛାଡି ଲୋକମାନେ ବିଦ୍ୟାଳୟରେ ଆଶ୍ରୟ ନେଇଛନ୍ତି। ଘରର ଅସବାବପତ୍ର ଘର ଭିତରେ ପାଣିରେ ଭାସୁଛି। ୧୫ ଦିନ ହେବ ଘାଇର ମରମତି କାର୍ଯ୍ୟ କାହିଁକି ଓ କେଉଁ ପରିସ୍ଥିତିରେ ଏକ ଦୃଢ ସ୍ଥିତିକୁ ଆଣାଯାଇ ପାରିଲାନି ତାହାକୁ ନେଇ ପୌରବାସୀଙ୍କ ମଧ୍ୟରେ ଅନେକ ପ୍ରଶ୍ନ ଉଠିଛି। ଜିଲ୍ଲାର ଅନ୍ୟ ସ୍ଥାନରେ ବିଭିନ୍ନ ନଦୀରେ ହେଉଥିବା ବନ୍ୟାଜନିତ ଘାଇକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଇ ସ୍ୱାଭାବିକ ସ୍ଥିତିକୁ ଆଣାଯିବାର ଉଦାହରଣ ରହିଥିବାବେଳେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ରିଙ୍ଗବନ୍ଧ ଘାଇ ମରାମତି କାର୍ଯ୍ୟକୁ ଜଳସମ୍ପଦ ବିଭାଗ ଶାସକ ଦଳର କର୍ମୀଙ୍କୁ ଟେକିଦେବାରୁ ଯଥା ସମୟରେ ମରାମତି ହୋଇପାରିଲାନି ବୋଲି କଂଗ୍ରେସ ନେତା ଶ୍ରୀ ଜେନା କ୍ଷୋଭ ପ୍ରକାଶ କରିଛନ୍ତି। ରିଙ୍ଗବନ୍ଧରେ ରହିଥିବା ସ୍ଲୁଇସ୍ ଗେଟ୍ ପ୍ରତି ଜଳସମ୍ପଦ ବିଭାଗର ନଜର ନରହିବା ଯୋଗୁଁ ଏପରି ଦୁର୍ଦ୍ଦଶା ଭୋଗିବାକୁ ପଡିଲା ବୋଲି ଆଲୋଚନା ହେଉଛି।

### ସମୀକ୍ଷା ପରେ ବି ନିର୍ମାଣ କାର୍ଯ୍ୟ ମନ୍ଥର

ଜୁଲାଇ ୨୮ରେ ବୈତରଣୀ ବନ୍ୟାଳଳରେ ରିଙ୍ଗବନ୍ଧରେ ହୋଇଥିବା ଘାଇକୁ ଖୋଦ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ଏବଂ କେନ୍ଦୁଝର ସାଂସଦ ପରିଦର୍ଶନରେ ଆସି ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ ଦେଇଥିଲେ ବି ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ପରିଲକ୍ଷିତ ହୋଇଛି। ଗତ ଶୁକ୍ରବାର ଜିଲ୍ଲାପାଳ ବିଶାଇ ସିଂହ, ଏସ୍‌ପି ନୀତିନ କୁଶଲକର ବ୍ଲଗଡୁ ପରିଦର୍ଶନରେ ଆସି ସ୍ଥିତି ସମୀକ୍ଷା କରିଥିଲେ। ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ଜଳସମ୍ପଦ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରି ତ୍ୱରିତ ବେଗରେ ରିଙ୍ଗବନ୍ଧ ଘାଇର ମରାମତି କାର୍ଯ୍ୟ ଶେଷ କରିବାକୁ ଗୁରୁତ୍ୱ ଦେଇଥିଲେ। ବନ୍ୟାଜଳରେ ପ୍ରଭାବିତ ହୋଇଥିବା ପ୍ରପୀଡ଼ିତଙ୍କୁ ବିଭିନ୍ନ ବିଦ୍ୟାଳୟରେ ଅବସ୍ଥାପିତ କରଯାଇ ପୌର ପରିଷଦ ପକ୍ଷରୁ ଶୁଖିଲା ଓ ରନ୍ଧାଖାଦ୍ୟ ଦେବାର ବ୍ୟବସ୍ଥା ଗ୍ରହଣ କରାଯାଇଛି । ତେବେ ଲଗାତର ଭାବେ ଦୁଇଥର ଏଭଳି ଘଟଣାକୁ ଲୋକମାନେ ସହଜରେ ଗ୍ରହଣ କରିପାରିନାହାନ୍ତି। ଏହାସହିତ ଦେହୁରୀସାହି ଓ ସାଇଁଟିସାହିର ଅଧିବାସୀମାନେ ବାରମ୍ବାର ସୁରକ୍ଷା ବନ୍ଧ ଦାବି କରିଆସୁଥିଲେ ବି ବିଭାଗ ପକ୍ଷରୁ ସେଥିପ୍ରତି ଅଦୌ ଦୃଷ୍ଟି ଦିଆଯାଇ ନଥିବା ଅଭିଯୋଗ ହୋଇଛି।

### ଘାଇ ମରାମତି ଦାୟିତ୍ୱରେ ଅନଭିଜ୍ଞ

ବୈତରଣୀ ବନ୍ୟାଜଳରେ ଆନନ୍ଦପୁର ରିଙ୍ଗବନ୍ଧରେ ହୋଇଥିବା ଘାଇର ମରାମତି ଦୀର୍ଘ ୧୫ ଦିନ ପରେ ବି ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ହୋଇ ନଥିବାରୁ ଅଗଷ୍ଟ ୧୩ ଓ ୧୭ତାରିଖ ରେ ପୁନର୍ବାର ଘାଇ ସୃଷ୍ଟି ହୋଇଥିଲା। ଯାହାକୁ ନେଇ ଦାୟିତ୍ୱରେ ଥିବା ଅନଭିଜ୍ଞ ଠିକାଦାରୀକୁ ନେଇ ପ୍ରଶ୍ନ ମଧ୍ୟ ଉଠିଥିଲା। ବନ୍ୟାଳନରେ ପ୍ରଭାବିତ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦାୟିତ୍ୱରେ ଥିବା ଅନଭିଜ୍ଞ ଠିକାଦାରଙ୍କ ପରିବର୍ତ୍ତେ ଅଭିଜ୍ଞ ଠିକାଦାରଙ୍କ ଦ୍ୱାରା ଘାଇ କାର୍ଯ୍ୟ କରାଯିବାକୁ ଦାବି ହୋଇଛି।

### ଡରାଇଲା ପୁରୁଣା ବନ୍ଧର ଘାଇ

୧୯୭୨ ମସିହାରେ ସୁରକ୍ଷା ବନ୍ଧ ଭାଙ୍ଗିବାରୁ ଆନନ୍ଦପୁରବାସୀ ବହୁଳ ଭାବେ ପ୍ରଭାବିତ ହୋଇଥିଲେ। ଧନଜୀବନ ବ୍ୟାପକ ଭାବେ କ୍ଷତି ହୋଇଥିଲା। କାଳକ୍ରମେ ରିଙ୍ଗବନ୍ଧ ନିର୍ମାଣ ହେବା ପରେ ଏହି ପୁରୁଣା ବନ୍ଧ ଉପରେ ବିପଦ ଟଳିଥିଲା। ହେଲେ ରିଙ୍ଗବନ୍ଧରେ ହୋଇଥିବା ଘାଇ ପ୍ରଭାବରେ ବନ୍ୟାଜଳ ପଶିଆସିଥିବାରୁ ୧୯୭୨ ମସିହାର ଭୟ ସୃଷ୍ଟି ହୋଇଛି।

## ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ସାଂସଦ

ଚନ୍ଦନେଶ୍ୱର, ୧୯।୮ (ସମିସ): ସୁବର୍ଣ୍ଣରେଖା ନଦୀର ପ୍ରଥମ ବନ୍ୟାର ପାଣି ସମ୍ପୂର୍ଣ୍ଣ ନକମୁଣୁ ପୁଣି ଦ୍ୱିତୀୟ ବନ୍ୟାର ଆଶଙ୍କା ଭୋଗରାଇର ତଳିଆ ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ାଇ ଦେଇଛି। ବନ୍ୟାଜଳରେ ଅନେକ ଅଞ୍ଚଳ ପ୍ରଭାବିତ ହୋଇଥିବାବେଳେ ଜଳବନ୍ଦୀ ଲୋକଙ୍କ



ଦୁର୍ଦ୍ଦଶା ମଧ୍ୟ ବଢ଼ିବାରେ ଲାଗିଛି। ଏଭଳି ସମୟରେ ବନ୍ୟା ପ୍ରଭାବିତ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟା ବୁଝିଛନ୍ତି ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ବୁଧବାର ସାଂସଦ ଶ୍ରୀ ଷଡ଼ଙ୍ଗୀ ଭୋଗରାଇ ବ୍ଲକର ଗବଗାଁ ଓ କୁସୁଡ଼ା ପଞ୍ଚାୟତର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ବନ୍ୟାଜଳ ଘେରରେ ରହିଥିବା ଗାଁଗୁଡ଼ିକରେ ପହଞ୍ଚି ସେ ସ୍ଥାନୀୟ ଲୋକଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ବନ୍ୟା ପରିସ୍ଥିତିରେ ସର୍ବାଧିକ ଗୁରୁତ୍ୱ ଲୋକଙ୍କ ଜୀବନରକ୍ଷା ଓ ସୁରକ୍ଷାକୁ ଦିଆଯିବା ଆବଶ୍ୟକ ବୋଲି ସାଂସଦ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ବନ୍ୟା ପ୍ରଭାବିତ ପରିବାର ନିକଟରେ ସରକାରୀ ସହାୟତା ଓ ରିଲିଫ୍ ସାମଗ୍ରୀ ଯେପରି ସଠିକ୍ ସମୟରେ ପହଞ୍ଚେ, ସେଥିପ୍ରତି ଯତ୍ନବାନ ହେବାକୁ ଉପସ୍ଥିତ ସରକାରୀ କର୍ମଚାରୀଙ୍କୁ ସେ ତାଗିଦ୍ କରିଥିଲେ। ବିଶେଷକରି ଜଳବନ୍ଦୀ ଅଞ୍ଚଳରେ ଖାଦ୍ୟ ଓ ପାନୀୟ ଜଳ ଯୋଗାଣ, ଆବଶ୍ୟକ ଔଷଧ ଓ ଚିକିତ୍ସା ସୁବିଧା ଏବଂ ଜରୁରୀ ସ୍ଥିତିରେ ଉଦ୍ଧାର ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ସେ ଜୋର ଦେଇଥିଲେ। ଦ୍ୱିତୀୟ ବନ୍ୟାର ସମ୍ଭାବ୍ୟ ପ୍ରଭାବକୁ ନେଇ ତଳିଆ ଅଞ୍ଚଳର ଲୋକଙ୍କ ମଧ୍ୟରେ ଭୟ ଓ ଆଶଙ୍କା ଦେଖାଦେଇଥିବାରୁ ଆଗୁଆ ପଦକ୍ଷେପ ନେବାକୁ ସାଂସଦ ପରାମର୍ଶ ଦେଇଥିଲେ। ଆବଶ୍ୟକ ସ୍ଥାନରେ ଲୋକଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର, ଉଦ୍ଧାରକାର୍ଯ୍ୟ ପାଇଁ ଆବଶ୍ୟକ ବ୍ୟବସ୍ଥା ଏବଂ ରିଲିଫ୍ ସାମଗ୍ରୀ ମହଜୁଦ ରଖିବା ଉପରେ ମଧ ସେ ଗୁରୁତ୍ୱ ଦେଇଥିଲେ। ବନ୍ୟା ପରିସ୍ଥିତିରେ କୌଣସି ପରିବାର ଯେପରି ସରକାରୀ ସହାୟତାରୁ ବଞ୍ଚିତ ନହୁଏ, ତାହା ସୁନିଶ୍ଚିତ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ, ନିର୍ବାଚନ ମଣ୍ଡଳୀର ବିଜେପି ନେତା ଆଶିଷ ପତ୍ର, ଅଂଶୁମାନ ମହାନ୍ତିଙ୍କ ସମେତ ଅନ୍ୟମାନେ ସାଂସଦଙ୍କ ସହ ଉପସ୍ଥିତ ଥିଲେ।

## ବନ୍ୟା ପ୍ରଭାବିତ ବାଲେଶ୍ୱରବାସୀଙ୍କ ପାଖରେ ଓଜେସି ଟିମ୍

ବାଲେଶ୍ୱର,୧୯।୮ (ସମିସ): ଭୟଙ୍କର ବନ୍ୟାରେ ବାଲେଶ୍ୱର ଜିଲ୍ଲାର ଅନେକ ପରିବାର ପ୍ରଭାବିତ ହୋଇଛନ୍ତି। ଏହି ଦୁର୍ଦ୍ଦିନରେ ବନ୍ୟା ପ୍ରଭାବିତ ଲୋକଙ୍କ ପାଖରେ ଠିଆ ହୋଇ ସେମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ରିଲିଫ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବାଲେଶ୍ୱର ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ଓଲନ୍ଦା ସାରଗାଁ ପଞ୍ଚାୟତର ମହାପଦା, କୁରାଢ଼ିଆ ପଞ୍ଚାୟତର ପରମାନନ୍ଦପୁର ଏବଂ ବାଲେଶ୍ୱର ପୌରପାଳିକାର ୧୮ ଓ ୩୧ ନମ୍ବର ୱାର୍ଡ ଅନ୍ତର୍ଗତ ଅରଡ଼ ବଜାର ଅଞ୍ଚଳରେ ଓଜେସି ପକ୍ଷରୁ ବନ୍ୟା ପ୍ରଭାବିତ ପରିବାରଗୁଡ଼ିକୁ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଥିଲା। ବନ୍ୟା ଯୋଗୁଁ ଘରଦ୍ୱାର, ଜୀବିକା ଓ ଦୈନନ୍ଦିନ ଜୀବନ ବ୍ୟାହତ ହୋଇଥିବା ପରିବାରଗୁଡ଼ିକ ପାଖରେ ପହଞ୍ଚି ସାନ୍ତ୍ୱନା ଦେବାସହ ଦୁର୍ଦ୍ଦିନରେ ସେମାନଙ୍କ ସହ ଓଜେସି ସବୁବେଳେ ରହିଛି ବୋଲି ଦଳ ପକ୍ଷରୁ କୁହାଯାଇଥିଲା। ଯୁବନେତା ଅରିଜିତ ଘୋଷାଲଙ୍କ ନେତୃତ୍ୱରେ ଓଜେସି ପ୍ରତିନିଧିମାନେ ବନ୍ୟା ପ୍ରଭାବିତ ଲୋକମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଥିଲେ। କ୍ଷୀରୋଦ ପ୍ରଧାନ, ତପନ ସିଂ, ସ୍ମୃତିତୀର୍ଥ ମହାନ୍ତି, ସଞ୍ଜୟ କୁମାର ଜେନା, ତପନ କୁମାର ଦାସ, କରୁଣାକର ଦାସ, କାଶୀନାଥ ଦାସ, ଶିବ ସେଠୀ, ରଞ୍ଜନ ଧଳ, ଅଶୋକ ମହାଳିକ, ଜୟନ୍ତ ମହାଳିକ ପ୍ରମୁଖ ରିଲିଫ ସାମଗ୍ରୀ ବଣ୍ଟନରେ ସହଯୋଗ କରିଥିଲେ। ଓଡିଶା ଯୁବ ଜନତା କଂଗ୍ରେସର ସଭାପତି ଆର୍ଯ୍ୟବୀର ଲେଙ୍କା ଏବଂ ଦୁଷ୍ମନ୍ତ ମଲିକ, ସତ୍ୟଜିତ ମଲ୍ଲିକ, ଆଦିତ୍ୟ ପ୍ରସାଦ ମିଶ୍ର ଓ ସୌନକ ସୁଭାଶିଷ ସାମଲ ଉପସ୍ଥିତ ରହି ରିଲିଫ ବଣ୍ଟନ କାର୍ଯ୍ୟକ୍ରମକୁ ତ୍ୱରାନିତ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ



ରାଜନୈତିକ ଭେଦଭାବ ଭୁଲି ପ୍ରତ୍ୟେକ ପ୍ରଭାବିତ ପରିବାରଙ୍କ ପାଖରେ ପହଞ୍ଚି ସହାୟତାର ହାତ ବଢ଼ାଇବା ଆମ ସମସ୍ତଙ୍କ ଦାୟିତ୍ୱ। ବନ୍ୟା ପରିସ୍ଥିତିରେ ପ୍ରଭାବିତ ଲୋକଙ୍କ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ସରକାର ଅଧିକ ତତ୍ପରତାର ସହ କାର୍ଯ୍ୟ କରିବା ସହ ଆବଶ୍ୟକୀୟ ରିଲିଫ ଓ ପୁନର୍ବାସ ସହାୟତା ଯୋଗାଇଦେବା ଆବଶ୍ୟକ ବୋଲି ଓଡିଶା ଯୁବ ଜନତା କଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କା ଦାବି କରିଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ ବଣ୍ଟନ ସହ ଆଗାମୀ ଦିନରେ ମଧ୍ୟ ଆବଶ୍ୟକତା ଅନୁଯାୟୀ ଲୋକଙ୍କ ପାଖରେ ପହଞ୍ଚି ସହଯୋଗ ଜାରି ରଖିବାକୁ ଓଜେସି ପ୍ରତିବଦ୍ଧ ବୋଲି ଦଳ ପକ୍ଷରୁ କୁହାଯାଇଛି।

## କାଦୁଅ ପଚପଚ ରାସ୍ତା; ଚାକୁଣ୍ଡାପାଳ ପଞ୍ଚାୟତ ଘେରଉ



ତୁରୁମୁଙ୍ଗା, ୧୯।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଚାକୁଣ୍ଡାପାଳ ପଞ୍ଚାୟତ ଅନ୍ତର୍ଗତ ସାନଗମ୍ଭାରିଆ ଗ୍ରାମର ହୁଡ଼ି ସାହିକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଲଗାଣ ବର୍ଷା ଯୋଗୁଁ ରାସ୍ତାଟି କାଦୁଅରେ ପରିଣତ ହୋଇଥିବାରୁ ଯାତାୟାତ ଦୁର୍ବିସହ ହୋଇପଡ଼ିଛି। ଏହାର ପ୍ରତିବାଦରେ ବୁଧବାର ଗ୍ରାମର ମହିଳା ଓ ପୁରୁଷଙ୍କ ସମେତ ବହୁ ଗ୍ରାମବାସୀ ଏକତ୍ରିତ ହୋଇ ଚାକୁଣ୍ଡା ପାଳ ପଞ୍ଚାୟତ କାର୍ଯ୍ୟାଳୟ ଘେରଉ କରିଥିଲେ। ଚାକୁଣ୍ଡାପାଳ ସରପଞ୍ଚ ରକ୍ଷାମଣୀ ନାଏକ ଲୋକଙ୍କୁ ବୁଝାସୁଝା କରିବା ପରେ ଲୋକେ ଧାରଣାରୁ ହଟିଥିଲା। ଉକ୍ତ ରାସ୍ତା ପାଇଁ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ରାସ୍ତାରେ ମାଟି ପକାଇବାକୁ ରାସ୍ତା କଡରେ ଥିବା ଜମି ମାଲିକ ମନା କରିବାରୁ ମାତ୍ର ୨ ଲକ୍ଷ ଟଙ୍କାର କାମ ହୋଇଥିବା ଚାକୁଣ୍ଡାପାଳ କନିଷ୍ଠ ଯନ୍ତ୍ରୀ ବିଶ୍ୱଜିତା ନାଏକ କହିଛନ୍ତି। ତୁରନ୍ତ ରାସ୍ତା ନିର୍ମାଣ ନ ହେଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ହାତୀ ଆକ୍ରମଣରେ ଜଣେ ଗୁରୁତର

ତୁରୁମୁଙ୍ଗା, ୧୯।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଚିନାମାଳିପଶି ପଞ୍ଚାୟତ ବଡ଼ ମହୁଲଡିହା ଗ୍ରାମ୍ୟ ଜଙ୍ଗଲରୁ ହାତୀପଲଙ୍କୁ ଘଉଡାଇବା ସମୟରେ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଉଛନ୍ତି ଗ୍ରାମର ପ୍ରସନ୍ନ ନାଏକଙ୍କ ପୁଅ ବିଡ଼ିଓ ନାଏକ(୪୦)। ବିଲରେ କାମ କରୁଥିବା ସମୟରେ ଗୋଟିଏ ହାତୀ ତାଙ୍କୁ ଟେକି ଶୁଣ୍ଢରେ ଫିଙ୍ଗି ଦେବାରୁ ତାଙ୍କର ଗୋଟିଏ ଗୋଡ଼ ଭାଙ୍ଗି ଯାଇଛି। ତାଙ୍କୁ ପ୍ରଥମେ ଘଟଗାଁ ଓ ସେଠାରୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଢେଙ୍କିକୋଟ ବନପାଳ ଅକ୍ଷୟ ମହାନ୍ତି ଘଟଣାର ତଦନ୍ତ କରିବା ସହ ଗୁରୁତରଙ୍କ ଚିକିତ୍ସା ଦାୟିତ୍ୱରେ ଥିବା ସୂଚନା ମିଳିଛି।

# ସୁବର୍ଣ୍ଣରେଖାରେ ବଢ଼ି ବନ୍ୟା; ଭୋଗରାଇ ବ୍ଲକ୍‌ର ୮୦ ଗାଁ ପ୍ରଭାବିତ

ବାଲେଶ୍ୱର(ଉତ୍ତର),୧୯।୮ (ସମିସ):

ଲଘୁଚାପଜନିତ ଲଗାଣ ବର୍ଷା ଓ ସୁବର୍ଣ୍ଣରେଖା ନଦୀର ଉପରମୁଣ୍ଡ ରେ ବିଭିନ୍ନ ଡ୍ୟାମରୁ ଜଳ ଛଡ଼ା ଯିବାରୁ ପୁଣି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଭୋଗରାଇ ବ୍ଲକର ୧୫ ପଂଚାୟତର ୮୦ରୁ ଅଧିକ ଗାଁ ପ୍ରଭାବିତ ହୋଇଛି। ୧୦ ହେକ୍ଟର ରୁ ଅଧିକ ଚାଷ ଜମି ଜଳମଗ୍ନ ହୋଇଛି। ୧୫ରୁ ଅଧିକ ପ୍ରଧାନମନ୍ତ୍ରୀ ସଡ଼କ ଉପରେ ୩ରୁ ୪ଫୁଟ ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହେଉଥିବା ବେଳେ ସମସ୍ତ ଗାଁ ରାସ୍ତା ବୁଡ଼ି ଯାଇ ଯାତାୟାତ ବାଧା ପ୍ରାପ୍ତ ହୋଇଛି।ଲୋକେ ଘରୁ ବାହାର କୁ ବାହାରି ପାରୁ ନାହାନ୍ତି। ଜରୁରୀ କାମରେ ଡଙ୍ଗା ସାଜିଛି ସାହା ଭରସା।ସେହିପରି ସମସ୍ତ ତଳିଆ ଅଞ୍ଚଳରେ ନଳ କୂପ ବୁଡ଼ି ଯାଇଥିବାରୁ ଲୋକେ ଟୋପାଏ ପିଇବା ପାଣି ପାଇଁ ତହଳ ବିକଳ ହେଉଛନ୍ତି।

ଗତ ୫ ଦିନ ପୂର୍ବରୁ ସୁବର୍ଣ୍ଣରେଖା ନଦୀରେ ଛୋଟ ଧରଣର ବନ୍ୟା ଆସି ଏହି ବ୍ଲକର ତଳିଆ ଅଞ୍ଚଳ ଜଳ ମଗ୍ନ ହୋଇଥିଲା। ଏପର୍ଯ୍ୟନ୍ତ ଅନେକ ଗାଁରୁ ବନ୍ୟା ଜଳ ନିଷ୍କାସିତ ହୋଇ ନ ଥିଲା ବେଳେ ପୁଣି ବନ୍ୟା ଆସିବା ଫଳରେ ଏହି ତଳିଆ ଗାଁ ଗୁଡ଼ିକ ସାଙ୍ଘାତିକ ଅବସ୍ଥା ସୃଷ୍ଟି ହୋଇଛି। ଦୀର୍ଘ ୧୫ ଦିନ ହେବ ଚାଷ



ଜମିରେ ପାଣି ଜମି ରହିବା କାରଣରୁ ରୁଆ ଧାନ ସଡ଼ି ଯାଇଛି।ଆଜି ସନ୍ଧ୍ୟା ୭ ଟା ସୁଦ୍ଧା ନଦୀର ଜଳ ପତ୍ତନ ରାଜଘାଟ ଠାରେ ବିପଦ ସଙ୍କେତ୧୦.୩୬ ମିଟର କୁ ଟପି ୧୧.୩୮ ମିଟର ରେ ପହଁଚିଛି। ଯାହାଫଳରେ ଗତ କାଲି ଠାରୁ ବନ୍ୟାପାଣି ନଦୀ ବନ୍ଧ ଡେଇଁ ବିଭିନ୍ନ ଗାଁ କୁ ପ୍ରବେଶ କରିଛି।ଗତ କାଲି ଅପେକ୍ଷା ଆଜି ବନ୍ୟା ଜଳ ବହୁଳ ଭାବେ ପ୍ରବେଶ କରିବାରେ ଲାଗିଛି।ଏହି ବ୍ଲକର ଆରୁହାବୃତ୍ତି-ନଂ୦୧ ପଂଚାୟତ ମନୁନଗର ଗାଁ ଭିତରେ ବନ୍ୟା ଜଳ ପଶିଥିବା ବେଳେ ଏହି ପଂଚାୟତ ନଥିପୁର, ରସଲପୁର,ଆରୁହାବୃତ୍ତି,ବାରବାଟିଆ, ଖରିଦପିପଲ ପଂଚାୟତର ଦହମୁଣ୍ଡା, ଆରୁହାବୃତ୍ତି ନଂ୨, ନାଚିନ୍ଦ। ପଂଚାୟତର ଉଲୁଡା, ମହମ୍ମଦପୁର, ଡେଉଁର, ରଘୁଚକ, ନିଶ୍ଚିନ୍ତାଡିହା, କୁସୁଡ଼ା ପଂଚାୟତର ଗୁଜଡ଼ିହା, କୁସୁଡ଼ା, ଗବଗାଁ ପଂଚାୟତ ର ଚିରକୁଲା, ନିଳପୁରା, ପୁରୁଷୋତ୍ତମ ପୁର, ବଧିଆ,କୃଷ୍ଣ ପୁର, ରାମଦେଇଚକ, ଗବ ଗାଁ, କୁମ୍ଭୀରଗଡି ପଂଚାୟତର ଅଡଙ୍ଗ ପନ୍ତେଇ, ବାଉଁଶଖଣା,କୁଲ୍‌ହା,ଖଳା ବାଡ଼ିଆ, କୁମ୍ଭୀରଗଡ଼ି, ଜୟରାମ ପୁର ପଂଚାୟତ ର ନାନାକାର,ଖଡ଼ିକାବାଡ଼ି, ନହରା ପଂଚାୟତର ବଡ଼ ମନ୍ଦାରୁଣୀ, ମସାନ ବାଡ଼ିଆ, ମୁଣ୍ଡମାରି, ଇତ୍ୟାଦି ଗାଁରେ ବନ୍ୟା ଜଳ ପ୍ରବେଶ କରିଛି। ସେହିପରି ପୁଟିଣା,ଦାରୁହା, କଟୁଆଡ଼ି,କୁଳିଦା, ଇତ୍ୟାଦି ପଞ୍ଚାୟତ ର ସମସ୍ତ ଗ୍ରାମ ମହାଗବ,ଗୁଣସାର୍ଥା, ନାରାୟଣ ମହାନ୍ତି ପଡ଼ିଆ, ଟୁକୁରି ହାଜିରା ପଂଚାୟତର ଅନେକ ଗାଁ ରେ ଆଂଶିକ ଭାବେ ବନ୍ୟା ଜଳ ପ୍ରବେଶ କରିଛି।ଏହି ସବୁ ଗାଁରେ ଚାଷଜମି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇ ଯାଇଛି। ସେହିପରି କମର୍ଦ୍ଦା- ଉଲୁଡା ରାସ୍ତା, ଜଳେଶ୍ୱର-ଚନ୍ଦନେଶ୍ୱର ରାଜ୍ୟ ରାଜ ପଥ ଠାରୁ ବଡ଼ ମନ୍ଦା ରୁଣି- ଜଳଧା ରାସ୍ତା, ଭୁଆ ବନ୍ଧ - କୁଳିଦା ରାସ୍ତା, ବେଣୁଦା- ମହାଗବ ରାସ୍ତା, ବେଣୁଦା-କୁସୁଟି ରାସ୍ତା, କୁମ୍ଭୀର ଗଡ଼ି-ଭୂଷଣ୍ଡେଶ୍ୱର ରାସ୍ତା, ଭୋଗରାଇ ଲକ- ଆରୁହାବୃତ୍ତି, ନିଳପୁରା-କୁସୁଡ଼ା, ଚିରକୁଲା-କୁସୁଡ଼ା ଇତ୍ୟାଦି ରାସ୍ତାର ବିଭିନ୍ନ ସ୍ଥାନରେ ୪ରୁ ୫ଫୁଟ ବନ୍ୟାଜଳ ପ୍ରବାହିତ ହେଉଥିବାବେଳେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଅନ୍ୟପକ୍ଷରେ ପୁଟିଣା,ଦାରୁହା, କଟୁଆଡ଼ି, କୁଳିଦା, ମହାଗବ, କୁମ୍ଭୀରଗଡ଼ି ପଂଚାୟତର

### ୧୦ ହେକ୍ଟରରୁ ଅଧିକ ଚାଷଜମି ଜଳମଗ୍ନ

ବହୁ ତଳିଆ ଗାଁ ରେ ବନ୍ୟା ଜଳ ପ୍ରବେଶ କରିଥିବାରୁ ଗାଁ ରାସ୍ତା ସହିତ ବହୁ ଘର ପାଣି ଘେର ମଧ୍ୟରେ ରହିଛି। ପଞ୍ଚାୟତ ର ଥିବା ବନ୍ୟା ଆଶ୍ରୟ ସ୍ଥଳୀ ତଥା ଉଚ୍ଚରେ ଥିବା ବିଦ୍ୟାଳୟ ଗୁଡ଼ିକରେ ତଳିଆ ଅଞ୍ଚଳରେ ଥିବା ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଛି।ଏନ ଡି ଆର ଏଫ ର ୨ପ୍ଲାଟୁନ ସହିତ ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟ ପାଇଁ ନିୟୋଜିତ ହୋଇଛନ୍ତି। ଅନ୍ୟପକ୍ଷରେ ଜଳ ଘେରରେ ଥିବା ବନ୍ୟା ବିପନ୍ନ ଙ୍କ ପାଖରେ ଅଳ୍ପ କିଛି ଶୁଖିଲା ଖାଦ୍ୟକୁ ଛାଡ଼ି ଦେଲେ ସରକାରୀ ରିଲିଫ ପହଞ୍ଚି ପାରି ନାହିଁ ବୋଲି ଅଭିଯୋଗ ହୋଇଛି।

## ବୀମା ଅଭିକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ଆନନ୍ଦପୁର, ୧୯।୮ ସମିସ): କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଭାରତୀୟ ଜୀବନବୀମା ସାଟେଲାଇଟ କାର୍ଯ୍ୟାଳୟରେ ଆନନ୍ଦପୁର ଅଭିକର୍ତ୍ତାଙ୍କ ନିଷ୍ଠାପର କାର୍ଯ୍ୟଦକ୍ଷତା ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ସ୍ୱାଧୀନତା ଦିବସ ଉପଲକ୍ଷେ କାର୍ଯ୍ୟାଳୟରେ ଆୟୋଜିତ ଉତ୍ସବରେ ଶାଖା ପରିଚାଳିକା ଅଞ୍ଜୁପ୍ରଭା ବେହେରା ଆନନ୍ଦପୁର ଶାଖାର ପ୍ରାୟ ୧୨୦ ଜଣ ଅଭିକର୍ତ୍ତାଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବୀମା ଅଭିକର୍ତ୍ତା ସଂଘର ସଭାପତି ସନ୍ତୋଷ ମଲିକ, ବରିଷ୍ଠ ଅଭିକର୍ତ୍ତା ସନ୍ତୋଷ ପଟନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଓ ଅଭିକର୍ତ୍ତା ଉପସ୍ଥିତ ଥିଲେ।



**ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬**

# ଶେଷ ହେଲା ଦାବି, ଆପତ୍ତି ସମୟ ସୀମା

## ସେପ୍ଟେମ୍ବର ୨୧ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା

ଭୁବନେଶ୍ୱର,୧୯।୮ (ସମିସ): ରାଜ୍ୟରେ ଭୋଟର ତାଲିକା ର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପଞ୍ଜୀକରଣ ଓ ସଂଶୋଧନ ପାଇଁ ନିର୍ଦ୍ଧାରିତ ଦାବି ଓ ଆପତ୍ତି ଦାଖଲ ସମୟସୀମା ବୁଧବାର ସମାପ୍ତ ହୋଇଛି। ଆସନ୍ତା ସେପ୍ଟେମ୍ବର ୧୭ ତାରିଖ ସୁଦ୍ଧା ନୋଟିସ ପର୍ଯ୍ୟାୟ ସହ ସମସ୍ତ ଦାବି ଓ ଆପତ୍ତିର ଅନ୍ତିମ ଫଇସଲା କରାଯିବ। ସେପ୍ଟେମ୍ବର ୨୧ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଆସନ୍ତା ସେପ୍ଟେମ୍ବର ୧୭ ତାରିଖ ସୁଦ୍ଧା ସମସ୍ତ ନୋଟିସ ପର୍ଯ୍ୟାୟ ଶେଷ ହେବା ସହ ଦାଖଲ ହୋଇଥିବା ସମସ୍ତ ଦାବି ଓ ଆପତ୍ତିଗୁଡ଼ିକର ଅନ୍ତିମ ଫଇସଲା କରାଯିବ। ଏହି ସମସ୍ତ ଶୁଣାଣି ଓ ଯାଞ୍ଚ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ସେପ୍ଟେମ୍ବର ୨୧ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ଆନୁଷ୍ଠାନିକ ଭାବେ ପ୍ରକାଶ ପାଇବ। ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତଥ୍ୟ ଅନୁଯାୟୀ ଆଜି ସୁଦ୍ଧା ମୋଟ ୫୮ ଲକ୍ଷ ୩୬ ହଜାର ୪୩୦ ଜଣ ଭୋଟରଙ୍କ ନାମରେ ନୋଟିସ ଜାରି କରାଯାଇଥିଲା। ସେଥିମଧ୍ୟରୁ ପ୍ରଶାସନିକ ତତ୍ପରତା ଯୋଗୁଁ ୫୮ ଲକ୍ଷ ୩୬ ହଜାର ୩୭୪ ଜଣ ଭୋଟରଙ୍କ ନିକଟରେ ସଫଳତାର ସହ ନୋଟିସ ପହଞ୍ଚାଯାଇ ସାରିଛି। ବର୍ତ୍ତମାନ ସୁଦ୍ଧା ନୋଟିସ ପାଇଥିବା ଭୋଟରମାନଙ୍କ ଶୁଣାଣି ଶେଷ କରାଯାଇ, ସେଥି ମଧ୍ୟରୁ ୫୪ ଲକ୍ଷ ୨୧ ହଜାର ୮୭୨ ଜଣ ଭୋଟରଙ୍କୁ ଭୋଟର ତାଲିକାରେ ବଜାୟ ରଖାଯାଇଛି। ଏବେ ସୁଦ୍ଧା ରାଜ୍ୟରେ ମୋଟ ୩କୋଟି ୯ଲକ୍ଷ ୭୧ହଜାର ୯୪୧ ଜଣ ଯୋଗ୍ୟ ଭୋଟର ଚୂଡ଼ାନ୍ତ ଭୋଟର ତାଲିକାରେ ସାମିଲ ହେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ,ଯେହେତୁ ଶୁଣାଣି ପ୍ରକ୍ରିୟା ଚାଲୁରହିଛି ଆଗକୁ ଶୁଣାଣି କରାଯାଇ ଯୋଗ୍ୟ ଭୋଟରଙ୍କ ସଂଖ୍ୟା ଆହୁରି ବଢ଼ିବ। ନୋଟିସ ଜାରି କରାଯାଇଥିବା ଭୋଟରମାନଙ୍କ ମଧ୍ୟରୁ ଯେଉଁମାନେ ଆବଶ୍ୟକୀୟ ବୈଧ ପ୍ରମାଣପତ୍ର କିମ୍ବା ସଠିକ ତଥ୍ୟ ଦାଖଲ କରିବାରେ ଅସମର୍ଥ ହୋଇଛନ୍ତି, ସେମାନଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଯିବ। ଯୋଗ୍ୟ ନୂତନ ନାଗରିକ ଓ ଯୁବ ଭୋଟରମାନଙ୍କୁ ଭୋଟର ତାଲିକାରେ ଯୋଡ଼ିବା ପାଇଁ ବ୍ୟାପକ ଉତ୍ସାହ ଦେଖିବାକୁ ମିଳିଛି। ଫର୍ମ-୬ ଜରିଆରେ ମୋଟ ୨,୭୯,୩୧୫ ଜଣ ନୂତନ ନାମ ପଞ୍ଜୀକରଣ ପାଇଁ ଆବେଦନ କରିଛନ୍ତି। ଯେଉଁ ଭୋଟର ମାନଙ୍କ ନାମ ଦୁଇଟି ସ୍ଥାନରେ ଅଛି ସେମାନେ ଗୋଟିଏ ସ୍ଥାନରୁ ନାମ ହଟାଇ ଅନ୍ୟ ସ୍ଥାନରେ ରଖିବା, ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ନାମ ବାଦ୍ ଦେବା ପାଇଁ ଫର୍ମ-୭ ଜରିଆରେ ୫୩,୬୨୫ ଟି ଆବେଦନ ପ୍ରାପ୍ତ ହୋଇଛି। ଭୋଟର ତାଲିକାରେ ଥିବା ନାମ, ଠିକଣା, ବୟସ କିମ୍ବା ଅନ୍ୟାନ୍ୟ ସଂଶୋଧନ ସହ ଗୋଟିଏ ପରିବାରର ସମସ୍ତ ସଦସ୍ୟଙ୍କ ନାମକୁ ଏକାଠି ଗୋଟିଏ ମତଦାନ କେନ୍ଦ୍ରରେ ରଖିବା ପାଇଁ ଫର୍ମ-୮ ମାଧ୍ୟମରେ ୧,୯୭,୯୫୨ ଜଣ ଭୋଟର ଆବେଦନ କରିଛନ୍ତି।

## ଏସଆଇଆର ଆପତ୍ତି ଅବଧି ବୃଦ୍ଧି ଲାଗି ବିଜେଡିର ଦାବି

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କଲେ ବିଜେଡି ପ୍ରତିନିଧି

ଭୁବନେଶ୍ୱର,୧୯।୮ (ସମିସ): ଓଡ଼ିଶାରେ ବର୍ତ୍ତମାନ ବନ୍ୟା, ଲଗାଣ ବର୍ଷା ପରିସ୍ଥିତି ଜାରି ରହିଛି। ଯାହାକୁ ନେଇ ଜନଜୀବନ ବ୍ୟାହତ ହୋଇଥିବା ବେଳେ ପରିସ୍ଥିତିକୁ ଧ୍ୟାନରେ ରଖି ବିଜେଡି ଏସଆଇଆର-୨୦୨୬ ପ୍ରକ୍ରିୟା ଅବଧି ଅନ୍ୟୂନ ୩୦ ଦିନ ବୃଦ୍ଧି ପାଇଁ ଦାବି କରିଛି। ପ୍ରତ୍ୟେକ ଯୋଗ୍ୟ ମତଦାତା ଯେପରି ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ନ୍ୟାୟସଙ୍ଗତ ସୁଯୋଗ ପାଇବେ ଏବଂ କୌଣସି ପ୍ରକୃତ ମତଦାତା ତାଙ୍କର ମତଦାନ ଅଧିକାରରୁ ବଞ୍ଚିତ ନ ହେବେ, ସେଥିପାଇଁ ଏହି ସମୟସୀମା ବୃଦ୍ଧି ଜରୁରୀ ବୋଲି ଦଳ ଅନୁରୋଧ କରିଛି।

ବିଜେଡି ପ୍ରଦାନ କରିଥିବା ସ୍ମାରକପତ୍ରରେ କୁହାଯାଇଛି ଯେ ଏସଆଇଆର-୨୦୨୬ର ପ୍ରକ୍ରିୟା ଜାରି ରହିଛି। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତି ଯୋଗୁଁ ଯାଞ୍ଚ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଛି। ଏହି ପରିସ୍ଥିତିରେ ନିର୍ବାଚନ ଅଧିକାରୀ, ମତଦାତା ଓ ବୁଥ୍ ଲେଭେଲ୍ ଏଜେଣ୍ଟମାନଙ୍କ ପକ୍ଷରେ ବର୍ତ୍ତମାନର ସମୟସୀମା ମଧ୍ୟରେ ଯାଞ୍ଚ ସମ୍ପୂର୍ଣ୍ଣ କରି ଦାବି ଓ ଆପତ୍ତି ଦାଖଲ କରିବା ଅତ୍ୟନ୍ତ କଷ୍ଟସାଧ୍ୟ । ବନ୍ୟା ସ୍ଥିତି ନେଇ ଅବଧି ବୃଦ୍ଧି ପାଇଁ ପୂର୍ବରୁ ବିଜେଡି



ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବି ଉପସ୍ଥାପନ କରିଥିଲେ। ଯାହାକୁ ନେଇ ଅଗଷ୍ଟ ୧୯ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। କିନ୍ତୁ ବର୍ତ୍ତମାନର ପ୍ରାକୃତିକ ବିପର୍ଯ୍ୟୟ ପରିସ୍ଥିତି ଯୋଗୁଁ ହଜାର ହଜାର ଭୋଟର, ବିଏଲଏ ଓ ନିର୍ବାଚନ ଅଧିକାରୀଙ୍କ ପାଇଁ ଆବଶ୍ୟକୀୟ ଯାଞ୍ଚ ଓ ଦାଖଲ କାର୍ଯ୍ୟ କରିବା ଅସମ୍ଭବ ହୋଇପଡ଼ିଛି। ରାଜ୍ୟର ଅନେକ ଜିଲ୍ଲାରେ ନିରନ୍ତର ପ୍ରବଳ ବର୍ଷା, ବନ୍ୟା ଯୋଗୁଁ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି। ଏଭଳି ଗମ୍ଭୀର ପରିସ୍ଥିତିରେ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଛି । ନିରପେକ୍ଷତା ଓ ନ୍ୟାୟସଙ୍ଗତାକୁ ଦୃଷ୍ଟିରେ ରଖି ଦାବି ଓ ଆପତ୍ତି ଦାଖଲ ସମୟସୀମାକୁ ଅତି କମରେ ୩୦ ଦିନ ବୃଦ୍ଧି କରାଯାଉ। ଯାହାଦ୍ୱାରା ବୁଥ୍ ଲେଭେଲ୍ ଏଜେଣ୍ଟ

### ଯୋଗ୍ୟ ମତଦାତା ପ୍ରକ୍ରିୟାରେ ନ୍ୟାୟସଙ୍ଗତ ସୁଯୋଗ ଦେବାକୁ ଦାବି

ମାନେ ପ୍ରତ୍ୟେକ ମାମଲାର ଯାଞ୍ଚ କରି ପ୍ରକୃତ ମତଦାତାଙ୍କ ଅଧିକାରର ସୁରକ୍ଷା କରିପାରିବେ ବୋଲି ଦଳ କହିଛି। ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ପ୍ରତାପ ଜେନା, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନି ଛୁରିଆ, ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ସାଧାରଣ ସମ୍ପାଦକ ବିଜୟ କୁମାର ନାୟକ, ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ ଲେନିନ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ମିହିର ରାୟ, ନାରାୟଣ ଜେନା ଓ ନନ୍ଦଲାଲ ସିଂ ପ୍ରମୁଖ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି।

## ରାଉରକେଲା ସର୍କିଟ ହାଉସ୍‌ରୁ ୨ ଅପରାଧୀ ଗିରଫ ସହ ବନ୍ଧୁକ ଜବତ ମାମଲା

# ଗିରଫ ୩ ଜଣଙ୍କୁ ରିମାଣ୍ଡରେ ନେଲା ପୁଲିସ

ରାଉରକେଲା,୧୯।୮ (ସମିସ): ବହୁ ଚର୍ଚ୍ଚିତ ରାଉରକେଲା ସର୍କିଟ ହାଉସରୁ ୨ ଦୁର୍ଦ୍ଧାନ୍ତ ଅପରାଧୀ ଗିରଫ ସହ ରିଭଲଭର ଜବତ ମାମଲାରେ ରଘୁନାଥପାଲି ପୁଲିସ ପୂର୍ବରୁ ଗିରଫ ହୋଇଥିବା ୭ ଦୁର୍ଦ୍ଧାନ୍ତ ଅପରାଧୀଙ୍କ ମଧ୍ୟରୁ ଆଜି ୩ ଜଣଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରୁଛି। ପୁଲିସର ଏହି ତଦନ୍ତ ବେଳେ ପାନପୋଷ ସର୍କିଟ ହାଉସ୍‌ର ୧୦୭ ଓ ୧୧୧ ନମ୍ବର ରୁମ ବୁକ୍ କରିଥିବା ବିଜେପି ଯୁବନେତା ତଥା ଅନ୍ୟ ବିଜେପି ନେତାଙ୍କ ଲିଙ୍କ୍‌ର ଗୁମର ପଦାକୁ ଆସିପାରେ। ସେପଟେ ପାନପୋଷ ସର୍କିଟ ହାଉସର ସିସିଟିଭି ଫୁଟେଜ ଓ ଚେକ୍ ଆଉଟ, ଚେକ୍ ଇନ୍ ଲଗ୍ ରେକର୍ଡ ବୁକକୁ ପୁଲିସ ଜବତ କରିବା ସହ ସମ୍ପୃକ୍ତ ଦଳୀୟ ଯୁବ ନେତାଙ୍କୁ କିପରି ୨୫ ଦିନରୁ ଅଧିକ ଦିନ ଧରି ଏହି ରୁମ୍ ଦିଆଗଲା ଓ ସେଠାରେ ରହୁଥିବା ଅସାମାଜିକ ଯୁବକଙ୍କୁ କିପରି ଏବଂ କିଏ ଖାଇବା, ପିଇବା ତଥା ଅନ୍ୟାନ୍ୟ ଆତିଥ୍ୟ ଯୋଗାଇ ଆସୁଥିଲେ ତାର ତଦନ୍ତ ଆରମ୍ଭ କରିଛି ପୁଲିସ।

ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ଭିଭିଆଇପି ସରକାରୀ ବାବୁଙ୍କ ବିଶ୍ରାମ ଲାଗି ନିର୍ମିତ ରାଉରକେଲାର ପାନପୋଷ ସର୍କିଟ ହାଉସ୍‌ର ଏକ ରୁମରୁ ଗତ ୧୧/୧୨ ରାତିରେ ବିକାଶ ଡୁଙ୍ଗୁରି ଏବଂ ନାରାୟଣ ନାମକ ୨ ଜଣ ହାର୍ଡକୋର୍ ଅପରାଧୀଙ୍କୁ ୨ଟି ଲୋଡେଡ୍ ମାଉଜର ସହ ଗିରଫ କରାଯାଇଥିଲା। ଏହି ଘଟଣା ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ବିଜେପି ସରକାର ଗୁଣ୍ଡା ଓ ଅପରାଧୀମାନଙ୍କୁ ପ୍ରଶ୍ରୟ ଦେଇଥିବା ସ୍ପଷ୍ଟ ହୋଇଛି। ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସାମାଜିକ ଗଣମାଧ୍ୟମରେ ଚାରିଆଡୁ ଚାପ ସୃଷ୍ଟି ହେବା ପରେ ଏ ସଂକ୍ରାନ୍ତରେ ମୋଟ ୭ ଜଣଙ୍କୁ ମଧ୍ୟରୁ ୩ ଜଣଙ୍କୁ ପୁଲିସ ଆଜି ରିମାଣ୍ଡରେ ଆଣି ପଚରାଉଚରା ଚଳାଇଛି। ରିମାଣ୍ଡରେ ଆସିଥିବା ଅପରାଧୀ ୩ ଜଣ ହେଉଛନ୍ତି ପ୍ଲାଣ୍ଟସାଇଟ୍ ଅଞ୍ଚଳର ବିକାଶ ଡୁଙ୍ଗୁରି, ରାଜେଶ ସାହୁ ଏବଂ ସାଗର ସାହୁ।

ଉଲ୍ଲେଖଯୋଗ୍ୟ ଯେ କେନ୍ଦ୍ର ମନ୍ତ୍ରୀଙ୍କର ଅତ୍ୟନ୍ତ ସହଯୋଗୀ, ପ୍ରତିନିଧି ତଥା ସହରର ଜଣାଶୁଣା ବିଜେପି ଯୁବ ନେତାଙ୍କ ଜରିଆରେ ପାନପୋଷ ସ୍ଥିତ ସମ୍ଭ୍ରାନ୍ତ ସରକାରୀ ଗେଷ୍ଟ ହାଉସ ସର୍କିଟ ହାଉସରେ ଦୁଇ ଜଣ କୁଖ୍ୟାତ ଅପରାଧୀ ଦୀର୍ଘ ୨୫ ଦିନ ଧରି ଅବାଧରେ ଗୁଳିଗୋଳା ଏବଂ ବନ୍ଧୁକ ନେଇ ରହିବା ଏବେ

**■ ବାହାରି ପାରେ ବିଜେପି ଯୁବନେତା ତଥା ଅନ୍ୟ ନେତାଙ୍କ ଲିଙ୍କ୍ ଗୁମର**
**■ ସର୍କିଟ ହାଉସ୍‌ର ସିସିଟିଭି ଫୁଟେଜ ଓ ରେକର୍ଡ ବୁକ୍ ଜବତ କଲା ପୁଲିସ**

ସରକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

୨୫ ଦିନ ଧରି ଦୁଇ ଅପରାଧୀ ରାଉରକେଲା ସର୍କିଟ ହାଉସ ରେ ରହିଥିଲେ ମଧ୍ୟ ପାନପୋଷ ଉପଜିଲ୍ଲାପାଳ ଓ ଆଉଟସୋର୍ସିଂ ଦାୟିତ୍ୱରେ ଥିବା ଯୁଟେକ ସର୍ଭିସେସ୍ ସଂସ୍ଥା କିପରି ଜାଣି ପାରିଲେ ନାହିଁ ସେନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ବିଶେଷ କରି ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ମୁଖ୍ୟ ବିଚାରପତି, ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ଭିଭିଆଇପି ମାନଙ୍କ ସରକାରୀ ଗସ୍ତ ସମୟରେ ସାମୟିକ ରହଣି ପାଇଁ ଉଦ୍ଦିଷ୍ଟ ପାନପୋଷ ସର୍କିଟ ହାଉସ କିପରି ନିର୍ଭୟ ଏବଂ ଅବାଧରେ ଦୁର୍ଦ୍ଧାନ୍ତ ଅପରାଧୀମାନେ ମାରଣାସ୍ତ୍ର ଧରି ୨୫ ଦିନ ରହିଥିଲେ ତାକୁ ନେଇ ଖୋଳତାଡ ଆରମ୍ଭ କରିଛି ପୁଲିସ। କେଉଁ ବରିଷ୍ଠ ବିଜେପି ନେତାଙ୍କ ଚାପରେ ରହି ପାନପୋଷ ଉପଜିଲ୍ଲାପାଳ ଦଳୀୟ ଅପରାଧୀମାନଙ୍କୁ ସର୍କିଟ ହାଉସରେ ଦୀର୍ଘ ୨୫ ଦିନ ଧରି ରହିବାକୁ ଅନୁମତି ଦେଇଥିଲେ ତାକୁ ନେଇ ଉଠିଛି ପ୍ରଶ୍ନ।

ସୂଚନାଯୋଗ୍ୟ ଯେ ରାଉରକେଲା ପାନପୋଷ ସର୍କିଟ ହାଉସର ୧୦୭ ନମ୍ବର ରୁମରୁ ଗତ ୧୨ ତାରିଖ ରାତିରେ ଦୁଇଜଣ ଅପରାଧୀ ଦୁଇଟି ବନ୍ଧୁକ ସହ ଗିରଫ ହେବା ପରେ ପୁଲିସ ପକ୍ଷରୁ ରାକେଟ୍‌କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ପରେ ଏହି ଲିଙ୍କରେ ବନ୍ଧୁକ ଚୋରା କାରବାର କରୁଥିବା ଓ ବନ୍ଧୁକ ରଖି ଅପରାଧୀକ କାର୍ଯ୍ୟକଳାପ କରିବା ପାଇଁ ଉଦ୍ୟମ କରୁଥିବା ଅଭିଯୋଗରେ ମୋଟ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ସେମାନଙ୍କ ନିକଟରୁ ୪ଟି ବନ୍ଧୁକ ଓ ୧୧ଟି ଗୁଳି ଜବତ କରାଯାଇଥିଲା। ପାନପୋଷ ସର୍କିଟ ହାଉସରୁ ଗୁଳି ଭର୍ତ୍ତି ବନ୍ଧୁକ ସହ ଅପରାଧୀ ଗିରଫ ହେବା ପରେ ଏବେ ସର୍କିଟ ହାଉସ ଅପରାଧୀଙ୍କ ପେଣ୍ଠସ୍ଥଳୀ ପାଲଟିଥିବା ଅଭିଯୋଗ ହୋଇଛି। ଯାହାକି ସରକାରୀ ଭିଭିଆଇପିଙ୍କ ପାଇଁ ଅସୁରକ୍ଷିତ ସ୍ଥାନ ପାଲଟି ଯାଇଛି ବୋଲି ଅଭିଯୋଗ ହୋଇଛି। କୌଣସି ମୁହୂର୍ତ୍ତରେ ଜାତୀୟ ସ୍ତରର ଅପରାଧୀ, ମାଓବାଦୀ ଓ ଆତଙ୍କବାଦୀ ମଧ୍ୟ ସର୍କିଟ ହାଉସରେ ରହିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଅପରାଧୀଙ୍କୁ ସର୍କିଟ ହାଉସରେ ରହିବା ପାଇଁ ସହାୟତା କରିଥିବା ବିଜେପି ଯୁବନେତା ଙ୍କୁ ବଞ୍ଚାଇବାକୁ ଉଦ୍ୟମ କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି।

## କେନ୍ଦ୍ରମନ୍ତ୍ରୀଙ୍କ ସମେତ ବିଜେପି ନେତା ଚୁପ୍

ରାଉରକେଲାର ପାନପୋଷ ସ୍ଥିତ ସରକାରୀ ସର୍କିଟ୍ ହାଉସ୍‌ରୁ ମାରଣାସ୍ତ୍ର ସହ ଅପରାଧୀ ଗିରଫ ହେବା ତା ପୁଣି ଏଥିରେ ବିଜେପି ଯୁବନେତାଙ୍କ ଲିଙ୍କ ସାମ୍ନାକୁ ଆସୁଥିବା ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଜୋରସୋରରେ ଆରମ୍ଭ ହୋଇଥିଲା ବେଳେ ଏ ନେଇ କେନ୍ଦ୍ରମନ୍ତ୍ରୀ କିମ୍ବା କୌଣସି ବିଜେପି ନେତା ମୁହଁ ନ ଖୋଲିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଜେପି ସରକାରର ଶାସନରେ ଓଡ଼ିଶା ପରି ଶାନ୍ତିପୂର୍ଣ୍ଣ ରାଜ୍ୟରେ ଏଭଳି ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ଚିନ୍ତିତ କରିଛି।

ସରକାରୀ ସର୍କିଟ୍ ହାଉସ୍ ଭଳି ଏକ ସୁରକ୍ଷିତ ସରକାରୀ ଅତିଥିଗୃହରେ ଅପରାଧୀମାନେ ଦୀର୍ଘଦିନ ଧରି କିପରି ରହିପାରିଲେ? କିଏ ସେମାନଙ୍କୁ ପ୍ରବେଶ ଓ ରହିବାର ସୁଯୋଗ ଦେଲା? ସରକାରୀ ବ୍ୟବସ୍ଥାର ଦାୟିତ୍ୱରେ ଥିବା ଅଧିକାରୀମାନେ କ'ଣ କରୁଥିଲେ ? ତାକୁ ନେଇ ଏବେ ନାନା ପ୍ରଶ୍ନ ଉଠିଛି।

ଏହି ଘଟଣା ପରେ ରାଉରକେଲାରେ ସାଧାରଣ ଲୋକଙ୍କ ସୁରକ୍ଷା ନେଇ ଗମ୍ଭୀର ପ୍ରଶ୍ନ ଉଠୁଛି। ସରକାରୀ ଅତିଥିଗୃହ ଯଦି ଅପରାଧୀମାନଙ୍କ ଆଶ୍ରୟସ୍ଥଳୀରେ ପରିଣତ ହୁଏ, ତେବେ ସାଧାରଣ ଲୋକ କାହା ଉପରେ ଭରସା କରିବେ ବୋଲି ମତ ପ୍ରକାଶ ପାଇଛି। ତେବେ ରିମାଣ୍ଡରେ ଆସିଥିବା ୩ ଅପରାଧୀଙ୍କୁ ପଚରାଉଚରା ପରେ ହିଁ ଘଟଣା ଉପରୁ ପର୍ଦ୍ଦା ଉଠିବ ବୋଲି କୁହାଯାଉଛି।

**■ କୁଆଁରୀକୁ ନେଇ ବଢ଼ିଲା ବିବାଦ**

# ବିଜେପି ନେତ୍ରୀ ବଟି ମାଗୁଥିବା ଅଭିଯୋଗ

ପୋଲସରା,୧୯।୮ (ସମିସ): ପଥର କୁଆଁରୀକୁ ନେଇ ପୋଲସରା ଅଞ୍ଚଳରେ ବିବାଦ ତୀବ୍ର ହୋଇଛି। ତୁଙ୍କାପଡ଼ା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଜେପି ନେତ୍ରୀ ଆରତୀ ଦେବୀ (ଭୂୟାଁ)ଙ୍କ ନାମରେ ପୋଲସରା ଥାନାରେ ଅଭିଯୋଗ ହୋଇଛି। ବଟି ଦାବି, କୁଆଁରୀରେ ଭଙ୍ଗାରୁଜା, ଶ୍ରମିକଙ୍କ ସହ ମାରପିଟ ଓ ଟଙ୍କା ନେଇଯିବା ଭଳି ଅଭିଯୋଗ ରହିଛି। ଅଭିଯୋଗକାରିଣୀ ଅନୀତା ନାହାକଙ୍କ ଏତଲା ଅନୁଯାୟୀ, ତୁଙ୍କାପଡା ମୌଜାର ଦହିମୁଣ୍ଡିଆ ପାହାଡ଼ରେ ପଥର କୁଆଁରୀ ପାଇଁ ଏମ୍/ଏସ୍ ଅନ୍ନପୂର୍ଣ୍ଣା ଡେକୋରେଟରକୁ ୮ ସେପ୍ଟେମ୍ବର ୨୦୨୨ରେ ଲିଜ୍ ପ୍ରଦାନ କରାଯାଇଥିଲା। ଏହାପରେ ସେଠାରେ କୁଆଁରୀ କାର୍ଯ୍ୟ ଚାଲିଥିଲା। ଏତଲାରେ ଉଲ୍ଲେଖ ଅନୁଯାୟୀ, ଅଗଷ୍ଟ ୧୫ ତାରିଖରେ ଆରତୀ ପ୍ରାୟ ୩୦ ଜଣ ଯୁବକଙ୍କ ସହ କୁଆଁରୀକୁ ଯାଇ ପରିଚାଳକ ପ୍ରଭାକର ପଣ୍ଡାଙ୍କୁ ଖୋଜିଥିଲେ। ସେ ନମିଳିବାରୁ କର୍ମଚାରୀ ଅନୀତା ନାହାକଙ୍କୁ କୁଆଁରୀ ମାଲିକଙ୍କୁ ମାସିକ ୨ ଲକ୍ଷ ଟଙ୍କା ଦେବାକୁ କହିଥିବା ଅଭିଯୋଗ ରହିଛି। ପରେ କୁଆଁରୀରେ ଭଙ୍ଗାରୁଜା କରାଯିବା ସହ ପ୍ରାୟ ୪୦୦ ଲିଟର ଡିଜେଲ ଢାଳି ଦିଆଯାଇଥିବା ଏତଲାରେ ଦର୍ଶାଯାଇଛି। ଏହାକୁ ଶ୍ରମିକମାନେ ବିରୋଧ କରିବାରୁ ସେମାନଙ୍କ ସହ ମାରପିଟ ହୋଇଥିବା ଅଭିଯୋଗ ହୋଇଛି। ଏଥିସହ ମଜୁରି ପ୍ରଦାନ ପାଇଁ ରଖାଯାଇଥିବା ୩ ଲକ୍ଷ ଟଙ୍କା ନେଇଯିବାର ଅଭିଯୋଗ ମଧ୍ୟ ରହିଛି। ଅନୀତାଙ୍କ ଅଭିଯୋଗ ଆଧାରରେ ପୋଲସରା ଥାନାରେ ୪୭୨/୨୦୨୬ ନମ୍ବର ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଘଟଣାରେ ପୋଲିସ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ, ଦହିମୁଣ୍ଡିଆ ପାହାଡ଼ରେ ପଥର କୁଆଁରୀ ଯୋଗୁଁ ପରିବେଶ ପ୍ରଦୂଷଣ ଓ ଜଙ୍ଗଲୀ ପଶୁପକ୍ଷୀଙ୍କ ଉପରେ ପ୍ରଭାବ ପଡ଼ିବା ଆଶଙ୍କା କରି ଆରତୀ ଦେବୀ ଉଚ୍ଚ ନ୍ୟାୟାଳୟରେ ମାମଲା କରିଥିବା ତାଙ୍କ ସମର୍ଥକମାନେ କହିଛନ୍ତି। ଉକ୍ତ ମାମଲା ବିଚାରାଧୀନ ଥିବା ସୂଚନା ମିଳିଛି।ତେବେ ଥାନାରେ ହୋଇଥିବା ଅଭିଯୋଗର ସତ୍ୟାସତ୍ୟ ପୋଲିସ ତଦନ୍ତ ପରେ ସ୍ପଷ୍ଟ ହେବ। ମାମଲାକୁ ନେଇ ଉଭୟ ପକ୍ଷର ମତାମତ ଓ ତଦନ୍ତର ଫଳାଫଳ ଉପରେ ଏବେ ନଜର ରହିଛି। ଅନ୍ୟପଟେ କିନ୍ତୁ ବିଜେପି ନେତ୍ରୀ ଆରତୀ ଦେବୀ ଏଭଳି ଘଟଣା ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ମୋ ବିରୁଦ୍ଧରେ ଜାଣିଶୁଣି ମିଥ୍ୟା ଅଭିଯୋଗ କରାଯାଇଥିବା କହିବା ସହ ପୋଲସରା ଥାନାରେ ପାଲଟା ଅଭିଯୋଗ କରିବେ ବୋଲି ସୂଚନା ଦେଇଛନ୍ତି। ଗାଁ ମାଟି ଏବଂ ବନ୍ୟ ଜନ୍ତୁଙ୍କ ସୁରକ୍ଷା ପାଇଁ ନିସ୍ୱାର୍ଥପର ଭାବେ କାମ କରିବି ବୋଲି କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କୋଲକାତା ହୋଟେଲରେ...

ହୋଇପଡ଼ିଥିବା ୯ ଜଣଙ୍କୁ ହସ୍ପିଟାଲକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପ୍ରାଥମିକ ତଦନ୍ତରୁ ହୋଟେଲରେ ଅଗ୍ନି ନିର୍ବାପକ ସୁରକ୍ଷା ବ୍ୟବସ୍ଥାର ଅଭାବ ଥିବା ଜଣାପଡ଼ିଛି। ବର୍ତ୍ତମାନ ଫେରାର ଥିବା ହୋଟେଲ ମାଲିକ ଏବଂ କର୍ମଚାରୀଙ୍କୁ ପୁଲିସ ଖୋଜିବା ଆରମ୍ଭ କରିଛି। ପଶ୍ଚିମବଙ୍ଗ ପ୍ରଶାସନ ପକ୍ଷରୁ ଏହି ଘଟଣାର ଏକ ବିସ୍ତୃତ ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଅନୁସନ୍ଧାନ ଦଳ (ଏସ୍‌ଆଇଟି) ଗଠନ କରାଯାଇଛି। ଦୁଇ ଦିନ ମଧ୍ୟରେ ରାଜ୍ୟରେ ଏପରି ଦ୍ୱିତୀୟ ବଡ଼ ହୋଟେଲ ଅଗ୍ନିକାଣ୍ଡ ଘଟିଥିବାରୁ ହୋଟେଲଗୁଡ଼ିକର ସୁରକ୍ଷା ବ୍ୟବସ୍ଥା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନ ଏହି ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି।

### ଦିଲ୍ଲୀରେ ସିଏନ୍‌ଜି...

ଅନୁଯାୟୀ, ବିସ୍ଫୋରଣ ପରେ ମନୀଷ ପ୍ରାୟ ୩୦ ମିନିଟ୍ ପର୍ଯ୍ୟନ୍ତ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିଲେ। ସେ ଦାବି କରିଛନ୍ତି ଯେ ଦୁର୍ଘଟଣା ପରେ ପମ୍ପର ଅନ୍ୟ ସମସ୍ତ କର୍ମଚାରୀ ଭୟରେ ସେଠାରୁ ପଳାଇ ଯାଇଥିଲେ। ତାଙ୍କୁ ଡାକ୍ତରଖାନା ନେବା ପାଇଁ କେହି ଆଗେଇ ଆସିନଥିଲେ। ପ୍ରଚୁର ରକ୍ତସ୍ରାବ ଯୋଗୁଁ ହିଁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ କୁହାଯାଇଛି। ଦିଲ୍ଲୀ ଅଗ୍ନିଶମ ସେବା ଘଟଣାସ୍ଥଳକୁ ୬ଟି ଦମକଳ ଗାଡ଼ି ପଠାଇଥିଲା। ଆହତ ସୁରଜିତ, ସଞ୍ଜୟ ଏବଂ ବିପିନଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେଠାରେ ସୁରଜିତ ଏବଂ ସଞ୍ଜୟଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ପୁଲିସର ବରିଷ୍ଠ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଛନ୍ତି। ବିସ୍ଫୋରଣର ପ୍ରକୃତ କାରଣ ଜାଣିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି।

### ଶେଷ ନିଶ୍ୱାସ ଯାଏଁ...

ବର୍ଷ ଧରି ମୁଁ ଓଡ଼ିଶାର ସ୍ୱାର୍ଥକୁ ଜଗିଥିଲି। କେନ୍ଦ୍ରରେ ବିଭିନ୍ନ ଦଳର ସରକାର ଥିଲେ ମଧ୍ୟ ଓଡ଼ିଶାର ଅଧିକାରରେ କ୍ଷତି ଆଣିବାକୁ କେହି ସାହସ କରି ନଥିଲେ। ଆପଣମାନେ ୨୦୨୪ରେ ପରିବର୍ତ୍ତନ କରି ନୂଆ ବିଜେପି ସରକାର ଆଣିଲେ। ମାତ୍ର ଦୁଇ ବର୍ଷ ଭିତରେ ସବୁ ପରିବର୍ତ୍ତନ ହୋଇଗଲା। ଓଡ଼ିଶାକୁ ଏବେ କେନ୍ଦ୍ରର ଦୟା ଉପରେ ନିର୍ଭର କରିବାକୁ ହେବ। ଆପଣମାନେ ଓଡ଼ିଶାରୁ ଲୋକସଭାକୁ ୨୦ ଜଣ ବିଜେପି ସାଂସଦ ଦେଲେ; କିନ୍ତୁ ଏ ମାଟି ପାଇଁ କେହିବି ପାଟି ଖୋଲିଲେନି। ରାଜ୍ୟ ପ୍ରତି ନିଜର ଦାୟିତ୍ୱ ଏବଂ କର୍ତ୍ତବ୍ୟ ନିର୍ବାହ କରିବାରେ ସେମାନେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। କେବଳ ବିଜେଡି ହିଁ ରାଜ୍ୟସଭାରେ ଏ ସଂଶୋଧନ ବିଲକୁ ଦୃଢ଼ ବିରୋଧ କରିଥିଲା। ନବୀନ କହିଛନ୍ତି ଯେ ବିଜୁ ବାବୁ ସବୁବେଳେ ରାଜ୍ୟର ବିକାଶ ପାଇଁ ଆର୍ଥିକ ସ୍ୱାୟତ୍ତତା ଉପରେ ଜୋର ଦେଉଥିଲେ । ମାତ୍ର ଏବେ ଖଣି ଆଇନ ସଂଶୋଧନ ଦ୍ୱାରା ଓଡ଼ିଶାର ରାଜସ୍ୱ ଉତ୍ସ ବହୁତ କମିଯିବ। ପ୍ରତି ବର୍ଷ ଆମେ ହଜାର ହଜାର କୋଟି ଟଙ୍କାର କ୍ଷତି ସହିବା।ଏହି ଟଙ୍କାରେ ଓଡ଼ିଶାରେ ଅନେକ ସ୍କୁଲ, କଲେଜ ଓ ହସ୍ପିଟାଲ ହୋଇଥାନ୍ତା। ରାସ୍ତା, ସେତୁ ବିଦ୍ୟୁତ୍ ଓ ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ ହୋଇଥାନ୍ତା। ନୂଆ ନୂଆ କଲ୍ୟାଣ କାମ ହୋଇଥାନ୍ତା। ଚାଷୀ ଉପକାର ପାଇଥାନ୍ତା, ଗରିବ ଲୋକଙ୍କର ଉପକାର ହୋଇଥାଆନ୍ତା। ଏତେବଡ଼ କ୍ଷତି ଓଡ଼ିଶା ସହି ପାରିବ ତ? ଆମ ପିଲାମାନଙ୍କୁ, ଆମ ଭବିଷ୍ୟତ ପିଢ଼ିକୁ ଆମେ କଣ ଜବାବ ଦେବା? ଜେନ-ଜିର ଭବିଷ୍ୟତ କଣ ହେବ? ଓଡ଼ିଶାକୁ ଦୁର୍ବଳ କରିବାକୁ ଚାଲିଥିବା ଏହି ଭୟଙ୍କର ଚକ୍ରାନ୍ତକୁ ଓଡ଼ିଶାବାସୀ କେବେ ବରଦାସ୍ତ କରିବେନି ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି।

### ସୂତାରଙ୍କୁ ୧୦...

କରାଯାଇଥିଲା। ଟେଷ୍ଟ କ୍ରିକେଟ୍ ଇତିହାସରେ ଭାରତର ଏହା ୬୦୦ତମ ମ୍ୟାଚ୍ ଥିଲା। ଏହି ମ୍ୟାଚକୁ ବିଜୟୀ ହୋଇ ଟିମ୍ ଇଣ୍ଡିଆ ଏହାକୁ ସ୍ମରଣୀୟ କରିନେଇଛି। ଦୁଇ ମ୍ୟାଚବିଶିଷ୍ଟ ଟେଷ୍ଟ ସିରିଜରେ ଅନ୍ତିମ ତଥା ଦ୍ୱିତୀୟ ମ୍ୟାଚ୍ ଅଗଷ୍ଟ ୨୩ରୁ କଲମ୍ବୋର ସିଂହଳୀଜ ସ୍ପୋର୍ଟ୍ସ କ୍ଲବରେ ଆରମ୍ଭ ହେବ।

### ବାପାଙ୍କୁ ଝଡ଼ାଫୁଙ୍କା...

ବିଷୟରେ କାହାରିକୁ କିଛି କହି ନଥିଲେ। ପରବର୍ତ୍ତୀ ସମୟରେ ଗୁଣିଆ ଜଣକ ଅମାବାସ୍ୟା ରାତିରେ ଝଡ଼ାଫୁଙ୍କା କରିବେ ବୋଲି ଛାତ୍ରୀଙ୍କୁ ଡକାଇ ଏକ ଘରେ ଦୁଷ୍କର୍ମ କରିଥିଲା। ଏନେଇ ପୀଡ଼ିତା ଛାତ୍ରୀ ତିରିଂ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ତଦନ୍ତ ପରେ ପୁଲିସ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଉଭୟଙ୍କ ଡାକ୍ତରୀ ମାଇନା ପରେ ଅଭିଯୁକ୍ତ ଗୁଣିଆକୁ କୋର୍ଟ ଚାଲାଣ କରାଯାଇଛି।

### ଜମିଜମା ବିବାଦ...

ଜବତ ହୋଇଛି। ଆଜି ସାଇଣ୍ଟିଫିକ ଟିମ ଆସି ତଦନ୍ତ କରିଛି। ଆଇଆଇସି ବୀରେନ୍ଦ୍ର କୁମାର ରାଉତ ୧୧୯/୨୬ ଏକ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଦେଇ ଅଭିଯୁକ୍ତକୁ ପଚରା ଉଚରା କରୁଛନ୍ତି।

### ଡ. ଆଶୁତୋଷ ପରିଡ଼ା...

ଉତ୍ସବରେ ଲେଖକଙ୍କୁ ମାନପତ୍ର, ତାମ୍ରଫଳକ ଏବଂ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଏହି ବିଚାର ପ୍ରକ୍ରିୟାର ଚୂଡ଼ାନ୍ତ ପର୍ଯ୍ୟାୟକୁ ସ୍ଥାନ ପାଇଥିବା ସାତୋଟି ବହି ହେଉଛି-ଅପର୍ଣ୍ଣା ମହାନ୍ତିଙ୍କ 'ଅପର୍ଣ୍ଣା ମହାନ୍ତିଙ୍କ ପାଇଁ କବିତା', ପଦ୍ମଜା ପାଲଙ୍କ 'ଡାହାଣ ପାଦ ବାମ ପାଦ', ଆଶୁତୋଷ ପରିଡ଼ାଙ୍କ 'ବିଶ୍ୱାସ ଦେ ପୃଥିବୀ', ଅର୍ଚ୍ଚନା ନାୟକଙ୍କ 'ସୀତା', ବିଜୟ ନାୟକଙ୍କ 'ମାୟାବାର୍ତ୍ତା', ପ୍ରକାଶ ମହାପାତ୍ରଙ୍କ 'ମୋକ୍ଷ ମୁଦ୍ରା' ଏବଂ ରମେଶ ପ୍ରସାଦ ପାଣିଗ୍ରାହୀଙ୍କ 'କବିଙ୍କ ନାମ ବେଦବ୍ୟାସ'। ୨୦୨୬ ମସିହାର ଏହି ମନୋନୟନ ପ୍ରକ୍ରିୟାରେ କବିତା, ଗଳ୍ପ, ଉପନ୍ୟାସ, କ୍ଷୁଦ୍ରଗଳ୍ପ ଏବଂ ନାଟକ ଭଳି ବିଭିନ୍ନ ବିଭାଗର ପୁସ୍ତକ ସାମିଲ ରହିଥିଲା। ପୁସ୍ତକ ମନୋନୟନ କମିଟିରେ ଡ. ଇନ୍ଦିରା ଦାଶ, ପ୍ରତୀକ୍ଷା ଜେନା, ଅମିୟ ବେଜ, ପ୍ରଦୀପ କୁମାର ପଣ୍ଡା ଏବଂ ଶ୍ରୀ ଅଭୟ ନାୟକ ସଦସ୍ୟ ଥିବାବେଳେ ବିଚାରକ ମଣ୍ଡଳୀରେ ଡ. ସୁଚେତା ମିଶ୍ର, ଡ. ହୃଷୀକେଶ ମଲ୍ଲିକ, ସଂଗ୍ରାମ ଜେନା,ସ୍ୱପ୍ନା ମିଶ୍ର, ପ୍ରଫେସର ଡ. ନଟବର ଶତପଥୀ, ଡ. ସରୋଜିନୀ ସାହୁ ଏବଂ ଅଜୟ କୁମାର ମହାପାତ୍ର ସାମିଲ ଥିଲେ। ସେହିପରି କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଓଡ଼ିଶୀ ନୃତ୍ୟ ଗୁରୁ ତଥା ପଦ୍ମଶ୍ରୀ ଦୁର୍ଗା ଚରଣ ରଣବୀର ଏବଂ ଭାସ୍କର ଓ କଳା ଶିକ୍ଷାବିତ୍ ଦାମୋଦର ବେହେରାଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ପ୍ରଦାନ କରାଯିବ। ଉଭୟଙ୍କୁ ମାନପତ୍ର, ତାମ୍ରଫଳକ ସହ ଅଢ଼େଇ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯିବ। ପ୍ରଦର୍ଶନୀ କଳା ପାଇଁ ଗୁରୁ ପୁଷ୍ପିତା ମିଶ୍ର, ଡ. ନାଜିଆ ଆଲାମ ଓ ସୁରମଣି ଅଭିରାମ ନନ୍ଦ ବିଚାରକ ଥିବା ବେଳେ ଦୃଶ୍ୟ କଳା ପାଇଁ ପଞ୍ଚମୀ ମାନୁ ଉକିଲ, ସଙ୍ଗୀତା ପଟ୍ଟନାୟକ ଏବଂ ବୈଜୟନ୍ତ କୁମାର ଦାଶ ବିଚାରକ ଭାବେ ଚୟନ ପ୍ରକ୍ରିୟା ପରିଚାଳନା କରିଥିଲେ। ସୂଚନା ଅନୁସାରେ, ୧୯୮୦ ମସିହାରେ ଶ୍ରୀମତୀ ଇଲା ପଣ୍ଡା ଏବଂ ଡ. ବଂଶୀଧର ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ଇମ୍ପାକ୍ଟ, ଓଡ଼ିଆ ସାହିତ୍ୟ ଏବଂ ରାଜ୍ୟର ସମୃଦ୍ଧ ସାଂସ୍କୃତିକ କଳା, ସଙ୍ଗୀତ ଓ ନୃତ୍ୟର ପ୍ରସାର ଦିଗରେ ନିରନ୍ତର କାର୍ଯ୍ୟ କରିଆସୁଛି। ଏହା ସହିତ ୧୯୯୩ ମସିହାରେ ଟ୍ରଷ୍ଟ ପକ୍ଷରୁ 'ଏକଲବ୍ୟ ପୁରସ୍କାର' ମଧ୍ୟ ପ୍ରତିଷ୍ଠା କରାଯାଇଥିଲା, ଯାହା ଜାତୀୟ ସ୍ତରର ପୁରସ୍କାର ଭଳି ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ କ୍ରୀଡ଼ା ପୁରସ୍କାର ଭାବେ ପରିଗଣିତ ହୋଇଛି।

### ବାଲେଶ୍ୱରକୁ ଚିନ୍ତା...

ମଧ୍ୟମଧରଣର ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି ବୋଲି ରାଜ୍ୟ ସରକାର କହିଛନ୍ତି। ବର୍ଷା କମିଥିଲେ ବି ଝାଡ଼ଖଣ୍ଡ କ୍ୟାଚ୍‌ମେଣ୍ଟରୁ ପାଣି ରିଲିଜ ହେଉଛି। ଫଳରେ ସୁବର୍ଣ୍ଣରେଖା ନଦୀର ଅନେକ ସ୍ଥାନରେ ଜଳପତ୍ତନ ବଢ଼ିବ। ମଧ୍ୟରାତିରେ ଆହୁରି ଅଧିକ ପାଣି ବଢ଼ିବା ଆଶଙ୍କା ରହିଛି। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀ ଓ ଜଳଭଣ୍ଡାରର ଜଳସ୍ତର ଉପରେ ନଜର ରଖାଯାଇଛି। ତେବେ ଝାଡ଼ଖଣ୍ଡର ଜଳଗ୍ରହଣ ଅଞ୍ଚଳରେ ପ୍ରବଳ ବର୍ଷା ହେବାରୁ ଗାଲୁଡିହି ବ୍ୟାରେଜରୁ ସୁବର୍ଣ୍ଣରେଖା ନଦୀକୁ ବହୁ ପରିମାଣରେ ଜଳ ଛଡ଼ାଯାଇଛି। ଗାଲୁଡିହିରୁ ପ୍ରତି ସେକେଣ୍ଡରେ ୬,୬୧୬.୦୧ କ୍ୟୁସେକ୍ ଜଳ ଛଡ଼ାଯାଉଥିବା ରେକର୍ଡ ହୋଇଛି। ସନ୍ଧ୍ୟା ସୁଦ୍ଧା ରାଜଘାଟଠାରେ ଜଳସ୍ତର ୧୧.୨୨ ମିଟର ରହିଛି। ଏଠାରେ ବିପଦ ସଙ୍କେତ ସ୍ତର ୧୦.୩୬ ମିଟର ରହିଛି। ଏଠାରେ ରାତି ସୁଦ୍ଧା ଜଳସ୍ତର ୧୧.୪୦ ମିଟର ପର୍ଯ୍ୟନ୍ତ ପହଞ୍ଚିବାର ସମ୍ଭାବନା ରହିଛି। ପ୍ରଭାବରେ ବାଲେଶ୍ୱର ଜିଲ୍ଲାର ତଳମୁଣ୍ଡ ଅଞ୍ଚଳରେ ସନ୍ଧ୍ୟା ସମୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ନଦୀକୂଳବର୍ତ୍ତୀ ଓ ତଳିଆ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ସତର୍କ ନଜର ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ଜଳକା ନଦୀ ମଥାନୀ ନିକଟରେ ଏବେ ବି ବିପଦସଂକେତ ଉପରେ ପ୍ରବାହିତ ହେଉଛି। ଯଦିଓ ବୈତରଣୀରେ ବନ୍ୟା ସ୍ଥିତି ହ୍ରାସ ପାଉଛି; ତଥାପି ଆଖୁଆପଦାଠାରେ ଏବେ ସତର୍କ ସଂକେତ ଉପରେ ବନ୍ୟା ପାଣି ପ୍ରବାହିତ ହେଉଛି। ରାଜ୍ୟରେ ଅନ୍ୟ ଜିଲ୍ଲାରେ ବନ୍ୟା ପରିସ୍ଥିତିରେ ସୁଧାର ଆସିଛି ବୋଲି ମନ୍ତ୍ରୀ କହିଛନ୍ତି।

ଏବେ ସୁଦ୍ଧା ବନ୍ୟାରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଓ କେନ୍ଦ୍ରାପଡ଼ା ଜିଲ୍ଲାର ୬୮ଟି ବ୍ଲକ, ୪୬୯ଟି ଗ୍ରାମପଞ୍ଚାୟତ, ୧,୫୭୯ଟି ଗାଁ, ୧୦ଟି ସହରାଞ୍ଚଳର ୬୪ଟି ୱାର୍ଡ ପ୍ରଭାବିତ ହୋଇଛି। ବନ୍ୟା ଯୋଗୁଁ ୬ଟି ଜିଲ୍ଲାରେ ମୋଟ ୧୧,୬୫,୮୩୭ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ବାଲେଶ୍ୱରରେ ୨,୧୮,୫୭୭, ଭଦ୍ରକରେ ୨,୭୯,୭୦୪, ଯାଜପୁରରେ ୩,୯୮,୧୩୮, କେନ୍ଦୁଝରରେ ୧,୨୭,୯୫୫, ମୟୂରଭଞ୍ଜରେ ୩୩,୧୦୪ ଏବଂ କେନ୍ଦ୍ରାପଡ଼ାରେ ୨,୩୫,୧୫୯ ଜଣ ପ୍ରଭାବିତ ହୋଇଛନ୍ତି। ୪.୨୭ ଲକ୍ଷ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ଏବେ ବି ୨୩୫ଟି ଗାଁ ଜଳବନ୍ଦୀ ହୋଇ ରହିଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଜଣାପଡ଼ିଛି।

### ଓଡ଼ିଶାକୁ ୭୨୨୧...

ଏହି ପ୍ରସ୍ତାବିତ ରେଳ ଲାଇନ୍ ନିର୍ମାଣ ଦ୍ୱାରା ଓଡ଼ିଶାର କୁଳଡିହା ବନ୍ୟପ୍ରାଣୀ ଅଭୟାରଣ୍ୟ, ଭିତରକନିକା ଜାତୀୟ ଉଦ୍ୟାନ, ମା' ଭଦ୍ରକାଳୀ ମନ୍ଦିର, ମା' ଧାମରାଇ ମନ୍ଦିର, ପଞ୍ଚଲିଙ୍ଗେଶ୍ୱର ମନ୍ଦିର, ତାଳସରୀ-ଉଦୟପୁର ଏବଂ ଚାନ୍ଦିପୁର ବେଳାଭୂମି, ଗଡ଼ କୁଜଙ୍ଗ ଜଗନ୍ନାଥ ମନ୍ଦିର, ସାରଳା ମନ୍ଦିର, ଧବଳେଶ୍ୱର ମନ୍ଦିର, ଲଳିତ ଗିରି ବୌଦ୍ଧ ଐତିହ୍ୟ ସ୍ଥଳୀକୁ ରେଳ ଯୋଗାଯୋଗରେ ସୁଧାର ଆସିବ ।

ଏସବୁ ପ୍ରକଳ୍ପ ପାଇଁ ମୋଟ୍ ୯,୪୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନର ଅଂଶବିଶେଷ, ଯାହାର ଲକ୍ଷ୍ୟ ହେଉଛି ସମନ୍ୱିତ ଯୋଜନା ପ୍ରସ୍ତୁତି ଏବଂ ଅଂଶୀଦାରଙ୍କ ପରାମର୍ଶ ମାଧ୍ୟମରେ ବହୁମୁଖି ଯୋଗାଯୋଗ ଓ ଲଜିଷ୍ଟିକ୍ସ ଦକ୍ଷତା ବୃଦ୍ଧି କରିବା। ଏହି ପ୍ରକଳ୍ପଗୁଡ଼ିକ ସାଧାରଣ ଯାତ୍ରୀ, ସାମଗ୍ରୀ ଏବଂ ସେବାର ସୁଗମ ପରିବହନ ସୁନିଶ୍ଚିତ କରିବ। ଏହି ୪ଟି ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱାର୍କକୁ ପ୍ରାୟ ୪୧୦ କିଲୋମିଟର ପର୍ଯ୍ୟନ୍ତ ବିସ୍ତାର କରିବ। ପ୍ରସ୍ତାବିତ ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକ ପ୍ରାୟ ୬୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ପ୍ରାୟ ୬,୪୪୮ ଗ୍ରାମକୁ ଯୋଗାଯୋଗରେ ସୁଧାର ଆଣିବ। ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ କୋଇଲା, ଲୁହାପଥର, ସିମେଣ୍ଟ, ଲୁହା ଏବଂ ଇସ୍ପାତ, କଣ୍ଟେନର୍, ଅଟୋମୋବାଇଲ, ଶସ୍ୟ ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଅତ୍ୟାବଶ୍ୟକ ମାର୍ଗ ହୋଇଥିବା କାରଣରୁ ଏହାର ନିର୍ମାଣ ଦ୍ୱାରା ବାର୍ଷିକ ୭୬ ନିୟୁତ ଟନ୍ ଅତିରିକ୍ତ ମାଲ ପରିବହନ କ୍ଷମତା ବୃଦ୍ଧି ପାଇବ। ଭାରତୀୟ ରେଳବାଇର ପରିବେଶ ଅନୁକୂଳ ଏବଂ ଶକ୍ତି-ଦକ୍ଷ ପରିବହନ ପଦ୍ଧତି ଜଳବାୟୁ ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ। ଏଥିସହିତ ଦେଶର ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବାରେ ସାହାଯ୍ୟ କରିବ। ଏହାଦ୍ୱାରା ତୈଳ ଆମଦାନୀ ପ୍ରାୟ ୧୩୦ ନିୟୁତ ଲିଟର ଏବଂ ଅଙ୍ଗାରକାମ୍ଳ ନିର୍ଗମନ ପ୍ରାୟ ୬୫୦ ନିୟୁତ କିଲୋଗ୍ରାମ ହ୍ରାସ ପାଇବ। ଏହା ୨ କୋଟି ୬୦ ଲକ୍ଷ ଗଛ ଲଗାଇବା ସହିତ ସମାନ। ଓଡ଼ିଶାରେ ୪ଟି ରେଳ ମଲ୍ଟି-ଟ୍ରାକିଂ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍‌ର ଅର୍ଥନୈତିକ ବ୍ୟାପାର କମିଟି ମଞ୍ଜୁରି ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କୃତଜ୍ଞତା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏ ସମ୍ପର୍କରେ ସେ ରେଳମନ୍ତ୍ରୀଙ୍କୁ ଏକ ପତ୍ର ଲେଖି ଧନ୍ୟବାଦ ଜଣାଇଛନ୍ତି।

### ଏଣିକି ହ୍ୱାଟ୍‌ସଆପ୍‌ରେ...

ଯତ୍ନବାନ୍ ହେବେ ବୋଲି ବିଭାଗ ଆଶା ରଖିଛି। ସୂଚନା ଯୋଗ୍ୟ, ଏହି ଅଭିଯୋଗ ସମାଧାନ ବ୍ୟବସ୍ଥା ମାଧ୍ୟମରେ ଲୋକେ ହ୍ୱାଟ୍ସଆପ୍ ଜରିଆରେ ନିଜ ଅଭିଯୋଗର ଉପଯୁକ୍ତ ବିଭାଗ ଚୟନ କରି ଆବଶ୍ୟକୀୟ ବିବରଣୀ ଓ ସହାୟକ ଦସ୍ତାବିଜ ଦାଖଲ କରିପାରିବେ। ଅଭିଯୋଗଗୁଡ଼ିକୁ ଧାର୍ଯ୍ୟ ସମୟସୀମା ଆଧାରରେ ନିରୀକ୍ଷଣ କରାଯାଇ ସମୟୋଚିତ ପଦକ୍ଷେପ ଓ ନିଷ୍ପତ୍ତି ସୁନିଶ୍ଚିତ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଭବିଷ୍ୟତରେ ରାଜସ୍ୱ କାର୍ଯ୍ୟାଳୟଗୁଡ଼ିକରେ ଗ୍ରହଣ କରାଯାଉଥିବା ଅଭିଯୋଗଗୁଡ଼ିକୁ ମଧ୍ୟ ଡିଜିଟାଇଜ୍ କରି ଏହି ଏକକ ଅଭିଯୋଗ ପରିଚାଳନା ବ୍ୟବସ୍ଥାରେ ସାମିଲ କରିବା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଛି। ପ୍ରକାଶ ଥାଉ ଆମ ସାଥୀ ହ୍ୱାଟସଆପ୍ ଚାଟବଟ୍ ମାଧ୍ୟମରେ ପୂର୍ବରୁ ମଧ୍ୟ ଅନେକ ରାଜସ୍ୱ ସେବା ଉପଲବ୍ଧ ହେଉଛି। ୯୪୩୭୨୯୨୦୦୦ ନମ୍ବର୍ ମାଧ୍ୟମରେ ଆବେଦନ କରି ଜନସାଧାରଣ ମ୍ୟୁଟେସନ୍, ଜମିର କିସମ ପରିବର୍ତ୍ତନ, ବିବାହ ପଞ୍ଜୀକରଣ, ସୋସାଇଟି ପଞ୍ଜୀକରଣ, ପଞ୍ଜୀକରଣ ସମ୍ବନ୍ଧୀୟ ବିବରଣୀ, ପଞ୍ଜୀକୃତ ଦଲିଲମାନଙ୍କର ସାର୍ଟିଫାଏଡ୍ କପି, ଜାତି ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ବାସସ୍ଥାନ ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ ବିବିଧ ପ୍ରମାଣପତ୍ର ଆଦି ରାଜସ୍ୱ ସେବା ପାଇ ପାରୁଛନ୍ତି। ବର୍ତ୍ତମାନ ଏହି ସବୁ ରାଜସ୍ୱ ସେବା ସହିତ ଚାଟବଟରେ ନୂତନ ଭାବେ ଅଭିଯୋଗ ସମାଧାନ ବ୍ୟବସ୍ଥା ଆରମ୍ଭ କରାଯାଇଛି।

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବୃଷ:** ଦିନଟି ଚିନ୍ତାଜନକ ରହିବ। କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରିୟଜନଙ୍କଠାରୁ ଉପହାର ପାଇବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଶୁଭ ସମ୍ବାଦ ମିଳିବ। ଜମି ବିବାଦ ମାମଲା ସମାଧାନ ହେବ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଅଫିସ୍‌ରେ ନୂଆ ପ୍ରୋଜେକ୍ଟରେ ସାମିଲ ହେବେ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। କମ୍ ସମୟରେ ଅଧିକ କାମ କରିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ।

**ମକର:** ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।


**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଛାତ୍ରଛାତ୍ର ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।

## ଆଜିର ଐତିହ୍ୟ

- ୧୫୯୭-ପୂର୍ବ ଏସିଆରୁ ଡଚ୍ ଇଷ୍ଟ ଇଣ୍ଡିଆ କମ୍ପାନି ତା'ର ପ୍ରଥମ ଜାହାଜ ଫେରାଇ ନେଲା।
- ୧୬୪୧- ଇଂଲଣ୍ଡ ଓ ସ୍କଟ୍‌ଲାଣ୍ଡ ମଧ୍ୟରେ ଶାନ୍ତି ବୁଝାମଣା।
- ୧୯୨୧- କେରଳର ମାଲାବାରରେ ମୋପଲା ବିଦ୍ରୋହ ଆରମ୍ଭ।
- ୧୯୭୯- ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହ ତାଙ୍କ ପଦବୀରୁ ଇସ୍ତଫା ଦେଲେ।
- ୨୦୧୧- ଐତିହାସିକ ରାମଶରଣ ଶର୍ମାଙ୍କ ବିୟୋଗ।

## ଜାତୀୟ ସଦ୍‌ଭାବନା ଦିବସ



ପ୍ରତିବର୍ଷ ଅଗଷ୍ଟ ୨୦ରେ ଦେଶବ୍ୟାପୀ ସଦ୍‌ଭାବନା ଦିବସ ପାଳନ କରାଯାଇଥାଏ। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜନ୍ମ ଦିବସକୁ ୨୦୦୮ଠାରୁ ସଦ୍‌ଭାବନା ଦିବସ ଭାବେ ପାଳନ କରାଯିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହାପରେ ଏହି ଦିବସ ପାଳିତ ହୋଇଆସୁଛି। ଜାତୀୟ ଏକତା ସୃଷ୍ଟି ସଦ୍‌ଭାବନା ଦିବସର ମୁଖ୍ୟ ଲକ୍ଷ୍ୟ। ଏହି ଦିନ ସାରା ଦେଶର ଲୋକମାନେ ଏକାଠି ହୋଇ ଜାତି, ଧର୍ମ, ବର୍ଣ୍ଣ ଏବଂ ଭାଷାଗତ ଭେଦଭାବ ଭୁଲି ଦେଶର ପ୍ରଗତି ପାଇଁ କାମ କରିବାକୁ ସଦ୍‌ଭାବନା ଶପଥ ନିଅନ୍ତି। ରାଜୀବ ଗାନ୍ଧୀ ୧୯୪୪ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ଜବାହରଲାଲ ନେହରୁଙ୍କ ପରେ ତାଙ୍କ ଝିଅ ଇନ୍ଦିରା ଗାନ୍ଧୀ ମଧ୍ୟ ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ ଏବଂ କଂଗ୍ରେସର ଦାୟିତ୍ୱ ଗ୍ରହଣ କରିଥିଲେ। ରାଜୀବଙ୍କର କିନ୍ତୁ ରାଜନୀତିରେ ଆଗ୍ରହ ନ ଥିଲା। ରାଜନୀତିରେ ଯୋଗଦେବା ପୂର୍ବରୁ ସେ ଜଣେ ପେସାଦାର ପାଇଲଟ୍ ଥିଲେ। ୧୯୮୪ ମସିହା ଅକ୍ଟୋବର ମାସରେ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରାଯିବା ପରେ ସାରା ଦେଶରେ ଏକପ୍ରକାର ବିଷାଦର ଛାୟା ଖେଳିଯାଇଥିଲା। ଲୋକମାନେ ଏପରି ପରିସ୍ଥିତିରୁ ବାହାରିବା ପାଇଁ ଚେଷ୍ଟା କରୁଥିଲେ ଏବଂ ସେ ସମୟରେ ଲୋକସଭା ନିର୍ବାଚନର ଫଳାଫଳ କଂଗ୍ରେସ ପକ୍ଷରେ ଆସିଥିଲା। ଦେଶବାସୀ ରାଜୀବ ଗାନ୍ଧୀଙ୍କୁ ଇନ୍ଦିରା ଗାନ୍ଧୀଙ୍କ ଉତ୍ତରାଧିକାରୀ ତଥା ପ୍ରଧାନମନ୍ତ୍ରୀ ଭାବେ ବାଛିଥିଲେ। ୪୦ ବର୍ଷ ବୟସରେ ପ୍ରଧାନମନ୍ତ୍ରୀ ପଦ ସମ୍ଭାଳି ସେ ଦେଶର ସବୁଠାରୁ କମ୍ ବୟସ୍କ ପ୍ରଧାନମନ୍ତ୍ରୀ ପାଲଟିଥିଲେ। ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବା ପରେ ୫ ବର୍ଷରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାତକୁ ନେଇଥିଲେ। ନିର୍ବାଚନରେ ମତଦାନ କରିବାର ବୟସ ସୀମାକୁ ୨୧ବର୍ଷରୁ ୧୮ ବର୍ଷକୁ କମାଇବା ହେଉ କି ପଞ୍ଚାୟତିରାଜ ମାଧ୍ୟମରେ ଶାସନର ବିକେନ୍ଦ୍ରୀକରଣ ଦ୍ୱାରା ଯୁବକ ଆଉ ମହିଳାମାନଙ୍କୁ ଶାସନକଳର ଅଭିନ୍ନ ଅଙ୍ଗ ଭାବେ ସ୍ଥାପିତ କରିବାର ସମସ୍ତ ଶ୍ରେୟ ରାଜୀବ ଗାନ୍ଧୀଙ୍କୁ ଯାଏ। ରାଜୀବ ଗାନ୍ଧୀ ଭାରତର ସୂଚନା କ୍ରାନ୍ତିର ଜନକ ଭାବେ ପରିଚିତ। ଦେଶର କମ୍ପ୍ୟୁଟରାଇଜେସନ୍ ଏବଂ ଟେଲିକମ୍ୟୁନିକେସନ୍ କ୍ରାନ୍ତିର ଶ୍ରେୟ ତାଙ୍କୁ ମଧ୍ୟ ଯାଏ। ୧୯୯୧ ମେ' ୨୧ରେ ତାମିଲନାଡୁର ଶ୍ରୀପେରୁମ୍ବୁଦୁରଠାରେ ନିର୍ବାଚନ ପ୍ରଚାର ସମୟରେ ଏଲ୍‌ଟିଟିଇର ଆତ୍ମଘାତୀ ବୋମା ବିସ୍ଫୋରଣରେ ତାଙ୍କର ପ୍ରାଣହାନି ଘଟିଥିଲା। ସେହିପରି ବାୟୋଗ୍ୟାସ, ସୋଲାର ଶକ୍ତି, ପବନ ବା ୱିଣ୍ଡ ପାୱାର ଭଳି ଅକ୍ଷୟ ଶକ୍ତିର ମହତ୍ତ୍ୱ ଏହାର ବ୍ୟବହାର ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ମଧ୍ୟ ରାଜୀବ ଗାନ୍ଧୀଙ୍କ ଜନ୍ମ ବାର୍ଷିକୀକୁ ଅକ୍ଷୟ ଉର୍ଜା ଦିବସ ଭାବେ ମଧ୍ୟ ପାଳନ କରାଯାଇଥାଏ। ଏହି ଅବସରରେ ଦେଶର ବିଭିନ୍ନ ସ୍ଥାନରେ ସଦ୍‌ଭାବନାକୁ ନେଇ ଆଲୋଚନା ସଭା, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୁଏ।

## 'ପ୍ରଳୟ'ର ସୁଟିଂ ଆରମ୍ଭ କଲେ ରଣବୀର



ଅଭିନେତା ରଣବୀର ସିଂ ନିକଟରେ ମୁମ୍ବାଇରେ ତାଙ୍କର ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ପ୍ରଳୟ'ର ସୁଟିଂ ଆରମ୍ଭ କରିଛନ୍ତି। ଚଳଚ୍ଚିତ୍ରର କାହାଣୀ ମୁମ୍ବାଇ ସହରର ପୃଷ୍ଠଭୂମି ଉପରେ ଆଧାରିତ, ଯେଉଁଥିରେ ମହାବିନାଶ ମଧ୍ୟରେ ମାନବ ଜୀବନକୁ ବଞ୍ଚାଇବାର ସଂଘର୍ଷ ଦେଖାଯିବ। ଏହି ପ୍ରୋଜେକ୍ଟରେ ରଣବୀର ଲିଡ୍ ରୋଲରେ ନଜର ଆସିବା ସହିତ ସହ-ପ୍ରଯୋଜକର ଦାୟିତ୍ୱ ମଧ୍ୟ ତୁଲାଇବେ। ଏଥିରେ ରଣବୀରଙ୍କ ବିପକ୍ଷରେ ସାଉଥ୍‌ର ଲୋକପ୍ରିୟ ଅଭିନେତ୍ରୀ କଲ୍ୟାଣୀ ପ୍ରିୟଦର୍ଶନ ନଜର ଆସିବେ। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦାୟିତ୍ୱରେ 'ସ୍କାମ ୧୯୯୨: ଦ ହର୍ଷଦ ମେହେଟ୍ଟା ଷ୍ଟୋରୀ' ଏବଂ 'ଲୁଟେରେ' ଫେମ୍ ନିର୍ଦ୍ଦେଶକ ଜୟ ମେହେଟ୍ଟା ଅଛନ୍ତି। ଚଳଚ୍ଚିତ୍ରକୁ ରିଅଲିଷ୍ଟିକ ରୂପ ଦେବା ପାଇଁ ମୁମ୍ବାଇ ଏବଂ ଏହାର ଆଖପାଖର ସ୍ଥାନଗୁଡ଼ିକରେ ସୁଟିଂ କରାଯାଉଛି। ଏହାର ପ୍ରଥମ ପର୍ଯ୍ୟାୟର ସୁଟିଂ ଦୀପାବଳି ପୂର୍ବରୁ ଶେଷ କରିବାକୁ ନିର୍ଦ୍ଦେଶକ ଲକ୍ଷ୍ୟ ରଖିଛନ୍ତି। କାରଣ ଏହାପରେ ରଣବୀର ପିତୃତ୍ୱ ଅବକାଶରେ ଯିବେ। 'ଧୁରନ୍ଧର' ଓ 'ଧୁରନ୍ଧର: ଦ ରିଭେଞ୍ଜ' ପରେ ରଣବୀରଙ୍କର ଏହା ପରବର୍ତ୍ତୀ ବଡ଼ ଫିଲ୍ମ ଅଟେ। 'ପ୍ରଳୟ'ର କାହାଣୀ ବହୁ ପରିମାଣରେ ଭିଜୁଆଲ୍ ଇଫେକ୍ଟସ୍ ଉପରେ ନିର୍ଭର କରିବ। ଏଥିରେ ଜବରଦସ୍ତ ଆକ୍ସନ୍ ସିନ୍ ମଧ୍ୟ ରହିବ। ପ୍ରାୟ ୩୦୦ କୋଟି ଟଙ୍କାର ବଜେଟ୍‌ରେ ତିଆରି ହେବାକୁ ଥିବା 'ପ୍ରଳୟ', ରଣବୀର ସିଂଙ୍କ କ୍ୟାରିୟରର ସବୁଠାରୁ ମହଙ୍ଗା ଏକକ ଚଳଚ୍ଚିତ୍ର ହୋଇପାରେ।

## ବିଶ୍ୱ ମଶା ଦିବସ



ମଶା କାମୁଡ଼ିବା ଦ୍ୱାରା ହେଉଥିବା ମାରାତ୍ମକ ରୋଗଗୁଡ଼ିକ ବିଷୟରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୨୦ ତାରିଖକୁ ବିଶ୍ୱ ମଶା ଦିବସ ଭାବେ ପାଳନ କରାଯାଏ। ୧୮୯୭ ଅଗଷ୍ଟ ୨୦ରେ ସାର୍ ରୋନାଲ୍‌ଡ ରସ୍ ମାଈ ଏନୋଫିଲିସ୍ ମଶା କାମୁଡ଼ିଲେ ହିଁ ମ୍ୟାଲେରିଆ ରୋଗ ହୋଇଥାଏ ବୋଲି ଆବିଷ୍କାର କରିଥିଲେ। ଏହି ତଥ୍ୟ ଆବିଷ୍କାର ପାଇଁ ତାଙ୍କୁ ୧୯୦୨ ମସିହାରେ ତାଙ୍କୁ ସମ୍ମାନଜନକ ନୋବେଲ ପୁରସ୍କାର ମିଳିଥିଲା। ତାଙ୍କ ଅବଦାନକୁ ମନେ ପକାଇବା ପାଇଁ ବିଶ୍ୱ ମଶା ଦିବସ ପାଳନ କରାଯାଉଛି। ମଣିଷ ପାଇଁ ବିଶ୍ୱର ସବୁଠାରୁ ବିପଜ୍ଜନକ କୀଟ ହେଉଛି ମଶା। ସାରା ବିଶ୍ୱ ଏହାର ବାସସ୍ଥାନ। ମଶାମାନେ କାମୁଡ଼ିବାର ଏକ ସମୟ ଏବଂ କୌଶଳ ରହିଥାଏ। ମାଈ ମଶାମାନେ ରକ୍ତକୁ ଖାଦ୍ୟ ଭାବେ ଗ୍ରହଣ କରିଥାଆନ୍ତି। ତେଣୁ ମଣିଷ ଏବଂ ପଶୁମାନଙ୍କଠାରୁ ରକ୍ତ ଶୋଷି ଥାଆନ୍ତି। ଅନ୍ୟପଟେ ଅଣ୍ଡିରା ମଶା ଫୁଲର ପରାଗକୁ ଖାଦ୍ୟ ଭାବେ ଗ୍ରହଣ କରିଥାଆନ୍ତି। ମାଈ ଏନୋଫିଲିସ୍ ମଶା କାମୁଡ଼ିବା ଦ୍ୱାରା ମ୍ୟାଲେରିଆ ହୋଇଥାଏ। ତେବେ ଏହି ମଶା କାମୁଡ଼ିବାର ଏକ ନିର୍ଦ୍ଦିଷ୍ଟ ସମୟ ରହିଥାଏ। ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ମଧ୍ୟରେ ଏହି ମଶା କାମୁଡ଼ିଥାଏ। ଏଡିସ୍ ମଶା ସୂର୍ଯ୍ୟୋଦୟ ପୂର୍ବରୁ କିମ୍ବା ସନ୍ଧ୍ୟାରେ କାମୁଡ଼ନ୍ତି। ମାଈ ମଶାଙ୍କ ମାଧ୍ୟମରେ ମ୍ୟାଲେରିଆ, ଚିକନଗୁନିଆ, ଡେଙ୍ଗୁ, ଜିକା ଭଳି ଏକାଧିକ ରୋଗ ବ୍ୟାପିଥାଏ। ଠିକ୍ ସମୟରେ ଚିକିତ୍ସା କରା ନ ଗଲେ ଏଥିଯୋଗୁଁ ମଣିଷଙ୍କ ପ୍ରାଣ ଯାଉଛି। ମଶାମାନଙ୍କ ଦ୍ୱାରା ହେଉଥିବା ରୋଗଗୁଡ଼ିକର ମୁଖ୍ୟତଃ ବର୍ଷାଦିନେ ଦେଖାଯାଏ। ଏହି ସମୟରେ ମଶାମାନେ ଜନ୍ମ ନେଇଥାନ୍ତି। ଏହାଛଡ଼ା ଘର ଆଖପାଖରେ ପାଣି ଜମି ରହିଲେ ମଶା ସଂଖ୍ୟା ବୃଦ୍ଧି ପାଏ। ମଶାଜନିତ ରୋଗରୁ ରକ୍ଷା ପାଇବା ପାଇଁ ଘର ଚାରିପଟକୁ ସଫାସୁତୁରା ରଖିବା ସହ ପାଣି ଜମା ହେବାକୁ ଦେବା ଉଚିତ୍ ନୁହେଁ। ଏହାଛଡ଼ା ଘରେ ନିମ୍ବପତ୍ରର ଧୂଆଁ ଦେଇ ମଶା ନିବାରଣ କରାଯାଇ ପାରିବ। ସବୁଠୁ ବଡ଼ କଥା ହେଉଛି ରାତିରେ ଶୋଇବାବେଳେ ମଶାରି ଟାଣି ଶୋଇବା ଉଚିତ। ମଶାମାନଙ୍କ କବଳରୁ ବଞ୍ଚିବା ପାଇଁ ସଚେତନତା ହିଁ ଏକମାତ୍ର ଶ୍ରେଷ୍ଠ ଉପାୟ।

## ରୁପା ଚଟଣୀ

ଲୋକେ ଧନିଆ, ପୁଦିନା, ଟମାଟୋ ଭଳି ଅନେକ ଚଟଣୀ ପ୍ରସ୍ତୁତ କରିଛନ୍ତି ଓ ଖାଇଛନ୍ତି। ହେଲେ କେହି କେବେ ରୁପା ଚଟଣୀ ବାବଦରେ ଜାଣି ନ ଥିବେ। ରିଆଲିଟି ଶୋ' ମାଷ୍ଟରସେଫ୍ ମଞ୍ଚରେ ଜଣେ ପ୍ରତିଯୋଗୀ ରୁପା ଚଟଣୀ ପ୍ରସ୍ତୁତ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଜୟପୁରର ସବୁଠାରୁ ମହଙ୍ଗା ଏବଂ ଦୁର୍ଲଭ ରୁପା ଚଟଣି ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କୁ ପରଷା ଯାଇଥିଲା। ଯାହାର ନାଁ ଶୁଣି ହିଁ ସେ ପ୍ରଥମେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। କେବଳ ସେତିକି ନୁହେଁ, ଏହାର ନିଆରା ରେସିପି ପଛରେ ରାଜକୀୟ ଶୈଳୀ ଥିବା ଜାଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲେ। ଜୟପୁର ସିଟି ପ୍ୟାଲେସର ସେଫ୍ ଚାରୁ ସୋନି ରୁପା ଚଟଣୀ ବାବଦରେ କହିଛନ୍ତି। ଏହି ଚଟଣୀର ଇତିହାସ ରାଜସ୍ଥାନର ରାଜା ମହାରାଜାଙ୍କ ସହିତ ଜଡ଼ିତ। ସେଫ୍ ଚାରୁଙ୍କ ମତରେ ତାଙ୍କୁ ଏହି ଚଟଣୀ ପ୍ରସ୍ତୁତ କରିବାର ପ୍ରେରଣା ଜଣେ ବୈଦ୍ୟଙ୍କଠାରୁ ମିଳିଥିଲା। ପୁରାତନ କାଳରେ ରାଜପ୍ରାସାଦରେ ରାଜାମାନଙ୍କର ସ୍ୱାସ୍ଥ୍ୟ, ଶକ୍ତି ଏବଂ ପାଚନକ୍ରିୟାକୁ ଧ୍ୟାନରେ ରଖି ଏହି ସ୍ୱତନ୍ତ୍ର ଚଟଣି ପ୍ରସ୍ତୁତ କରାଯାଉଥିଲା। ତେବେ ଚାରୁ ଏହି ପାରମ୍ପରିକ ଚଟଣୀକୁ ଆଧୁନିକ ଶୈଳୀରେ ତିଆରି କରିଥିଲେ। ଏହି ଚଟଣିକୁ ତିଆରି କରିବା ପାଇଁ କିଲୋପ୍ରତି ୬୦ରୁ ୭୦ ହଜାର ଟଙ୍କା ଲାଗିଥାଏ। ତେଣୁ ଏହା ବଜାରରେ ସାଧାରଣ ଦୋକାନରେ ବିକ୍ରି ହୋଇ ନ ଥାଏ, ବରଂ ଏହାକୁ ବିଶେଷ ରାଜକୀୟ ଅବସରରେ ପ୍ରସ୍ତୁତ କରାଯାଏ। ଏଥିରେ ରୁପା ଏବଂ ସୁନାର ଭସ୍ମକୁ ବ୍ୟବହାର କରାଯାଏ। ସେଥିପାଇଁ ଏହା ଆୟୁର୍ବେଦିକ ଦୃଷ୍ଟିକୋଣରୁ ଲାଭଦାୟକ ଓ ସ୍ୱାସ୍ଥ୍ୟକର ବୋଲି ବିଚାର କରାଯାଏ। ସାଧାରଣ ମସଲା ପରିବର୍ତ୍ତେ ଏଥିରେ ଆଲମଣ୍ଡ, କିସ୍‌ମିସ୍ ଏବଂ ଅନ୍ୟ ଡ୍ରାଏଫ୍ରୁଟ୍ ମିଶାଯାଏ। ଏହି ଚଟଣିକୁ କେବଳ ରୂପା ଜିନିଷରେ ତିଆରି କରାଯାଏ ତାହା ନୁହେଁ, ଏହାକୁ ରୁପା ପାତ୍ରରେ ରଖାଯାଏ ଓ ପରଷା ଯାଏ।

## ସୁଶ୍ରୀ

## ମିନିମଲ୍ ମେକ୍‌ଅପ୍ ଲୁକ୍



**ମେକ୍‌ଅପ୍ ତ୍ୱଚାର ପ୍ରାକୃତିକ ସୁନ୍ଦରତା ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଏଥିରେ ହାଲ୍‌କା ଫାଉଣ୍ଡେସନ, ଟିଣ୍ଟେଡ୍ ମଏଶ୍ଚରାଇଜର, ନ୍ୟୁଡ୍ ଲିପ୍ସ ଏବଂ ଆଖିରେ ହାଲ୍‌କା ମେକ୍‌ଅପ୍ କରାଯାଏ। ଭାରି ମେକଅପ୍ ବଦଳରେ ମହିଳାମାନେ ଏବେ ଏହି ସହଜ ସରଳ ଲୁକ୍ ଆପଣାଉଛନ୍ତି।**

- ଭାରି ମେକ୍‌ଅପ୍‌ରେ ତ୍ୱଚାରେ ଲୋମଛିଦ୍ର ବନ୍ଦ ହୋଇଯାଏ। ଫଳରେ ବ୍ରଣ, ଦାଗ, ବ୍ରେକ୍‌ଆଉଟ୍ସ ଭଳି ସମସ୍ୟା ଦେଖାଯାଏ। ତ୍ୱଚାକୁ ନେଇ ସମ୍ବେଦନଶୀଳ ଥିବା ମହିଳାଙ୍କ ପାଇଁ ଏହି ମିନିମଲ୍ ମେକ୍‌ଅପ୍ ଲୋକପ୍ରିୟ ରହିଛି।
- ଏହି ମେକ୍‌ଅପ୍ ସୁନ୍ଦର ଏବଂ କମ୍ ସମୟ ମଧ୍ୟରେ ହୋଇଥାଏ। ମଏଶ୍ଚରାଇଜର୍, ଲିପ୍‌ବାମ, କନ୍ସିଲର୍, ମସ୍କାରା ସାହାଯ୍ୟରେ ସତେଜ ଏବଂ ଆକର୍ଷଣୀୟ ଲୁକ୍ ମିଳିଥାଏ।
- ସୋସିଆଲ ମିଡିଆ ଇନ୍‌ଫ୍ଲୁଏନସର୍‌ଠୁ ନେଇ ସିନେ ତାରକା ସମସ୍ତେ ଏହି ମେକ୍‌ଅପ୍ ଆପଣାଉଛନ୍ତି। ସେମାନଙ୍କ ଫଟୋ ଭିଡିଓ ଲକ୍ଷ ଲକ୍ଷ ଲୋକ ପ୍ରେରିତ ହେଉଛନ୍ତି।

## ବବ୍ କଟ୍ ଟ୍ରେଣ୍ଡ

ମେକ୍‌ଅପ୍ ଭଳି ହେୟାର୍‌କଟ୍‌କୁ ନେଇ ମହିଳାମାନେ ବହୁ ପରୀକ୍ଷାନିରୀକ୍ଷା କରିଥାନ୍ତି। ଏହି କ୍ରମରେ ଏବେ ବବ୍ ହେୟାରକଟ୍ ଲୋକପ୍ରିୟ ରହିଛି। ଏହା ଉଭୟ ପାରମ୍ପରିକ ଏବଂ ଆଧୁନିକ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ। ସେହିପରି ଏହା ଅଫିସ୍, ପାର୍ଟି ଫଙ୍କସନ୍ ତଥା ଶାଢ଼ି ଲୁକ୍‌କୁ ଆକର୍ଷଣୀୟ କରିଥାଏ।

**ଗୋଲ ଚେହେରାକୁ ସଫ୍ଟ ଲେୟାର୍**

ଗୋଲାକାର ମୁହଁକୁ ବିଶେଷ କରି ହାଲ୍‌କା ଲେୟାର୍ ବବ୍ ସୁନ୍ଦର ଦିଶିଥାଏ। ଏହା ଷ୍ଟାଇଲିଶ୍ ଦିଶିବା ସହ ଭଲ ମାନିଥାଏ।

**ଅଣ୍ଡାକୃତିକୁ ସବୁ ବବ୍ କଟ୍**

ଅଣ୍ଡାକୃତି ଚେହେରାକୁ ପାଖାପାଖି ସବୁ ପ୍ରକାର ବବ୍ କଟ୍ ଭଲ ମାନେ। କ୍ଲାସିକ୍, ଫ୍ରେଞ୍ଚ, ବେବି ବବ୍ ଆଦି ସୁନ୍ଦର ଲାଗିଥାଏ। ତେବେ ପ୍ରଥମ ଥର ବବ୍ କଟ୍ କରୁଥିଲେ ଥୋଡ଼ି ଯାଏ କେଶ ପଡ଼ିଲେ ଏହା ସୁନ୍ଦର ଦିଶିଥାଏ।

**ଲମ୍ବା ତ୍ୱଚା ପାଇଁ ଚିନ୍- ଲେଙ୍ଗ୍‌ଥ ବବ୍**

ଲମ୍ବା ତ୍ୱଚାକୁ ଲମ୍ବା ବବ୍ ହେୟାର ଭଲ ଲାଗେନି। ଏଥିପାଇଁ ଥୋଡ଼ି ଲେଙ୍ଗ୍‌ଥ ଅନୁସାରେ କେଶ କାଟିବା ଭଲ। ଏଥିରେ ଚେହେରାର ସନ୍ତୁଳନ ବଜାୟ ରହିବା ସହ କେଶରେ ଭଲ୍ୟୁମ୍ ଆସିଥାଏ।



## ପିଆଜରେ ଚମକିବ ଝରକା କାଚ

**ସାମାଜିକ ଗଣମାଧ୍ୟମରେ ସଫା ସହ ଜଡ଼ିତ ଅନେକ ଖବର ଦେଖିବାକୁ ମିଳିଥାଏ। କେହି ବେକିଂ ସୋଡ଼ା ଉପଯୋଗ କରି ଘର ପରିଷ୍କାର କରିଥାନ୍ତି ତ ପୁଣି କେହି ଲେମ୍ବୁରେ ଭିନେଗାର ମିଶାଇ ପରିଷ୍କାର କରନ୍ତି। ସେହିପରି ପିଆଜରୁ ଝରକା କାଚ ସଫା କରିପାରିବେ। ଏହା ଝରକା କାଚକୁ ଚମକାଇ ଥାଏ।**

- ଏଥିପାଇଁ ପିଆଜ ନେଇ ଏଥିରୁ ଚୋପା ଛଡ଼େଇ ମଝିରୁ ଦୁଇଫାଳ କରି କାଟନ୍ତୁ। ଏହି କଟା ଅଂଶକୁ ଦାଗ ଥିବା କାଚରେ ଧୀରେ ଧୀରେ ଘଷନ୍ତୁ।
- ଏହାପରେ ମାଇକ୍ରୋ ଫାଇବର୍ କପଡ଼ାକୁ ଓଦା କରି କାଚକୁ ପୋଛନ୍ତୁ। ଏହାକୁ ଏକ ଶୁଖିଲା କପଡ଼ାରେ ପୋଛନ୍ତୁ।
- ଏପରି କରିବା ଦ୍ୱାରା କାଚରେ ଲାଗିଥିବା ପାଣି ଦାଗ ମଧ୍ୟ ଦୂର ହୋଇଥାଏ।



## ରୋଜଗାର ଦେଇଛି ତାଳପତ୍ର ରାକ୍ଷୀ



**ଦିନ କେଇଟା ପରେ ରାକ୍ଷୀ ପୂର୍ଣ୍ଣିମା। ଓଡ଼ିଆ ସଂସ୍କୃତି, ପରମ୍ପରାରେ ଏହିଦିନ ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧି ତା'ର ମଙ୍ଗଳ କାମନା କରିଥାଏ। ଏଥିସହ ଭାଇ ଭଉଣୀକୁ ସୁରକ୍ଷାର ପ୍ରତିଶ୍ରୁତି ଦେଇଥାଏ। ଏହି ରାକ୍ଷୀ ବିଶ୍ୱାସ, ଭଲପାଇବାର ବନ୍ଧନ ହେବା ସହ ଏବେ ରୋଜଗାରର ମାଧ୍ୟମ ପାଲଟିଛି। ଏହାଦ୍ୱାରା ଛତିଶଗଡ଼ ଦନ୍ତେୱାଡ଼ାର ମହିଳାମାନେ ତାଳପତ୍ରରୁ ଭଳିକି ଭଳି ପାରମ୍ପରିକ ରାକ୍ଷୀ ପ୍ରସ୍ତୁତ କରି ରୋଜଗାରକ୍ଷମ ହୋଇଛନ୍ତି।**



ତାରା ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଡ଼ି ହୋଇ ମହିଳାମାନେ ରାକ୍ଷୀ ପ୍ରସ୍ତୁତ କରୁଛନ୍ତି। ଗୋଷ୍ଠୀରେ ସାମିଲ ହେବା ପରେ ମହିଳାମାନେ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏଥିରେ ଖଜୁରୀ, ତାଳପତ୍ରରୁ ଭଳିକି ଭଳି ଜିନିଷ ପ୍ରସ୍ତୁତି ପ୍ରକ୍ରିୟା ଶିଖିଥିଲେ। ପରବର୍ତ୍ତୀ ସମୟରେ ଏହାକୁ ଋତୁକାଳୀନ ବ୍ୟବସାୟ ଏବଂ କୁଟୀର ଶିଳ୍ପ କରିଥିଲେ। ପର୍ବପର୍ବାଣି, ବଜାର ଚାହିଦା ଅନୁସାରେ ଭିନ୍ନ ଉତ୍ପାଦ ପ୍ରସ୍ତୁତ କରି ବାରମାସ ରୋଜଗାରରେ ରୂପାନ୍ତର କରିଛନ୍ତି। ଏଥିପାଇଁ ପ୍ରଥମେ ମହିଳାମାନେ କଞ୍ଚା ତାଳ ପତ୍ର ସଂଗ୍ରହ କରନ୍ତି। ଏହାକୁ ଧୋଇ ଶୁଖାଇ ପତ୍ରକୁ ମୋଡ଼ି ସେଥିରେ ବେଣୀ କରି ପାରମ୍ପରିକ ରାକ୍ଷୀ ପ୍ରସ୍ତୁତ କରନ୍ତି। ଏହି ରାକ୍ଷୀ ସୁନ୍ଦର, ଆକର୍ଷଣୀୟ ହେବା ସହ ବଜାରରେ ଏହାର ଖୁବ୍ ଚାହିଦା ରହିଛି। ଛତିଶଗଡ଼ ଦାନ୍ତେୱାଡ଼ା ସମେତ ବିଭିନ୍ନ ଜିଲ୍ଲାରେ ଏହି ରାକ୍ଷୀ ଲୋକପ୍ରିୟ। ଏଥିରେ ସଂସ୍କୃତି ଓ ପରମ୍ପରାର ଝଲକ୍ ଦେଖିବାକୁ ମିଳିଥାଏ। ଏହା ପ୍ଲାଷ୍ଟିକ୍ ଭଳି ପରିବେଶ ପାଇଁ କ୍ଷତିକାରକ ହୋଇ ନ ଥାଏ।

କେବଳ ସେତିକି ନୁହେଁ ଦିଲ୍ଲୀରେ ମଧ୍ୟ ଏହି ରାକ୍ଷୀ ଲୋକପ୍ରିୟ। ପ୍ରତିବର୍ଷ ଗୋଷ୍ଠୀର ମହିଳାମାନେ ଏହାକୁ ଦିଲ୍ଲୀ ପଠାନ୍ତି। ଏହି ପତ୍ରରୁ ରାଖି ସମେତ ଦନା, ଫୁଲଦାନୀ ମଧ୍ୟ ପ୍ରସ୍ତୁତ ହୋଇଥାଏ। ଏହା ସମ୍ପୂର୍ଣ୍ଣ ପ୍ରାକୃତିକ ହୋଇଥିବାବେଳେ ପରିବେଶ ଉପରେ କୌଣସି ନକାରାତ୍ମକ ପ୍ରଭାବ ପଡ଼େନି। ଏହା ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ସହ ନୂଆ ପରିଚୟ ଦେଇଛି। ପର୍ବପର୍ବାଣିରେ ରାକ୍ଷୀ ପ୍ରସ୍ତୁତ କରି ମହିଳାମାନେ ଭଲ ବ୍ୟବସାୟ କରୁଛନ୍ତି। ଗୋଷ୍ଠୀର ମୁଖ୍ୟ ରାମବତୀ ଏହି ବ୍ୟବସାୟକୁ ଆଗାମୀ ଦିନରେ ବଡ଼ କରିବା ପାଇଁ ଆଶା ରଖିଛନ୍ତି। ତାଳ ଏବଂ ଖଜୁରୀ ପତ୍ର ଆଦିବାସୀ ଲୋକଙ୍କ ପାଇଁ ରୋଜଗାରର ମାଧ୍ୟମ। ଏହାର ପ୍ରତ୍ୟେକ ଅଂଶ କାର୍ଯ୍ୟରେ ଲାଗିଥାଏ। ଏଥିରୁ ମହିଳା ଗୃହସାଜପୋକରଣ ସହ ଝାଡ଼ୁ ପ୍ରସ୍ତୁତ କରିଥାନ୍ତି। ତାଳପତ୍ରରୁ ଏହି ରାଖି ପ୍ରସ୍ତୁତି କାର୍ଯ୍ୟ ତିନି ଚାରିବର୍ଷ ଧରି କରି ଆସୁଛନ୍ତି। ଏହା ରୋଜଗାରର ମାଧ୍ୟମ ସହ ସ୍ଥାନୀୟ ଅଞ୍ଚଳର ପରିଚୟ ପାଲଟିଛି।

## ହଜିଯାଉଥିବା ସ୍ୱାଦ

## ନଡ଼ିଆ ବର୍‌ଫି



**ଆବଶ୍ୟକ ସାମଗ୍ରୀ**

ଖଜୁରୀ – ଏକ କପ୍, ଶୁଖିଲା ନଡ଼ିଆ – ଦୁଇ ଫାଳ, ଦୁଗ୍ଧ – ଏକ ଲିଟର, ପିସ୍ତା, କାଜୁ– ଅଧା କପ୍, ସୁଜି – ତିନି, ଚାରି କପ୍, ଅଳେଇଚ ଗୁଣ୍ଡ- ଅଧା ଚାମଚ, ଚିନି – ଅଧା କପ୍, ମିଲ୍କ ପାଉଡର୍ – ଚାରି ଚାମଚ, ଘିଅ – ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ପ୍ରଥମେ ଖଜୁରୀରୁ ମଞ୍ଜି ବାହାର କରନ୍ତୁ। ଏହାପରେ ନଡ଼ିଆକୁ ଦୁଇଫାଳ କରି ଖଣ୍ଡ ଖଣ୍ଡ କରି କାଟନ୍ତୁ। ଗ୍ୟାସ୍ ଲଗାଇ କଡ଼େଇ ବସାଇ ସେଥିରେ କ୍ଷୀର ଦେଇ ମିଡିୟମ୍ ଆଞ୍ଚରେ ବସାନ୍ତୁ। ଦୁଇତିନି ଫୁଟଣ ଆସିବା ପରେ ଖଜୁରୀ, ନଡ଼ିଆ ଦେଇ ଢାଙ୍କୁଣି ଘୋଡ଼ାନ୍ତୁ। ୧୦ ମିନିଟ୍ ପରେ ଢାଙ୍କୁଣି ଖୋଲି ମିଶ୍ରଣକୁ ଚଲାନ୍ତୁ। କ୍ଷୀର ମରିଗଲେ ଗ୍ୟାସ୍ ବନ୍ଦ କରନ୍ତୁ। ଥଣ୍ଡା ହୋଇଗଲେ ଜାର୍‌ରେ ଦେଇ ଗ୍ରାଇଣ୍ଡିଂ କରନ୍ତୁ। ଏହାପରେ କଡ଼େଇ ବସାଇ ଘିଅ ଗରମ କରନ୍ତୁ। ଏଥିରେ ସୁଜି ଦେଇ ହାଲୁକା ସୁନେଲି ରଙ୍ଗ ହେବା ଯାଏ ଭାଜନ୍ତୁ। ପରେ ଏଥିରେ ଗୁଜରାତି ଗୁଣ୍ଡ, ଚିନି, ଡ୍ରାଏଫ୍ରୁଟ୍ସ ଏବଂ ମିଲ୍କ ପାଉଡର୍ ଗୋଳାଇ ଗ୍ୟାସ ବନ୍ଦ କରନ୍ତୁ। ଗୋଟିଏ ଥାଳିରେ ଘିଅ ଲଗାଇ ମିଶ୍ରଣ ଢାଳି ସମାନ୍ତରାଳ କରନ୍ତୁ। ଏହାପରେ ଏଥିରେ କଟା ଡ୍ରାଏଫ୍ରୁଟ୍ସ ଦେଇ ପସନ୍ଦ ଅନୁସାରେ କାଟନ୍ତୁ। ଉପରେ ନଡ଼ିଆ କୋରା ଦେଇ ପରଷନ୍ତୁ ସ୍ୱାଦିଷ୍ଟ 'ନଡ଼ିଆ ବର୍‌ଫି'।

## ଗଲ୍ ଟେଷ୍ଟରେ ଶ୍ରୀଲଙ୍କାର ବୃହତ୍ ପରାଜୟ

# ୬୦୦ତମ ଟେଷ୍ଟରେ ଭାରତର ସ୍ମରଣୀୟ ବିଜୟ

ଗଲ୍, ୧୯ ।୮ (ଏଜେନ୍ସି)




ସ୍ଥାନୀୟ ଗଲ୍ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଘରୋଇ ଶ୍ରୀଲଙ୍କା ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟରେ ଭାରତ ୧୬୫ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି। ଫଳରେ ଦୁଇ ମ୍ୟାଚବିଶିଷ୍ଟ ଟେଷ୍ଟ ସିରିଜରେ ଭାରତ ୧-୦ରେ ଅଗ୍ରଣୀ ହାସଲ କରିଛି। ସିରିଜର ଅନ୍ତିମ ତଥା ଦ୍ୱିତୀୟ ମ୍ୟାଚ୍ ଅଗଷ୍ଟ ୨୩ରୁ କଲମ୍ବୋର ସିଂହଳୀଜ ସ୍ପୋର୍ଟ୍ସ କ୍ଲବରେ ଆରମ୍ଭ ହେବ। ଅପରପକ୍ଷରେ ଟେଷ୍ଟ କ୍ରିକେଟ୍ ଇତିହାସରେ ଭାରତର ଏହା ୬୦୦ତମ ମ୍ୟାଚ୍ ଥିଲା। ଏହି ମ୍ୟାଚକୁ ବଡ଼ ବ୍ୟବଧାନରେ ବିଜୟୀ ହୋଇ ଟିମ୍ ଇଣ୍ଡିଆ ଏହାକୁ ସ୍ମରଣୀୟ କରିନେଇଛି।

ଏହି ମ୍ୟାଚରେ ଭ୍ରମଣକାରୀ ଭାରତ ପକ୍ଷରୁ ୩୭୨ ରନର ଚ୍ୟାଲେଞ୍ଜିପୂର୍ଣ୍ଣ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଶ୍ରୀଲଙ୍କା ଦଳ ବୁଧବାର ଅନ୍ତିମ ତଥା ପଞ୍ଚମ ଦିବସରେ ୨୦୬ ରନ କରି ଦ୍ୱିତୀୟ ପାଳିରେ ଅଲ୍ଆଉଟ୍ ହୋଇଯାଇଥିଲା। ପୂର୍ବ ଦିନର ସ୍କୋର (୮୪/୪)ରେ ଶ୍ରୀଲଙ୍କା ଆଜି ଆଉ ୧୨୨ ରନ ଯୋଡ଼ି ବଳକା ୬ ୱିକେଟ ହରାଇଥିଲା। ବାମହାତୀ ସ୍ପିନର ମାନବ ସୁତାର ସର୍ବାଧିକ ୬ଟି ୱିକେଟ ନେଇ ଭାରତକୁ ବଡ଼ ବିଜୟ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସିଂହଳୀ ଦଳ ପକ୍ଷରୁ ପ୍ରଥମ ପାଳି ଭଳି ସୋନାଲ ଦିନୁଶା ଦ୍ୱିତୀୟ ପାଳିରେ ମଧ୍ୟ ଏକାକୀ ଲଢ଼େଇ କରିଥିଲେ। ସେ ସର୍ବାଧିକ ୮୪ ରନ କରିଥିଲେ ମଧ୍ୟ ଦଳକୁ ପରାଜୟରୁ ରକ୍ଷା କରିପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଧନଞ୍ଜୟ ଡି ସିଲଭା ୧୫୧ ବଲରେ ୫୯ ରନ କରି ଲଢ଼େଇ କରିଥିଲେ। ପଞ୍ଚମ ୱିକେଟ ଯୋଡ଼ିରେ ଏହି ଦୁଇ ବ୍ୟାଟର୍ ୨୦୨ ବଲରେ ୯୫ ରନର ଭାଗୀଦାରି କରି ବିଜୟକୁ ବିଳମ୍ବ କରିଥିଲେ। ଏହି ଦୁଇଜଣ ବ୍ୟାଟରଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଆଖିଦୃଶିଆ ସ୍କୋର କରିପାରି ନ ଥିଲେ। ଏପରିକି ୪ଜଣ ବ୍ୟାଟର ଦୁଇଅଙ୍କ ଛୁଇଁପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କେଶରା ନୁୱାନ୍ଥା ୨୦, ଲାହିରୁ ଉଦରା ୧୬, କାମିନ୍ଦୁ ମେଣ୍ଡିସ ୨, ନିରୋଶାନ ଡିକୱେଲା ୧୦ ରନ କରିଥିଲେ।

ଭାରତ ପକ୍ଷରୁ ମାନବ ସୁତାର ୨୩.୪ ଓଭର ବୋଲିଂ କରି ୨ ମେଡେନ ସହ ୫୫ ରନ ବ୍ୟୟରେ ସର୍ବାଧିକ ୬ଜଣ ସିଂହଳୀ ବ୍ୟାଟରଙ୍କୁ ଆଉଟ୍ କରିଥିଲେ। ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୨ଟି ଏବଂ ମହମ୍ମଦ ସିରାଜ ଓ ରବୀନ୍ଦ୍ର ଜାଡେଜାଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଥିଲା। ସୁତାର ଏଥିସହ ଗଲ୍ ଟେଷ୍ଟରେ ମୋଟ୍ ୧୦ ୱିକେଟ୍ ସଫଳତା ପାଇଛନ୍ତି। ପୂର୍ବରୁ ସେ ଶ୍ରୀଲଙ୍କାର ପ୍ରଥମ ଇନିଂସରେ ୪ଟି ୱିକେଟ ନେଇଥିଲେ। କ୍ୟାରିୟରର ଦ୍ୱିତୀୟ ଟେଷ୍ଟ ଖେଳୁଥିବା ସୁତାର ପ୍ରଥମଥର ଲାଗି ଏକ ଟେଷ୍ଟରେ ୧୦ ୱିକେଟ ନେବାର ସୌଭାଗ୍ୟ ଲାଭ କରିଛନ୍ତି। ତେବେ ମ୍ୟାଚରେ ମୋଟ୍ ୨୧୧ (୧୬୭+୪୪) ରନ କରିଥିବା ଦେବଦତ୍ତ ପାଡିକଲଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୂର୍ବରୁ ଭାରତ ପ୍ରଥମ ପାଳିରେ ୪୬୨ ରନ କରିଥିବାବେଳେ ଶ୍ରୀଲଙ୍କା ୨୮୪ ରନରେ ସୀମିତ ରହିଥିଲା। ଏହାପରେ ୧୭୮ ରନରେ ଆଗୁଆ ରହିଥିବା ଭାରତ ଦ୍ୱିତୀୟ ପାଳିରେ ୧୯୩ ରନରେ ସୀମିତ ରହିଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ପାଳି: ୪୬୨/୧୦ (ପାଡିକଲ- ୧୬୭, ପ୍ରବାଥ- ୪/୧୦୯)
ଶ୍ରୀଲଙ୍କା: ୨୮୪/୧୦ (ସୋନାଲ- ୧୦୦, ସୁତାର- ୪/୭୬)।

ଭାରତ ଦ୍ୱିତୀୟ ପାଳି: ୧୯୩/୧୦ (ପନ୍ତ- ୬୬, ଫର୍ଣ୍ଣାଣ୍ଡୋ- ୪/୩୧)।
ଶ୍ରୀଲଙ୍କା ଦ୍ୱିତୀୟ ପାଳି: ୨୦୬/୧୦ (ସୋନାଲ- ୮୪, ସୁତାର- ୬/୫୫)।

### ■ ଭାରତର ୬୦୦ ଟେଷ୍ଟ ଯାତ୍ରା

## ୧୮୭ ବିଜୟ; ୧୮୮ ପରାଜୟ

ଗଲ୍, ୧୯ ।୮ (ସମିସ): ପ୍ରଥମ ଟେଷ୍ଟରେ ଶ୍ରୀଲଙ୍କାକୁ ୧୬୫ ରନରେ ପରାସ୍ତ କରି ଶୁବମନ ଗିଲ୍ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଗଲ୍ ବିଜୟକୁ ସ୍ମରଣୀୟ କରିଛି। ଟେଷ୍ଟ କ୍ରିକେଟ୍ ଇତିହାସରେ ଭାରତର ଏହା ୬୦୦ତମ ମ୍ୟାଚ୍ ଥିଲା। ତେଣୁ ଏହି ମାଇଲଖୁଣ୍ଟ ମ୍ୟାଚରେ ବିଜୟୀ ହେବା ଭାରତ ପାଇଁ ବଡ଼ ସଫଳତା ଥିଲା। ଗଲ୍ ଗ୍ରାଉଣ୍ଡରେ ମଧ୍ୟ ଏହା ୫୦ତମ ଟେଷ୍ଟ ମ୍ୟାଚ୍ ଥିଲା। କ୍ରିକେଟ୍ ଇତିହାସରେ ଭାରତ ତୃତୀୟ ଦଳ ଭାବେ ୬୦୦ କିମ୍ବା ଏହାଠାରୁ ଅଧିକ ଟେଷ୍ଟ ଖେଳିବାର ସୌଭାଗ୍ୟ ଲାଭ କରିଛି। ୧୦୯୭ ଟେଷ୍ଟ ସହ କ୍ରିକେଟ୍ର ଜନକ ଇଂଲଣ୍ଡ ଏହି ତାଲିକାର ଶୀର୍ଷରେ ରହିଛି। ସେହିଭଳି କ୍ରିକେଟ୍ର ପାୱାରହାଉସ ଭାବେ ପରିଚିତ ଅଷ୍ଟ୍ରେଲିଆ ଦଳ ୮୮୩ଟି ଟେଷ୍ଟ ମ୍ୟାଚ୍ ଖେଳିଛି। ୫୯୬ ଟେଷ୍ଟ ସହ ୱେଷ୍ଟଇଣ୍ଡିଜ ତାଲିକାରେ ଭାରତ ପଛକୁ ୪ର୍ଥ ସ୍ଥାନରେ ରହିଛି। ଅର୍ଥାତ ୬୦୦ ଟେଷ୍ଟ ମ୍ୟାଚ ମାଇଲଖୁଣ୍ଟ ଛୁଇଁବାରେ ୱେଷ୍ଟଇଣ୍ଡିଜ ବିଶ୍ୱର ଚତୁର୍ଥ ଦଳ ହେବ। ନ୍ୟୁଜିଲାଣ୍ଡ ଦଳ ୪୮୭ଟି ଟେଷ୍ଟ ମ୍ୟାଚ୍ ଖେଳିଛି।

**ଭାରତର ମାଇଲଖୁଣ୍ଟ ଟେଷ୍ଟ ମ୍ୟାଚ୍**

| ନମ୍ବର | ପ୍ରତିପକ୍ଷ | ଫଳାଫଳ | ବର୍ଷ |
|---|---|---|---|
| ପ୍ରଥମ | ଇଂଲଣ୍ଡ | ୧୫୮ ରନରେ ପରାସ୍ତ | ୧୯୩୨ |
| ୧୦୦ତମ | ଇଂଲଣ୍ଡ | ୧୩୨ ରନରେ ପରାସ୍ତ | ୧୯୬୭ |
| ୨୦୦ତମ | ପାକିସ୍ତାନ | ଡ୍ର | ୧୯୮୨ |
| ୩୦୦ତମ | ଦ.ଆଫ୍ରିକା | ୬୪ ରନରେ ବିଜୟୀ | ୧୯୯୬ |
| ୪୦୦ତମ | ୱେଷ୍ଟଇଣ୍ଡିଜ | ୪୯ ରନରେ ବିଜୟୀ | ୨୦୦୬ |
| ୫୦୦ତମ | ନ୍ୟୁଜିଲାଣ୍ଡ | ୧୯୭ ରନରେ ବିଜୟୀ | ୨୦୧୬ |
| ୬୦୦ତମ | ଶ୍ରୀଲଙ୍କା | ୧୬୫ ରନରେ ବିଜୟୀ | ୨୦୨୬ |

୧୯୩୨ ମସିହାରେ ଇଂଲଣ୍ଡ ବିପକ୍ଷରେ ଖେଳି ଭାରତ ଟେଷ୍ଟ କ୍ରିକେଟ୍ରେ ପାଦ ଥାପିଥିଲା। ୯୪ ବର୍ଷର ଏହି ଲମ୍ବା ଯାତ୍ରାରେ ଭାରତ ଖେଳିଥିବା ୬୦୦ଟି ଟେଷ୍ଟରୁ ୧୮୭ଟି ବିଜୟ ଲାଭ କରିଛି। ସେହିଭଳି ୧୮୮ ଟେଷ୍ଟରେ ଟିମ୍ ଇଣ୍ଡିଆ ହାରିଥିବାବେଳେ ୨୨୪ଟି ମ୍ୟାଚ୍ ଅମୀମାଂସିତ ରହିଛି। ୧୯୮୬ରେ ଚେନ୍ନାଇରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ମ୍ୟାଚକୁ ଭାରତ ଟାଇ ରଖିଥିଲା। ଭାରତ ଇଂଲଣ୍ଡ ବିପକ୍ଷରେ ସର୍ବାଧିକ ୧୪୧ଟି ଟେଷ୍ଟ ଖେଳି ୫୧ଟି ଜିତିଛି। ସେହି ସମାନ ଇଂଲଣ୍ଡ ବିପକ୍ଷରେ ମଧ୍ୟ ଭାରତ ସର୍ବାଧିକ ୫୩ଟି ଟେଷ୍ଟ ହାରିଛି। ଭାରତ ଅନ୍ୟ ଦୁଇ ଦେଶ ଅଷ୍ଟ୍ରେଲିଆ (୧୧୨) ଓ ୱେଷ୍ଟଇଣ୍ଡିଜ ବିପକ୍ଷରେ (୧୦୨) ଶହେରୁ ଊର୍ଦ୍ଧ୍ୱ ଟେଷ୍ଟ ମ୍ୟାଚ୍ ଖେଳିବାର ରେକର୍ଡ ରହିଛି।

## ମହିଳା ହକି ବିଶ୍ୱକପ୍: ଇଶିକାଙ୍କ ମୁଣ୍ଡ ଫାଟିଲା



ଆମଷ୍ଟେଲଭିନ୍, ୧୯ ।୮ (ଏଜେନ୍ସି): ମହିଳା ହକି ବିଶ୍ୱକପ୍ରେ ଭାରତ ଦମଦାର ପ୍ରଦର୍ଶନ କରି ଗତକାଲି ଦକ୍ଷିଣ ଆଫ୍ରିକାକୁ ୬-୧ ଗୋଲରେ ପରାସ୍ତ କରିଛି। ବିଶ୍ୱକପ୍ ଇତିହାସରେ ଏହା ଭାରତୀୟ ମହିଳା ଦଳର ସବୁଠାରୁ ବଡ଼ ବିଜୟ ଥିଲା। ତେବେ ମ୍ୟାଚ୍ର ଶେଷ ମୁହୂର୍ତ୍ତରେ ଭାରତୀୟ ଡିଫେଣ୍ଡର ଇଶିକା ଚୌଧୁରୀଙ୍କ ଆଘାତ ଚିନ୍ତା ବଢ଼ାଇଛି। ମ୍ୟାଚ୍ ଶେଷ ହେବାକୁ ମାତ୍ର ୧୫ ସେକେଣ୍ଡ ବାକି ଥିବାବେଳେ ବଲ୍କୁ ଅଟକାଇବାକୁ ଯାଉଥିବା ସମୟରେ ଜଣେ ଆଫ୍ରିକୀୟ ଖେଳାଳିଙ୍କ ହକି ଷ୍ଟିକ୍ର ପଛପଟ ଇଶିକାଙ୍କ ମୁଣ୍ଡରେ ଜୋରରେ ବାଜିଥିଲା। ଆଘାତ ପରେ ଇଶିକାଙ୍କ ମୁଣ୍ଡରୁ ଧାର ଧାର ରକ୍ତସ୍ରାବ ହୋଇଥିଲା ଓ ସେ ତଳେ ପଡ଼ିଯାଇଥିଲେ। ତୁରନ୍ତ ଭାରତୀୟ ଦଳର ଡାକ୍ତରୀ ଟିମ୍ ଓ ସହାୟକ କର୍ମଚାରୀମାନେ ପଡ଼ିଆକୁ ଦୌଡ଼ି ଆସି ପ୍ରାଥମିକ ଚିକିତ୍ସା କରିଥିଲେ। ପରେ କପାଳରେ କପଡ଼ା ଚାପି ଧରି ଇଶିକା ନିଜେ ପଡ଼ିଆ ବାହାରକୁ ଯାଇଥିଲେ। ତାଙ୍କର ଏହି ଆଘାତ ସମସ୍ୟା ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ତରଫରୁ କୌଣସି ସୂଚନା ଦିଆଯାଇନାହିଁ। ଆଗାମୀ ମ୍ୟାଚ୍ ପୂର୍ବରୁ ସେ ଫିଟ୍ ହୋଇଯାଇଥିବେ ବୋଲି ଆଶା କରାଯାଉଛି।

## ୟୁପି ୱାରିୟର୍ଜରରେ ଯୋଗଦେଲେ ନୀତୁ



ନୂଆଦିଲ୍ଲୀ,୧୯ ।୮ (ଏଜେନ୍ସି): ମହିଳା ପ୍ରିମିୟର୍ ଲିଗ୍ (ଡବ୍ଲୁପିଏଲ୍)ର ଆଗାମୀ ସଂସ୍କରଣ ପାଇଁ ୟୁପି ୱାରିୟର୍ଜ ଫ୍ରାଞ୍ଚାଇଜ୍ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଭାରତୀୟ ମହିଳା କ୍ରିକେଟ୍ ଦଳର ପୂର୍ବତନ ସ୍ପିନର୍ ତଥା ମୁଖ୍ୟ ଚୟନକର୍ତ୍ତା ନୀତୁ ଡେଭିଡ୍ଙ୍କୁ ସ୍କାଉଟିଂର ମୁଖ୍ୟ ଭାବେ ନିଯୁକ୍ତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ରାଜୀବ ଦତ୍ତାଙ୍କ ସ୍ଥାନରେ ୪୮ ବର୍ଷୀୟା ନୀତୁ ଡେଭିଡ୍ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଅଭିଜ୍ଞ ମୁଖ୍ୟ ପ୍ରଶିକ୍ଷକ ଅଭିଷେକ ନାୟରଙ୍କ ନେତୃତ୍ୱରେ ଗଠିତ ସପୋର୍ଟ ଷ୍ଟାଫ୍ ସହ ନୀତୁ କାର୍ଯ୍ୟ କରିବେ। ନିଜର ଦଳକୁ ଆହୁରି ମଜବୁତ କରିବା ଏବଂ ଘରୋଇ କ୍ରିକେଟ୍ ପରିବେଶରୁ ପ୍ରତିଭାଶାଳୀ ଖେଳାଳିମାନଙ୍କୁ ଚିହ୍ନଟ କରିବା ଦିଗରେ ସେ କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି। ଶେଷରେ, ପୂର୍ବତନ କ୍ରିକେଟର୍ ତଥା ଆଇସିସି ହଲ୍ ଅଫ୍ ଫେମ୍ ମେମ୍ବର୍ ନୀତୁ ଡେଭିଡ୍ଙ୍କ ଏହି ନୂତନ ଦାୟିତ୍ୱ ଫ୍ରାଞ୍ଚାଇଜ୍ର ପ୍ରଦର୍ଶନକୁ ସୁଧାରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

### ● ଦୁଲିପ୍ ଟ୍ରଫି ଫାଇନାଲ୍

## ବେଙ୍ଗାଲୁରୁରୁ ଚେନ୍ନାଇକୁ ସ୍ଥାନାନ୍ତର

ନୂଆଦିଲ୍ଲୀ,୧୯ ।୮ (ଏଜେନ୍ସି): ଦୁଲିପ୍ ଟ୍ରଫିର ଫାଇନାଲ୍ ମ୍ୟାଚ୍କୁ ବେଙ୍ଗାଲୁରୁରୁ ଚେନ୍ନାଇକୁ ସ୍ଥାନାନ୍ତର କରାଯାଇଛି। ବୁଧବାର ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହି ନିଷ୍ପତ୍ତି ନେଇଛି। ଆସନ୍ତା ସେପ୍ଟେମ୍ବର ୬ରୁ ଚେନ୍ନାଇର ଏମ୍ଏ ଚିଦମ୍ବରମ୍ ଷ୍ଟାଡିୟମ୍ରେ ଏହି ପାଞ୍ଚଦିନିଆ ଫାଇନାଲ୍ ଖେଳାଯିବ। ବିସିସିଆଇ ସଚିବ ଦେବଜିତ ସାଇକିଆଙ୍କ କହିବା ଅନୁଯାୟୀ, ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସରେ ସରକାରୀ କଟକଣା ଯୋଗୁଁ ଦର୍ଶକଙ୍କୁ ମ୍ୟାଚ୍ ଦେଖିବାର ଅନୁମତି ମିଳିବ ନାହିଁ। ତେଣୁ ଦେଶର ଶ୍ରେଷ୍ଠ ଖେଳାଳିମାନେ ଅଂଶଗ୍ରହଣ କରୁଥିବା ଫାଇନାଲ୍କୁ ସାଧାରଣ ଦର୍ଶକ ଉପଭୋଗ କରିପାରିବେ, ସେଥିପାଇଁ ଚେନ୍ନାଇକୁ ସ୍ଥାନ ବଦଳ କରାଯାଇଛି। ଦୁଲିପ୍ ଟ୍ରଫିର ଦୁଇଟି କ୍ୱାର୍ଟରଫାଇନାଲ୍ ଓ ଦୁଇଟି ସେମିଫାଇନାଲ୍ ବେଙ୍ଗାଲୁରୁରେ ଖେଳାଯିବ। ଏହି ସମସ୍ତ ମ୍ୟାଚ୍ ସହ ଫାଇନାଲ୍ର ସିଧା ପ୍ରସାରଣ ହେବ। ଫାଇନାଲ୍ ସହ କିଛି ମ୍ୟାଚ୍ ଟେଲିଭିଜନ୍ରେ ମଧ୍ୟ ପ୍ରସାରିତ ହେବ। ସେଣ୍ଟ୍ରାଲ୍ ଜୋନ୍ ଗତବର୍ଷର ଚାମ୍ପିଅନ୍, ଫାଇନାଲ୍ରେ ସାଉଥ୍ ଜୋନ୍କୁ ପରାସ୍ତ କରି ସେ ଟାଇଟଲ୍ ଜିତିଥିଲା।

### ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍

## ସିନ୍ଧୁ ଆଗେଇଲେ; ଲକ୍ଷ୍ୟ, ଉନ୍ନତିଙ୍କ ଅଭିଯାନ ଶେଷ



ନୂଆଦିଲ୍ଲୀ, ୧୯ ।୮ (ଏଜେନ୍ସି): ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଏରେନାରେ ଚାଲିଥିବା ବ୍ୟାଡ୍ମିଣ୍ଟନର ବିଶ୍ୱକପ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍ର ତୃତୀୟ ଦିବସ ଭାରତ ପାଇଁ ମିଶ୍ରିତ ଫଳାଫଳ ଆଣିଥିଲା। ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁଙ୍କ ସମେତ ଆୟୁଷ ସେଟ୍ଟୀ ବିଜୟୀ ହୋଇ ପ୍ରି-କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ତେବେ ୨୦୨୧ ସଂସ୍କରଣ କାଂସ୍ୟ ପଦକ ବିଜେତା ଲକ୍ଷ୍ୟ ସେନଙ୍କ ନିରାଶ ହେବାକୁ ପଡ଼ିଛି। ସେହିଭଳି ଉଦୟମାନ ଖେଳାଳି ଉନ୍ନତି ହୁଡାଙ୍କ ଅଭିଯାନ ମଧ୍ୟ ରାଉଣ୍ଡ-୩୨ରେ ଅଟକିଯାଇଛି।

ବୁଧବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ରାଉଣ୍ଡ-୩୨ ମ୍ୟାଚରେ ସିନ୍ଧୁ ୨୧-୧୬, ୨୧-୧୭ ସିଧାସଳଖ ଗେମରେ କାନାଡାର ୱେନ ୟୁ ଝାଙ୍ଗକୁ ହରାଇଛନ୍ତି। ବିଶ୍ୱ ମାନ୍ୟତାର ୪୯ତମ ସ୍ଥାନରେ ରହିଥିବା ଝାଙ୍ଗଙ୍କୁ ହରାଇବାକୁ ସିନ୍ଧୁଙ୍କୁ ମାତ୍ର ୩୪ ମିନିଟ ସମୟ ଲାଗିଥିଲା। ୱାଙ୍ଗ'ଙ୍କ ବିରୋଧରେ ସିନ୍ଧୁଙ୍କ ବିଜୟ ରେକର୍ଡ ୮-୦ ରହିଛି। ତେବେ ମହିଳା ବିଭାଗର ଦ୍ୱିତୀୟ ରାଉଣ୍ଡର ଅନ୍ୟ ଏକ ମ୍ୟାଚରେ ଉନ୍ନତି ହୁଡାଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ୧୮ ବର୍ଷୀୟା ଉନ୍ନତି ୨୧-୧୧, ୯-୨୧, ୨୩-୨୧ରେ ୧୩ତମ ସିଡ୍ କାନାଡାର ମିଚେଲ ଲି'ଙ୍କ ନିକଟରୁ ହାରିଯାଇଥିଲେ। ଅପରପକ୍ଷରେ ପୁରୁଷ ବିଭାଗରେ ବିଶ୍ୱର ୨୨ ନମ୍ବର ଖେଳାଳି ଆୟୁଷ ସେଟ୍ଟୀ ୨୧-୮, ୨୧-୧୦ ସିଧାସଳଖ ଗେମରେ ଶ୍ରୀଲଙ୍କାର ଦୁମିନ୍ଦୁ ଆବେବିକ୍ରମାଙ୍କୁ ପରାସ୍ତ କରି ଆଗେଇଛନ୍ତି। ତେବେ ୧୪ତମ ସିଡ୍ ଲକ୍ଷ୍ୟ ସେନ୍ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ। ଦ୍ୱିତୀୟ ରାଉଣ୍ଡରେ ଲକ୍ଷ୍ୟ ୨୧-୧୯, ୧୯-୨୧, ୧୭-୨୧ ଗେମରେ ୯୨ତମ ମାନ୍ୟତାର ଆମେରିକାର ଗାରେଟ ତାନଙ୍କ ନିକଟରୁ ହାରିଯାଇଥିଲେ। ପୁରୁଷ ଡବଲ୍ସରେ ଚିରାଗ ସେଟ୍ଟୀ ଓ ସାତ୍ତ୍ୱିକସାଇରାଜ ରାନକୀରେଡ୍ଡୀ ଯୋଡ଼ି ପ୍ରଥମ ମ୍ୟାଚରେ ୱାକଓଭର ପାଇଛନ୍ତି। ମିକ୍ସଡ ଡବଲ୍ସରେ ତନିଷା କ୍ରାଷ୍ଟୋ ଓ ଧ୍ରୁବ କପିଳା ଯୋଡ଼ି ରାଉଣ୍ଡ-୩୨ରେ ବିଜୟୀ ହୋଇ ଆଗେଇଛନ୍ତି।

### ● ଜୁନିଅର ମହିଳା ଏସିଆ କପ୍ ହକି

## ଭାରତୀୟ ଦଳରେ ଓଏନ୍ଟିଏଚ୍ର ହର୍ଷାରାଣୀ



ଭୁବନେଶ୍ୱର, ୧୯ ।୮ (ସମିସ): ଚୀନର ମୋକିଠାରେ ଅଗଷ୍ଟ ୩୦ରୁ ମହିଳା ଜୁନିଅର ଏସିଆ କପ୍ ହକି ଆରମ୍ଭ ହେବାକୁ ଯାଉଛି। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଘୋଷିତ ୨୦ ଜଣିଆ ଭାରତୀୟ ଦଳରେ ଓଡ଼ିଶା ନାଭାଲ ଟାଟା ହକି (ଓଏନ୍ଟିଏଚ୍) ହାଇପରଫର୍ମାନ୍ସ ସେଣ୍ଟର (ଏଚ୍ପିସି)ର କ୍ୟାଡେଟ ଏଞ୍ଜିଲ୍ ହର୍ଷାରାଣୀ ମିଞ୍ଜ ସ୍ଥାନ ପାଇଛନ୍ତି। ଗୋଲକିପର ହର୍ଷାରାଣୀ ମନୋନୀତ ହେବା, ଓଏନ୍ଟିଏଚ୍ ଏଚ୍ପିସି ପାଇଁ ଆଉ ବଡ଼ ସଫଳତା। ଏନେଇ ଓଏନ୍ଟିଏଚ୍ଏଚ୍ପିସିର ପ୍ରକଳ୍ପ ନିର୍ଦ୍ଦେଶକ ଗୁରମିତ୍ ସିଂହ ରାଓ କହିଛନ୍ତି, "ହର୍ଷାରାଣୀ ଭାରତୀୟ ଦଳରେ ସ୍ଥାନ ପାଇବା ଓଏନ୍ଟିଏଚ୍ପିସି ପାଇଁ ଏକ ଗର୍ବର ବିଷୟ। କଠିନ ପରିଶ୍ରମ, ଅନୁଶାସନ ଓ ଦୃଢ଼ ସଂକଳ୍ପ ଯୋଗୁ ଆଜି ତାଙ୍କର ଏହି ସ୍ୱପ୍ନ ସତ ହୋଇଛି। ଆମେ ହର୍ଷାରାଣୀ ଏବଂ ଭାରତୀୟ ଦଳକୁ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଶୁଭକାମନା ଜଣାଉଛୁ ଏବଂ ସେମାନଙ୍କର ସଫଳତା କାମନା କରୁଛୁ।' ଓଡ଼ିଶା ସରକାରଙ୍କ ସହଭାଗିତା ଓ ଟାଟା ଷ୍ଟିଲ୍ ଏବଂ ଟାଟା ଟ୍ରଷ୍ଟର ମିଳିତ ଉଦ୍ୟମରେ ପରିଚାଳିତ "ହକି ଏସ୍ ଫାଉଣ୍ଡେସନ୍' (ଏଚ୍ଏଏଫ୍)ର ଏକ ଅଂଶ ଭାବରେ, ଓଏନ୍ଟିଏଚ୍ଏଚ୍ପିସି ଜାମସେଦପୁରସ୍ଥିତ ନାଭାଲ ଟାଟା ହକି ଏକାଡେମୀ ସହ ମିଶି ଉଦୀୟମାନ ହକି ପ୍ରତିଭାମାନଙ୍କୁ ଚିହ୍ନଟ ଓ ପ୍ରୋତ୍ସାହିତ କରିବା ପାଇଁ କାର୍ଯ୍ୟ କରୁଛି।

### ଜାତୀୟ ଜୁନିଅର ଜଳକ୍ରୀଡ଼ା

## କର୍ଣ୍ଣାଟକ, ମହାରାଷ୍ଟ୍ରର ପ୍ରଭୁତ୍ୱ ଜାରି




ଭୁବନେଶ୍ୱର, ୧୯ ।୮ (ସମିସ): କଳିଙ୍ଗ ଷ୍ଟାଡିୟମସ୍ଥିତ ଆକ୍ୱାଟିକ କମ୍ପ୍ଲେକ୍ସରେ ଚାଲିଥିବା ଜାତୀୟ ଜୁନିଅର ଜଳକ୍ରୀଡ଼ାର ୫୨ତମ ସଂସ୍କରଣର ଦ୍ୱିତୀୟ ଦିବସରେ ମଧ୍ୟ କର୍ଣ୍ଣାଟକ ଓ ମହାରାଷ୍ଟ୍ର ସନ୍ତରଣକାରୀଙ୍କ ପ୍ରଭୁତ୍ୱ ଜାରି ରହିଛି। ବୁଧବାର ଶେଷ ସୁଦ୍ଧା କର୍ଣ୍ଣାଟକ ୩୨ ପଦକ ଜିତି ତାଲିକାର ଶୀର୍ଷରେ ରହିଛି। ଯେଉଁଥିରେ କର୍ଣ୍ଣାଟକ ସନ୍ତରଣକାରୀମାନେ ୧୬ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୫ କାଂସ୍ୟ ପଦକ ପାଇଛନ୍ତି। ସେହିଭଳି ମହାରାଷ୍ଟ୍ର ଦଳ ୬ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୧୧ କାଂସ୍ୟ ସହ ମୋଟ୍ ୨୧ ପଦକ ବିଜୟୀ ହୋଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ଦୁଇଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସହ ମୋଟ୍ ୫ ପଦକ ଜିତି ଆସାମ ତାଲିକାର ତୃତୀୟ ସ୍ଥାନ ହାସଲ କରିଛି। ଓଡ଼ିଶା ସନ୍ତରଣକାରୀମାନେ ପଦକ ଖାତା ଖୋଲିବାରେ ବିଫଳ ହୋଇଛନ୍ତି। ଭାରତୀୟ ସନ୍ତରଣ ମହାସଂଘ, ରାଜ୍ୟ ସନ୍ତରଣ ସଂଘ ଓ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ୬ ଦିବସୀୟ ପ୍ରତିଯୋଗିତାରେ ୩୩ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୫୭୧ ସନ୍ତରଣକାରୀ ଅଂଶଗ୍ରହଣ କରିଛନ୍ତି। ୧୫-୧୬ ବର୍ଷ ବୟସରୁ କମ୍ ଏବଂ ୧୭-୧୮ ବର୍ଷରୁ କମ୍ ଦୁଇଟି ବିଭାଗରେ ପ୍ରତିଯୋଗିତା ଆୟୋଜିତ ହେଉଛି।

### ଏସିଆନ୍ ଯୁବ ହ୍ୟାଣ୍ଡବଲ

## ଭାରତୀୟ ଦଳରେ ସ୍ୱସ୍ତିକ



ଭୁବନେଶ୍ୱର, ୧୯ ।୮ (ସମିସ): ଜୋର୍ଡାନର ରାଜଧାନୀ ଆମନ ସହରରେ ଗୁରୁବାରଠାରୁ ୧୧ତମ ଯୁବ ଏସିଆନ ହ୍ୟାଣ୍ଡବଲ ପ୍ରତିଯୋଗିତା ଆରମ୍ଭ ହେବାକୁ ଯାଉଛି। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଭାରତୀ ଦଳରେ ଓଡ଼ିଶାର ସ୍ୱସ୍ତିକ ପତି ସ୍ଥାନ ପାଇଛନ୍ତି। ଏହାର ଚୟନ ଶିବିର ଜୁଲାଇ ୧୮-୧୯ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା। ସେହିଭଳି ପ୍ରଶିକ୍ଷଣ ଶିବିର ଜୁଲାଇ ୨୦ରୁ ପାବନା ହ୍ୟାଣ୍ଡବଲ ଏକାଡେମୀ ହାଥରସଠାରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ସ୍ୱସ୍ତିକ ଉର୍ନତ ଖେଳ ପ୍ରଦର୍ଶନ କରି ୪୦ର ଜଣିଆ ଭାରତୀୟ ଦଳରେ ସ୍ଥାନ ପକ୍କା କରିଥିଲେ। ସ୍ୱସ୍ତିକ ବର୍ତ୍ତମାନ ଗୌରୀ ଶଙ୍କର ମିଶ୍ରଙ୍କ ପାଖରେ ପ୍ରଶିକ୍ଷଣ ନେଉଛନ୍ତି। ଓଡିଶା ହ୍ୟାଣ୍ଡବଲ ସଙ୍ଘର ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଙ୍ଗ ମାନସ କୁମାର ସିଂ, କୋଷଦକ୍ଷ ଶୀତେନ୍ଦ୍ରନାଥ ଦାସ, ଭୁବନେଶ୍ୱର ସଙ୍ଘ ସମ୍ପାଦକ ପ୍ରଶାନ୍ତ ନାୟକ ସ୍ୱସ୍ତିକଙ୍କୁ ଶୁଭକାମନା ଜଣାଇଛନ୍ତି।

### ଓଡ଼ିଶା ପେଞ୍ଚକ ସିଲାଟ ସଂଘ ନିର୍ବାଚନ

## ସୁମନ ସଭାପତି, ସଙ୍ଗୀତା ସମ୍ପାଦିକା




ଭୁବନେଶ୍ୱର, ୧୯ ।୮ (ସମିସ): ବର୍ଷ ୨୦୨୬ରୁ ୨୦୨୯ ପର୍ଯ୍ୟନ୍ତ ଓଡ଼ିଶା ପେଞ୍ଚକ୍ ସିଲାଟ ସଂଘର ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ାର ସର୍ଭାଲ ଅଫିସରେ ଅନୁଷ୍ଠିତ ହୋଇଥିବା ଏହି ନିର୍ବାଚନରେ ୨୧ଟି ଜିଲ୍ଲାର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ନିର୍ବାଚନରେ ନୂତନ ଭାବରେ ସୁମନ ମୋଦି ସଭାପତି, ଆଶୁତୋଷ ନାୟକ ଓ ଜୀତେନ୍ଦ୍ର କୁମାର ରାଉତ ଉପସଭାପତି, ସଙ୍ଗୀତା ଥାପା ସାଧାରଣ ସମ୍ପାଦିକା, ନାରାୟଣ ବାରିକ ଯୁଗ୍ମ ସମ୍ପାଦକ,ରାହୁଲ୍ ଶା କୋଷାଧ୍ୟକ୍ଷ ଓ ପ୍ରଶାନ୍ତ ପାତ୍ର, ସୁଭାଶିଷ ବାନାର୍ଜୀ ଏକ୍ଜିକୁଟିଭ ମେମ୍ବର ଭାବରେ ମନୋନୀତ ହୋଇଛନ୍ତି। ପୂର୍ବତନ ସଭାପତି ତାପସ କୁମାର ରାୟ ଚୌଧୁରୀ ଅଧ୍ୟକ୍ଷ ଓ ପୂର୍ବତନ ସମ୍ପାଦକ ପ୍ରେମ ସିଂ ଥାପା ସିଇଓ ସହ ବୈଷୟିକ ନିର୍ଦ୍ଦେଶକ ଭାବରେ ମନୋନୀତ ହୋଇଛନ୍ତି। ନିର୍ବାଚନରେ ଇଲେକ୍ସନ ଅଫିସର ରାହୁଲ୍ ରାୟଙ୍କ ତତ୍ତ୍ୱାବଧାନରେ ଭୋଟିଂ ହୋଇଥିଲା। ଇଣ୍ଡିଆନ୍ ପେଞ୍ଚକ୍ ସିଲାଟ ମହାସଂଘର ସାଧାରଣ ସଂପାଦକ ତାରିକ୍ ଯାର୍ଗରର ଓ ସେଖ୍ ସମୀର ନିର୍ବାଚନ ପର୍ଯ୍ୟବେକ୍ଷକ ଭାବରେ ଯୋଗ ଦେଇଥିଲେ।

### ପୁରୁଷ ହକି ବିଶ୍ୱକପ୍

## ପାକିସ୍ତାନକୁ ହରାଇ ଦ୍ୱିତୀୟ ରାଉଣ୍ଡରେ ଭାରତ

ଆମଷ୍ଟେଲଭିନ, ୧୯ ।୮ (ଏଜେନ୍ସି)



ନେଦରଲ୍ୟାଣ୍ଡସ ଓ ବେଲ୍ଜିୟମରେ ଚାଲିଥିବା ପୁରୁଷ ହକି ବିଶ୍ୱକପରେ ଭାରତ ଦ୍ୱିତୀୟ ବିଜୟ ହାସଲ କରିଛି। ବୁଧବାର ଖେଳାଯାଇଥିବା ପୁଲ୍-ଡି'ର ଏକ ହାଇଭୋଲଟେଜ ମ୍ୟାଚରେ ଭାରତ ୫-୩ ଗୋଲ୍ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ମାତ୍ ଦେଇଥିଲା। ଫଳରେ ତିନୋଟି ମ୍ୟାଚରୁ ୨ଟି ବିଜୟ ଓ ଗୋଟିଏ ପରାଜୟ ସହ ୬ ପଏଣ୍ଟ ପାଇ ହରମନପ୍ରୀତ୍ ସିଂହଙ୍କ ଦଳ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଏଥିସହ ଭାରତ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛି। ଏହି ଗ୍ରୁପରେ ଇଂଲଣ୍ଡ ହ୍ୟାଟ୍ରିକ ବିଜୟ ସହ ସର୍ବାଧିକ ୯ ପଏଣ୍ଟ ପାଇ ଶୀର୍ଷରେ ରହିଛି। ସେହିଭଳି ପାକିସ୍ତାନ ୩ଟି ମ୍ୟାଚରୁ ୨ଟି ପରାଜୟ ଓ ଗୋଟିଏ ଡ୍ର ସହ ମାତ୍ର ୧ ପଏଣ୍ଟ ପାଇ ବିଶ୍ୱକପରେ ଅଭିଯାନ ଶେଷ କରିଛି।

ବୁଧବାର ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଭାରତ ପ୍ରଥମ କ୍ୱାର୍ଟରରେ ଦୁଇଟି ଗୋଲ୍ ଦେଇଥିଲା। ଅଧିନାୟକ ହରମନପ୍ରୀତ୍ ୫ମ ମିନିଟରେ ଓ ଅଭିଷେକ ୧୧ତମ ମିନିଟରେ ଏହି ଦୁଇଟି ଗୋଲ୍ ଦେଇଥିଲେ। ଏହାପରେ ଦ୍ୱିତୀୟ କ୍ୱାର୍ଟରରେ ରୋମାଞ୍ଚ ଦେଖିବାକୁ ମିଳିଥିଲା। ୨୧ତମ ମିନିଟରେ ହରମନପ୍ରୀତ୍ ଆଉ ଏକ ଗୋଲ୍ ଦେଇ ଅଗ୍ରଣୀକୁ ୩-୦ରେ ପହଞ୍ଚାଇଥିଲେ। କିନ୍ତୁ ପାକିସ୍ତାନ ପ୍ରତ୍ୟାବର୍ତ୍ତନ କରି ଦୁଇ ମିନିଟରେ ଦୁଇଟି ଗୋଲ୍ ଦେଇଥିଲା। ସାହିଦ୍ ଓ ସୁଫିୟାନ ଖାନ ଏହି ଦୁଇଟି ଗୋଲ୍ ସ୍କୋର କରି ମ୍ୟାଚକୁ ୨-୩ ସ୍ଥିତିକୁ ଆଣିଥିଲେ। ସେହି ୨୪ତମ ମିନିଟରେ ଅଭିଷେକ ଆଉ ଏକ ଗୋଲ୍ ଦେଇ ଭାରତର ଅଗ୍ରଣୀକୁ ୪-୨ରେ ପହଞ୍ଚାଇଥିଲେ। ଦ୍ୱିତୀୟାର୍ଦ୍ଧ ତଥା ତୃତୀୟ କ୍ୱାର୍ଟରରେ ଭାରତ ଗୋଟିଏ ଗୋଲ୍ ଦେଇଥିଲା। ୩୫ତମ ମିନିଟରେ ହାର୍ଦ୍ଦିକ ସିଂହଙ୍କ ଏହି ଗୋଲ୍ ସହାୟତାରେ ଭାରତ ୫-୨ରେ ଏକପାଖିଆ ଅଗ୍ରଣୀ ହାସଲ କରିଥିଲା। ତେବେ ନିର୍ଣ୍ଣାୟକ ତଥା ୪ର୍ଥ କ୍ୱାର୍ଟରର ୪୬ତମ ମିନିଟରେ ପାକିସ୍ତାନ ଆଉ ଗୋଟିଏ ଗୋଲ୍ ଶୁଝିବାକୁ ସମର୍ଥ ହୋଇଥିଲା। ଫଳରେ ଭାରତ ୫-୩ ଗୋଲରେ ବିଜୟ ଲାଭ କରିଥିଲା।

ଦ୍ୱିତୀୟ ରାଉଣ୍ଡରେ ଭାରତ ପୁଲ-ଇ'ରେ ସ୍ଥାନ ପାଇଛି। ଏହି ପୁଲ୍ରେ ଇଂଲଣ୍ଡ ସହ ପୁଲ୍-ଏ'ର ଦୁଇ ଶୀର୍ଷ ଦଳ ମଧ୍ୟ ଯୋଗଦେବେ। ଅଗଷ୍ଟ ୨୨ରେ ଭାରତ ପୁଲ୍-ଏ' ସହ କ୍ରସ ଓଭର ମ୍ୟାଚ୍ ଖେଳିବ। ଅପରପକ୍ଷରେ ଭାରତୀୟ ମହିଳା ହକି ଦଳ ବିଶ୍ୱକପରେ ଏହାର ଶେଷ ପୁଲ୍ ମ୍ୟାଚରେ ଗୁରୁବାର ଇଂଲଣ୍ଡକୁ ଭେଟିବ। ସାଲିମା ଟେଟେଙ୍କ ଦଳ ଦୁଇଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହ ପୁଲ-ଡି ଶୀର୍ଷରେ ରହିଛି। ଇଂଲଣ୍ଡକୁ ହରାଇଲେ ଭାରତର ସେମିଫାଇନାଲ ଖେଳିବା ଆଶା ଦୃଢ଼ୀଭୂତ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS